# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨୬/୨୦୨୫ (୧୨ ପୃଷ୍ଠା) Bhubaneswar, Tuesday, August 26/2025 Page 12 ₹ 7.00 | SAMBALPUR

୫୧ଶ ଭାଗ ୨୭୧ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 271 ମୂଲ୍ୟ ₹୭/-


## କାଣୀ ନଦୀବନ୍ଧରେ ୭୦ ଫୁଟର ଘାଇ

# ଯାଜପୁରରେ ବନ୍ୟା



ଯାଜପୁର ଜିଲା ଦଶରଥପୁର ବ୍ଲକ କସପା ପଞ୍ଚାୟତ ବଙ୍ଗଳାବାଡ଼ିଠାରେ ସୋମବାର ଭୋର ସମୟରେ ବୈତରଣୀର ଶାଖା କାଣୀ ନଦୀବନ୍ଧରେ ସୃଷ୍ଟି ହୋଇଥିବା ୭୦ ଫୁଟର ଘାଇ।

- ଲୋକେ ଶୋଇଥିବାବେଳେ ପଶିଆସିଲା ପାଣି
- ୧୪ ପଞ୍ଚାୟତର ୫୦ ଗ୍ରାମ ଜଳାର୍ଣ୍ଣବ
- ବୈତରଣୀରେ ଭାସିଯାଇ ଜଣଙ୍କ ମୃତ୍ୟୁ

ଯାଜପୁର/ଦଶରଥପୁର/ଝୁମ୍ପୁରି,୨୫।୮ (ହର୍ଷବର୍ଦ୍ଧନ ବେହେରା/ସୁଶାନ୍ତ ବେହୁରିଆ/ସରୋଜ ନାଏକ)

ଯାଜପୁର ଜିଲା ଦଶରଥପୁର ବ୍ଲକ କସପା ପଞ୍ଚାୟତ ବଙ୍ଗଳାବାଡ଼ିଠାରେ ବୈତରଣୀର ଶାଖା କାଣୀ ନଦୀବନ୍ଧରେ ସୋମବାର ଭୋର ୪ଟା ରେ ୭୦ଫୁଟ ଲମ୍ବର ଘାଇ ସୃଷ୍ଟି ହୋଇଛି। ଏଥିରେ ମଲ୍ଲିକାପୁର ଓ କସପା ପଞ୍ଚାୟତର ପ୍ରାୟ ୫୦ ହଜାର ଲୋକ ସିଧାସଳଖ ପ୍ରଭାବିତ ହୋଇଛନ୍ତି। ବଙ୍ଗଳାବାଡ଼ି ଗ୍ରାମର ଲୋକେ ଶୋଇଥିବାବେଳେ ହଠାତ୍ ବନ୍ୟାପାଣି ଧସେଇ ପଶିବାରୁ ଶତାଧିକ ଲୋକ ଘର ଭିତରେ ଫସି ରହିଯାଇଥିଲେ। ସେଥିମଧ୍ୟରୁ ଯାହାର ପକ୍କାଘର ଅଛି ସେମାନେ ଛାତ ଉପରକୁ ଉଠିଯାଇଥିଲେ। ବନ୍ୟାପାଣିରେ ଅନେକଙ୍କ ଆସବାବପତ୍ର ଓ ଖାଦ୍ୟ ସାମଗ୍ରୀ ଧୋଇ ହୋଇଯାଇଛି। ଆଖି ପିଛୁଳାକେ ବନ୍ୟାପାଣି ୧୪ ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ଗ୍ରାମକୁ ମାଡ଼ିଯାଇଛି। ଚାଷଜମିରେ ବନ୍ୟାପାଣି ଲହଡ଼ି ମାରୁଛି। ଖବରପାଇ ଦଶରଥପୁର ଅଗ୍ନିଶମ ଓ କଟକ ଓଡ୍ରାଫ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ସେଥିରୁ ଜଣେ ୨୩ ଦିନର କନ୍ୟାସନ୍ତାନକୁ ପାଣି ଘେରରୁ ଉଦ୍ଧାର କରାଯାଇଛି।

କାଣୀ ନଦୀର ଉଚ୍ଛୁଳା ପାଣି ସମଗ୍ର ଦଶରଥପୁର ବ୍ଲକ୍‌କୁ ପ୍ରଭାବିତ କରିଛି। ସୋମବାର ସନ୍ଧ୍ୟା ସୁଦ୍ଧା ଦଶରଥପୁରଠାରେ ବୈତରଣୀ ଜଳସ୍ତର ବିପଦ ସଙ୍କେତର ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

ଗାଜା ଦୁର୍ଭିକ୍ଷ

## ନୂଆ ଆଇଟି ନୀତିକୁ କ୍ୟାବିନେଟ୍ ମୋହର

ପୃଷ୍ଠା–୩







## ସଂକ୍ଷେପରେ

### ତୱି ନଦୀରେ ବଡ଼ ବନ୍ୟା ନେଇ ପାକିସ୍ତାନକୁ ସତର୍କ କରାଇଲା ଭାରତ

ନୂଆଦିଲ୍ଲୀ,୨୫।୮

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ସିନ୍ଧୁ ନଦୀ ଜଳ ଚୁକ୍ତିକୁ ଭାରତ ସ୍ଥଗିତ ରଖିଥିବାବେଳେ ତୱି ନଦୀରେ ବଡ଼ ବନ୍ୟା ଆସିବାକୁ ଥିବା ନେଇ ସୋମବାର ପାକିସ୍ତାନକୁ ସତର୍କ କରାଇ ଦେଇଛି। ମାନବୀୟ ଦୃଷ୍ଟିକୋଣରୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ଜରିଆରେ ଏହି ସୂଚନା ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଜଳଶକ୍ତି ମନ୍ତ୍ରଣାଳୟ ରବିବାର ବହିର୍ବ୍ୟାପର ମନ୍ତ୍ରଣାଳୟକୁ ବନ୍ୟା ସମ୍ପର୍କିତ ସୂଚନା ଦେବା ପରେ ଏହାକୁ ଇସ୍‌ଲାମାବାଦକୁ ଜଣାଇ ଦିଆଯାଇଛି। ୧୯୬୦ ସେପ୍ଟେମ୍ବର ୧୯ରେ ସ୍ୱାକ୍ଷରିତ ସିନ୍ଧୁନଦୀ ଜଳଚୁକ୍ତି ଅନୁଯାୟୀ ସିନ୍ଧୁ ନଦୀଜଳ କମିଶନରଙ୍କ ଜରିଆରେ ବନ୍ୟା ତଥ୍ୟ ଆଦାନପ୍ରଦାନ କରାଯାଇଥାଏ।

### ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲା: ଟିଏମ୍‌ସି ବିଧାୟକ ଗିରଫ



ଜୀବନକୃଷ୍ଣ ଶାହା

କୋଲକାତା, ୨୫।୮

ପଶ୍ଚିମବଙ୍ଗର ଏସ୍‌ଏସ୍‌ସି ସହାୟକ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୋମବାର ମୁର୍ଶିଦାବାଦ ଜିଲାର ବୁରୱାନ ବିଧାନସଭା ଆସନରୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ବିଧାୟକ ଜୀବନକୃଷ୍ଣ ଶାହାଙ୍କୁ ଗିରଫ କରିଛି। ଇଡି ଜୀବନକୃଷ୍ଣଙ୍କ ଘରେ ଚଢ଼ାଉ କରିବା ପାଇଁ ପହଞ୍ଚିଥିବା ବେଳେ ସେ ଘରର ପ୍ରଥମ ମହଲାର କାନ୍ଥ ଡେଇଁ ଖସି ପଳାଇବାକୁ ଚେଷ୍ଟା କରିଥିଲେ। ତେବେ ଇଡି ଅଧିକାରୀମାନେ ତାଙ୍କୁ କାବୁ କରି ଗିରଫ କରିଛନ୍ତି। ଗିରଫଦାରି ପୂର୍ବରୁ ବିଧାୟକ ଜୀବନକୃଷ୍ଣ ପ୍ରମାଣ ନଷ୍ଟ କରିବା ପାଇଁ ତାଙ୍କ ମୋବାଇଲ ଫୋନ୍‌କୁ ଏକ ନାଳକୁ ଫିଙ୍ଗି ଦେଇଥିଲେ। ଘଟଣାସ୍ଥଳରୁ ଇଡି ଉକ୍ତ ଫୋନ୍‌କୁ ଜବତ କରିଛି। ସୋମବାର ଜୀବନକୃଷ୍ଣ ଓ ତାଙ୍କ ସହଯୋଗୀଙ୍କ ଠିକଣାରେ ଏକକାଳୀନ ଚଢ଼ାଉ କରାଯାଇଥିବା ନେଇ ଇଡି ସୂଚନା ଦେଇଛି।

# ଚାଇନାରେ ମେଗା ଡ୍ୟାମ୍, ଭାରତରେ ବନ୍ୟା ଭୟ



ଚାଇନା ପକ୍ଷରୁ ପ୍ରସ୍ତାବିତ ଡ୍ୟାମ୍‌ର ପ୍ରତୀକାତ୍ମକ ଚିତ୍ର।

**ଭାରତର ଉପରମୁଣ୍ଡରେ ଚାଇନା ବିଶ୍ୱର ସର୍ବବୃହତ୍ ଡ୍ୟାମ୍ ନିର୍ମାଣ କରୁଛି। ତିବ୍ବତରେ ଏକ ବଡ଼ ନଦୀରେ ଏହି ମେଗା ଡ୍ୟାମ୍ ସମ୍ପୂର୍ଣ୍ଣ ହେଲେ ବେଜିଂ ଅତ୍ୟଧିକ ଜଳ ନିଷ୍କାସନ କରି ଭାରତରେ କୃତ୍ରିମ ବନ୍ୟା ସୃଷ୍ଟି କରିପାରେ। ସେହିପରି ଗ୍ରୀଷ୍ମରେ ଏହି ନଦୀରୁ ଭାରତକୁ ଜଳସ୍ରୋତ ୮୫% ପର୍ଯ୍ୟନ୍ତ ହ୍ରାସ ପାଇବ ବୋଲି ନୂଆଦିଲ୍ଲୀ ଆଶଙ୍କା କରୁଛି। ଏହାର ପ୍ରଭାବକୁ ଦୃଷ୍ଟିରେ ରଖି ଭାରତ ମଧ୍ୟ ଯୁଦ୍ଧକାଳୀନ ଭିତ୍ତିରେ ନିଜସ୍ୱ ନଦୀବନ୍ଧ ଯୋଜନା ପାଇଁ ଅଣ୍ଟା ଭିଡ଼ିଛି। କେବଳ ଜଳବିଦ୍ୟୁତ୍ ଉତ୍ପାଦନ ଓ ବନ୍ୟା ନିୟନ୍ତ୍ରଣ ନୁହେଁ, ରଣନୈତିକ ଆବଶ୍ୟକତା ଦୃଷ୍ଟିରୁ ମଧ୍ୟ ଏହା ବିଶେଷ ଗୁରୁତ୍ୱ ବହନ କରୁଥିବାରୁ ଭୂକମ୍ପପ୍ରବଣ ଅଞ୍ଚଳରେ ଦୁଇ ପଡ଼ୋଶୀ ମଧ୍ୟରେ ଭୂରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ତୀବ୍ରତର ହୋଇଛି। କିନ୍ତୁ ଭାରତ ସରକାରଙ୍କ ପ୍ରସ୍ତାବିତ ଡ୍ୟାମ୍ ଯୋଗୁ ସୀମାନ୍ତ ଅରୁଣାଚଳ ପ୍ରଦେଶର ଅନେକ ଗ୍ରାମ ଜଳମଗ୍ନ ହୋଇ ବହୁ ଜୀବନଜୀବିକା ବିପନ୍ନ ହେବା ଆଶଙ୍କା ରହିଛି। ଏଥିପାଇଁ ଅରୁଣାଚଳବାସୀ ଭାରତର ଡ୍ୟାମ୍‌କୁ ବିରୋଧ କରୁଥିବାରୁ ଏହି ଯୋଜନାକୁ ଝଟ୍‌କା ଲାଗିଛି।**

ପାରୋଙ୍ଗ/ବେଜିଂ, ୨୫।୮ (ରଏଟର୍ସ/ଷ୍ଟ୍ରେଟ୍ସ ଟାଇମ୍ସ)

### ନୂଆଦିଲ୍ଲୀର ମୁକାବିଲା ରଣନୀତିକୁ ଅରୁଣାଚଳରେ ବିରୋଧ

କୈଳାସ ପର୍ବତର ମାନସରୋବର ହ୍ରଦ ନିକଟରୁ ୟାର୍ଲୁଙ୍ଗ୍ ସାଙ୍ଗ୍‌ପୋ ନଦୀର ଉତ୍ପତ୍ତି। ଏହା ଦକ୍ଷିଣପଶ୍ଚିମ ଚାଇନା ଦେଇ ଉତ୍ତରପୂର୍ବ ଭାରତକୁ ପ୍ରବାହିତ, ଯାହାକି ଭାରତରେ ବ୍ରହ୍ମପୁତ୍ର ନାମରେ ପରିଚିତ। ବିଶ୍ୱର ଏହି ନବମ ବୃହତ୍ ଓ ପଞ୍ଚଦଶ ଦୀର୍ଘତମ (୩,୦୦୦ କି.ମି.) ନଦୀ ଉପରେ ଚାଇନା ପୃଥିବୀର ସବୁଠୁ ବଡ଼ ଡ୍ୟାମ୍ ନିର୍ମାଣ କରୁଛି। ୟାର୍ଲୁଙ୍ଗ୍ ସାଙ୍ଗ୍‌ପୋ ଭାରତୀୟ ଭୂଖଣ୍ଡକୁ ପ୍ରବେଶ କରିବାର ଠିକ୍ ପୂର୍ବରୁ ତିବ୍ବତରେ ଏହା ଉପରେ ବିଶ୍ୱର ସର୍ବବୃହତ୍ ଜଳବିଦ୍ୟୁତ୍ ଡ୍ୟାମ୍ ମେଡଗ୍ ହାଇଡ୍ରୋପାୱାର ଷ୍ଟେଶନ୍ ନିର୍ମାଣ ନେଇ ୨୦୨୪ ଡିସେମ୍ବରରେ ଚାଇନା ଘୋଷଣା କରିଥିଲା। ଅରୁଣାଚଳ ପ୍ରଦେଶକୁ ନିଜ ଭୂଖଣ୍ଡର ଏକ ଅଂଶ ବୋଲି ଦାବି କରୁଥିବା ଚାଇନାର ଏହି ଘୋଷଣା ନୂଆଦିଲ୍ଲୀର ଚିନ୍ତା ବଢ଼ାଇ ଦେଇଥିଲା। ଆଙ୍ଗ୍‌ସି ଗ୍ଲେସିୟରରୁ ବାହାରିଥିବା ଏହି ନଦୀ ଜଳକୁ ଚାଇନା ଭାରତ ବିରୋଧରେ ଅସ୍ତ୍ର ରୂପେ ପ୍ରୟୋଗ କରିପାରେ ବୋଲି ନୂଆଦିଲ୍ଲୀ ଆଶଙ୍କା କରୁଛି। ଏହାକୁ ଦୃଷ୍ଟିରେ ରଖି ଭାରତର ସର୍ବବୃହତ୍ ହାଇଡ୍ରୋପାୱାର କମ୍ପାନୀ ଗତ ମେ'ରେ ଅପର ସିଆଙ୍ଗ୍ ମଲ୍ଟିପର୍ପଜ୍ ପ୍ରୋଜେକ୍ଟ (ୟୁଏସ୍‌ଏମ୍‌ପି) ନିର୍ମାଣ ପାଇଁ ସଶସ୍ତ୍ର ପୋଲିସ ସୁରକ୍ଷା ଅଧୀନରେ ଏକ ସର୍ଭେ କରାଇଥିଲା। ନିର୍ମାଣ ଶେଷ ହେଲେ ଏହା ହୀରାକୁଦ ନଦୀବନ୍ଧ ଯୋଜନାକୁ ଅତିକ୍ରମ କରି ଭାରତର ସର୍ବବୃହତ୍ ଡ୍ୟାମ୍ ହେବ। ଚଳିତବର୍ଷ ଏହାର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ବରିଷ୍ଠ ଅଧିକାରୀମାନେ ବୈଠକ କରୁଛନ୍ତି। ଗତ ଜୁଲାଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ମଧ୍ୟ ଏନେଇ ଏକ ବୈଠକ କରିଥିଲା। ଉକ୍ତ ବୈଠକରେ ଚାଇନା ଡ୍ୟାମ୍‌ର ପ୍ରଭାବ ଉପରେ ଭାରତ ସରକାରଙ୍କ ପକ୍ଷରୁ ଚିନ୍ତାବ୍ୟକ୍ତ କରାଯାଇଥିଲା। ଅନ୍ୟପକ୍ଷେ ୨୦୨୫ ଜୁଲାଇରେ ନିର୍ମାଣ ଆରମ୍ଭ ହୋଇଥିବା ମେଡଗ୍ ଡ୍ୟାମ୍ ସମ୍ପର୍କରେ ବେଜିଂ ବିସ୍ତୃତ ଯୋଜନା ପ୍ରଘଟ କରିନାହିଁ। କିନ୍ତୁ ଉକ୍ତ ପ୍ରକଳ୍ପରେ ପ୍ରାୟ ୧୭୦ ବିଲିୟନ୍ ଆମେରିକୀୟ ଡଲାର ଖର୍ଚ୍ଚ ହେବ ଏବଂ ୬୦ ଗିଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହେବ ବୋଲି ଆକଳନ କରାଯାଇଛି। ଏହି ଡ୍ୟାମ୍ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ବେଜିଂ ୪୦ ବିଲିୟନ୍ କ୍ୟୁବିକ୍ ମିଟର (ବିସିଏମ୍) ପର୍ଯ୍ୟନ୍ତ ଜଳକୁ ସୀମାନ୍ତର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଡାଇଭର୍ଟ କରିପାରେ ବୋଲି ନୂଆଦିଲ୍ଲୀ ଆଶଙ୍କା କରୁଛି। ଏହାର ପ୍ରଭାବ ବିଶେଷକରି ଅଣମୌସୁମୀ ଋତୁରେ ଅନୁଭୂତ ହେବ, ଯେତେବେଳେ ଭାରତରେ ତାପମାତ୍ରା ବୃଦ୍ଧିପାଇ ଚାଷଜମି ଶୁଷ୍କ ହୋଇଯିବ। ତେବେ ୧୩.୨ ବିଲିୟନ୍ ଡଲାର ବ୍ୟୟରେ ନିର୍ମିତ ହେବାକୁ ଥିବା ୧୪ ବିସିଏମ୍ ଜଳ ଧାରଣ କ୍ଷମତା ବିଶିଷ୍ଟ ଅପର୍ ସିଆଙ୍ଗ୍ ପ୍ରୋଜେକ୍ଟରୁ ଜଳ ପ୍ଲାବନ କରି ଏହି ଅଚଳାବସ୍ଥାକୁ ଦୂର କରାଯାଇପାରିବ ବୋଲି ମନେକରାଯାଉଛି। ସେହିପରି ବେଜିଂ ବନ୍ୟାଜଳ ଛାଡ଼ିଦେଲେ ତଳମୁଣ୍ଡରେ ଏହାକୁ ଅପର୍ ସିଆଙ୍ଗ୍ ଷ୍ଟୋରେଜ୍ ଡ୍ୟାମ୍ ଜରିଆରେ ନିୟନ୍ତ୍ରଣ ସହ ୧୧.୨ ଗିଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କରାଯାଇପାରିବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷେ ଭାରତର ଏହି ମୁକାବିଲା ରଣନୀତିକୁ ଅରୁଣାଚଳର ଅନେକ ହଜାର ଗ୍ରାମବାସୀ ବିରୋଧ କରିଛନ୍ତି। ଅପର୍ ସିଆଙ୍ଗ୍ ପ୍ରୋଜେକ୍ଟ ଯୋଗୁ ବହୁ ଚାଷଜମି ଜଳମଗ୍ନ ହେବାକୁ ଥିବାରୁ ଧାନ, କମଳା, ଗୁଜରାତି ଓ ଅଦା ଚାଷ ପ୍ରଭାବିତ ହୋଇପାରେ। ତେଣୁ ଆଗକୁ ଏହା ବିରୋଧରେ ଆନ୍ଦୋଳନ ତୀବ୍ରତର ହୋଇପାରେ।

### ୫ ଇନ୍‌ଫ୍ଲୁଏନ୍ସରଙ୍କୁ କ୍ଷମା ମାଗିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୫।୮ (ପି.ଟି.)

ଭିନ୍ନକ୍ଷମ ଏବଂ ବିରଳ ଅନୁବଂଶୀୟ ବିକୃତି ଥିବା ଲୋକଙ୍କୁ ପରିହାସ କରିଥିବାରୁ ଇଣ୍ଡିଆସ୍ ଗଟ୍ ଲାଟେଣ୍ଟର ଆୟୋଜକ ସମୟ ରାଇନାଙ୍କ ସମେତ ୫ ଜଣ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରଙ୍କୁ ସେମାନଙ୍କ ପଡ୍‌କାଷ୍ଟ କିମ୍ବା ଶୋ'ରେ ନିଃସର୍ତ୍ତ କ୍ଷମା ମାଗିବାକୁ ସୁପ୍ରିମକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ବ୍ୟବସାୟିକ ଏବଂ ନିଷିଦ୍ଧ ଭାଷଣ ମୌଳିକ ଅଧିକାର ପରିସରଭୁକ୍ତ ନୁହେଁ ବୋଲି ଏହି ଅବସରରେ ସର୍ବୋଚ୍ଚ ଅଦାଲତ ଟିପ୍ପଣୀ ଦେଇଛନ୍ତି। ଅନୁତାପର ମାତ୍ରା ଅପମାନିତ କରିବା ମାତ୍ରାଠାରୁ ଅଧିକ ହେବା ଆବଶ୍ୟକ ବୋଲି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି। ପରବର୍ତ୍ତୀ ସମୟରେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଅପମାନିତ କଲେ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରଙ୍କୁ ଦଣ୍ଡିତ କରିବା ପାଇଁ ବିଚାର କରିବୁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି। ଅଦାଲତ ଅବମାନନାକୁ ଦୂର କରିବାକୁ ହେଲେ ସେମାନେ କେତେ ପରିମାଣର ଜରିମାନା ଦେବାକୁ ଇଚ୍ଛୁକ, ଯାହା ବିରଳ ଅନୁବଂଶୀୟ ବିକୃତିରେ ପୀଡ଼ିତ ଲୋକଙ୍କ ଚିକିତ୍ସାରେ ବ୍ୟବହାର କରାଯାଇପାରିବ ବୋଲି ଜଷ୍ଟିସ୍ କାନ୍ତ ଇନ୍‌ଫ୍ଲୁଏନ୍ସରମାନଙ୍କୁ ପ୍ରଶ୍ନ କରିଥିଲେ। ଭିନ୍ନକ୍ଷମ ଏବଂ ସ୍ପାଇନାଲ ମସ୍କୁଲାର ଆଟ୍ରୋଫି (ଏସ୍‌ଏମ୍‌ଏ)ରେ ପୀଡ଼ିତ ଓ ଦୃଷ୍ଟିବାଧିତଙ୍କୁ ୫ ଇନ୍‌ଫ୍ଲୁଏନ୍ସର ପରିହାସ କରିଥିବା ଅଭିଯୋଗ ହୋଇଥିଲା। ସୋମବାର ଶୁଣାଣି ବେଳେ ଅଦାଲତରେ ରାଇନାଙ୍କ ସମେତ ୪ ଜଣ ଉପସ୍ଥିତ ଥିଲେ। ଇନ୍‌ଫ୍ଲୁଏନ୍ସରମାନେ ଭିନ୍ନ ବର୍ଗଙ୍କୁ ନେଇ ହାସ୍ୟରସ ପରିବେଷଣ କଲାବେଳେ ଅଧିକ ସତର୍କ ରହିବା ଉଚିତ ବୋଲି ଜଷ୍ଟିସ୍ ବାଗ୍‌ଚୀ କହିଛନ୍ତି।

## ସିଆଇସିଙ୍କ ନିର୍ଦ୍ଦେଶକୁ ଖାରଜ କଲେ ଦିଲ୍ଲୀ ହାଇକୋର୍ଟ

ନୂଆଦିଲ୍ଲୀ,୨୫।୮ (ପି.ଟି.)

### ପ୍ରଧାନମନ୍ତ୍ରୀ ମୋଦିଙ୍କ ଡିଗ୍ରୀ ବିବାଦ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ନାତକ ଡିଗ୍ରୀ ସମ୍ପର୍କିତ ସବିଶେଷ ବିବରଣୀ ପ୍ରଦାନ ପାଇଁ କେନ୍ଦ୍ରୀୟ ସୂଚନା କମିଶନର (ସିଆଇସି) ଦିଲ୍ଲୀ ୟୁନିଭର୍ସିଟି (ଡିୟୁ)କୁ ଦେଇଥିବା ନିର୍ଦ୍ଦେଶକୁ ଦିଲ୍ଲୀ ହାଇକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ଏହା ବ୍ୟକ୍ତିଗତ ତଥ୍ୟ ହୋଇଥିବାବେଳେ ଏଥିରେ ଜନସ୍ୱାର୍ଥ ଅନ୍ତର୍ନିହିତ ନ ଥିବା ଅଦାଲତ କହିଛନ୍ତି। ସିଆଇସିଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଦିଲ୍ଲୀ ୟୁନିଭର୍ସିଟି ହାଇକୋର୍ଟରେ ପିଟିଶନ ଦାଏର କରିଥିବାବେଳେ ଜଷ୍ଟିସ୍ ସଚିନ ଦତ୍ତାଙ୍କ ଖଣ୍ଡପୀଠ ଫେବୃଆରୀ ୨୭ରେ ଏହାର ଶୁଣାଣି ଶେଷକରି ରାୟ ସଂରକ୍ଷିତ ରଖିଥିଲେ। ଅଦାଲତ କହିଛନ୍ତି, ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଏବଂ ଜନସାଧାରଣଙ୍କ ସ୍ୱାର୍ଥ ମଧ୍ୟରେ ପ୍ରଭେଦ ରହିଥିବା ବିଚାରପତି କହିଛନ୍ତି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶିକ୍ଷାଗତ ଯୋଗ୍ୟତାକୁ ନେଇ ବିବାଦ ଲାଗିରହିଥିବାବେଳେ ସେ ୧୯୭୮ରେ ବିଏ ପାସ୍ କରିଥିଲେ କି ନାହିଁ ଜାଣିବା ନିମନ୍ତେ ନୀରଜ ନାମକ ବ୍ୟକ୍ତି ତଥ୍ୟ ଜାଣିବା ଅଧିକାର (ଆର୍‌ଟିଆଇ) ବଳରେ ସିଆଇସିଙ୍କ ନିକଟରେ ଆବେଦନ କରିଥିଲେ। ଉକ୍ତ ଆବେଦନକ୍ରମେ ମୋଦିଙ୍କ ସମେତ ୧୯୭୮ରେ ବିଏ ପରୀକ୍ଷାରେ ପାସ୍ କରିଥିବା ସବୁ ଛାତ୍ରୀଛାତ୍ରଙ୍କ ରେକର୍ଡ ଯାଞ୍ଚ ଲାଗି ଅନୁମତି ଦେବାକୁ ସିଆଇସି ୨୦୧୬ ଡିସେମ୍ବର ୨୧ରେ ଡିୟୁକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୭ ଜାନୁଆରୀ ୨୩ରେ ହାଇକୋର୍ଟ ସିଆଇସିଙ୍କ ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶ ଜାରି କରିଥିଲେ।

### ଦିଲ୍ଲୀରେ ଆଜି



ନୂଆଦିଲ୍ଲୀସ୍ଥିତ ହାଇଦ୍ରାବାଦ ହାଉସ୍‌ଠାରେ ଫିଜି ପ୍ରଧାନମନ୍ତ୍ରୀ ସିଟିଭେନି ଲିଗାମାମାଦା ରାବୁକାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। (ଫଟୋ– ଚମନ ଗୌତମ)

## ଗାଜା ହସ୍ପିଟାଲରେ ମିଶାଇଲ୍ ମାଡ଼

ଖାନ୍ ୟୁନିସ୍,୨୫।୮

### ୪ ଖବରଦାତାଙ୍କ ସମେତ ୧୯ ମୃତ

ଗାଜାର ଖାନ୍ ୟୁନିସ୍‌ରେ ଥିବା ନାସେର ହସ୍ପିଟାଲର ଚତୁର୍ଥ ମହଲାରେ ଇସ୍ରାଏଲୀ ସେନା ମିଶାଇଲ୍ ମାଡ଼ କରିବାରୁ ୪ ଜଣ ଖବରଦାତାଙ୍କ ସମେତ ୧୯ ଜଣଙ୍କ ମୃତ୍ୟୁ ଘଟିଛି। ପ୍ରଥମେ ଗୋଟିଏ ମିଶାଇଲ୍ ମାଡ଼ ହୋଇଥିବାବେଳେ ଉଦ୍ଧାରକାରୀ ଟିମ୍ ପହଞ୍ଚିବା ପରେ ଆଉ ଏକ ମିଶାଇଲ୍ ମାଡ଼ ହୋଇଥିଲା। ୨୨ ମାସ ଧରି ଚାଲିଥିବା ଏହି ଯୁଦ୍ଧରେ ଦକ୍ଷିଣ ଗାଜାର ସର୍ବବୃହତ୍ ନାସେର ହସ୍ପିଟାଲ ଅନେକଥର ଆକ୍ରମଣର ସମ୍ମୁଖୀନ ହେଲାଣି। ମୃତ ୪ ଖବରଦାତାଙ୍କ ମଧ୍ୟରେ ଆସୋସିଏଟେଡ୍ ପ୍ରେସ୍ ପାଇଁ କାର୍ଯ୍ୟ କରୁଥିବା ମୁକ୍ତବୃତ୍ତି ସାମ୍ବାଦିକ ମାରିଆମ୍ ଡାଗ୍ଗା ଅଛନ୍ତି। ଏହା ବ୍ୟତୀତ ଅଲ୍ ଜଜିରା ଖବରଦାତା ମହମ୍ମଦ ସଲାମା, ରଏଟର୍ସର କ୍ୟାମେରାମ୍ୟାନ ହୁସମ ଅଲ୍ ମସ୍ରି ଏବଂ ଅନ୍ୟ ଫଟୋଗ୍ରାଫର ହାତେମ୍ ଖାଲେଦ ମଧ୍ୟ ନିହତ ହୋଇଥିବା ଜଣାପଡ଼ିଛି। ତେବେ ଏୟାରଷ୍ଟ୍ରାଇକ୍ ସମ୍ପର୍କରେ ଇସ୍ରାଏଲୀ ସେନା ପକ୍ଷରୁ କିଛି କୁହାଯାଇ ନାହିଁ। ଗାଜାରେ ୨୨ ମାସର ଯୁଦ୍ଧ ମଧ୍ୟରେ ମୋଟ ୧୯୨ ଜଣ ଖବରଦାତାଙ୍କ ମୃତ୍ୟୁ ଘଟିଲାଣି।

## 'ଅନୁଚ୍ଛେଦ ୩୨ ଅନୁଯାୟୀ ମୃତ୍ୟୁ ଦଣ୍ଡାଦେଶ ଚ୍ୟାଲେଞ୍ଜଯୋଗ୍ୟ'

ନୂଆଦିଲ୍ଲୀ,୨୫।୮ (ପି.ଟି.)

ପ୍ରକ୍ରିୟାଗତ ସୁରକ୍ଷାର ଉଲ୍ଲଂଘନ ହୋଇଥିଲେ, ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଥିବା କୌଣସି ମାମଲାକୁ ପୁନର୍ବାର ଶୁଣାଣି କରିବା କ୍ଷମତା ସମ୍ବିଧାନର ଅନୁଚ୍ଛେଦ ୩୨ ଅଦାଲତଙ୍କୁ ଦେଇଛି। ମୃତ୍ୟୁ ଦଣ୍ଡାଦେଶ ପାଇଥିବା ଜଣେ ଅପରାଧୀଙ୍କ ଆବେଦନର ପୁନଃ ଶୁଣାଣି ପାଇଁ ସୁପ୍ରିମକୋର୍ଟ ସୋମବାର ରାଜି ହେବା ସହ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି।

୨୦୦୮ ଏପ୍ରିଲରେ ଜଣେ ୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ନାଗପୁରର ବସନ୍ତ ସମ୍ପତ ଦୁପାରେ ଦୋଷୀସାବ୍ୟସ୍ତ ହୋଇଥିଲେ। ନାଗପୁର ଅତିରିକ୍ତ ସେସନ୍ସ କୋର୍ଟ ତାଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିବାବେଳେ ୨୦୧୪ ନଭେମ୍ବରରେ ସୁପ୍ରିମକୋର୍ଟ ଏହାକୁ କାଏମ୍ ରଖିଥିଲେ। ଉକ୍ତ ରାୟ ବିରୋଧରେ ଦୁପାରେ ଦାଖଲ କରିଥିବା ରିଭ୍ୟୁ ପିଟିଶନ ୨୦୧୭ ମେ' ୩ରେ ଖାରଜ ହୋଇଯାଇଥିଲା। ଏହା ପରେ ସେ ମହାରାଷ୍ଟ୍ର ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ପାଖରେ କ୍ଷମା ଆବେଦନ କରିଥିଲେ ମଧ୍ୟ ତାହା ଯଥାକ୍ରମେ ୨୦୨୨ ଏବଂ ୨୦୨୩ରେ ଅଗ୍ରାହ୍ୟ ହୋଇଯାଇଥିଲା।

ଦୁପାରେ ଶିଶକନ୍ୟାଙ୍କୁ ଚକୋଲେଟ ଦ୍ୱାରା ପ୍ରଲୋଭିତ କରି ନେଇଯାଇଥିଲେ ଓ ପରିଚୟ ଲୁଚାଇବା ପାଇଁ ତାଙ୍କ ମୁଣ୍ଡକୁ ପଥରରେ ଛେଚିଥିଲେ। ଏହି ମାମଲାରେ ପ୍ରକ୍ରିୟାଗତ ସୁରକ୍ଷାର ଉଲ୍ଲଂଘନ ହୋଇଥିବା ଜାଣିବା ପରେ ଜଷ୍ଟିସ୍ ବିକ୍ରମ ନାଥ, ସଞ୍ଜୟ କାରୋଲ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ ଅନୁଚ୍ଛେଦ ୩୨ ଅନୁଯାୟୀ ଅପରାଧୀଙ୍କ ପିଟିଶନ୍‌ର ପୁନଃ ଶୁଣାଣି ପାଇଁ ଅନୁମତି ଦେଇଛନ୍ତି। ୨୦୨୨ରେ ମନୋଜ ବନାମ ମଧ୍ୟପ୍ରଦେଶ ରାୟର ଅବତାରଣା କରି ଖଣ୍ଡପୀଠ କହିଛନ୍ତି, ମୃତ୍ୟୁ ଦଣ୍ଡାଦେଶ ପ୍ରଦାନ କରିବା ପୂର୍ବରୁ ଟ୍ରାଏଲ୍ କୋର୍ଟଗୁଡ଼ିକ ଅଭିଯୁକ୍ତଙ୍କ ମନୋଚିକିତ୍ସୀୟ ଏବଂ ମନୋବୈଜ୍ଞାନିକ ମୂଲ୍ୟାୟନ ରିପୋର୍ଟ ସଂଗ୍ରହ କରିବାକୁ ସେତେବେଳେ ସୁପ୍ରିମକୋର୍ଟ କେତେଗୁଡ଼ିଏ ମାର୍ଗଦର୍ଶନ ଓ ନିର୍ଦ୍ଦେଶାବଳୀ ଜାରି କରିଥିଲେ। ତେବେ ଅନୁଚ୍ଛେଦ ୩୨ର ଅସାଧାରଣ ପରିସରକୁ ବିଚାର ଶେଷ ହୋଇଥିବା ଅନ୍ୟାନ୍ୟ ମାମଲାର ପୁନର୍ବିଚାର ପାଇଁ ନିୟମିତ ଉପାୟ ଭାବେ ଅନୁମତି ଦିଆଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଥିଲେ। ଯେଉଁଠି ନୂଆ ପ୍ରକ୍ରିୟାଗତ ସୁରକ୍ଷାର ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ ଉଲ୍ଲଂଘନ ହୋଇଥିବ ଏବଂ ଯଦି ତାହା ଏତେ ଗମ୍ଭୀର ଯେ, ଏହାକୁ ସଂଶୋଧନ ନ କରି ଛାଡ଼ିଦେଲେ, ତାହା ଅଭିଯୁକ୍ତଙ୍କ ମର୍ଯ୍ୟାଦା ଓ ସ୍ୱଚ୍ଛ ବିଚାର ପ୍ରକ୍ରିୟା ଭଳି ମୌଳିକ ଅଧିକାରର ଉଲ୍ଲଂଘନ କରୁଥିବ, କେବଳ ସେଭଳି କ୍ଷେତ୍ରରେ ମାମଲାର ପୁନର୍ବିଚାର କରାଯାଇପାରିବ ବୋଲି ଖଣ୍ଡପୀଠ କହିଛନ୍ତି।

## ମିଗ୍‌-୨୧ର ଶେଷ ଉଡ଼ାଣ



ବିକାନେର, ୨୫।୮ (ପି.ଟି.)

### ୧୯୬୩ରୁ ଭାରତୀୟ ବାୟୁସେନାରେ ସାମିଲ ଥିଲା

ଭାରତୀୟ ବାୟୁସେନାର ଲଢୁଆ ବିମାନ ମିଗ୍‌-୨୧ ଇତିହାସ ହେବାକୁ ଯାଉଛି। ୬୨ ବର୍ଷ ଧରି ସେବା ପ୍ରଦାନ ପରେ ଆସନ୍ତା ମାସ ୨୬ରେ ଚଣ୍ଡିଗଡ଼ରେ ଅନୁଷ୍ଠିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ମିଗ୍‌-୨୧ ବିମାନ ଆନୁଷ୍ଠାନିକ ଭାବେ ଅବସର ନେବ। ଏହା ପୂର୍ବରୁ ଗତ ୧୮ ଓ ୧୯ରେ ଭାରତୀୟ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏପି ସିଂ ରାଜସ୍ଥାନର ନାଲ ଏୟାରଫୋର୍ସ ଷ୍ଟେଶନରୁ ଅନ୍ତିମ ଥର ପାଇଁ ଏହି ଲଢୁଆ ବିମାନକୁ ଉଡ଼ାଇଛନ୍ତି। ସେ ଗୋଟିଏ ଟ୍ରେନିଂ ଶର୍ଟ ଏବଂ ୩ରୁ ୪ଟି ସୋଲୋ ଶର୍ଟ ପୂରଣ କରିଥିଲେ। ଉଡ଼ାଣ ପରେ ଏୟାର ଚିଫ୍ ମାର୍ଶାଲ କହିଛନ୍ତି, ଏହି ଲଢୁଆ ବିମାନରେ ସେ ନିଜର ପ୍ରଥମ ଟ୍ରେନିଂ ନେଇଥିଲେ। ୧୯୮୫ରେ ଆସାମର ତେଜପୁରରେ ସେ ପ୍ରଥମ ଥର ପାଇଁ ମିଗ୍‌-୨୧ ବିମାନର ଟାଇପ-୭୭ ଭାରିଆଣ୍ଟକୁ ଉଡ଼ାଇଥିଲେ। ସମ୍ପ୍ରତି ବାୟୁସେନା ନିକଟରେ ମିଗ୍‌-୨୧ର ୨ଟି ସ୍କ୍ୱାର୍ଡନ ରହିଛି। ଉଭୟ ସ୍କ୍ୱାର୍ଡନକୁ ନାଲ୍ ଏୟାରଫିଲ୍ଡରେ ରଖାଯାଇଛି। ତେବେ ସବୁକିଛିର ଏକ ସମୟ ରହିଥାଏ। ମିଗ୍‌-୨୧ ପ୍ରଯୁକ୍ତି ପୁରୁଣା ହୋଇଗଲାଣି, ଯାହାକୁ ବଜାୟ ରଖିବା ବାୟୁସେନା ପାଇଁ କଷ୍ଟସାଧ୍ୟ ହୋଇପଡ଼ିଛି। ବାୟୁସେନାକୁ ଆଗକୁ ବଢ଼ିବାକୁ ପଡ଼ିବ। ତେଣୁ ଏହି ବିମାନକୁ ଅବସର ଦିଆଯାଉଥିବା ନେଇ ଏୟାର ଚିଫ୍ ମାର୍ଶାଲ ସିଂ କହିଛନ୍ତି। ଉନ୍ନତ ପ୍ରଯୁକ୍ତିବିଦ୍ୟା ସହ ତେଜସ୍, ତେଜସ୍ ଏମ୍‌କେ ୨, ରାଫେଲ, ଏସ୍‌ୟୁ-୩୦ ଭଳି ବିମାନ ମିଗ୍‌-୨୧ର ସ୍ଥାନ ନେବେ ବୋଲି ସେ କହିଛନ୍ତି। ରୁଷିଆ ନିର୍ମିତ ଏହି ଯୁଦ୍ଧବିମାନ ୧୯୬୩ ଏପ୍ରିଲରେ ଭାରତୀୟ ବାୟୁସେନାରେ ସାମିଲ ହୋଇଥିଲା।

### ଟ୍ରାକ୍ଟର ଟ୍ରଲିକୁ ଧକ୍କା ଦେଲା ଟ୍ରକ୍: ୯ ମୃତ

ବୁଲନ୍ଦସହର,୨୫।୮

ଉତ୍ତରପ୍ରଦେଶର ବୁଲନ୍ଦସହର ଜିଲା ଅନ୍ତର୍ଗତ ବୁଲନ୍ଦସହର-ଆଲିଗଡ଼ ରାସ୍ତାରେ ରବିବାର ବିଳମ୍ବିତ ରାତିରେ ଏକ ଟ୍ରକ୍ ଟ୍ରାକ୍ଟର ଟ୍ରଲିକୁ ଧକ୍କା ଦେବାରୁ ୯ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିବା ସହ ୪୨ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ୨ ଜଣ ଏବଂ ଆହତଙ୍କ ମଧ୍ୟରେ ୧୨ ଜଣ ନାବାଳକ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମୃତକଙ୍କ ପରିବାରକୁ ୨ ଲକ୍ଷ ଏବଂ ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କା ସହାୟତା ଘୋଷଣା କରିଛନ୍ତି। କସଗଞ୍ଜ ଜିଲାର ରାଫତପୁର ଗ୍ରାମରୁ ଟ୍ରାକ୍ଟର ଟ୍ରଲିରେ ୬୧ ଜଣ ଲୋକ ରାଜସ୍ଥାନର ଜହରପୀରକୁ ତୀର୍ଥଯାତ୍ରାରେ ଯାଉଥିବାବେଳେ ଦୁର୍ଘଟଣା ଘଟିଥିଲା।

### ମା' ହେବେ ପରିଣୀତି



ନୂଆଦିଲ୍ଲୀ

ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ଓ ତାଙ୍କ ସ୍ୱାମୀ ତଥା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ରାଜ୍ୟ ସଭା ସଦସ୍ୟ ରାଘବ ଚଢ଼ା ସୋମବାର ସେମାନଙ୍କ ପ୍ରଶଂସକଙ୍କୁ ଗୁଡ୍ ନ୍ୟୁଜ୍ ଦେଇଛନ୍ତି। ପରିଣୀତି ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟକରି ସେ ଗର୍ଭବତୀ ଥିବା ନେଇ ସୂଚନା ଦେଇଛନ୍ତି। ଏହି ପୋଷ୍ଟରେ ସେ ରାଘବଙ୍କୁ ଟ୍ୟାଗ୍ କରିଛନ୍ତି। ପରିଣୀତି ତାଙ୍କ ପୋଷ୍ଟରେ ଏକ କେକ୍‌ର ଫଟୋକୁ ଶେୟାର କରି କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, ଆମେ ଏକ ଛୋଟ ଅତିଥିଙ୍କୁ ସ୍ୱାଗତ କରିବାକୁ ଯାଉଛୁ। ଏଥିପାଇଁ ଆପଣମାନଙ୍କର ଆଶୀର୍ବାଦ କାମନା କରୁଛୁ। ଉକ୍ତ ପୋଷ୍ଟରେ ବଲିଉଡ୍‌ର ବହୁ ସେଲିବ୍ରିଟି କମେଣ୍ଟ ମାଧ୍ୟମରେ ଏହି ତାରକା ଦମ୍ପତିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ୨୦୨୩ ସେପ୍ଟେମ୍ବର ୨୪ରେ ରାଜସ୍ଥାନର ଉଦୟପୁରସ୍ଥିତ ଦି ଲୀଲା ପ୍ୟାଲେସରେ ପରିଣୀତି ଓ ରାଘବଙ୍କର ବିବାହ ଅନୁଷ୍ଠିତ ହୋଇଥିଲା। ପରିଣୀତିଙ୍କୁ ଶେଷଥର ପାଇଁ ୨୦୨୪ରେ ନିର୍ମାତା ଇମ୍‌ତିଆଜ୍ ଅଲୀଙ୍କ 'ଅମର ସିଂ ଚମକିଲା' ଫିଲ୍ମରେ ଦେଖିବାକୁ ମିଳିଥିଲା। ଏହି ଫିଲ୍ମରେ ତାଙ୍କ ବିପକ୍ଷରେ ଅଭିନେତା ତଥା ପ୍ରସିଦ୍ଧ ସିଙ୍ଗର ଦିଲ୍‌ଜିତ ଦୋସାଞ୍ଜ ନଜରକୁ ଆସିଥିଲେ।

# ନୂଆ ଆଇଟି ନୀତିକୁ କ୍ୟାବିନେଟ୍ ମୋହର



ଲୋକସେବା ଭବନଠାରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଉପସ୍ଥିତ ମନ୍ତ୍ରୀ ଓ ଅଧିକାରୀ।

## ୧୦ଲକ୍ଷଙ୍କୁ ମିଳିବ ନିଯୁକ୍ତି

ଭୁବନେଶ୍ୱର,୨୫।୮
(ରବିନାରାୟଣ ଜେନା)

ଓଡ଼ିଶାକୁ ସୂଚନା ପ୍ରଯୁକ୍ତି ଓ ଯୋଗାଯୋଗ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ରୂପେ ଗଢ଼ିତୋଳିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହିକ୍ରମରେ ସୋମବାର ରାଜ୍ୟ ସରକାର ସୂଚନା ପ୍ରଯୁକ୍ତି(ଆଇଟି)ର ବିକାଶ ଲାଗି ନୂତନ ଆଇଟି ନୀତି ଆଣିଛନ୍ତି। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଏହି ଆଇଟି ନୀତି ସମେତ ୩ଟି ବିଭାଗର ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ବାଜିଛି।

ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଛନ୍ତି, ଓଡ଼ିଶାର ଡିଜିଟାଲ୍ ରୂପାନ୍ତରଣକୁ ଆଗେଇ ନେବା ଏବଂ ବୈଷୟିକ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ପାଇଁ ଏକ ରଣନୈତିକ ପଦକ୍ଷେପ ସ୍ୱରୂପ ରାଜ୍ୟ ମନ୍ତ୍ରିମଣ୍ଡଳ ଓଡ଼ିଶା ଆଇଟି ନୀତି -୨୦୨୫କୁ ସୋମବାର ଅନୁମୋଦନ ଦେଇଛନ୍ତି। ଏହି ଦୂରଦୃଷ୍ଟିସମ୍ପନ୍ନ ନୀତି ଓଡ଼ିଶାକୁ ବୈଷୟିକ ଜ୍ଞାନ ଏବଂ ଉଦ୍ଭାବନ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବରେ ସ୍ଥାପନ କରିବ। କୃତ୍ରିମ ବୁଦ୍ଧିମତ୍ତା(ଏଆଇ), କ୍ଲାଉଡ୍‌କମ୍ପ୍ୟୁଟିଂ ଏବଂ ଡାଟା ଆନାଲିଟିକ୍ସ ଭଳି ଅତ୍ୟାଧୁନିକ ଜ୍ଞାନକୌଶଳକୁ ଆପଣାଇ ଏହି ନୀତି ଶାସନକୁ ମଜଭୁତ କରିବା, ସର୍ବସାଧାରଣ ସେବା ଯୋଗାଇବାରେ ଉନ୍ନତି ଆଣିବା ଏବଂ ଏକ ଡିଜିଟାଲ୍ ଅନ୍ତର୍ଭୁକ୍ତ ସମାଜକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି। ଏହା ଉଦ୍ଭାବନା, ଉଦ୍ୟୋଗିତା ଏବଂ ଡିଜିଟାଲ ସ୍ଥାୟୀ ବିକାଶକୁ ଏକ ଦୃଢ଼ ଡିଜିଟାଲ ପରିବେଶ ଯୋଗାଇବାରେ ସହାୟକ ହେବ।

ଓଡ଼ିଶା ଆଇଟି ନୀତି ୨୦୨୫ ମଧ୍ୟରେ ଆଇଟି/ଆଇଟିଇଏସ୍ କ୍ଷେତ୍ରରେ ୧୦ ଲକ୍ଷ ଲୋକଙ୍କ ପାଇଁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ପରିକଳ୍ପନା କରାଯାଇଛି। ଏହା ଆଇଟି ପାର୍କ, ଆଇଟିଟାୱାର ଏବଂ ଏସ୍‌ଇଜେଡ୍‌ପରି ବିଶ୍ୱସ୍ତରୀୟ ଭିତ୍ତିଭୂମି ବିକାଶ କରିବା ସହିତ ଗବେଷଣା ଏବଂ ବିକାଶ, ବିଭିନ୍ନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ସମନ୍ୱୟ, ଏକାଡେମିଆ ଓ ଷ୍ଟାର୍ଟଅପ୍ ସହିତ ସହଯୋଗ ମାଧ୍ୟମରେ ବୈଷୟିକ ଉଦ୍ଭାବନକୁ ପ୍ରୋତ୍ସାହିତ କରିବ। ଏହି ନୀତି ସାଇବର ସୁରକ୍ଷା, ଡାଟା ଆନାଲିଟିକ୍ସ, ୫ଜି/ମୋବାଇଲ୍ ଟେକ୍, ଆଇଓଟି,ଏଆର/ଭିଆର, କ୍ଲାଉଡ୍ କମ୍ପ୍ୟୁଟିଂ, ଡିପ୍ ଲର୍ନିଂ, ବ୍ଲକଚେନ୍, ଏଆଇ ଏବଂ ଏମ୍‌ଏଲ୍ ପରି ଉଦୀୟମାନ ପ୍ରଯୁକ୍ତିକୁ ପ୍ରୋତ୍ସାହିତ କରିବ। ଆହୁଜା କହିଛନ୍ତି, ନିବେଶକୁ ଆକର୍ଷିତ କରିବା ପାଇଁ ଏହି ନୀତି ପୁଞ୍ଜି ଏବଂ ସୁଧ ସବ୍‌ସିଡି, ଜମି ଓ ଭଡ଼ା ସହାୟତା ଏବଂ ଏସ୍‌ଜିଏସ୍‌ଟି ପୁନଃପୈଠ ଭଳି ବ୍ୟବସାୟ-ଅନୁକୂଳ ପ୍ରୋତ୍ସାହନ ପ୍ରଦାନ କରିବ। ଅତିରିକ୍ତ ସୁବିଧାଗୁଡ଼ିକ ମଧ୍ୟରେ ଉପଯୋଗିତା ଚାର୍ଜ ଛାଡ଼, ମାର୍କେଟିଂ ସହାୟତା, ପେଟେଣ୍ଟ ପଞ୍ଜୀକରଣ ପ୍ରୋତ୍ସାହନ ଏବଂ ଦକ୍ଷତା ବିକାଶ, ଇଣ୍ଟର୍ନଶିପ୍, ଉତ୍କର୍ଷ କେନ୍ଦ୍ର (ସିଓଇ), କେବୁଲ ଲ୍ୟାଣ୍ଡିଂ ଷ୍ଟେସନର ବିକାଶ ପାଇଁ ସହାୟତା, ବୃହତ୍ ଏବଂ ମେଗା ଆଇଟି ନିବେଶ ପାଇଁ ନିର୍ଦ୍ଦିଷ୍ଟ ପ୍ରୋତ୍ସାହନ, ସହ-କାର୍ଯ୍ୟ ସ୍ଥାନର ବିକାଶକୁ ପ୍ରୋତ୍ସାହନ ଏବଂ ନିଯୁକ୍ତି ପାଇଁ ଆର୍ଥିକ ସହାୟତା ଅନ୍ତର୍ଭୁକ୍ତ। ଏକ ସିଙ୍ଗଲ୍-ୱିଣ୍ଡୋ କ୍ଲିୟରାନ୍ସ ସିଷ୍ଟମ୍ ଏବଂ ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକ ସହିତ ଭାଗୀଦାରି ରାଜ୍ୟରେ ବ୍ୟବସାୟ କରିବାର ସହଜତାକୁ ଆହୁରି ଉନ୍ନତ କରିବ।

ମୁଖ୍ୟ ଶାସନ ସଚିବ କହିଛନ୍ତି, ଏହି ନୀତି ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ୍ସ ସେଣ୍ଟର (ଓକାକ୍ ) ନୋଡାଲ୍ ଏଜେନ୍ସି ଭାବରେ କାର୍ଯ୍ୟ କରିବ, ଇ-ଆଣ୍ଡ୍ ଆଇଟି ବିଭାଗ ନିୟମିତ ସମୀକ୍ଷା କରିବ ଏବଂ ଆବଶ୍ୟକ ଅନୁସାରେ ମଧ୍ୟବର୍ତ୍ତୀ ସମୟରେ ସଂଶୋଧନ କରିବ। ଓଡ଼ିଶା ଆଇଟି ନୀତି-୨୦୨୫ ବୈଶ୍ୱିକ ବ୍ୟବସାୟକୁ ଓଡ଼ିଶା ଆଡ଼କୁ ଆକୃଷ୍ଟ କରିବ, ଯାହା ଆର୍ଥିକ ଅଭିବୃଦ୍ଧିକୁ ବୃଦ୍ଧି କରିବ।

- ସାଇବର ସୁରକ୍ଷା ସହିତ ଡିଜିଟାଲ ରୂପାନ୍ତରଣକୁ ବିକଶିତ କରିବ
- ରାଜ୍ୟ କ୍ୟାବିନେଟ୍ ବୈଠକରେ ୪ ପ୍ରସ୍ତାବକୁ ଅନୁମୋଦନ

# ଝିଆରୀଙ୍କୁ ବଞ୍ଚାଇବାକୁ ଯାଇ ବଡ଼ବାପାଙ୍କ ମୃତ୍ୟୁ

### ବିଦ୍ୟୁତ୍ ଆଘାତରେ କକା, ଝିଆରୀ ଗୁରୁତର

ପାଟଣା,୨୫।୮
(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଟିନାମାଳିପଶି ତଣ୍ଡିଆ ସାହିରେ ସୋମବାର ପୂର୍ବାହ୍ନରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ବିଦ୍ୟୁତ ଆଘାତରୁ ଦିବ୍ୟାଙ୍ଗ ଝିଆରୀଙ୍କୁ ବଞ୍ଚାଇବାକୁ ଯାଇ ବଡ଼ବାପାଙ୍କ ମୃତ୍ୟୁ ଘଟିଛି। ବିଦ୍ୟୁତ୍ ଆଘାତରେ ଦିବ୍ୟାଙ୍ଗ ଝିଆରୀ ଓ ମୃତକଙ୍କ ସାନଭାଇ ଗୁରୁତର ହୋଇଛନ୍ତି। ମୃତକ ହେଉଛନ୍ତି ଗ୍ରାମର ରବୀନ୍ଦ୍ର ବେହେରାଙ୍କ ପୁଅ ଦୁର୍ଯ୍ୟୋଧନ ବେହେରା (୪୦)। ଗୁରୁତର ହୋଇଛନ୍ତି ଚିତ୍ରସେନ ବେହେରାଙ୍କ ଝିଅ ତଥା ଦୁର୍ଯ୍ୟୋଧନଙ୍କ ଝିଆରୀ ଅଞ୍ଜଳି ବେହେରା(୧୧) ଓ ଦୁର୍ଯ୍ୟୋଧନଙ୍କ ଭାଇ ଦୁଃଶାସନ ବେହେରା(୩୫)।

ସୂଚନା ଅନୁଯାୟୀ, ସକାଳେ ଅଞ୍ଜଳି ଘର ବାହାରେ ଆଜ୍‌ବେଷ୍ଟସ ଘର ଲୁହା ପାଇପରୁ ବାହାରକୁ ଟଣା ଯାଇଥିବା ଜିଆଇ ତାରରେ ଲୁଗା ଶୁଖାଉଥିଲେ। ଏହି ସମୟରେ ଜିଆଇ ତାରଟି କୌଣସି କାରଣରୁ ଘରକୁ ଯାଇଥିବା ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯାଇଥିଲା। ଅଞ୍ଜଳି ବିଦ୍ୟୁତ ସଂସ୍ପର୍ଶରେ ଆସିଥିବା ଦେଖି ତାଙ୍କ ବଡ଼ବାପା ଦୁର୍ଯ୍ୟୋଧନ ଓ କକା ଦୁଃଶାସନ ତାଙ୍କୁ ଉଦ୍ଧାର କରିବାକୁ ଯାଇ ନିଜେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯାଇଥିଲେ। ବିଦ୍ୟୁତ୍ ଆଘାତରେ ଦୁର୍ଯ୍ୟୋଧନଙ୍କ ପେଟ, ଦୁଃଶାସନଙ୍କ ୨ ହାତ ପୋଡ଼ିଯାଇଥିଲା। ଅଞ୍ଜଳି ମଧ୍ୟ ଗୁରୁତର ହୋଇଥିଲେ। ସମସ୍ତଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଦୁର୍ଯ୍ୟୋଧନଙ୍କୁ ମୃତ ଘୋଷଣା କରିଥିଲେ। ଘଟଗାଁ ପୋଲିସ ପହଞ୍ଚି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ ଏକ ମାମଲା(ନଂ.୩୯/୨୫) ରୁଜୁ କରି ତଦନ୍ତ ଚଳାଇଛି।

# ଓପିଏସ୍‌ସିରେ ୩ଜଣଙ୍କ ନିଯୁକ୍ତିକୁ ଅନୁମୋଦନ

ଭୁବନେଶ୍ୱର,୨୫।୮
(ରବିନାରାୟଣ ଜେନା)

ଓଡ଼ିଶା ଲୋକସେବା ଆୟୋଗରେ ସଦସ୍ୟ ପଦରେ ତିନିଜଣଙ୍କ ନିଯୁକ୍ତିକୁ ନିୟମିତ କରିବା ଲାଗି ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ସୋମବାର ଲୋକସେବାଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଥିଲେ, ଓଡ଼ିଶା ଲୋକସେବା ଆୟୋଗରେ ସଦସ୍ୟ ଭାବେ ଅବସରପ୍ରାପ୍ତ ଆଇଏଏସ୍ ଉଦୟ ନାରାୟଣ ଦାସ, ଏସ୍‌ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରୀର ଅଧ୍ୟକ୍ଷ ମିହିର ପ୍ରସାଦ ମିଶ୍ର ଏବଂ ଅବସରପ୍ରାପ୍ତ ଆଇଏଏସ୍ ମନୋଜ କୁମାର ମହାନ୍ତି ପୂର୍ବରୁ ନିଯୁକ୍ତ ହୋଇଛନ୍ତି। ଏହାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ପ୍ରତ୍ୟାଶା ପୂର୍ବକ ଜୁଲାଇ ୧୦ରେ ନିଯୁକ୍ତି ଦିଆଯାଇଛି। ସୋମବାର ରାଜ୍ୟ କ୍ୟାବିନେଟ୍ ସମ୍ପୃକ୍ତ ସଦସ୍ୟଙ୍କ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଚିନ୍ତା ଓ ଚେତନା ପକ୍ଷରୁ ୪୮ତମ ବର୍ଷା ୨୦୨୫ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଶତାବ୍ଦୀର କଳାକାର ପକ୍ଷରୁ ନାଟକ 'ଆପଣମାନେ ଖୁସି ତ?' ମଞ୍ଚସ୍ଥ, ସ୍ଥାନ: ବିଜୁ ନାଟ୍ୟକେନ୍ଦ୍ର, ନୟାପଲ୍ଲୀ, ସମୟ: ସନ୍ଧ୍ୟା ୬ଟା ୩୦।
- ଓଡ଼ିଶା ପି ଏବଂ ଟି କଣ୍ଟ୍ରାକ୍ଟର୍ ଆସୋସିଏଶନ୍ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଇନ୍ସପେକ୍ସନ୍ କ୍ୱାଟର୍ ଦୂର୍ ସଞ୍ଚାର ଭବନ, ୟୁନିଟ୍ ୯, ସମୟ: ପୂର୍ବାହ୍ନ ୧୧ ଟା।

## ଖୋର୍ଦ୍ଧା
- ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା ଅଭିଯାନ, ସ୍ଥାନ: ବରୁଣେଇ ପୀଠ, ସମୟ: ସକାଳ ୮ଟା।
- ଶରଧାପୁର ଫୁଟବଲ୍ ଲିଗ୍, ସ୍ଥାନ: ଶରଧାପୁର ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର
- ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ, ସ୍ଥାନ: ମିଶନ ପଡ଼ିଆ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- କଲ୍ୟାଣ ମଣ୍ଡପ ଏବଂ ସିଲେଇ ପ୍ରଶିକ୍ଷଣ କେନ୍ଦ୍ରର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଧୋବଶିଳା ପଞ୍ଚାୟତ ପରିସର, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ଏନ୍‌ଏସି ଘୋଷଣା ଦାବିରେ ୬ଘଣ୍ଟିଆ ବନ୍ଦ ପାଳନ, ସ୍ଥାନ: ଆଗରପଡ଼ା ବଜାର, ବନ୍ତ, ସମୟ: ସକାଳ ୬ଟା।
- ରକ୍ତଦାନ ଶିବିର, ସ୍ଥାନ: ବିଜୁ ସ୍ମୃତି ଭବନ, ଚାନ୍ଦବାଲି, ସମୟ: ସକାଳ ୯ଟା।
- ଜୋନାଲସ୍ତରୀୟ ସ୍ପୋର୍ଟସ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର
- ବିଜେଡିର ସମ୍ବର୍ଦ୍ଧନା ସଭା, ସ୍ଥାନ: ବିଜେଡି କାର୍ଯ୍ୟାଳୟ, ବଡ଼ବିଲ, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ
- ହ୍ୟାଣ୍ଡଲୁମ୍ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- ମୟୂରଭଞ୍ଜ ମିରରର ବାର୍ଷିକୋତ୍ସବ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସନ୍ଧ୍ୟା ୬ଟା।

## ବ୍ରହ୍ମପୁର
- ମନ୍ଦିର କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୧ଟା୩୦।।
- ବିଇଏମ୍‌ସି ପକ୍ଷରୁ ଟ୍ରାଇ ସାଇକେଲ ପ୍ରତିଯୋଗିତା, ସ୍ଥାନ: ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ୩୦।

## ଗଞ୍ଜାମ
- ପଞ୍ଚାୟତ ସମିତ ବୈଠକ, ସ୍ଥାନ: ଶେରଗଡ଼ ବ୍ଲକ୍ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ ଟା।

## ଜଗତ୍‌ସିଂହପୁର
- ଦାରିଦ୍ର୍ୟ ଦୂରିକରଣ ଓ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆଦିତ୍ୟ ବାହିନୀ ଆନନ୍ଦ ବାହିନୀ ସଂଗଠନ ପକ୍ଷରୁ ବୃଦ୍ଧାବୃଦ୍ଧଙ୍କ ପାଇଁ ସେବାମୂଳକ କାର୍ଯ୍ୟକ୍ରମ, ସ୍ଥାନ: ସନ୍ତୋଷୀ ଜରାଶ୍ରମ, ବାଲିଝରା, ପାରାଦୀପ, ସମୟ: ମଧ୍ୟାହ୍ନ ୧୨ଟା।
- ସ୍ୱାୟତ୍ତଶାସନ ଦିବସ ଉପଲକ୍ଷେ ପାରାଦୀପ ପୌରପରିଷଦ ପକ୍ଷରୁ ବାଳିକା ବାଳକଙ୍କୁ ନେଇ ଭଲିବଲ ଓ ଫୁଟ୍‌ବଲ ମ୍ୟାଚ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ହାତିନା, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଟକୁମାରୀ କଳାବିକାଶ ଯୁବ ସଙ୍ଗଠନ ପକ୍ଷରୁ ମେଘମଲ୍ଲାର ୨୦୨୫ (ଭଜନ ସନ୍ଧ୍ୟା), ସ୍ଥାନ: ଏଣ୍ଡୁଲାପୁର, ରାଜନଗର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- କୋରେଇ ବିଧାନସଭାସ୍ତରୀୟ ସମୀକ୍ଷା ବୈଠକ, ସ୍ଥାନ: ବ୍ୟାସଦେବ ଟାଉନ ହଲ୍, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଭାରତ ବିକାଶ ପରିଷଦ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷଣ ଓ ଚଷମା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଗିରିଡିପଲ୍ଲୀ ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ଷଷ୍ଠ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ସଜନାପଡ଼ା ହାଇସ୍କୁଲ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା, ସ୍ଥାନ: ନୟାଗଡ଼ ବ୍ଲକ ବରପଲ୍ଲୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ୪ର୍ଥ ଦିବସ, ସ୍ଥାନ: ନୟାଗଡ଼ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।

## ରାୟଗଡ଼ା
- ମହିଳାଙ୍କ ଦ୍ୱାରା ବାଲି ତୃତୀୟା ଏବଂ ଗୌରୀ ବ୍ରତ ପାଳନ, ସ୍ଥାନ: ରାୟଗଡା ସହରର ସମସ୍ତ ଶିବ ମନ୍ଦିର, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର
- ଯକ୍ଷ୍ମା ରୋଗ ମୁକ୍ତ ଗ୍ରାମ ପଞ୍ଚାୟତ ଗଠନ ତାଲିମ୍, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ପୌରପରିଷଦର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ପୌର ପରିଷଦ କଲ୍ୟାଣ ମଣ୍ଡପ, ସୁନାବେଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସାମ୍ବାଦିକଙ୍କ ବିୟୋଗରେ ଶୋକସଭା, ସ୍ଥାନ: ସେମିଲିଗୁଡ଼ା ପ୍ରେସ୍ କ୍ଲବ, ସମୟ: ପୂର୍ବାହ୍ନ ୧୧ଟା।
- ଗଣେଷ ମନ୍ଦିର ଉଦ୍‌ଘାଟନ ନେଇ କଳସଯାତ୍ରା, ସ୍ଥାନ: ପଟ୍ଟାଙ୍ଗି ମେଡିକାଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି
- ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା,ସ୍ଥାନ:କାଲିମେଳା ଗୋପବନ୍ଧୁ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ:ହୀରାକୁଦ କଲୋନୀସ୍ଥିତ ଯୋଗକେନ୍ଦ୍ର, ସମୟ: ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ କାର୍ଯ୍ୟକ୍ରମ, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ: ସକାଳ ୬ଟା।
- ସ୍ୱତନ୍ତ୍ର ନୂଆଁଖାଇ ହାଟ-୨୦୨୫, ସ୍ଥାନ : ସମ୍ବଲପୁରୀ ଡେରା, ସମୟ: ସକାଳ ୮ଟା।
- ନୂଆଁଖାଇ -୨୦୨୫ ପ୍ରସ୍ତୁତି ବୈଠକ, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ: ରାତି ୭ଟା।

## ବଲାଙ୍ଗୀର
- କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବିରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ସମାବେଶ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା
- ରକ୍ତଦାନ ଶିବିର, ସ୍ଥାନ: ଡାଇମଣ୍ଡ ଭବନ, ବାସନ୍ତୀ କଲୋନି, ସମୟ: ପୂର୍ବାହ୍ନ ୧୦ଟା।
- ଦେବେନ୍ଦ୍ର ଦାଶଙ୍କ ଦ୍ୱିତୀୟ ବକ୍ତୃତାମାଳା, ସ୍ଥାନ: ପ୍ରଗତି ଉତ୍କଳ ସଂଘ, ସେକ୍ଟର-୭, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼
- ତର୍କ, ଚିତ୍ରାଙ୍କନ ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: ରାଣାପ୍ରତାପ ହାଇସ୍କୁଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅତିରିକ୍ତ ବିକାଶାତ୍ମକ କାର୍ଯ୍ୟର ଶୁଭାରମ୍ଭ, ସ୍ଥାନ: ଜିଲା ବିଜ୍ଞାନ କେନ୍ଦ୍ର, ଗୁରୁଲା, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାସନ କାର୍ଡ ବଣ୍ଟନ, ସ୍ଥାନ: ବ୍ଲକ ପରିସର, ଭଟଲି, ସମୟ: ଅପରାହ୍ନ ୧୧ଟା ୩୦।
- ଖାଦ୍ୟ ଓ ଯୋଗାଣ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ସମ୍ମିଳନୀ କକ୍ଷ, ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼, ସମୟ: ସନ୍ଧ୍ୟା ୫ଟା।

## କଳାହାଣ୍ଡି
- ଭାଜପା ରାଜ୍ୟ ସଭାପତିଙ୍କ କଳାହାଣ୍ଡି ଗସ୍ତ, ସ୍ଥାନ: ଭବାନୀପାଟଣା ସର୍କିଟ ହାଉସ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକ ସମଗ୍ର ଶିକ୍ଷା କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ, ସ୍ଥାନ: ଜୁନାଗଡ଼ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- କୃଷି ନେଇ ଜିଲାସ୍ତରୀୟ ସମନ୍ୱୟ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ଅପରାହ୍ନ ୩ଟା।
- ଏନ୍‌ଏସି ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଜିଲା ଷ୍ଟାଡ଼ିୟମ ବୌଦ୍ଧ, ସମୟ: ଅପରାହ୍ନ ୩ଟା।

## ଦେବଗଡ଼
- ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ପୁରୁଣା ମୁଖ୍ୟ ଚିକିତ୍ସାଳୟକୁ ୨୪ ଘଣ୍ଟିଆ ସେବା ଦାବି ପ୍ରସଙ୍ଗ ନେଇ ଆଗାମୀ କାର୍ଯ୍ୟପନ୍ଥା ପାଇଁ ଆଲୋଚନା, ସ୍ଥାନ: ଗୋପାଳଜୀ ମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା'କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ନୂଆପଡ଼ା
- ଜିଲା ରାଜସ୍ୱ ଅମଲା ସଂଘ ଧାରଣା ଷୋଡଶ ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଖଡିଆଳ ସାହିତ୍ୟ ସମିତି ପକ୍ଷରୁ ଗଙ୍ଗାଧର ମେହେର ଜୟନ୍ତୀ ପାଳନ, ସ୍ଥାନ: ରାଜ ଦରବାର ଖଡିଆଳ, ସମୟ: ଅପରାହ୍ନ ୪ଟା ୩୦।
- ଆବଶ୍ୟକ ସାର ଯୋଗାଣ ପାଇଁ ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ରାଶ୍ୟାଧିପତିଙ୍କ ସହ ଷଷ୍ଠଭାବସ୍ଥ ଯୋଗୁ ପାରିବାରିକ ସମସ୍ୟା ସକାଶେ ଚିନ୍ତିତ ରହିବେ। କର୍ମକ୍ଷେତ୍ରକୁ ବୁଧ ଓ ଶୁକ୍ରଙ୍କ ଦୃଷ୍ଟି ସହକର୍ମୀଙ୍କ ନିକଟରୁ ଆର୍ଥିକ ସାହାଯ୍ୟ ଭିକ୍ଷା କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ସାହିତ୍ୟରେ ସ୍ଥିତି ଭଲ ରହିବ। ସଭାସମିତିକୁ ନିମନ୍ତ୍ରିତ ହୋଇ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସିତ ହେବା ସହ ସୌଭାଗ୍ୟ ଅର୍ଜନ କରିବେ।

**ବୃଷ** ଶୁକ୍ରଙ୍କ ପ୍ରଭାବରେ ସୌଖୀନ ଦ୍ରବ୍ୟ, ବିଳାସବ୍ୟସନ, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ, କ୍ରୀଡ଼ାରେ ନୈପୁଣ୍ୟତା ପ୍ରଦାନ କରିବେ। ବନ୍ଧୁମେଳରେ କୌଣସି ଆଲୋଚନା ପରିପ୍ରେକ୍ଷୀରେ ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ଯାତ୍ରା ସମୟରେ ଅନ୍ୟମନସ୍କ ହେତୁ ବ୍ୟତିକ୍ରମ ପରିଲକ୍ଷିତ ହେବ। ଅର୍ଥ ସଙ୍କଟରୁ ଆଶା ଅପୂରଣ ରହିଯିବ।

**ମିଥୁନ** ଧନଲାଭାଧିପତିଙ୍କ ସଂଯୋଗରୁ ଅର୍ଥପ୍ରାଚୁର୍ଯ୍ୟ ଲାଭକରି ଖୁସି ମନରେ ଦିନଟିକୁ ବିତାଇନେବେ। ଯେଉଁ ବିଷୟ ନେଇ ଚିନ୍ତା କରୁଥିଲେ ଆଜି ତାହା କାମରେ କରି ଦେଖାଇବା। ବାଣିଜ୍ୟ, ପରିବହନ, ନିର୍ମାଣ ଓ ସଭାସମିତିରେ କାମ ଶୃଙ୍ଖଳିତ ହେବ। ସାହିତ୍ୟ, ସାମ୍ବାଦିକତା, ପ୍ରକାଶନ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରହେବ।

**କର୍କଟ** ଚନ୍ଦ୍ର ଓ ବୁଧଙ୍କ କ୍ଷେତ୍ର ବିନିମୟଜନିତ ପ୍ରିୟ ବନ୍ଧୁଟି ପାଖରୁ ପ୍ରେରଣା ଲାଭକରି କାର୍ଯ୍ୟାରମ୍ଭ କରିପାରନ୍ତି। ଘରକୁ ଫେରିବା ସମୟରେ ଘରର ବରାଦ ଅନୁଯାୟୀ ମନୋରଞ୍ଜନ ଜିନିଷ କ୍ରୟ କରିବେ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ସହଜରେ ପୂର୍ଣ୍ଣାଙ୍ଗ କରିବେ। ବିରୋଧ କରୁଥିବା ବ୍ୟକ୍ତି ପ୍ରତି ଯଥା ସମ୍ଭବ ଜଗିରଖି ଚଳିବା ଭଲ ହେବ।

**ସିଂହ** କର୍ମାଧିପତି ଦ୍ୱାଦଶସ୍ଥ ଯୋଗୁ କର୍ମକ୍ଷେତ୍ରରେ ସହକର୍ମୀ ବିରୁଦ୍ଧାଚରଣ ଚେଷ୍ଟା କରିପାରନ୍ତି। ପରିବାରରେ ଅଯଥା ସାଧାରଣ କଥାକୁ କେନ୍ଦ୍ରକରି ବିତର୍କର ସୂଚନା ରହିଛି। ଗୃହ, ଯାନ କ୍ରୟ, ଭ୍ରମଣ,ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ସାହିତ୍ୟ ଚର୍ଚ୍ଚା, ଗବେଷଣା, ଅନୁସନ୍ଧାନ ଓ ରାଜନୀତିରେ ସଫଳ ହୋଇପାରିବେ।

**କନ୍ୟା** ଅଷ୍ଟମାଧିପତିଯୁକ୍ତ ଲାଭାଧିପତି ଯୋଗୁ ଅନେକ ଆଶା ନେଇ ଯାହା କରିବାକୁ ଯାଉଛନ୍ତି ସେଥିରେ ସଫଳତା ପାଇବା କଷ୍ଟକର ହେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି ସମସ୍ୟାକୁ ବଢ଼ାଇଦେଇପାରେ। ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧହେବେ।

**ତୁଳା** ଆଜିର କାମଗୁଡ଼ିକ ସଂଘର୍ଷପୂର୍ଣ୍ଣ ରହିଲେ ମଧ ଲକ୍ଷ୍ୟହାସଲ କରିପାରିବେ। ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ଜଣେ ବନ୍ଧୁ ଖୁସି ଖବର ସାଙ୍ଗକୁ କିଛି ଅର୍ଥ ଦେଇଯିବେ। ଆଜିର ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିବ, କିନ୍ତୁ ବିଶେଷ ଗୁରୁତର ହେବ ନାହିଁ।

**ବିଛା** ସ୍ୱଗୃହୀ ରବିଙ୍କ ଯୋଗୁ କର୍ମକ୍ଷେତ୍ରରେ ବହୁଦିଗରୁ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆଶାନୁରୂପ ଫଳ ପାଇ ଖୁସି ହେବେ। ଦୀର୍ଘଦିନର ବିବାଦୀୟ ଘଟଣାର ଅବସାନ ଘଟିବ, କିନ୍ତୁ ଏଥିପାଇଁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ।

**ଧନୁ** ଗୁରୁଙ୍କ ଅନୁକମ୍ପାରୁ ବନ୍ଧୁଙ୍କ ସଦ୍‌ଭାବ, ସହକର୍ମୀଙ୍କ ସହଯୋଗ କାମ ହାସଲକୁ ତ୍ୱରାନ୍ୱିତ କରିବ। ଅଫିସରେ ଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଭୁଲ୍ ଖବରଟିଏ ପାଇ ବିବ୍ରତ ହୋଇପାରନ୍ତି। ବନ୍ଧୁଙ୍କ ଅନୁରୋଧରେ ଭ୍ରମଣହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେବ। ଆର୍ଥିକ ଉନ୍ନତିରେ ଆଶା ଉଜ୍ଜ୍ୱଳତର ହେବ ।

**ମକର** ତୃତୀୟସ୍ଥ ଶନିଙ୍କ ଯୋଗୁ ପ୍ରିୟଜନଙ୍କ ପରାମର୍ଶରେ ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। କର୍ମକ୍ଷେତ୍ରରେ ସାହାଯ୍ୟର ପ୍ରତିଶ୍ରୁତି ପାଇ ମନୋବଳ କ୍ରମଶଃ ବୃଦ୍ଧିପାଇବ। ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ, କିନ୍ତୁ ବ୍ୟବସାୟିକ ଦିଗଟି ଭଲ ରହିବ। ଆଜିର ଯାତ୍ରା ଓ ଆନୁଷ୍ଠାନିକ କାମରୁ ସାମୟିକ ଖୁସି ରହିପାରନ୍ତି।

**କୁମ୍ଭ** ଚନ୍ଦ୍ରଙ୍କ ଉପରେ ଶନିଦୃଷ୍ଟିଜନିତ ଅଧିକାଂଶ ସମୟ ଅନ୍ୟମନସ୍କ ରହିବାରୁ ପ୍ରକୃତ ଆନନ୍ଦକୁ ଉପଭୋଗ କରି ପାରିବେ ନାହିଁ। ଅପ୍ରିୟ ସତ୍ୟ କଥା ବନ୍ଧୁଙ୍କ ମନରେ ଦୁଃଖ ଦେବ। କର୍ମକ୍ଷେତ୍ରରେ ପ୍ରତିବନ୍ଧକକୁ ସାମ୍ନା କରିବାର ଧୈର୍ଯ୍ୟ ଧରି ମୁକାବିଲାର ସମ୍ମୁଖୀନ ହେବେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ସମସ୍ୟା ବଢ଼ିପାରେ।

**ମୀନ** ସ୍ୱସ୍ଥାନହନ୍ତା ବୃହସ୍ପତିଙ୍କ କୁପ୍ରଭାବରେ ପାରିବାରିକ କ୍ଷେତ୍ରରେ ରହିଆସିଥିବା ସମସ୍ୟା ହେତୁ ଦୁର୍ଭାବନା ବଢ଼ିବ। ପରିବହନ, ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିବେ। ଆନୁଷ୍ଠାନିକ କାର୍ଯ୍ୟରେ ଅଗ୍ରଣୀ ଭୂମିକା ଗ୍ରହଣକରି ପ୍ରଶଂସିତ ହେବ।

ଆଜି ଅଗଷ୍ଟ ୨୬ ତାରିଖ, ମଦର ଟେରେସା ଜୟନ୍ତୀ, ଶ୍ରୀମନ୍ଦିରରେ ଅନ୍ଧପ୍ରସ୍ତାବ ଲୀଳା, ବାଲିତୃତୀୟା ଗୌରୀବ୍ରତ, ଭାଦ୍ରବ ଶୁକ୍ଳ ତୃତୀୟାଯୁକ୍ତ ଚତୁର୍ଥୀ ମଙ୍ଗଳବାର। ରାଶିନକ୍ଷତ୍ର-ହସ୍ତା/କନ୍ୟା, ତୃତୀୟାର ଏକୋଦ୍ଦିଷ୍ଟ ଶ୍ରାଦ୍ଧ। ଦିବା ଘ.୦୮।୪୦ ଗତେ, ଘ.୧୦।୩୩ ମଧ୍ୟେ, ଘ.୦୧।୦୩ ଗତେ, ଘ.୦୧।୨୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୫୫ ଗତେ, ଘ.୦୪।୨୯ ମଧ୍ୟେ ରାହୁକାଳ।

# ସ୍କୁଲ, କଲେଜ କ୍ୟାମ୍ପସ ଡ୍ରଗ୍ସ ଫ୍ରି କରିବାକୁ ନିର୍ଦ୍ଦେଶ

**ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କଲେ ମୁଖ୍ୟଶାସନ ସଚିବ**

ଭୁବନେଶ୍ୱର,୨୫।୮ (ସତ୍ୟଜିତ୍ ରାଉତ)

ଯୁବପିଢ଼ି ନିଶା କବଳରେ ପଡୁଥିବାରୁ ଏହା ରାଜ୍ୟ ପାଇଁ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି। ମାଦକଦ୍ରବ୍ୟ ଚୋରା ଚାଲାଣ ଓ ନିଶାଦ୍ରବ୍ୟ ସେବନ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ସୋମବାର ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ମୁଖ୍ୟ ଶାସନ ସଚିବ ଏଥିରେ ଅଧ୍ୟକ୍ଷତା କରିବା ସହ ସମୀକ୍ଷା କରି ସ୍କୁଲ ଓ କଲେଜ କ୍ୟାମ୍ପସକୁ ଡ୍ରଗ୍ସ ଫ୍ରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଶିକ୍ଷାନୁଷ୍ଠାନ ସଂଲଗ୍ନ ଅଞ୍ଚଳରେ ନିଶାଦ୍ରବ୍ୟ କାରବାର ରୋକିବାକୁ କହିଛନ୍ତି। ମାଦକଦ୍ରବ୍ୟ ଚୋରାଚାଲାଣ ଓ ସପ୍ଲାଏ ଚେନ୍ ରୋକିବା ସହ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି।

# ସର୍ଦ୍ଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଲାଗି ଗଠନ ହେବ କମିଟି

ଭୁବନେଶ୍ୱର,୨୫।୮ (ସୁନିତ୍ ମିଶ୍ର)

ଦାଦନ ଶ୍ରମିକ ହାର ହ୍ରାସ, ଶ୍ରମିକ ସର୍ଦ୍ଦାରମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଏକ କମିଟି ଗଠନ କରାଯିବ। ଏହି କମିଟି ପ୍ରବର୍ତ୍ତନ ଅଧିକାରୀ, ପୋଲିସ ଅଧିକାରୀ, ରେଳ ଅଧିକାରୀ ଏବଂ ଜିଲା ପ୍ରଶାସନ ସହିତ ସମନ୍ୱୟ ରଖି ମିଶନ ମୋଡ଼ରେ କାର୍ଯ୍ୟ କରିବେ। ଯେଉଁ ରାଜ୍ୟକୁ ଦାଦନ ଯାଉଛନ୍ତି ସେଠାରେ ଓଡ଼ିଶା ଟିମ୍ ଗସ୍ତ କରିବ। କାହିଁକି ସେହି ରାଜ୍ୟଗୁଡ଼ିକୁ ଓଡ଼ିଶାରୁ ଦାଦନ ଯାଉଛନ୍ତି ସେହି ରାଜ୍ୟ ସହିତ ଆଲୋଚନା ହେବ। ତା'ର କାରଣ ଖୋଜାଯାଇ ନିରାକରଣ ବାହାର କରାଯିବ।

**ଦାଦନ ଶ୍ରମିକ ହ୍ରାସ କରିବାକୁ ଟାସ୍କଫୋର୍ସ କମିଟିର ବୈଠକ**

ଧାନ କୁଇଣ୍ଟାଲ ପିଛା ୮୦୦ ଟଙ୍କା ଇନ୍‌ପୁଟ୍ ସବସିଡି ଯୋଗୁ ଦାଦନ କମିଛି। ସମ୍ପୂର୍ଣ୍ଣ ରୋକିବା ଦିଗ ଉପରେ ଆଲୋଚନା କରୁଛୁ ବୋଲି ସୋମବାର ଲୋକସେବା ଭବନଠାରେ ଅନୁଷ୍ଠିତ ଦାଦନ ଶ୍ରମିକ ହ୍ରାସ ସମ୍ପର୍କିତ ଉଚ୍ଚସ୍ତରୀୟ ବୈଠକ ପରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି।

# ଓଡ଼ିଶା ହେବ ଇଲେକ୍ଟ୍ରୋନିକ୍ସ କମ୍ପୋନେଣ୍ଟ ହବ୍

**ଇସିଏମ୍ ନୀତିକୁ କ୍ୟାବିନେଟ୍‌ର ମୋହର**

ଭୁବନେଶ୍ୱର,୨୫।୮ (ରବିନାରାୟଣ ଜେନା)

ଓଡ଼ିଶାକୁ ଏକ ଇଲେକ୍ଟ୍ରୋନିକ୍ସ କମ୍ପୋନେଣ୍ଟ ଉତ୍ପାଦନ (ଇସିଏମ୍) ହବ୍‌ରେ ପରିଣତ କରିବା ପାଇଁ ରାଜ୍ୟ ସରକାର ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଓଡ଼ିଶା ଇଲେକ୍ଟ୍ରୋନିକ୍ସ କମ୍ପୋନେଣ୍ଟ ଉତ୍ପାଦନ ନୀତି-୨୦୨୫କୁ ଅନୁମୋଦନ କରାଯାଇଛି। ବୈଠକ ପରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଛନ୍ତି, ଏହି ନୀତି କାର୍ଯ୍ୟକାରୀ ହେବା ପରେ ଉଚ୍ଚ ଦକ୍ଷତାସମ୍ପନ୍ନ ନିଯୁକ୍ତି ସୃଷ୍ଟି ହେବା ସହ ଭାରତର ଇଲେକ୍ଟ୍ରୋନିକ୍ସ କମ୍ପୋନେଣ୍ଟଗୁଡ଼ିକର ଆମଦାନୀ ନିର୍ଭରତାକୁ ହ୍ରାସ କରିବ। ଏହି ନୀତିରେ ଏକ ସମ୍ପୂର୍ଣ୍ଣ ପ୍ରୋତ୍ସାହନ ଫ୍ରେମ୍‌ୱର୍କ ରହିଛି, ଯାହା କେନ୍ଦ୍ର ସରକାରଙ୍କ ଇଲେକ୍ଟ୍ରୋନିକ୍ସ କମ୍ପୋନେଣ୍ଟ ଉତ୍ପାଦନ ଯୋଜନା (ଇସିଏମ୍‌ଏସ୍)ର ସହାୟତାକୁ ପୂର୍ଣ୍ଣରୂପେ ମ୍ୟାଚ୍ କରୁଛି। ନିବେଶକାରୀମାନେ ପ୍ରଥମ ୧୦ଟି ମେଗା ପ୍ରକଳ୍ପ ୫୦% ପୁଞ୍ଜି ସବ୍‌ସିଡି ବାଛିପାରିବେ କିମ୍ବା ମ୍ୟାଚିଂ ସବ୍‌ସିଡି ସହ ଟର୍ନଓଭର୍-ଲିଙ୍କ୍‌ଡ ପ୍ରୋତ୍ସାହନ ଏବଂ ଅତିରିକ୍ତ ପୁଞ୍ଜି ସବ୍‌ସିଡି ଦ୍ୱାରା ପରିପୂରକ ସବ୍‌ସିଡି ମଧ୍ୟରୁ ଗୋଟିଏକୁ ବାଛିପାରିବେ। ଅନ୍ୟାନ୍ୟ ମୁଖ୍ୟ ଲାଭ ମଧ୍ୟରେ ଜମି ବଣ୍ଟନ, ଭଡ଼ା ସହାୟତା, ୧୦ ବର୍ଷର ବିଦ୍ୟୁତ୍ ଶୁଳ୍କ ଛାଡ଼ ଏବଂ ବିଦ୍ୟୁତ୍ ଟାରିଫ୍ ରିମ୍ବର୍ସମେଣ୍ଟ ରହିଛି, ଯାହା ପ୍ରକଳ୍ପ ନିବେଶର ୭୫% ମଧ୍ୟରେ ସୀମିତ ରହିବ। ଏହାଛଡ଼ା ମେଗା ପ୍ରୋଜେକ୍ଟଗୁଡ଼ିକ ପାଇଁ ବିଶେଷ ବ୍ୟବସ୍ଥା ରହିଛି, ଯେଉଁଥିରେ ୫୦୦ କୋଟି ଟଙ୍କାରୁ ଅଧିକ ବିନିଯୋଗ କିମ୍ବା ୧୦୦୦ରୁ ଅଧିକ ନିଯୁକ୍ତି ସୃଷ୍ଟି କରୁଥିବା ପ୍ରକଳ୍ପଗୁଡ଼ିକୁ କଷ୍ଟୋମାଇଜଡ୍ ରିହାତି ପ୍ରଦାନ କରାଯିବ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସାତ ଥର ଯିବ ଗଙ୍ଗା,**
**ଥରେ ଯାଇଥିବ ଚନ୍ଦରଭାଗା,**
**ମୁହଁ ପଡ଼ିଯିବ ରଙ୍ଗା।**

ଆଗକାଳରେ ଗମନାଗମନର ସେତେଟା ସୁବିଧା ନ ଥିଲା। ପ୍ରମୁଖ ସ୍ଥାନକୁ ବାଦ୍ ଦେଲେ ଅନ୍ୟ ସ୍ଥାନକୁ ଯିବା ଆସିବାରେ ଲୋକେ ଅଧିକ ହଇରାଣ ହରକତ ହେଉଥିଲେ। ସେହିପରି ଗଙ୍ଗା ଭଳି ଚନ୍ଦ୍ରଭାଗା ସ୍ଥଳର ପରିଚ୍ଛନ୍ନତା ସେତେଟା ଆଖିଦୃଶିଆ ବା ଉଚ୍ଚକୋଟୀର ନ ଥିଲା। ଫଳରେ ଲୋକେ ସେଠାକୁ ଯିବା ନିମନ୍ତେ ସେତେ ଆଗ୍ରହ ଦେଖାଉ ନ ଥିଲେ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ସଞ୍ଜେ ସକାଳେ ନିଦ ଯାଏ,**
**ତା'ରି ପଇସା ବଇଦ ଖାଏ।**

ସକାଳେ ଓ ସନ୍ଧ୍ୟାକାଳରେ ନିଦ୍ରା ଯିବା ନେଇ ବାରଣ କରାଯାଇଥାଏ। ଏଭଳି ସମୟରେ ନିଦ୍ରା ଗଲେ ଦେହ ଅସୁସ୍ଥ ରହିବାର ସମ୍ଭାବନା ରହିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବିଧାନସଭା: ପୂର୍ବତନ ବିଧାୟକ କରେନ୍ଦ୍ରଙ୍କୁ ଶେଷ ସମ୍ମାନ



ଭୁବନେଶ୍ୱର,୨୫।୮ (ରବିନାରାୟଣ ଜେନା)

କନ୍ଧମାଳ ଜିଲା ବାଲିଗୁଡ଼ାର ପୂର୍ବତନ ବିଧାୟକ କରେନ୍ଦ୍ର ମାଝୀଙ୍କୁ ସୋମବାର ବିଧାନସଭାରେ ପୋଲିସ ବାହିନୀ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ା, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ,ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବିଧାୟକ ବାବୁ ସିଂ, ପୋଲିସ କମିଶନର ଏସ. ଦେବଦତ୍ତ ସିଂ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମାଝୀଙ୍କୁ ପୁଷ୍ପାର୍ଘ୍ୟ ଅର୍ପଣପୂର୍ବକ ଶେଷ ଦର୍ଶନ କରିଥିଲେ।

# ଯାଜପୁରରେ ବନ୍ୟା...

ପ୍ରଥମ ପୃଷ୍ଠାରୁ...

ପ୍ରାୟ ୧୦ ଫୁଟ୍ ଉଚ୍ଚରେ ପ୍ରବାହିତ ହେଉଥିଲା। ଅହିୟାସ ବଜାରରେ ପାଣି ଲହଡ଼ି ମାରୁଥିବାବେଳେ କାଟିଆ ଓ ବୈଶପାନ ମୁଖ୍ୟ ରାସ୍ତାରେ ୪ ଫୁଟ୍ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି। ଯୋଗାଯୋଗ ସମ୍ପୂର୍ଣ୍ଣ ବ୍ୟାହତ ହେବା ସହ ଶତାଧିକ ଲୋକଙ୍କ ଘରେ ବନ୍ୟାପାଣି ପଶିଯାଇଛି। ଘାଇ ନିକଟରେ ଥିବା ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଘରର ଝରକା ପର୍ଯ୍ୟନ୍ତ ପାଣି ଲାଗି ରହିଛି। ଲୋକେ ଜୀବନ ବିକଳରେ ଘରୁ ପଳାଇଆସି ନଦୀବନ୍ଧ, ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକରେ ଆଶ୍ରୟ ନେଇଛନ୍ତି। ଏହି ଘାଇ ଫଳରେ ବ୍ଲକର କସ୍‌ପା, ତରପଦା, ମଲ୍ଲିକାପୁର, କନିକାପଡ଼ା, ଛଟିଣା, ମଙ୍ଗଳପୁର, ଶୁଶୁଆ, ଦୁଦୁରାଅଣ୍ଟା, ନିଜାମପୁର, ଦଉପୁର, ଖାନନଗର, କମାରଡିହି, କର୍ଣ୍ଣା ଆଦି ପଞ୍ଚାୟତ ଅଞ୍ଚଳରେ ବନ୍ୟା ପାଣି ପ୍ରବେଶ କରିଛି। ବହୁ ହଜାର ହେକ୍ଟର ଧାନଜମିରେ ପାଣି ମାଡ଼ିଯାଇଛି। ବନ୍ୟାଘେରରେ ଥିବା କଟିକଟା ତରେଇ ସାହିର ୭୦ବର୍ଷ ବୟସ୍କା ଭାଗବତ ମାଝି ବୈତରଣୀ ନଦୀର ବନ୍ୟାସ୍ରୋତରେ ଭାସିଯାଇଛନ୍ତି। ଖବର ପାଇ ଦମକଳ ବାହିନି ସହ ଓଡ୍ରାଫ୍ ଟିମ୍ ଭାସିଯାଇଥିବା ଭାଗବତଙ୍କୁ ନଦୀଗର୍ଭରୁ ଉଦ୍ଧାର କରିବା ପରେ ଜିଲା ସଦରମହକୁମା ଚିକିତ୍ସାଳୟକୁ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଘାଇ ହୋଇଥିବା ଖବର ପାଇ ଜିଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲାପାଳ ଶିବାନନ୍ଦ ସ୍ୱାଇଁ, ବିଡିଓ ଆକାଶ ପଟ୍ଟନାୟକ ପ୍ରମୁଖ ସେଠାରେ ପହଞ୍ଚିବା ସହ ପାଣିଘେରରେ ଥିବା ଲୋକମାନଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର ବ୍ୟବସ୍ଥା କରିଛନ୍ତି। ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ବିଧାୟିକା ସୁଜାତା ସାହୁ, ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ଭାଜପା ନେତା ଗୌତମ ରାୟ, ସଂଜୟ ନାୟକ, ରମେଶ ଚନ୍ଦ୍ର ସାମଲ, ପ୍ରତ୍ୟୁଷ ନାୟକ, ଇନ୍ଦ୍ରଜିତ ଦାସ, ନିରଞ୍ଜନ ସାହୁ, ରମାକାନ୍ତ ଜେନା ପ୍ରମୁଖ ଘାଇ ଅଞ୍ଚଳ ପରିଦର୍ଶନ କରି ଲୋକମାନଙ୍କୁ ଉଦ୍ଧାର ସହ ରିଲିଫ୍ ସାମଗ୍ରୀ ଯୋଗାଇ ଦେବା ପାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି। ସେହିପରି ଜଳସମ୍ପଦ ବିଭାଗ ପକ୍ଷରୁ ବନ୍ୟା ଉପରେ ସମ୍ପୂର୍ଣ୍ଣ ନଜର ରଖାଯାଇଛି। ଯାଜପୁର ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରତ୍ନାକର ଦଳାଇ, ସହକାରୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି, କନିଷ୍ଠ ଯନ୍ତ୍ରୀ ଅରୁଣ ତ୍ରିପାଠୀ ପ୍ରମୁଖ ବନ୍ୟା ପ୍ଳାବିତ ଦଶରଥପୁର ବ୍ଲକରେ ଡେରା ପକାଇ ବୈତରଣୀ ଓ କାଣୀ ନଦୀବନ୍ଧରେ ବିଭିନ୍ନ ସ୍ଥାନରେ ହୋଇଥିବା ଘଳିଆଗୁଡିକୁ ମରାମତି କରିବା ସହ ଦୁର୍ବଳ ସ୍ଥାନଗୁଡ଼ିକ ଉପରେ ନଜର ରଖିଛନ୍ତି।

# ଓଡ଼ିଆ ଆଦିବାସୀ ଝିଅଙ୍କୁ ମିଳିବ ସ୍ୱତନ୍ତ୍ର ପାଇଲଟ ଟ୍ରେନିଂ

ଭୁବନେଶ୍ୱର,୨୫।୮
(ଅନୁରାଧା ମହାରଣା)

ଓଡ଼ିଶାର ଆଦିବାସୀ ଝିଅ ହେବେ ପାଇଲଟ୍। ଏଥିପାଇଁ ରାଜ୍ୟ ସରକାର ବିଲ୍ଡିଂ ଆଣ୍ଡ୍ ମ୍ୟାନେଜମେଣ୍ଟ ଅଫ୍ ଆଭିଏଶନ୍ ଆସେଟ୍ସ ଆଣ୍ଡ୍ ନେଟଓ୍ୱର୍କ (ବିମାନ) ଅଧୀନରେ କ୍ୟାଡେଟ ପାଇଲଟ ପ୍ରୋଗ୍ରାମ ଆରମ୍ଭ କରିବାକୁ ଯାଉଛନ୍ତି। ଆଦିବାସୀ ଝିଅମାନଙ୍କୁ ପାଇଲଟ ହେବା ପାଇଁ ସ୍ୱତନ୍ତ୍ର ଟ୍ରେନିଂ ଦିଆଯିବ। ଭୁବନେଶ୍ୱରଠାରେ ଆୟୋଜିତ ପୂର୍ବାଞ୍ଚଳ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀମଣ୍ଡଳ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘୋଷଣା କରିଛନ୍ତି। ସମ୍ମିଳନୀରେ ରାଜ୍ୟ ସରକାର ବିମାନ ମେଣ୍ଟେନାନ୍ସ, ରିପେୟାର ଆଣ୍ଡ୍ ଓଭରହଲ୍(ଏମ୍ଆର୍ଓ) ସେବାଦାତା ଏୟାର ୱାର୍କସ୍ ସହ ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଚୁକ୍ତି ଅନୁସାରେ, ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏକ ଆଧୁନିକ ଏମ୍ଆର୍ଓ ସୁବିଧା ସ୍ଥାପିତ ହେବ। ଏଥିସହିତ ରାଜ୍ୟର ଯୁବକମାନଙ୍କ ପାଇଁ ଦକ୍ଷତା ବିକାଶ, ପ୍ରଶିକ୍ଷଣ ଓ ଚାକିରି ସୁଯୋଗ ସୃଷ୍ଟି ଲାଗି ମଧ୍ୟ ଏୟାର ୱାର୍କସ୍ ସହ ଆଉଏକ ଚୁକ୍ତି ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜାତୀୟ ଓ ଅନ୍ତର୍ଜାତୀୟ ବିମାନ ପରିବହନ କ୍ଷେତ୍ରରେ, ଓଡିଶାକୁ ଆଗକୁ ନେବା ପାଇଁ ଢେଙ୍କାନାଳ ଜିଲାର ବିରାଶୋଳଠାରେ ଏକ ବିଶ୍ୱସ୍ତରୀୟ ବିମାନ ପ୍ରଶିକ୍ଷଣ କେନ୍ଦ୍ର ନିର୍ମାଣ ହେବାକୁ ଯାଉଛି। ପୁରୀରେ ଏକ ବିଶ୍ୱସ୍ତରୀୟ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ହେଉଛି ଓ ଏହି ବିମାନବନ୍ଦର ସାରା ବିଶ୍ୱର କୋଟି କୋଟି ଜଗନ୍ନାଥ ଭକ୍ତଙ୍କ ପାଇଁ ଏକ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଦ୍ୱାରପଥ ହେବ। ଏଥିସହିତ ଝାରସୁଗୁଡା ବିମାନବନ୍ଦରର ସମ୍ପ୍ରସାରଣ ପାଇଁ ଜମି ବ୍ୟବସ୍ଥା କରାଯାଇଛି। ଗତ ୧୪ ମାସ ମଧ୍ୟରେ ଓଡିଶାର ବିମାନବନ୍ଦରଗୁଡ଼ିକୁ ୧୫ଟି ନୂଆ ଗନ୍ତବ୍ୟ ସହିତ ଯୋଡ଼ାଯାଇଛି। ସେହିପରି ରାଜ୍ୟର ବିମାନବନ୍ଦରଗୁଡ଼ିକ ପାଇଁ ସରକାର ଏକ ପ୍ରୋଗ୍ରେସିଭ୍ ଲ୍ୟାଣ୍ଡ୍ ଆଲଟମେଣ୍ଟ୍ ପଲିସି ଆଣିବାକୁ ଯାଉଛନ୍ତି। ଏହି ପଲିସି ଅନୁସାରେ, ବିମାନ ବନ୍ଦରଗୁଡ଼ିକ ଭିତରେ ଫ୍ଲାଇଂ ପ୍ରଶିକ୍ଷଣ, ୟୁଏଭି ପ୍ରଶିକ୍ଷଣ ଓ ବିମାନ କ୍ରୀଡ଼ା କାର୍ଯ୍ୟକଳାପ ସମ୍ଭବ ହେବ। ରାଜ୍ୟରେ ବ୍ୟବହାର ହେଉ ନ ଥିବା ବିମାନ ପଥ (ଏୟାରଷ୍ଟ୍ରିପ୍)ଗୁଡ଼ିକୁ ସରକାର ବିମାନବନ୍ଦର ରୂପେ ବିକଶିତ କରୁଛନ୍ତି। ଏଭଳି ୧୪ଟି ବିମାନବନ୍ଦର ହେବ। ଯେଉଁ ଜିଲାରେ ବିମାନବନ୍ଦର ନାହିଁ, ସେଠାରେ ୧୫ଟି ହେଲିପୋର୍ଟ ସ୍ଥାପନ ହେବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ସମ୍ମିଳନୀରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ କିଞ୍ଜାରାପୁ ଯୋଗଦେଇ କହିଲେ, ହାୱାଇ ଚପଲ ପିନ୍ଧିଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ଏବେ ଉଡ଼ାଜାହାଜରେ ଯିବା ସୁଯୋଗ ମିଳିବ। ପ୍ରଧାନମନ୍ତ୍ରୀଙ୍କ ଏହି ସ୍ୱପ୍ନକୁ ସରକାର ସମ୍ପୂର୍ଣ୍ଣ ରୂପରେ କାର୍ଯ୍ୟକାରୀ କରିବାକୁ ପ୍ରୟାସ କରୁଛନ୍ତି। ଓଡ଼ିଶାକୁ ବିମାନ ଚଳାଚଳ ଭିତ୍ତିଭୂମି ପାଇଁ ସବୁ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି କିଞ୍ଜାରାପୁ ପ୍ରତିଶ୍ରୁତି ଦେଇଛନ୍ତି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହଲ, ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ଛତିଶଗଡ଼ ଅର୍ଥମନ୍ତ୍ରୀ ଓମ୍ ପ୍ରକାଶ ଚୌଧୁରୀ ପ୍ରମୁଖ ଯୋଗଦେଇ ଅଭିଭାଷଣ ରଖିଥିଲେ। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ସଚିବ ସମୀର ସିହ୍ନା ସ୍ୱାଗତ ଭାଷଣ ଦେଇଥିବା ବେଳେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ବିବରଣୀ ରଖିବା ସହ ଧନ୍ୟବାଦ ଦେଇଥିଲେ।



ପୂର୍ବାଞ୍ଚଳ ବେସାମରିକ ବିମାନ ଚଳାଚଳ ମନ୍ତ୍ରିମଣ୍ଡଳ ସମ୍ମିଳନୀରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ କିଞ୍ଜାରାପୁ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ଦୁଇ ମନ୍ତ୍ରୀଙ୍କ ଉପସ୍ଥିତିରେ ଏୟାର ୱାର୍କସ ସହ ଚୁକ୍ତିସ୍ୱାକ୍ଷର କରାଯାଉଛି।

**ପୂର୍ବାଞ୍ଚଳ ବେସାମରିକ ବିମାନ ପରିବହନ ମନ୍ତ୍ରିମଣ୍ଡଳ ସମ୍ମିଳନୀ**

- ଢେଙ୍କାନାଳରେ ହେବ ବିଶ୍ୱସ୍ତରୀୟ ବିମାନ ପ୍ରଶିକ୍ଷଣ କେନ୍ଦ୍ର
- ବିମାନ ବନ୍ଦରଗୁଡ଼ିକ ପାଇଁ ଆସିବ ପ୍ରୋଗ୍ରେସିଭ୍ ଲ୍ୟାଣ୍ଡ୍ ଆଲଟମେଣ୍ଟ୍ ପଲିସି

## ରାଜସ୍ୱ ଅମଲା କର୍ମଚାରୀଙ୍କୁ ଶୃଙ୍ଖଳା ଛାଟ

### ସବୁ ଜିଲାପାଳଙ୍କଠାରୁ ସରକାର ଲୋଡ଼ିଲେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ

ଭୁବନେଶ୍ୱର,୨୫।୮
(ରବିନାରାୟଣ ଜେନା)

ଦୀର୍ଘ ୧୪ଦିନ ଧରି ୧୦ଦଫା ଦାବି ନେଇ ଧାରଣାରତ ରାଜସ୍ୱ ଅମଲା କର୍ମଚାରୀଙ୍କ ଉପରେ ରାଜସ୍ୱ ବିଭାଗର ଛାଟ ପଡ଼ିଛି। ସୋମବାର ରାଜସ୍ୱ ବିଭାଗ ପକ୍ଷରୁ ସବୁ ଜିଲାପାଳଙ୍କୁ ଚିଠି ଲେଖାଯାଇ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଲୋଡ଼ାଯାଇଛି। ଏନେଇ ରାଜସ୍ୱ ବିଭାଗ ଅତିରିକ୍ତ ସଚିବ ଆଲୋମଣି ସେଠୀ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ଛୁଟିରେ ଯାଇଥିବା ସମସ୍ତ କର୍ମଚାରୀଙ୍କ ତାଲିକା ସହିତ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତା'ର ରିପୋର୍ଟ ତୁରନ୍ତ ସରକାରଙ୍କୁ ଅବଗତ କରାଅ।

## ଭୁବନେଶ୍ୱର ବିମାନବନ୍ଦରରେ ୧୦ ଟଙ୍କାରେ ଚା', ପାଣି

ଭୁବନେଶ୍ୱର,୨୫।୮
(ଅନୁରାଧା ମହାରଣା)

**ଉଡାଣ ଯାତ୍ରୀ କାଫେ, କିଡ୍ସ ପ୍ଲେ ଜୋନ୍ ଉଦ୍‌ଘାଟିତ**

ଭାରତୀୟ ବିମାନବନ୍ଦର ପ୍ରାଧିକରଣ (ଏଏଆଇ) ପକ୍ଷରୁ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଟର୍ମିନାଲ-୧ରେ ଯାତ୍ରୀଙ୍କ ପାଇଁ ସୁଲଭ ମୂଲ୍ୟରେ ଖାଦ୍ୟ ଓ ପାନୀୟ ଯୋଗାଇ ଦେବାକୁ 'ଉଡାଣ ଯାତ୍ରୀ କାଫେ' ଖୋଲାଯାଇଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ କିଞ୍ଜାରାପୁ ସୋମବାର ଏହି କାଫେର ଉଦ୍‌ଘାଟନ କରି କହିଛନ୍ତି, ଉଡାଣ ଯୋଜନା ବିମାନ ଯାତ୍ରାକୁ ସମସ୍ତଙ୍କ ପାଇଁ ସୁଗମ କରିବା ଲାଗି ଆରମ୍ଭ ହୋଇଥିଲା। ବିମାନବନ୍ଦର ପରିସରରେ ଖାଦ୍ୟ ଓ ପାନୀୟର ଅଧିକ ମୂଲ୍ୟ ନେଇ ବାରମ୍ବାର ଅଭିଯୋଗ ଆସୁଥିଲା। 'ଉଡାଣ ଯାତ୍ରୀ କାଫେ' ସେହି ସମସ୍ୟାର ସମାଧାନ କରୁଛି। ଏହି କାଫେରେ ଏକ ବୋତଲ ପାଣି ଏବଂ ଏକ କପ ଚା' ମାତ୍ର ୧୦ ଟଙ୍କାରେ ମିଳୁଛି, ଆଉ ସିଙ୍ଗଡ଼ାର ମୂଲ୍ୟ ୨୦ ଟଙ୍କା ରହିଛି। ଏହା ପୂର୍ବରୁ କୋଲକାତାରେ ପ୍ରଥମ ଏଭଳି କାଫେ ଖୋଲାଯାଇଥିଲା।

## ଓଡ଼ିଶାର ୨ ଶିକ୍ଷକଙ୍କୁ ଜାତୀୟ ପୁରସ୍କାର



ବସନ୍ତ କୁମାର ରଣା ଓ ତରୁଣ କୁମାର ଦାଶ।

ମାଲକାନଗିରି/କୋରାପୁଟ, ୨୫।୮ (ଦୁର୍ଯ୍ୟୋଧନ ପାତ୍ର/ ଅମିତାଭ ବେହେରା)

ମାଲକାନଗିରିର ଶିକ୍ଷକ ବସନ୍ତ କୁମାର ରଣା ଓ କୋରାପୁଟର ତରୁଣ କୁମାର ଦାଶ ୨୦୨୫ ମସିହା ପାଇଁ ଜାତୀୟ ଶିକ୍ଷକ ପୁରସ୍କାର ପାଇବା ଲାଗି ମନୋନୀତ ହୋଇଛନ୍ତି। ମାଲକାନଗିରି କନ୍ଦେଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ ବସନ୍ତ କାର୍ଯ୍ୟରତ ଅଛନ୍ତି। ପୁରସ୍କାର ବାବଦକୁ ଉଭୟ ୫୦ ହଜାର ଟଙ୍କାର ଅର୍ଥ ରାଶି ଓ ମାନପତ୍ର ୫ ସେପ୍ଟେମ୍ବର ଗୁରୁ ଦିବସରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଗ୍ରହଣ କରିବେ। ଏହି ଅବସରରେ ମାଲକାନଗିରି ଜିଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ବସନ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି କୋରାପୁଟର ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ତରୁଣ କାର୍ଯ୍ୟରତ ଅଛନ୍ତି। ଜାତୀୟ ଶିକ୍ଷକ ସମ୍ମାନ ପାଇଁ ମନୋନୀତ ହୋଇଥିବାରୁ ତାଙ୍କୁ କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଶୁଭେଚ୍ଛା ଜଣାଇଛନ୍ତି। ପୂର୍ବରୁ କ୍ଷୁଦ୍ର ଚଳଚ୍ଚିତ୍ର ପହିଆ କୁର୍ସି ପାଇଁ ସେ ଜାତୀୟ ପୁରସ୍କାର ପାଇଛନ୍ତି। ତାଙ୍କ ଦ୍ୱାରା ନିର୍ଦ୍ଦେଶିତ ସଚେତନତା ଧର୍ମୀ କ୍ଷୁଦ୍ର ଚଳଚ୍ଚିତ୍ର 'ସଡ଼କ' ଓ 'ବାବାଜୀ କି ଠେଲା' ଜାତୀୟସ୍ତରରେ ପ୍ରଶଂସିତ ହୋଇଛି।




## ନବୀନ ନିବାସ ଯାଇ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ରାଜ୍ୟପାଳ


ନବୀନ ନିବାସରେ ରାଜ୍ୟପାଳ ହରିବାବୁ କମ୍ଭମ୍ପାଟିଙ୍କ ସହ ନବୀନ।

ଭୁବନେଶ୍ୱର, ୨୫।୮ (ସୁନିତ୍ ମିଶ୍ର)

ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମ୍ପାଟି ସୋମବାର ନବୀନ ନିବାସ ଯାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଏହି ଅବସରରେ ଉଭୟଙ୍କ ମଧ୍ୟରେ ପ୍ରାୟ ୧୫ରୁ ୨୦ ମିନିଟ୍ ପର୍ଯ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ହୋଇଥିବା ଜଣାପଡ଼ିଛି। ବିରୋଧୀ ଦଳ ନେତା ନିଜ ସ୍ୱାସ୍ଥ୍ୟାବସ୍ଥାର ସ୍ଥିତି ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଛନ୍ତି। ଆଲୋଚନା ବନ୍ଧୁତ୍ୱପୂର୍ଣ୍ଣ ଏବଂ ଅନୌପଚାରିକ ରହିଥିବା ରାଜ୍ୟପାଳ ସୂଚନା ଦେଇଛନ୍ତି। ନବୀନଙ୍କ ଆଶୁ ଆରୋଗ୍ୟ, ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦୀର୍ଘ ଜୀବନ ପାଇଁ ରାଜ୍ୟପାଳ ପ୍ରାର୍ଥନା କରିଛନ୍ତି।

ସୂଚନାଯୋଗ୍ୟ, ଡିହାଇଡ୍ରେସନ ଜନିତ ସମସ୍ୟା ଯୋଗୁ ନବୀନ କିଛିଦିନ ତଳେ ସ୍ଥାନୀୟ ଘରୋଇ ହସ୍ପିଟାଲ ସମ୍ ଅଲଟିମେଟ୍‌ରେ ଚିକିତ୍ସିତ ହୋଇଥିଲେ। ୪ ଦିନ ହସ୍ପିଟାଲରେ ରହିବା ପରେ ସେ ସୁସ୍ଥ ହୋଇ ନବୀନ ନିବାସ ଫେରିଛନ୍ତି। ଏହାପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଜାଣିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିକଟରେ ଯାଇଥିଲେ। ଏହାପରେ ରାଜ୍ୟପାଳ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା କଥା ବୁଝିଛନ୍ତି।









“ ମୁଖ୍ୟତଃ ଆମର ଏଠାରେ ବଂଚିବାର ଗୋଟିଏ ମାତ୍ର କାରଣ ହେଲା- ଆମେ ନିଜକୁ ଜାଣିବା- ଆମେ କ'ଣ ? ତାହା ହିଁ ଆମକୁ ଜାଣିବାକୁ ହେବ। ଆମେ ମଧ୍ୟ ଜାଣିବା- କାହିଁକି ଆମେ ଏଠାକୁ ଆସିଛୁ ଓ ଆମର କ'ଣ କରିବାକୁ ଅଛି ? ଯଦି ଆମେ ଏହା ଜାଣି ନାହୁଁ- ତେବେ ଆମ ଜୀବନ ଆମ ପାଇଁ ଓ ଅନ୍ୟ ପାଇଁ ନିରର୍ଥକ। -ଶ୍ରୀମା



# ଗାଜା ଦୁର୍ଭିକ୍ଷ

ମଧ୍ୟପ୍ରାଚ୍ୟର ଯୁଦ୍ଧବିଧ୍ୱସ୍ତ ପାଲେଷ୍ଟାଇନ୍‌ର ଗାଜାରେ ଏବେ ମନୁଷ୍ୟକୃତ ଦୁର୍ଭିକ୍ଷ ବା ଉତ୍କଟ ଖାଦ୍ୟାଭାବ ଦେଖାଦେଇଛି। ୭ ଅକ୍ଟୋବର ୨୦୨୩ର ଇସ୍ରାଏଲ ଓ ହମାସ ମଧ୍ୟରେ ଲାଗି ରହିଥିବା ଯୁଦ୍ଧ ଯୋଗୁ ଏଭଳି ସ୍ଥିତି ଉପୁଜିଛି ବୋଲି ଜାତିସଂଘ କହିଛି । ଦୀର୍ଘ ୨୨ ମାସର ସାମରିକ କାର୍ଯ୍ୟାନୁଷ୍ଠାନ ଗାଜାକୁ ଧ୍ୱଂସସ୍ତୂପରେ ପରିଣତ କରିଛି ବୋଲି ଅନ୍ତର୍ଜାତୀୟ ସ୍ତରରେ ଯେଉଁ ବ୍ୟାଖ୍ୟାନ ସୃଷ୍ଟି କରାଯାଇଛି ତାହାକୁ ତର୍ଜମା କରାଯିବା ଦରକାର। ଇସ୍ରାଏଲ ଉପରେ ଆତଙ୍କବାଦୀ ସଙ୍ଗଠନ ହମାସ ପ୍ରଥମେ ଆକ୍ରମଣ କରି ଅନେକ ଇସ୍ରାଏଲୀଙ୍କୁ ମାରିଥିବା ବେଳେ ଅନେକଙ୍କୁ ପଣବନ୍ଦୀ କରିଥିଲା। ଇସ୍ରାଏଲ ପ୍ରତିଆକ୍ରମଣ କରିବାକୁ ଯାଇ ଯେତେବେଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ବର୍ତ୍ତମାନ ତାହାକୁ ଦୋଷୀ ଭାବେ ଦେଖାଯାଉଛି। ଯାହା କୁହାଯାଉଛି ଯେ ଗାଜା ଅଞ୍ଚଳର ଲୋକଙ୍କ ପାଖକୁ ପଠାଯାଉଥିବା ଖାଦ୍ୟକୁ ଇସ୍ରାଏଲ ବନ୍ଦ କରୁଛି, ତାହାକୁ ନେଇ ପ୍ରଶ୍ନ ଉଠିଲାଣି। କାରଣ ଅନ୍ତର୍ଜାତୀୟ ସହାନୁଭୂତି ଗୋଟାଇବାକୁ ଯାଇ ହମାସ ପାଲେଷ୍ଟିନୀୟ ମହିଳା ଓ ଶିଶୁଙ୍କୁ ବ୍ୟବହାର କରୁଛି ବୋଲି ମଧ୍ୟ ଶୁଣାଯାଉଛି। ବିଭିନ୍ନ ସହାୟତା କେନ୍ଦ୍ରରୁ ଗାଜାର ଲୋକମାନଙ୍କୁ ଖାଦ୍ୟ ଦିଆଯାଉ ନାହିଁ ବୋଲି ଦର୍ଶାଇବାରେ ହମାସର ହାତ ରହିଥିବା ଆଲୋଚନା ହେଉଛି। ଏହି ଆତଙ୍କବାଦୀ ସଙ୍ଗଠନକୁ ସମର୍ଥନ ଦେଇ ଅନେକ ରାଷ୍ଟ୍ର ଓ ଉଦାରବାଦୀ ଦେଖାଉଥିବା ବ୍ୟକ୍ତିମାନେ ଇସ୍ରାଏଲ ବିପକ୍ଷ ସ୍ଲୋଗାନ ଦେଉଛନ୍ତି। ଫଳରେ ବିଶ୍ୱବ୍ୟାପୀ ଗୋଟେ 'ଘୋ' ସୃଷ୍ଟି ହୋଇଯାଇଛି ଯେ, ଗାଜାରେ ମନୁଷ୍ୟକୃତ ଦୁର୍ଭିକ୍ଷ ଇସ୍ରାଏଲ ସୃଷ୍ଟି କରିଛି।

**ଅନ୍ତର୍ଜାତୀୟ ସହାନୁଭୂତି ଗୋଟାଇବାକୁ ଯାଇ ହମାସ ପାଲେଷ୍ଟିନୀୟ ମହିଳା ଓ ଶିଶୁଙ୍କୁ ବ୍ୟବହାର କରୁଛି ବୋଲି ଶୁଣାଯାଉଛି। ବିଭିନ୍ନ ସହାୟତା କେନ୍ଦ୍ରରୁ ଗାଜାର ଲୋକମାନଙ୍କୁ ଖାଦ୍ୟ ଦିଆଯାଉ ନାହିଁ ବୋଲି ଦର୍ଶାଇବାରେ ହମାସର ହାତ ରହିଛି ବୋଲି ଆଲୋଚନା ହେଉଛି। ଏହି ଆତଙ୍କବାଦୀ ସଙ୍ଗଠନକୁ ସମର୍ଥନ ଦେଇ ଅନେକ ରାଷ୍ଟ୍ର ଓ ଉଦାରବାଦୀ ଦେଖାଉଥିବା ବ୍ୟକ୍ତିମାନେ ଇସ୍ରାଏଲ ବିପକ୍ଷ ସ୍ଲୋଗାନ ଦେଉଛନ୍ତି। ଫଳରେ ବିଶ୍ୱବ୍ୟାପୀ ଗୋଟେ 'ଘୋ' ସୃଷ୍ଟି ହୋଇଯାଇଛି ଯେ, ଗାଜାରେ ମନୁଷ୍ୟକୃତ ଦୁର୍ଭିକ୍ଷ ଇସ୍ରାଏଲ ସୃଷ୍ଟି କରିଛି।**

ଏହି ପରିପ୍ରେକ୍ଷୀରେ ଗତ ମେ'ରେ ଭାରତ-ପାକିସ୍ତାନ ମଧ୍ୟରେ ହୋଇଥିବା ୪ ଦିନିଆ ଯୁଦ୍ଧକୁ ଉଦାହରଣ ଭାବେ ନିଆଯାଇପାରେ। 'ଅପରେଶନ ସିନ୍ଦୂର' ଜରିଆରେ ପାକିସ୍ତାନର ପ୍ରଭୂତ କ୍ଷତି ଭାରତ କରିଛି ବୋଲି ଗୋଟେ ବ୍ୟାଖ୍ୟାନ କରାଯାଇଥିଲା। ଯୁଦ୍ଧର ଅବଧି ବଢ଼ିଥିଲେ ପାକିସ୍ତାନୀମାନେ ଭାରତ ବିରୋଧୀ ଅଭିଯାନରେ ହୁଏତ ଅଧିକ ସଫଳ ହୋଇଥାଆନ୍ତେ। କାରଣ ଯେତିକି ଦିନର ଘଟଣା ବିଷୟରେ ଆଲୋଚନା ହେଲା ସେଥିରେ ଭାରତର ସ୍ୱର, ଇସ୍ରାଏଲ ଭଳିଆ ଦୁର୍ବଳ ପଡ଼ିଗଲା। ଭାରତୀୟମାନେ ସେମାନଙ୍କ ପଡ଼ୋଶୀ ଦେଶର ବ୍ୟବହାରକୁ ଭଲ ଭାବେ ଜାଣିଥିବାରୁ ସେମାନଙ୍କ ଆକ୍ରମଣାତ୍ମକ ଚରିତ୍ରକୁ ବୁଝିଛନ୍ତି। ସେହିପରି ଇସ୍ରାଏଲ ମଧ୍ୟ ତା' ଚାରିକଡ଼େ ଥିବା ମୁସଲମାନ ରାଷ୍ଟ୍ରର କାର୍ଯ୍ୟକଳାପକୁ ଦୀର୍ଘ ଦଶନ୍ଧି ଧରି ଦେଖିଆସୁଛି। ତା' ନିଜ ଭୂଖଣ୍ଡକୁ ସୁରକ୍ଷିତ ରଖିବା ଲାଗି ନେଉଥିବା ପଦକ୍ଷେପକୁ କେତେକ ରାଷ୍ଟ୍ର ପାଲେଷ୍ଟିନୀୟଙ୍କ ପାଇଁ ଘୋର ବିପତ୍ତି ଆଣିଥିବା କହୁଛନ୍ତି। ହେଲେ ପ୍ରଥମେ ଇସ୍ରାଏଲ ଉପରେ ଆକ୍ରମଣ କରିଥିବା ହମାସ ଓ ଅନେକ ଇସ୍ରାଏଲୀଙ୍କୁ ପଣବନ୍ଦୀ ରଖି ନିର୍ଯାତନା ଦେଉଥିବା ବିଷୟ ଏବେ ଅନ୍ତର୍ଜାତୀୟ ଗଣମାଧ୍ୟମରୁ ଲୁଚିଯାଉଛି। ଯେଉଁ ସମୟର ଇତିହାସକୁ ବଦଳାଇ ଦିଆଯାଏ, ସେତେବେଳେ ଅନ୍ୟାୟ କରୁଥିବା ବ୍ୟକ୍ତି ବା ଗୋଷ୍ଠୀ ନ୍ୟାୟବନ୍ତ ପାଲଟିଯିବାକୁ ଚେଷ୍ଟା କରେ। ଆଜି ଇସ୍ରାଏଲ ଭଳି ଭାରତ ମଧ୍ୟ ଏକ ପ୍ରକାରର ଅଠାକାଠିରେ ପଡ଼ିଛି।

# ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ଓ ତା'ର ପ୍ରଭାବ



ଛାୟାକାନ୍ତ ଷଡ଼ଙ୍ଗୀ

ଓଡ଼ିଶାରେ ଯେତିକି ସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଅଛି ତାହା ରାଜ୍ୟର ଛାତ୍ରୀଛାତ୍ରଙ୍କ ପାଇଁ ଯଥେଷ୍ଟ ନୁହେଁ। ଏଣୁ ବେସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଖୋଲାଯାଉଛି ଏବଂ ସେହିସବୁ ଅନୁଷ୍ଠାନରେ ଅଧିକ ସଂଖ୍ୟକ ଛାତ୍ରୀଛାତ୍ର ପଢୁଛନ୍ତି। ଏଣୁ ରାଜ୍ୟରେ ଶିକ୍ଷାର ପ୍ରସାର କରିବାକୁ ହେଲେ ବେସରକାରୀ ଅନୁଷ୍ଠାନଗୁଡ଼ିକର ଭିତ୍ତିଭୂମି ଦୃଢ଼ କରିବାକୁ ପଡ଼ିବ। ମାତ୍ର ଏହି ଅନୁଷ୍ଠାନଗୁଡ଼ିକରେ ଯେଉଁମାନେ ଅଧ୍ୟାପନା କରନ୍ତି ସେମାନେ ସ୍ୱଳ୍ପ ଦରମା ପାଆନ୍ତି। ଅନୁଷ୍ଠାନଗୁଡ଼ିକ ବହୁବର୍ଷ ପରେ ଅନୁଦାନ ପାଏ ଓ ଅଧ୍ୟାପକ / ଶିକ୍ଷକମାନେ ସରକାରଙ୍କଠାରୁ ପ୍ରତ୍ୟକ୍ଷ ଦରମା ପାଆନ୍ତି। ମାତ୍ର ସେମାନଙ୍କ ଚାକିରି ସର୍ତ୍ତାବଳୀ ନ ଥାଏ। ୩୦ ବର୍ଷରୁ ଅଧିକ ବର୍ଷ ଚାକିରି କଲାପରେ ମଧ୍ୟ ସେମାନଙ୍କ ପାଇଁ ଗ୍ରାଚୁଇଟି ଓ ପେନ୍‌ସନ୍ ବ୍ୟବସ୍ଥା ନ ଥାଏ। ସେମାନେ ଆର୍ଥିକ ଅନଟନ ଭିତରେ ଚଳନ୍ତି। ଏଣୁ ଯେଉଁମାନେ ପ୍ରତିଭାଶାଳୀ ସେମାନେ ବେସରକାରୀ ମହାବିଦ୍ୟାଳୟରେ ଅଧ୍ୟାପନା କରିବା ପାଇଁ ଆସନ୍ତି ନାହିଁ। କେହିକେହି ବିଭିନ୍ନ ବ୍ୟବସାୟ କରି ସନ୍ତୋଷଜନକ ଅର୍ଥ ରୋଜଗାର କରନ୍ତି। ଦ୍ୱିତୀୟତଃ କିଛି ବ୍ୟକ୍ତି ଏହିସବୁ ଅନୁଷ୍ଠାନରେ ଯୋଗ ଦିଅନ୍ତି, ମାତ୍ର ସ୍ୱଳ୍ପ ଦରମାଯୁକ୍ତ ଗ୍ରାଚୁଇଟି ପେନ୍‌ସନବିହୀନ ଚାକିରି କରି ପରିବାର ପୋଷଣ ସମ୍ଭବ ହେଉ ନ ଥିବାରୁ ଘରୋଇ ଟିଉସନ୍ କରି କିଛି ଉପାର୍ଜନ କରନ୍ତି। ଟିଉସନ୍ ସେମାନଙ୍କ ପାଇଁ ଆବଶ୍ୟକତା ହୋଇଯାଏ। ଏହାଦ୍ୱାରା ଶିକ୍ଷା ଏକ ପଣ୍ୟଦ୍ରବ୍ୟ ହୋଇଯାଏ। ଫଳରେ ଶିକ୍ଷକଙ୍କ ପ୍ରତି ଛାତ୍ରୀଛାତ୍ରଙ୍କର ଆନ୍ତରିକ ଭକ୍ତି ଓ ସମ୍ମାନ ରହେନାହିଁ। ପ୍ରତିଭାଶାଳୀ ଛାତ୍ରୀଛାତ୍ରମାନେ ଶିକ୍ଷା ସମାପ୍ତ କଲାପରେ ଯଦି ଶିକ୍ଷକ / ଅଧ୍ୟାପକ ନ ହେବେ, ଉନ୍ନତମାନର ଶିକ୍ଷା ସମ୍ଭବ ହେବ କିପରି ? ଆମ ରାଜ୍ୟରେ ଆଜି ତାହା ହିଁ ଘଟୁଛି। ପ୍ରତିଭାବାନ୍ ଛାତ୍ରୀଛାତ୍ର ଶିକ୍ଷକତା କ୍ଷେତ୍ରକୁ ଆସୁନାହାନ୍ତି।

ଏହି ପ୍ରସଙ୍ଗରେ ପାରସ୍ୟର ଏକ କାହାଣୀ ପ୍ରଣିଧାନ ଯୋଗ୍ୟ ମନେହୁଏ। ଜଣେ ଗାଉଁଲି ବେପାରୀ ତା' ଗଧ ଉପରେ କିଛି ବୋଝ ଲଦି ହାଟ ଉଦ୍ଦେଶ୍ୟରେ ପଥ ଅତିକ୍ରମ କରୁଥାଏ। ଦୈବାତ୍ ଜଣେ ପଥିକ ତାଙ୍କ ସାଥୀ ହେଲେ। ପଥ ଅତିକ୍ରମ କରୁ କରୁ ସେ ପଥିକ ଜଣକ କଥା ପ୍ରସଙ୍ଗରେ ବେପାରୀକୁ ବିଜ୍ଞାନ, ଭୂଗୋଳ, ସାହିତ୍ୟ, ଧର୍ମ ଆଦି ବିବିଧ ବିଷୟରେ କିଛି କିଛି କହୁଥାଏ। କଥାବାର୍ତ୍ତାରୁ ବେପାରୀ ଅନୁଭବ କଲା ପଥିକ ଜଣକ ଅସାଧାରଣ ଜ୍ଞାନୀ। ଗଧଟି କ୍ଳାନ୍ତ ହୋଇଯାଇଥିବାର ଅନୁଭବ କରି ପଥିକଜଣକ ବେପାରୀକୁ ପଚାରିଲେ, "ତୁମେ ଗଧ ପିଠିରେ କ'ଣ ଲଦିଛ ଯେ ଗଧଟି ହାଲିଆ ହୋଇଗଲାଣି ?" ବେପାରୀ ଉତ୍ତର ଦେଲା, "ପିଠିର ବାମପାଖରେ ଚାଉଳ ଓ ଡାହାଣ ପାଖରେ ଓଜନ ଭାରସାମ୍ୟ ରକ୍ଷା କରିବା ପାଇଁ ବାଲି ରଖିଛି।" ପଥିକ କହିଲେ, "ତୁମେ ସେହି ଚାଉଳକୁ ସମାନ ଦୁଇଭାଗ କରି ଦୁଇପାଖରେ ରଖିଥିଲେ ତ ଭାରସାମ୍ୟ ରକ୍ଷା ହୋଇପାରିଥାନ୍ତା ଓ ଗଧ ପିଠିରେ ଓଜନ ବି କମିଥାନ୍ତା। ଗଧଟି ହାଲିଆ ହୁଅନ୍ତା ନାହିଁ।" ବେପାରୀ ମନକୁ କଥାଟା ଛୁଇଁଲା। ସେ କହିଲା, "ମହାଶୟ ! ଆପଣ ପ୍ରକୃତରେ ଅସାଧାରଣ ଜ୍ଞାନୀ। ଆପଣ ନିଶ୍ଚୟ ଜଣେ ସଫଳ ମଣିଷ ହୋଇଥିବେ। ଆପଣଙ୍କର କେତେ ଗଧ ଅଛନ୍ତି, କେତେ ଜମିଜମା ଅଛି ?" ପଥିକ ଉତ୍ତର ଦେଲେ, "ମୋର ଗଧ ନାହିଁ କି ଜମି ନାହିଁ। କୋଠା ନାହିଁ କି ସଞ୍ଚୟ ନାହିଁ। ମୁଁ ଏମିତି ଗୋଟିଏ ଗାଁରୁ ଆଉ ଗୋଟିଏ ଗାଁ ବୁଲେ। ମୋର ଅର୍ଜିତ ଜ୍ଞାନକୁ ବିତରଣ କରେ। ଯାହା ମିଳେ ଖାଏ। ବେଳେବେଳେ ଖାଇବାକୁ ମିଳେନାହିଁ। ତଥାପି ମୋଟ ଉପରେ ମୁଁ ଖୁସିରେ ଅଛି।" ବେପାରୀ ଏତକ ଶୁଣି ଅଟକିଗଲା ଓ ଚକିତ ହୋଇ ଛିଡ଼ାହେଲା। ପଥିକ ପଚାରିଲେ, "କ'ଣ ହେଲା ?" ବେପାରୀ ଉତ୍ତର ଦେଲା, "ଆଜ୍ଞା ଜ୍ଞାନର ଫଳ ଯଦି ଏହା ହୁଏ, ମୁଠେ ଖାଇବାକୁ ମିଳେ ନାହିଁ, କୋଠାଟିଏ କରିହୁଏ ନାହିଁ, ମୁଁ ବରଂ ଗଧ ପିଠିରେ ବାଲିବସ୍ତା ଥୋଇ ଭାରସାମ୍ୟ ରକ୍ଷା କରିବି, ତୁମ ସାଙ୍ଗରେ ବାଟ ଚାଲି ଜ୍ଞାନ ସଂଗ୍ରହ କରି ଭୋକିଲା ରହିବି ନାହିଁ।" ବେପାରୀ ବାଟ ଭାଙ୍ଗି ଚାଲିଗଲା। ଆଜି ପ୍ରତିଭାଶାଳୀ ଛାତ୍ରୀଛାତ୍ରମାନଙ୍କ ଅବସ୍ଥା ଠିକ୍ ଏହି ବେପାରୀ ଭଳି। ଯଦି କଠିନ ପରିଶ୍ରମ କରି ପରୀକ୍ଷାରେ ଭଲ ନମ୍ବର ରଖି ଅଧ୍ୟାପକ ହୋଇ ମଧ୍ୟ ପୂର୍ଣ୍ଣ ଦରମା ନ ପାଇ ପେନ୍‌ସନ ନ ପାଇ ସର୍ତ୍ତାବଳୀ ନ ଥାଇ ଦୟନୀୟ ଚାକିରି କରିବାକୁ ପଡ଼େ, ମୁଁ ଅନ୍ୟ ବ୍ୟବସାୟ କରି ପ୍ରଭୂତ ଅର୍ଥ ଉପାର୍ଜନ ନ କରିବି କାହିଁକି ? ଏହିଭଳି ଚିନ୍ତାକରି ଆଜି ଅନେକ ପ୍ରତିଭାଶାଳୀ ବ୍ୟକ୍ତି ଶିକ୍ଷାକ୍ଷେତ୍ରକୁ ଆସୁନାହାନ୍ତି।



ବୋଧହୁଏ ୧୯୯୮ ମସିହାର କଥା। ଦିଲ୍ଲୀରେ ଜାତୀୟ ୟୁନେସ୍କୋ କମିଶନଦ୍ୱାରା ଆୟୋଜିତ ଏକ ସଭାରେ "ଶିକ୍ଷା ଓ ମାନବଜାତିର ଭବିଷ୍ୟତ" ଉପରେ ଏକ ବକ୍ତୃତା ଦେଇ ବିଶିଷ୍ଟ ଲେଖକ ମନୋଜ ଦାସ ଫେରୁଥାନ୍ତି। ଜଣେ ସର୍ବୋଦୟ କର୍ମୀ ବୟୋବୃଦ୍ଧ ସହ ତାଙ୍କର ସାକ୍ଷାତ୍ ହେଲା। କଥାପ୍ରସଙ୍ଗରେ ସେହି ବୃଦ୍ଧ ମନୋଜ ଦାସଙ୍କୁ କହିଥିଲେ ଘରୋଇ ଟିଉସନ୍‌ର ପ୍ରଭାବ ସମ୍ପର୍କରେ। ଘଟଣାଟି ଥିଲା ନିଜ ହାକିମ ନାତିଙ୍କ ଜୀବନକୁ ନେଇ। ଦିନେ ଜଣେ ଭଦ୍ରଲୋକ ଏକ ଆବେଦନ ପତ୍ର ଧରି ହାକିମଙ୍କ ପାଖରେ ପହଞ୍ଚିଲେ। ହାକିମ ତାକୁ ଟିକେ ଚାହିଁଦେଇ ପୂର୍ବରୁ ଆସିଥିବା ଦୁଇଜଣ ଭଦ୍ରବ୍ୟକ୍ତିଙ୍କ ସହ କଥାବାର୍ତ୍ତାରେ ବ୍ୟାପୃତ ରହିଲେ। ଆଗନ୍ତୁକ ଧୈର୍ଯ୍ୟହରା ହୋଇ ହାକିମଙ୍କୁ କହିଲେ, "ଆପଣ ବୋଧହୁଏ ମୋତେ ଚିହ୍ନିପାରୁ ନାହାନ୍ତି ?" ହାକିମ କହିଲେ, "ଚିହ୍ନିଲି। ମାତ୍ର ସେମାନେ ପୂର୍ବରୁ ମୋ ସମୟ ନେଇ ଆସିଥିବାରୁ ତାଙ୍କ କାମ ଆଗେ ସାରିଲି। ଏବେ ଆପଣ କୁହନ୍ତୁ।" ଆଗନ୍ତୁକ ନିଜ ପରିଚୟ ଦେଇ କହିଲେ, "ଆପଣ ମୋର ଛାତ୍ର ଥିଲେ। ଏଣୁ ମୋର ଏହି ଆବେଦନଟିକୁ ଆପଣ ସମାଧାନ କରିଦେବେ ବୋଲି ଆଶା କରି ଆପଣଙ୍କ ପାଖକୁ ଆସିଛି।" ହାକିମ ଆବେଦନଟିକୁ ପଢ଼ିଲେ ଓ କହିଲେ, "ଆପଣଙ୍କ ଅନୁରୋଧ ନିୟମ ଅନୁମୋଦିତ ନୁହେଁ। ଏଣୁ କିଛି ସାହାଯ୍ୟ କରିହେବ ନାହିଁ।" ସେହି ଆଗନ୍ତୁକ ଶିକ୍ଷକ କହିଲେ, "ନିୟମ ଊର୍ଦ୍ଧ୍ୱରେ ମାନବିକତା ତ ଅଛି। ସେହି ଦୃଷ୍ଟିରୁ ଛାତ୍ର ହିସାବରେ ଶିକ୍ଷକର ସମସ୍ୟା ପ୍ରତି ଧ୍ୟାନ ଦେବେ ବୋଲି ମୋର ଆଶା।" ତା'ପରେ ହାକିମ ଯାହା କହିଲେ ତାହା ହିଁ ପ୍ରଣିଧାନ ଯୋଗ୍ୟ।

ହାକିମ କହିଲେ, "ମହାଶୟ ! ଆପଣ ଥିଲେ ସରକାରୀ ଶିକ୍ଷକ। ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ କରିବା ପାଇଁ ସରକାର ଆପଣଙ୍କୁ ନିୟମିତ ଦରମା ଦେଉଥିଲେ। ସରକାର ଯେଉଁ ଦରମା ଦେଉଥିଲେ ତାହା ଥିଲା ଜନସାଧାରଣଙ୍କଠାରୁ ସଂଗୃହୀତ ବିଭିନ୍ନ ଟିକସ। ମାତ୍ର ଆପଣ ବିଦ୍ୟାଳୟରେ ଆନ୍ତରିକ ଭାବରେ ଶିକ୍ଷାଦାନ ନ କରି ଘରୋଇ ଟିଉସନ୍ କରୁଥିଲେ। ମୋ ବାପାଙ୍କ ଆର୍ଥିକ ସମ୍ବଳ ଥିବାରୁ ସେ ଆପଣଙ୍କ ନିକଟକୁ ଟିଉସନ୍ ପାଇଁ ପଠାଇଥିଲେ। ମାତ୍ର ମୋର କେତେଜଣ ସହପାଠୀ ଗରିବ ପରିବାରର ହୋଇଥିବାରୁ ଆପଣଙ୍କୁ ଅର୍ଥ ଦେଇ ନ ପାରି ଟିଉସନ୍‌ରୁ ବଞ୍ଚିତ ହେଲେ ଓ ପରୀକ୍ଷାରେ ଭଲ କରିପାରିଲେ ନାହିଁ।" ଶିକ୍ଷକ ହସ୍ତକ୍ଷେପ କରି କହିଲେ, "ଦେଖ ବାବୁ, ଟିଉସନ୍ ହେଉ ପଛେ, ମୁଁ ତ ଆପଣଙ୍କୁ ଶିକ୍ଷାଦାନ କରିଥିଲି।" ହାକିମ କହିଲେ, "ମହାଶୟ ! ଶିକ୍ଷାଦାନ ଏକ ପବିତ୍ର କର୍ମ। ଯିଏ ଦାନକରେ ସେ ପ୍ରତିଦାନରେ କିଛି ଆଶା ରଖେନାହିଁ। ଧରନ୍ତୁ ମୁଁ ବଜାରରେ ଜଣେ ବ୍ୟବସାୟୀଙ୍କ ପାଖରୁ ଦୁଇଟି କମ୍ବଳ କିଣିଲି। ସେହି କମ୍ବଳ ବିକ୍ରେତା ଯଦି ମୋ ପାଖକୁ କୌଣସି ଆବେଦନ ଧରି ଆସେ ମୁଁ କ'ଣ ତା' ପ୍ରତି ଦରଦୀ ହେବି ? ଠିକ୍ ସେପରି ମୁଁ ଆପଣଙ୍କ ପାଖରୁ ପାଠ ସଉଦା କରୁଥିଲି। ଏଣୁ ଆପଣଙ୍କ ପ୍ରତି ଦରଦୀ ହେବାର କୌଣସି କାରଣ ନାହିଁ।" ଶିକ୍ଷକ ଏତକ ଶୁଣି ଚାଲିଗଲେ। ଏହି ଘଟଣାଟି ଘରୋଇ ଟିଉସନ୍‌ର ନକାରାତ୍ମକ ପ୍ରଭାବ ସମ୍ପର୍କରେ ସ୍ପଷ୍ଟ ଆଲୋକପାତ କରୁନାହିଁ କି ? ଆଜି ଟିଉସନ୍ ପ୍ରଚଳନ କାରଣରୁ ବିଦ୍ୟା ଏକ ପଣ୍ୟଦ୍ରବ୍ୟ ହୋଇଥିବାରୁ ଛାତ୍ରୀଛାତ୍ରମାନଙ୍କ ଶିକ୍ଷକମାନଙ୍କ ପ୍ରତି ସମ୍ମାନ ଓ ଭକ୍ତି ରହୁନାହିଁ। ଗୁରୁ-ଶିଷ୍ୟ ସମ୍ପର୍କ ଆଉ ଅନାବିଳ ହୋଇ ରହିନାହିଁ। ଆଜି ଏହା କ୍ରେତା-ବିକ୍ରେତାର ସମ୍ପର୍କ। ଏଣୁ ସରକାର ସମାନ କାର୍ଯ୍ୟପାଇଁ ସମାନ ଦରମା ପ୍ରଚଳନ କରି, ଗ୍ରାଚୁଇଟି, ପେନ୍‌ସନ୍ ଆଦିର ବ୍ୟବସ୍ଥା କରି ଶିକ୍ଷକମାନଙ୍କ ଅଭାବ ଦୂରକଲେ ସେମାନେ ଆଉ ଟିଉସନ୍ କରି ପରିବାର ପ୍ରତିପୋଷଣ କରିବା ଚିନ୍ତା କରିବେ ନାହିଁ। ଚାକିରି ସର୍ତ୍ତାବଳୀ ପୂରଣ କଲାପରେ ଯଦି ସେମାନେ ପୁଣି ଅର୍ଥଲୋଭରେ ଟିଉସନ୍ କରନ୍ତି, ସେ କ୍ଷେତ୍ରରେ ତାହା ଦଣ୍ଡନୀୟ କର୍ମଭାବରେ ବିବେଚନା କଲେ କାହାରି ଆପତ୍ତି ରହିବ ନାହିଁ। ତେବେ ଶିକ୍ଷା ବ୍ୟବସ୍ଥା ସୁଧୁରିବ।

**ଟିଟିଲାଗଡ଼**
**ମୋ: ୯୪୩୭୩୨୯୨୬୩**

# ବିଧି-ବିଧାନରେ ବିଜ୍ଞାନ



ଉପେନ୍ଦ୍ର ବିଶ୍ୱାଳ

ନୋବେଲ ପୁରସ୍କାର ପ୍ରାପ୍ତ ବ୍ରିଟିଶ ଗଣିତଜ୍ଞ ଓ ଦାର୍ଶନିକ ବାର୍ଟାଣ୍ଡ ରସେଲଙ୍କ ଅନୁଯାୟୀ, "ହିନ୍ଦୁତ୍ୱ ସମ୍ବନ୍ଧେ ମୁଁ ଅଧ୍ୟୟନ କରିଛି ଏବଂ ହୃଦ୍‌ବୋଧ କରିଛି ଯେ ଏହା ସମଗ୍ର ମାନବ ଜାତି ପାଇଁ ଅତ୍ୟନ୍ତ କଲ୍ୟାଣକାରୀ।" ବିଶ୍ୱ ପ୍ରସିଦ୍ଧ ଲେଖକ ଓ ଚିନ୍ତାନାୟକ ହେଉଛନ୍ତି ହଷ୍ଟନ ସ୍ମିଥ। ତାଙ୍କର ୧୯୫୮ରେ ପ୍ରକାଶିତ THE WORLD'S RELIGIONS ପୁସ୍ତକଟି ୩୦ ଲକ୍ଷରୁ ଊର୍ଦ୍ଧ୍ୱ କପି ବିକ୍ରୟ ହୋଇ ବିଶ୍ୱ ରେକର୍ଡ କରିଛି। ତାଙ୍କ କଥାନୁଯାୟୀ, "ଆମେ ଯେଉଁ ବିଶ୍ୱାସରେ ବନ୍ଧା ତା'ଠାରୁ କାହିଁ କେତେ ଗୁଣ ଉଚ୍ଚରେ ଅଛି ହିନ୍ଦୁତ୍ୱର ଭାବଧାରା। ଆମେ ଯଦି ଖୋଲା ହୃଦୟର ସହିତ ତାକୁ ଆପଣାଇନେବୁ, ତେବେ ଆମର ଲାଭ ହିଁ ଲାଭ।" ରବର୍ଟ ମିଲିକାନ (୧୮୬୮ - ୧୯୫୩) ହେଉଛନ୍ତି ନୋବେଲ ପୁରସ୍କାର ପ୍ରାପ୍ତ ଜଣେ ଆମେରିକୀୟ ପଦାର୍ଥ ବିଜ୍ଞାନୀ। ଧାର୍ମିକ ବିଶ୍ୱାସ ବା ଆସ୍ଥାକୁ ନେଇ ତାଙ୍କର ଏକ ସୁଚିନ୍ତିତ ମତ ଏମିତି ଥିଲା- "ଦୃଢ଼ତାର ସହିତ ମୁଁ କହିପାରେ ଯେ ବିଶ୍ୱାସ ସବୁକୁ ଅସ୍ୱୀକାର ବା ଅଣଦେଖା କରିବା ଅର୍ଥ କୌଣସି ବୈଜ୍ଞାନିକ ଆଧାରକୁ ସ୍ଥାଣୁ କରିଦେବା। ମୋ ମତରେ ବିଶ୍ୱାସ ଓ ବିଜ୍ଞାନକୁ ନେଇ କୌଣସି ପ୍ରତିବାଦ ଉଠିବା ଉଚିତ ନୁହେଁ। କାରଣ ଯେଉଁଠି ବିଶ୍ୱାସ ବା ବିଧି ବିଧାନ ରହିଛି, ସେଇଠି ଛପିକି ରହିଛି ବିଜ୍ଞାନ। ଏଣୁ ସେଇ ବିଧି, ବିଧାନ, ବିଶ୍ୱାସ ଭିତରେ ଥିବା ରହସ୍ୟକୁ ଖୋଜି ବାହାର କରିବା ବିଜ୍ଞାନର ଲକ୍ଷ୍ୟ ହେବା ଉଚିତ। ଯାହା ଫଳରେ ବିଜ୍ଞାନର ଆଦର ବଢିବା ସହିତ ମାନବ ସମାଜର ବହୁବିଧ କଲ୍ୟାଣ ହୋଇପାରିବ।"

ସମୁତ୍କର୍ଷ ଭାରତବର୍ଷ ଯାହାକି ଧାର୍ମିକ ବିଶ୍ୱାସର ଶକ୍ତ ଭିତ୍ତିଭୂମି ଉପରେ ଦଣ୍ଡାୟମାନ, ତାହାର ଚାଲି-ଚଳଣି, ରୀତି-ନୀତି, ପ୍ରଥା-ପରମ୍ପରା ଆଦିରେ ନିହିତ ଥାଏ ବିଜ୍ଞାନର ଗୂଢ଼ ରହସ୍ୟ। ଆଶ୍ୱିନ ମାସ କୃଷ୍ଣ ପକ୍ଷରେ ପାଳିତ ପିତୃପକ୍ଷ ପରି ସାମାନ୍ୟ ପ୍ରଥା ଭିତରେ ଭରିରହିଛି ବିଜ୍ଞାନର ବାର୍ତ୍ତା। ଲୋକବିଶ୍ୱାସରେ କାଉ ପକ୍ଷୀକୁ ସାଧାରଣତଃ ଯମଲୋକର ପ୍ରତିନିଧି ଭାବେ ଗଣା ଯାଇଥାଏ। ପନ୍ଦର ଦିନର ଏହି ପିତୃପକ୍ଷ ପାଳନ ଅବସରରେ କାଉଙ୍କୁ ସନ୍ତୁଷ୍ଟ କଲେ ପିତୃଲୋକର ଆମ ପିତୃପୁରୁଷମାନେ ସନ୍ତୁଷ୍ଟ ହୋଇଥାନ୍ତି ବୋଲି ଧାରଣା ରହିଛି। ଏହି ଅବସରରେ ପିତୃପୁରୁଷଙ୍କୁ ସ୍ମରଣ ପୂର୍ବକ କାଉଙ୍କୁ ଭରପୂର ପୁଷ୍ଟିକର ଖାଦ୍ୟାନ୍ନ ପରିବେଷଣ କରାଯାଇଥାଏ। ବଡ଼ କଥା ହେଉଛି ଏହି ସମୟ ବିଶେଷକରି ଭାଦ୍ରବ-ଆଶ୍ୱିନ (ଅଗଷ୍ଟ - ସେପ୍ଟେମ୍ବର) ମାସ ହେଉଛି କାଉଙ୍କ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। କାରଣ ଏହା ହେଉଛି ତାଙ୍କର ଅଣ୍ଡା ଦେବା ଓ ଅଣ୍ଡାରୁ ଛୁଆ ଫୁଟିବାର ପ୍ରକୃଷ୍ଟ ସମୟ। ମା' କାଉଟି ଏହି ସମୟରେ ଆବଶ୍ୟକ କରିଥାଏ ଅଧିକ ପରିମାଣରେ ପୁଷ୍ଟିକର ଆହାର। ତତ୍‌ସହିତ ନବ ଜାତକଟି ବି ଲୋଡ଼ିଥାଏ ଆହାର। ଏସବୁକୁ ଦୃଷ୍ଟିରେ ରଖି ଏହି ସମୟରେ କାଉମାନଙ୍କୁ ଯେମିତି ପର୍ଯ୍ୟାପ୍ତ ଆହାର ସହଜେ ମିଳିପାରିବ, ସେଥିପାଇଁ ଆମର ଏପରି ଭବ୍ୟ ବିଧି ବ୍ୟବସ୍ଥା। ଏହାଦ୍ୱାରା କାଉବଂଶ ବିସ୍ତାର ଲାଭ କରିବାରେ ସହାୟକ ହୋଇଥାଏ। କାରଣ କାଉବଂଶ ବିସ୍ତାର ସହିତ ଜଡିତ



ଆମ ସ୍ୱାସ୍ଥ୍ୟ। ଏପରିକି ଆମ ଅସ୍ତିତ୍ୱ ମଧ୍ୟ। କାରଣ ଏହିମାନେ ହିଁ ବହୁ ମୂଲ୍ୟବାନ ବର ଓ ଅଶ୍ୱତ୍ଥ ଗଛ ସୃଷ୍ଟିର ଅସଲ ସୂତ୍ରଧର। ପର୍ଯ୍ୟାବରଣର ସୁରକ୍ଷା, ଅଭିବୃଦ୍ଧି ତଥା ଅମ୍ଳଜାନର ଆବଶ୍ୟକତା ଦୃଷ୍ଟିରୁ ଏହି ଦୁଇଟି ଚବିଶ ଘଣ୍ଟିଆ ଅମ୍ଳଜାନ ଉତ୍ପାଦକାରୀର ଯେ କେତେ ଆବଶ୍ୟକତା ରହିଛି, ଆଜିର ଦିନରେ ତାହା ବୁଝାଇ କହିବା ଅନାବଶ୍ୟକ। ଅନନ୍ୟ ଏହି ବୃକ୍ଷ ଦୁଇଟି ଆମର ଅଜସ୍ର ମଙ୍ଗଳର କାରଣ ଥିବାରୁ ଏବଂ କାକ ପକ୍ଷୀଟି ହିଁ ସେମାନଙ୍କ ସୃଷ୍ଟିର ଅସଲ ଆଧାର ଥିବାରୁ, କାକକୁଳଙ୍କ ସୁଖକର ବଂଶ ବିସ୍ତାରାର୍ଥେ, ପିତୃପକ୍ଷ ପରି ପବିତ୍ର ପ୍ରଥାଟିଏ ଖଞ୍ଜାଯାଇଅଛି ଆମ ବ୍ୟବସ୍ଥାରେ।

ବର ଓ ଅଶ୍ୱତ୍ଥ ଗଛର ଫଳ ଭିତରେ ଥିବା ସୂକ୍ଷ୍ମ ବୀଜଟି କାଉ ପେଟ ଭିତରେ ସମୁଚିତ ପ୍ରକ୍ରିୟାକରଣ ହୋଇ ଅଙ୍କୁରୋଦ୍‌ଗମ ପାଇଁ ସମର୍ଥ ହୋଇଥାଏ। କାଉର ମଳରେ ନିଃସୃତ ଏହି ବୀଜଟି ଅନୁକୂଳ ବାତାବରଣ ପାଇ ଚାରାଟିଏ ହୋଇ ଜନ୍ମ ନିଏ। କାଉ ବିନା ଏହି ଗଛ ଦୁଇଟିର ସୃଷ୍ଟି ସମ୍ଭବ ହୁଏନି। ଏଣୁ କାଉ ବଂଶ ନ ଥିଲେ ଏହି ଗଛ ଦୁଇଟି ବି କେବେଠୁ ଲୋପ ହୋଇ ସାରନ୍ତାଣି ମରିସସ୍‌ର 'କାଲଭେରିଆ' ଗଛ ପରି। ମରିସସ୍‌ର ଚାରିଆଡେ ଦିନେ ଛାଇଯାଇ ଶୋଭା ଓ ସବୁଜିମା ବର୍ଦ୍ଧନ କରୁଥିବା କାଲଭେରିଆର ବୃକ୍ଷଟି ଆଜି ଗୁମୁରି କାନ୍ଦୁଛି, ନିଜର ବିପନ୍ନ ଭବିଷ୍ୟତକୁ ନେଇ। ଏହି ଗଛର ଫଳ ଡୋଡୋ ପକ୍ଷୀର ଅତି ପ୍ରିୟ। ଫଳର ମଞ୍ଜି ଏତେ ଟାଣ ଯେ, ତାହା ସ୍ୱାଭାବିକ ଭାବରେ ଭୂମିରେ ପଡ଼ି ଅଙ୍କୁରୋଦ୍‌ଗମ ହୋଇପାରେନା। ଏହି ଫଳକୁ ଗିଳିପକାଏ ଡୋଡୋ। ତା' ପେଟ ଭିତରେ ଟାଣ ମଞ୍ଜିଟି ଠିକ୍ ଭାବେ ପ୍ରକ୍ରିୟାକରଣ ହୋଇ ମଳରେ ନିଃସୃତ ହୁଏ ନରମ ହୋଇ। ତା'ପରେ ବୀଜଟି ସକ୍ଷମ ହୁଏ ଚାରାଟିଏ ହେବାକୁ। ଅର୍ଥାତ୍ ଈଶ୍ୱରଙ୍କ ଅଭିନବ ସୃଷ୍ଟିରେ ଏହି ମାଂସାଳ ପକ୍ଷୀଟି ହିଁ କାଲଭେରିଆ ଗଛର ସୃଷ୍ଟି ତଥା ସମୃଦ୍ଧିର ଅସଲ କାରଣ। କିନ୍ତୁ ଦୁର୍ଭାଗ୍ୟ, ପକ୍ଷୀଟିର ନିରୀହପଣ ଓ କଅଁଳ ମାଂସ, ତା' ପାଇଁ କାଳ ସାଜିଲା। ପାଟି ଓ ପେଟ ପାଇଁ ମଣିଷ ଅତି ନୃଶଂସ ପାଲଟିଗଲା। ଅବିବେକି ହୋଇ ଅନ୍ଧ ଭାବେ ଶିକାର କରିଚାଲିଲା ବତକ ଜାତୀୟ ଏହି ବିରାଟ ପକ୍ଷୀକୁ। ପରିଣତିରେ ମରିସସ୍ ମାଟିରେ ଇତିହାସ ପାଲଟିଗଲା ଏହି ପ୍ରାଣୀଟି। ତା'ସହିତ ବି ଇତିହାସ ପାଲଟିବାକୁ ଯାଉଛି କାଲଭେରିଆ। ସୁଦୀର୍ଘ ଲମ୍ବା ଜୀବନ ଜିଇ ମରିସସ୍‌ର ଜଳବାୟୁକୁ ମାଟି ଅନୁକୂଳ କରୁଥିବା ଏହି ଗଛଟି ଆଜି ଲୁପ୍ତ ପ୍ରାୟ। କାଁ ଭାଁ କେଉଁଠି ଗୋଟେ ଅଧେ ଶ୍ରୀହୀନ କାଲଭେରିଆ ଅତି ବିକଳ ହୋଇ କାନ୍ଦି କାନ୍ଦି ଖୋଜି ବୁଲୁଛି ତା'ର ଅତି ପ୍ରିୟ ଡୋଡୋ ପକ୍ଷୀକୁ, ନିଜର ଅସ୍ତିତ୍ୱର ରକ୍ଷା ପାଇଁ। ଏଥିରୁ ହିଁ ଆମେ ଅନୁମାନ କରିପାରିବା, ଆମର ଦୂରଦ୍ରଷ୍ଟା ପୂର୍ବଜମାନେ କେମିତି ଅତି ବିଜ୍ଞତା ଓ ଦୂରଦର୍ଶିତାର ସହିତ ପିତୃପକ୍ଷ ପରି ଏକ ପୁଣ୍ୟକର୍ମ ପାଳନ କରିବାର ବିଧି ତିଆରି କରିଯାଇଛନ୍ତି। ଆଉ ପିଢ଼ି ପରେ ପିଢ଼ି ଆମେ ତାକୁ ପାଳିଆସୁଛୁ ଖୁବ୍ ଶ୍ରଦ୍ଧା ଓ ଆବେଗରେ। ଏହିପରି ଅନେକ ଅନେକ ଉତ୍କର୍ଷର ଉପଲବ୍ଧି ଉହ୍ୟ ଅଛି ଆମ ସନାତନୀ ବିଶ୍ୱାସ ଓ ବ୍ୟବସ୍ଥାରେ। ବିଜ୍ଞାନର ଭୂରି ଭୂରି ବାସ୍ନାରେ ବିମୋହିତ ଆମ ଧାର୍ମିକ ଧାରଣା ଓ ଭାବନା। ଏହାକୁ ଭୁଲିଯିବା ଅର୍ଥ ନିଜ ଅମଙ୍ଗଳକୁ ଆମନ୍ତ୍ରଣ କରିବା।

**ଗୋଡିଶୂଳ, ସଜନାଗଡ଼, ବାଲେଶ୍ୱର**
**ମୋ:୯୪୩୭୪୩୬୦୭୩**

## ଏଇ ଭାରତରେ

ସମୀକ୍ଷା ଚନ୍ଦ୍ରକର ଏମ୍‌ବିଏ ପାସ୍ ପରେ ଜଣେ ମହିଳା ଚାଷୀ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ସେ ପୁଣେର ଏକ କମ୍ପାନୀରେ ଚାକିରି କରିଥିଲେ। ତାହାକୁ ଛାଡ଼ି ଛତିଶଗଡ଼ର ରାୟପୁରର ଚାରୁମୁଦିଆ ଗାଁକୁ ଫେରି ଆସିଥିଲେ ୨୦୨୧ରେ । ପରେ ପନିପରିବା ଚାଷ କରି ସେଥିରୁ ଏବେ ୨୦୨୩-୨୪ ବର୍ଷରେ ୧.୫ କୋଟି ଟଙ୍କା ରୋଜଗାର କରିଛନ୍ତି। ଉତ୍ପାଦିତ ଟମାଟୋକୁ ସେ ରାୟପୁର, ପାଟନା, କୋଲକାତା, ନୂଆଦିଲ୍ଲୀ, ବେଙ୍ଗାଲୁରୁ ଆଦି ସହର ମଣ୍ଡିକୁ ପଠାଉଛନ୍ତି। ସମୀକ୍ଷା ୨୦ ଏକରରେ ଟମାଟୋ ଚାଷ କରିଛନ୍ତି। ଆଗକୁ ଅଧିକ ୧୫ ଏକର ଚାଷ କରିବାକୁ ଯୋଜନା କରିଛନ୍ତି। ଏବେ ଚାଷରେ ବାପା ଓ ଭାଇ ତାଙ୍କୁ ସାହାଯ୍ୟ କରୁଛନ୍ତି। ଚାଷ କାର୍ଯ୍ୟ ପାଇଁ ସେ ୧୨୦ ଲୋକଙ୍କୁ ନିଯୁକ୍ତ କରିଛନ୍ତି। ସମୀକ୍ଷା ପ୍ରଥମେ (୨୦ ଏକରରୁ) ଏକର ପିଛା ୫୦ ଟନ୍ ଟମାଟୋ ଉତ୍ପାଦନ କରୁଥିଲେ, କିନ୍ତୁ ବର୍ତ୍ତମାନ ୫୫ ଟନ୍ ଉତ୍ପାଦନ କରିବାକୁ ସକ୍ଷମ ହୋଇଛନ୍ତି। ସେ ଟମାଟୋ ବ୍ୟତୀତ ବାଇଗଣ, କାକୁଡ଼ି, ଲାଉ ଚାଷ ମଧ୍ୟ କରୁଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

**୨୬ ଅଗଷ୍ଟ ୧୯୭୬**

- ୬ ଜଣ ବିଧାନସଭା ସଦସ୍ୟ କଂଗ୍ରେସ ଦଳରେ ଯୋଗଦେବା ଫଳରେ ରାଜ୍ୟ ବିଧାନସଭାରେ କଂଗ୍ରେସ ଦଳର ସଭ୍ୟ ସଂଖ୍ୟା ୮୫କୁ ବୃଦ୍ଧି।
- ରୁଷ୍ ମହାକାଶଚାରୀ ବୋରିସ ଭଲିନଭ ଓ ଭିଟାଲୀ ଝଲବୋଭ ରୁଷ ମହାକାଶ କେନ୍ଦ୍ର ସାଲ୍ୟୁଟ ଯୋଗେ ୪୮ ଦିନ ପରିକ୍ରମା ଶେଷ କରି ପୃଥିବୀ ପୃଷ୍ଠକୁ ଫେରିଆସିଛନ୍ତି।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 1 | 7 | | |
| | 8 | 4 | 5 | | | 2 | | |
| 3 | | | | | | 6 | | |
| 2 | | | | 3 | | | 7 | |
| | | | 7 | | 4 | | 9 | |
| | 7 | | | | 5 | 8 | | |
| | | | 1 | | 7 | | | |
| 4 | | 2 | | | | | | |
| | | | | | 6 | 5 | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 5 | 3 | 4 | 2 | 6 | 8 | 7 |
| 2 | 8 | 7 | 9 | 5 | 6 | 3 | 1 | 4 |
| 4 | 6 | 3 | 1 | 7 | 8 | 2 | 5 | 9 |
| 3 | 1 | 2 | 4 | 8 | 7 | 5 | 9 | 6 |
| 7 | 4 | 9 | 6 | 3 | 5 | 8 | 2 | 1 |
| 8 | 5 | 6 | 2 | 1 | 9 | 4 | 7 | 3 |
| 5 | 7 | 1 | 8 | 6 | 4 | 9 | 3 | 2 |
| 9 | 3 | 4 | 5 | 2 | 1 | 7 | 6 | 8 |
| 6 | 2 | 8 | 7 | 9 | 3 | 1 | 4 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନିରାଶ କଲା ନିଅଣ୍ଟିଆ ବର୍ଷା

ମହାଶୟ,
ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକର ୨୪ ଗୋଟି ପଞ୍ଚାୟତରେ ଆଗୁଆ ଭଲ ବର୍ଷା କାରଣରୁ ଚାଷବାସ ଭଲ ହେବ ବୋଲି ଚାଷୀ ଆକଳନ କରିଥିଲେ । ହେଲେ ଜୁଲାଇ ମାସର ନିଅଣ୍ଟିଆ ବର୍ଷା ସବୁ ଆକଳନ ଓଲଟପାଲଟ କରିଦେଇଛି । ଏଥର ସ୍ୱାଭାବିକ ମୌସୁମୀ ପ୍ରଚଳନ ଯୋଗୁ ଭଲ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା । କିନ୍ତୁ ଖରା ଓ ଗୁଳୁଗୁଳି ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି । ରାଜ୍ୟରେ ମୌସୁମୀ ସକ୍ରିୟ ଥିଲେ ହେଁ ଅଞ୍ଚଳରେ ବର୍ଷା ଆଶାନୁରୂପ ନୁହେଁ। ବିଭିନ୍ନ ପଞ୍ଚାୟତର ଉଚ୍ଚ ଅଞ୍ଚଳରେ ଥିବା ଜମିଗୁଡିକ ଟାଣ ଖରାରେ ଫାଟିବାକୁ ବସିଲାଣି। ସ୍ଥାନୀୟ ଶାସନ ଶ୍ରୀରାମଚନ୍ଦ୍ରପୁରର ଚାଷୀ ପାଖରେ ପାଣି ପାଇଁ ବିକଳ୍ପ ବ୍ୟବସ୍ଥା ନ ଥିବାରୁ ବର୍ଷା ଉପରେ ହିଁ ସବୁ ନିର୍ଭର କରୁଛି । ହେଲେ ଅନିୟମିତ ବର୍ଷା ଚାଷବାସ ସ୍ଥିତି ବିଗିଡ଼ି ଦେଇଛି।

**-ଦେବବ୍ରତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

## ଚିରନ୍ତନୀ

ପବନ କାହୁଁ ଆସି କାହିଁ ଯାଏ ନୋହେ ବୁଝି
ଚାଲିଛି ତଥା ଜନ
ବାଟ ବଣ ଆଖି ବୁଜି ।
ଚାଲିଛି କଥା ମୁହିଁ ସଙ୍ଗେ ତୋର ପ୍ରିୟତମା
ଦେହୀର ଦେହ ସମ
କରି ଭ୍ରମରେ ଉତ୍ତମା !
-(ମରଣ ପାଳି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ତୈଳିକ ହଳଦିଆ ବୈଶ୍ୟ ସାହୁ ସମାଜ ଜିଲା କମିଟି ଗଠିତ

**କର୍ଲାମୁଣ୍ଡା,୨୫।୮ (ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ କୁର୍ଗୁର୍ଲା ଓ ମ.ରାମପୁର ବ୍ଲକ୍‌ର ମସ୍କାଦାଣ୍ଡି ସୀମାନ୍ତ ଶାନ୍ତି ବନଠାରେ ତୈଳିକ ହଳଦିଆ ବୈଶ୍ୟ ସାହୁ ସମାଜର ବୈଠକ କରାଯାଇ ଜିଲା କମିଟି ଗଠନ କରାଯାଇଛି। ଜିଲା ସଭାପତି ଭାବେ ନୀଳମଣି ସାହୁ, ସାଧାରଣ ସମ୍ପାଦକ ଭାବେ ନବୀନ କିଶୋର ସାହୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହାବ୍ୟତୀତ ସମାଜର ଡାଙ୍ଗ ବଂଶରୁ ଲକ୍ଷ୍ମୀ ପ୍ରସାଦ ସାହୁ, ଚନ୍ଦା ବଂଶରୁ ହୀରାମଣି ସାହୁ, ଶାବଳ ବଂଶରୁ ରଜାପତି ସାହୁ, ମୁହୁନି ବଂଶରୁ ବୁଧିରାମ ସାହୁ, ଡୁଙ୍ଗୁରୀ ବଂଶରୁ ମୁରଲୀଧର ସାହୁ, ପଗାର ବଂଶରୁ ଜଗଦୀଶ ସାହୁ, ଷଣା ବଂଶରୁ ମୁରଲୀଧର ସାହୁ, ବେରାଜଲ ବଂଶରୁ ସୁବଳୟା ସାହୁ, ମକଟା ବଂଶରୁ କ୍ଷମାନିଧି ସାହୁ, କପାଟ ବଂଶରୁ ଯୋଗୀନ୍ଦ୍ର ସାହୁ ପ୍ରତିନିଧି ଭାବେ ଜିଲା କମିଟିକୁ ଚୟନ ହୋଇଛନ୍ତି। ସେହିପରି ମହିଳା ପ୍ରତିନିଧି ଭାବେ ମାହେନ୍ଦ୍ରୀ ସାହୁ, ଜାହ୍ନବୀ ସାହୁ ଚୟନ ହୋଇଥିବା ସମ୍ପାଦକ ସାହୁ ସୂଚନା ଦେଇଛନ୍ତି। ଆଇନଜୀବୀ ହେମନ୍ତ ସାହୁ, ଉଦ୍ଧବ ସାହୁ ନିର୍ବାଚନ ପରିଚାଳନା କରିଥିଲେ। ଏଥିରେ ନର୍ଲା, ମ ରାମପୁର, କେସିଙ୍ଗା, କର୍ଲାମୁଣ୍ଡା ବ୍ଲକରୁ ଶତାଧିକ ସଦସ୍ୟ ଅଂଶଗ୍ରହଣ କରିଥିଲେ।

### ୟୁରିଆ ସାର ଅଭାବ, ଚିନ୍ତାରେ ଚାଷୀ

**ରିଷିଡ଼ା,୨୫।୮ (ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ଅଞ୍ଚଳରେ ଧାନ ସାଙ୍ଗକୁ କପା, ମକା ଫସଲ ଲାଗି ଆବଶ୍ୟକ ପଡୁଥିବା ୟୁରିଆ ସାର ମିଳୁନାହିଁ। ଏହାକୁ ନେଇ ଚାଷୀ ଚିନ୍ତାରେ ପଡିଛନ୍ତି। କୃଷି ବିଭାଗ ତଥ୍ୟ ଅନୁସାରେ ଚଳିତ ଖରିଫ ଋତୁରେ କର୍ଲାମୁଣ୍ଡା ବ୍ଲକ୍‌ରେ ମୋଟ ୧୦ ହଜାର ୮୦୦ ହେକ୍ଟର ଜମିରେ ଧାନଚାଷ କରାଯାଇଛି। ତନ୍ମଧ୍ୟରୁ ଜଳସେଚିତ ୨୪୩୫ ହେକ୍ଟର ଥିବାବେଳେ ଅବଶିଷ୍ଟ ଅଣଜଳସେଚିତ ଜମିରେ ଧାନଚାଷ ହୋଇଛି। ଏହାସହ ୭୦୬ ହେକ୍ଟର ମକା ଓ ୨୦୦୦ ହେକ୍ଟର ଜମିରେ କପା ଚାଷ ହୋଇଛି। ଚାଷୀନେତାଙ୍କ କହିବା କଥା ଚଳିତ ବର୍ଷ ଚାଷୀମାନେ ଧାନ କୁଇଣ୍ଟାଲ ୩୧୦୦ ଟଙ୍କା ଥିବାରୁ ଚାଷୀମାନେ ଗୋଚର, ଅନାବାଦୀ, ସରକାରୀ ଜଙ୍ଗଲ ଜମିରେ ମଧ୍ୟ ଧାନ ଓ କପା ଚାଷ କରିଛନ୍ତି। ଏଣୁ ୟୁରିଆ ସାରର ଅଭାବ ଦେଖାଦେଇଛି। ବର୍ତ୍ତମାନ ୟୁରିଆ ୫୦ କେଜି ବସ୍ତାକୁ ସରକାରୀ ମୂଲ୍ୟ ୨୮୯ ଟଙ୍କା ନିର୍ଦ୍ଧାରଣ କରାଯାଇଥିବା ବେଳେ ବାହାରେ ଏକ ନାନୋ ଲିକ୍ୟୁଡ୍ ସହିତ ପାଖାପାଖି ୫୦୦ ଟଙ୍କାରେ ବିକ୍ରି ହେଉଛି। ସାର କଳାବଜାର ହେଉଥିଲେ ମଧ୍ୟ କୌଣସି ସ୍ଥାନରେ ସେଭଳି ଆଖିଦୃଶିଆ ଧରପଗଡ଼ ହେଉନାହିଁ। ଏ ସମ୍ପର୍କରେ ବ୍ଲକ୍ କୃଷି ଅଧିକାରିଣୀଙ୍କୁ ପଚାରିବାରୁ ସେଭଳି କିଛି ଅଭିଯୋଗ ଆସି ନ ଥିବା କହିଛନ୍ତି।



କର୍ଲାପାଟ ଅଭୟାରଣ୍ୟ ମଧ୍ୟରେ ଥିବା ଖୁଟଲୁଗୁଡା ଗାଁ।



ଜଙ୍ଗଲରୁ ବାଉଁଶ ଆଣି ସାମଗ୍ରୀ ତିଆରି କରୁଛନ୍ତି ଜଣେ ମହିଳା।

# ପ୍ରକୃତି ଦେଖାଇଛି ଜୀବନ ଜିଇବାର ରାହା

**ଭବାନୀପାଟଣା,୨୫।୮ (ଉତ୍ତମ କୁମାର ଦାଶ)**

**ସରକାରୀ ଯୋଜନା ଅପହଞ୍ଚ**

ବଣପାହାଡ଼ ଘେରା ଅଞ୍ଚଳରେ ନା ପଡ଼ିଛି ଆଧୁନିକତାର ଛାପ ନା ଅଛି ଯୋଗାଯୋଗର ସରଳ ମାଧ୍ୟମ। ସହରର ଚାକଚକ୍ୟଠାରୁ ବେଶ ଦୂରରେ ଏମାନେ। ଏମାନଙ୍କ ଜୀବନଶୈଳୀ ସହରଠାରୁ ଭିନ୍ନ। ଗମନାଗମନ, ମୋବାଇଲ ନେଟ୍‌ୱର୍କ, ପାନୀୟଜଳ, ସ୍ୱାସ୍ଥ୍ୟ ସେବାଠୁ ଆରମ୍ଭ କରି ଉନ୍ନତମାନର ଶିକ୍ଷା ଏମାନଙ୍କ ପାଇଁ ସାତସପନ। ଗାଁକୁ ସରକାରୀ ବାବୁ ତ ଦୂରର କଥା ରାଜନେତା କିମ୍ବା ନିର୍ବାଚିତ ପ୍ରତିନିଧିଙ୍କ ପାଦ ପଡେନାହିଁ। ମନର ଦୁଃଖ ଓ ପେଟର ଭୋକକୁ ଭୁଲି ଅଭୟାରଣ୍ୟ ମଧ୍ୟରେ ନିଜ ଭାଗ୍ୟକୁ ନିଜେ ଲେଖୁଛନ୍ତି ବନବାସୀ। ଏପରି ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ବିଦୁର ପଞ୍ଚାୟତର ଦୁର୍ଗମ କର୍ଲାପାଟ ଅଭୟାରଣ୍ୟ ମଧ୍ୟରେ ଥିବା ଖୁଟଲୁଗୁଡା ଗାଁରେ। ଏହି ଗାଁରେ ସମସ୍ତେ ଆଦିବାସୀ ସମ୍ପ୍ରଦାୟର ହୋଇଥିବା ବେଳେ ସମସ୍ତେ ଭୂମିହୀନ ଅଟନ୍ତି। ଆଦିବାସୀମାନେ ଜଙ୍ଗଲୀ ମୂଳକରେ କେଉଁ ଅବାହମାନ କାଳରୁ ବସବାସ କରିଆସୁଛନ୍ତି। ଗାଁକୁ ଯିବାକୁ ହେଲେ ୩ଟି ନାଳ ଓ ଜଙ୍ଗଲିଆ ପାଦଚଲା ରାସ୍ତାରେ ଯିବାକୁ ପଡେ। ଦୁଇଚକିଆ କିମ୍ବା ଚାରିଚକିଆ ଗାଡି ଯାଇପାରେ ନାହିଁ। କୌଣସି ଗର୍ଭବତୀ କିମ୍ବା ପ୍ରସୂତିଙ୍କୁ ଡାକ୍ତରଖାନା ନେବାକୁ ହେଲେ ଖଟିଆରେ ବୋହି ମୁଖ୍ୟ ରାସ୍ତାକୁ ଆଣିବାକୁ ପଡିଥାଏ ବୋଲି ଗ୍ରାମର ଜଳନ୍ଧର ମାଝୀ, ବୁଟୁ ମାଝୀ ପ୍ରକାଶ କରନ୍ତି। ଏହି ଆଦିବାସୀମାନେ ବିକାଶ କହିଲେ କିଛି ଜାଣନ୍ତି ନାହିଁ। ଏମାନଙ୍କ ପାଇଁ ସରକାରୀ ଯୋଜନା ଅପହଞ୍ଚ। ପ୍ରକୃତି ହିଁ ଆଦିବାସୀଙ୍କୁ ବଞ୍ଚିବାର ରାହା ଦେଖାଇଛି। ଜଙ୍ଗଲରୁ ବାଉଁଶ ଆଣି ସେଥିରୁ ବିଭିନ୍ନ ଜିନିଷ ତିଆରି କରିବା ସହିତ ବିକ୍ରି କରି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି। ଆଦିବାସୀମାନେ ପୁରୁଷ ପୁରୁଷ ଧରି ଝରଣା ପାଣି ପିଇ ଜୀବନ ବିତାଇଥାନ୍ତି। ଖରା ଓ ଶୀତ ଋତୁରେ ନାଳ ପାଣି ବ୍ୟବହାର କରି ହୁଏ। ବର୍ଷା ଋତୁରେ ଗ୍ରାମବାସୀଙ୍କ ଦୁଃଖ ଦ୍ୱିଗୁଣିତ ହୋଇଯାଏ। ଏହି ସମୟରେ ନାଳ ଫୁଲିବା ସହିତ ପାଣି ପ୍ରଖର ଥାଏ। ଫଳରେ ବାଧ୍ୟ ହୋଇ ମଇଳା ପାଣିକୁ ମଧ୍ୟ ବ୍ୟବହାର କରୁ ବୋଲି ଗ୍ରାମର ଗୁମାନ ସିଂହ ମାଝୀ, ବସନ୍ତ ମାଝୀ ପ୍ରକାଶ କରନ୍ତି। ଦୁର୍ଗମ ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ଆଜି ବି ଅବହେଳିତ ହୋଇ ରହିଛନ୍ତି। ବର୍ତ୍ତମାନ ଓଡ଼ିଶାରେ ନୂଆ ସରକାର କ୍ଷମତାକୁ ଆସିଛି। ଜଣେ ଆଦିବାସୀ ହିଁ ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଆଦିବାସୀ ମୁଖ୍ୟମନ୍ତ୍ରୀ ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀମାନଙ୍କ କଥା କେବେ ଶୁଣିବେ ତାହା ଦେଖିବାକୁ ବାକି ରହିଲା।

### ୯୨ ଅଭିଯୋଗର ଶୁଣାଣି କଲେ ଜିଲାପାଳ

**ଖଡ଼ିଆଳ,୨୫।୮ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଳ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାପାଳ ମଧୁସୂଦନ ଦାଶଙ୍କ ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୯୨ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୭୫ଟି ବ୍ୟକ୍ତିଗତ ଓ ୧୭ଟି ଗୋଷ୍ଠୀଗତ ରହିଥିଲା। ଏହିସବୁ ଅଭିଯୋଗର ଶୁଣାଣି କରି ଅତିଶୀଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ୍ ଖାନ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲାପାଳ ଯୋଗେନ୍ଦ୍ର ମାଝୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମନୋଜ କୁମାର ସାହୁ,ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଶିବିର ପରିଚାଳନାରେ ଡେପୁଟି କଲେକ୍ଟର ଶେଖ ନସିମ, ବିଡ଼ିଓ ନରସିଂହ ଗଡବା, ଅତିରିକ୍ତ ତହସିଲଦାର ତ୍ରିଲୋଚନ ନାୟକ, ଖଡ଼ିଆଳ ଏନ୍‌ଏସି ଇଓ ସ୍ୱାଧୀନ କେତନ ମହାରଣା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ବ୍ଲକ ପରିସରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଓ ସ୍ଥାନୀୟ ଡାକ୍ତରଖାନାରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା।



ଅତିଥିଙ୍କ ଗହଣରେ ଖେଳାଳିବୃନ୍ଦ।

## ନୂଆପଡ଼ା କପ୍ ଫୁଟ୍‌ବଲ: କୋମନା ବ୍ଲକ ଚାମ୍ପିୟନ

**ନୂଆପଡ଼ା,୨୫।୮ (ମକାରୁ ବେମାଲ)**

ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଜିଲା ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୮ ତମ ନୂଆପଡ଼ା କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ନୂଆପଡ଼ା ଏନ୍‌ଏସି ଓ କୋମନା ବ୍ଲକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କୋମନା ବ୍ଲକ ଟାଇବ୍ରେକର ମାଧ୍ୟମରେ ୩-୨ ଗୋଲରେ ନୂଆପଡା ଏନ୍‌ଏସିକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଜିଲା ଫୁଟ୍‌ବଲ ଆସୋସିଏଶନ ଆବାହକ ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ଆୟୋଜିତ ଉଦ୍‌ଯାପନୀ ସଭାରେ ଖଡିଆଳ ବଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟ ଅତିଥି, ପୂର୍ବତନ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ଅନ୍ୟତମ ଅତିଥି ଓ ଜିଲାପରିଷଦ ସଦସ୍ୟ ଭରତ ଲାଲ ରାଉତ, ଜିଲା କ୍ରିକେଟ ସଂଘ ସଭାପତି ପ୍ରକାଶ ସାହୁ, ଭାଜପା ଯୁବ ମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା, ଜିଲା ସିଭିଲ ବାର ପୂର୍ବତନ ସଭାପତି ଶୁଶାନ୍ତ କୁମାର ପତି, ଅଶୋକ କୁମାର ଦେବାଙ୍ଗନ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ନଗଦ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ହରିହର ସାହୁ, ତାପସ ପତି, ଦୁଷ୍ମନ୍ତ ପୂଜାରୀ ଓ ହେମସାଗର ସାହୁ ଖେଳ ପରିଚାଳନା କରିଥିଲେ।

### ପ୍ରମାଣ ଅଭାବରୁ ଏଏସ୍‌ଆଇ ନିର୍ଦ୍ଦୋଷରେ ଖଲାସ

**ଭବାନୀପାଟଣା,୨୫।୮ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ଫାଣ୍ଡିର ପୂର୍ବତନ ଏଏସ୍‌ଆଇ ରାଜେନ୍ଦ୍ର କୁମାର ପଟ୍ଟନାୟକ ଓ ଗ୍ରାମରକ୍ଷୀ ଗୌରାଙ୍ଗ ବାଗ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଗତ ୨୪।୮।୨୦୧୬ରେ ଏମ୍ .ରାମପୁର ଥାନା ଦେଓଗାଁର ମଣ୍ଟୁ ସାହୁଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଫାଣ୍ଡି ଅଧିକାରୀ ଏଏସ୍‌ଆଇ ପଟ୍ଟନାୟକ ଓ ଗ୍ରାମରକ୍ଷୀ ବାଗ ଭିଜିଲାନ୍ସ ଜାଲରେ ପଡ଼ିଥିଲେ। ଉଭୟଙ୍କ ନାମରେ କୋରାପୁଟ ଭିଜିଲାନ୍ସ ବିଭାଗରେ ଏକ ମାମଲା ରୁଜୁ ହୋଇଥିଲା। ସୋମବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ବଦ୍ରି ନାରାୟଣ ନନ୍ଦ ଏହି ମାମଲାରେ ୧୦ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରିଥିଲେ। ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଉପରୋକ୍ତ ରାୟ ଶୁଣାଇଥିଲେ। ଏହି ମାମଲାକୁ ବରିଷ୍ଠ ଆଇନଜୀବୀ ଦିଲୀପ କୁମାର ସା ପରିଚାଳନା କରୁଥିଲେ।

### ବୁଢାରଜା ୟୁଥ୍ କ୍ଲବ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

**ଲାଞ୍ଜିଗଡ଼,୨୫।୮ (ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତ କୁମାରଗୁଡ଼ା ବୁଢାରଜା ୟୁଥ୍ କ୍ଲବ ପକ୍ଷରୁ ସୋମବାର ସଫେଇ କାର୍ଯ୍ୟକ୍ରମ କରାଯାଇ ସଚେତନତା ବାର୍ତ୍ତା ଦିଆଯାଇଛି। ଏହି କାର୍ଯ୍ୟକ୍ରମ ଜରିଆରେ କ୍ଲବର ସଦସ୍ୟମାନେ ଗାଁ ପରିବେଶ, ସୁସ୍ଥ ସମାଜ ଗଠନ ଦିଗରେ ଅଗ୍ରସର ହୋଇଛନ୍ତି। କ୍ଲବ ସଭାପତି ହରିଶଚନ୍ଦ୍ର ସାହୁ ଓ ସମ୍ପାଦକ ରାଜେଶ ନାଏକଙ୍କ ନେତୃତ୍ୱରେ ସଦସ୍ୟମାନେ ରୋଘାଗୁଡା ବସ୍‌ଷ୍ଟପ, ରାସ୍ତା କଡରେ ଥିବା ଆବର୍ଜନା ଓ ଅନାବନା ଗଛ କାଟି ସଫା କରିଥିଲେ। କ୍ଲବ ସଦସ୍ୟ ପିଣ୍ଟୁ ଲାଲସି, ରତିକାନ୍ତ, ସୁଦାମା ହରିଜନ, ସୁମିତ ନାଏକ, ଦୟାରମା ସାହୁ ପ୍ରମୁଖ ସାମିଲ ହୋଇଥିଲେ। ଆଗକୁ ପଞ୍ଚାୟତର ସମସ୍ତ ଗାଁରେ ଏଭଳି ସଚେତନା ବାର୍ତ୍ତା ଦେବା ସହ ପରିବେଶ ସୁରକ୍ଷା ଓ ସଫେଇ କାର୍ଯ୍ୟକ୍ରମ କରାଯିବ ବୋଲି ସଭାପତି ସାହୁ ପ୍ରକାଶ କରିଛନ୍ତି।




ବସ୍‌ଷ୍ଟପ ପରିସର ସଫେଇ କରୁଛନ୍ତି କ୍ଲବ ସଦସ୍ୟ।

## ନିଆଁରେ ପୋଡ଼ିହୋଇ ଦମ୍ପତି ମୃତ

**ନୂଆପଡ଼ା/ଖଡ଼ିଆଳ,୨୫।୮ (ମକାରୁ ବେମାଲ/ସୁଜିତ କୁମାର ପ୍ରଧାନ)** ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଡୁକଲା ଗ୍ରାମରେ ସୋମବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଦୋକାନରେ ନିଆଁ ଲାଗି ଏକ ଦମ୍ପତି ଜଳିଯାଇ ପ୍ରାଣ ହରାଇଛନ୍ତି। ସେମାନେ ହେଲେ ବ୍ରାହ୍ମଣପଡ଼ାର ରାଜେଶ ପଟେଲ (୩୦) ଓ ତାଙ୍କ ସ୍ତ୍ରୀ ରିମା ପଟେଲ (୨୪)। ରାତି ପ୍ରାୟ ୮ଟାରେ ରାଜେଶ ଓ ରିମା ନିଜ ଦୋକାନରେ ଥିବାବେଳେ ହଠାତ୍ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ନିଆଁରେ ପୋଡ଼ିଯାଇ ଦମ୍ପତି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଛନ୍ତି। ଖଡ଼ିଆଳ ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। ତଦନ୍ତ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଦିଲୀପ ସାହୁ ସୂଚନା ଦେଇଛନ୍ତି।

## ବ୍ଲକ ସମଗ୍ର ଶିକ୍ଷା କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ




ଜୁନାଗଡ଼ ବିଇଓଙ୍କୁ ଦାବିପତ୍ର ଦିଆଯାଉଛି।

**ଭବାନୀପାଟଣା,୨୫।୮ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାର ୧୩ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ସମଗ୍ର ଶିକ୍ଷା କର୍ମଚାରୀମାନେ ନିୟମିତ ଦାବିରେ ସୋମବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହା ପୂର୍ବରୁ ସେମାନେ ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ଦେଇଛନ୍ତି।

**ନିୟମିତ ଦାବି**

ଏହି କର୍ମଚାରୀମାନେ ଗତ ୧୩ ବର୍ଷ ହେଲା ବ୍ଲକ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟରେ ସେବା ଜାରି ରଖିଛନ୍ତି। ଚୁକ୍ତିଭିତ୍ତିକ ନିଯୁକ୍ତି ପାଇ ଅବହେଳିତ ଅବସ୍ଥାରେ ଥିବା କର୍ମଚାରୀମାନେ ଚାକିରି ନିୟମିତ କରିବା ପାଇଁ ସରକାରଙ୍କୁ ବହୁବାର ଦାବି ଜଣାଇଥିଲେ ମଧ୍ୟ ସୁଫଳ ପାଇନାହାନ୍ତି। ଏ ନେଇ ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲେ ବି କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଏହାର ପ୍ରତିବାଦରେ ବ୍ଲକ ସମଗ୍ର ଶିକ୍ଷା କର୍ମଚାରୀ ତଥା ସୂଚନା ଓ ଯୋଜନା ସଂଯୋଜକ, ହିସାବ ରକ୍ଷକ ଓ ସହଯୋଗୀ କର୍ମଚାରୀ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛନ୍ତି। କଳାହାଣ୍ଡି ସଂଘ ପକ୍ଷରୁ କୁହାଯାଇଛି ଯେ, ଶିକ୍ଷା ସମ୍ବନ୍ଧୀୟ ଡାଟାବେସ ପ୍ରସ୍ତୁତି, ପ୍ରକଳ୍ପ ଯୋଜନା, କ୍ୟାସବୁକ, ବିନିଯୋଗ ପ୍ରମାଣପତ୍ର, ୟୁ-ଡାଇଜ, ୟୁଏସ୍ ପୋର୍ଟାଲ ପରିଚାଳନା, ପାଠ ଛାଡ଼ିଥିବା ପିଲାଙ୍କୁ ମୁଖ୍ୟସ୍ରୋତକୁ ଆଣିବା ଭଳି ବିଭିନ୍ନ କ୍ଷେତ୍ରରେ ବ୍ଲକ ସମଗ୍ର ଶିକ୍ଷା କର୍ମଚାରୀ ଦାୟିତ୍ୱ ନିର୍ବାହ କରୁଛନ୍ତି। କେବଳ ସରକାରୀ ଯୋଜନା ନୁହେଁ ବିଇଓ ଏଷ୍ଟାବ୍ଲିସମେଣ୍ଟର ନିୟମିତ କାମ ସେମାନେ ତୁଲାଇଥାନ୍ତି। ତେଣୁ ସରକାର ଏହି ଦାବିକୁ ପୂରଣ କରନ୍ତୁ, ନଚେତ ଏହି ଆନ୍ଦୋଳନ ଆଗକୁ ମଧ୍ୟ ଜାରି ରହିବ ବୋଲି କଳାହାଣ୍ଡି ଜିଲା ସଭାପତି ନରେଶ କୁମାର ସାହୁ ପ୍ରକାଶ କରିଛନ୍ତି।

**कार्यालय झुमरीतिलैया नगर परिषद**

**अति अल्पकालीन ई–निविदा आमंत्रण सूचना**

ई–निविदा सूचना सं0– J.M.C/04/2025-26 Date – 25-08-2025

| क्रं0 सं0 | मद् का नाम | कार्य का नाम | प्राक्कलित राशि (in Rupees) | अग्रधन की राशि (in Rupees) | निविदा शुल्क (in Rupees) | कार्य समाप्ति की अवधि |
|---|---|---|---|---|---|---|
| 1. | 15वें वित्त | CONSTRUCTION OF DEVELOPMENT OF VENDING ZONES/SHOPS WITH BASIC INFRASTRUCTURE AND PUBLIC AMENITIES FOR STREET VENDOR NEAR GANDHI SCHOOL. | 1,71,14,457 | 3,42,300 | 10,000 | 12 Month |

1. Only E-Tender will be accepted
2. नगर विकास एवं आवास विभाग अन्तर्गत समुचित श्रेणी में निबंधित संवेदक निविदा में भाग ले सकते है।
3. वेबसाईट में निविदा प्रकाशन की तिथि : 01.09.2025 (पूर्वाहन 10.00 बजे से)।
4. ई–निविदा प्राप्ति की अंतिम तिथि एवं समय : 09.09.2025 अपराहन 5.00 बजे।
5. निविदा खोलने की तिथि : 11.09.2025 अपराहन 3.00 बजे।
6. हेल्पलाईन नम्बर : 7903772765, 9572100949, 8505948858
7. E-Procurement में Tender Fee एवं EMD की राशि ऑनलाईन सूचना प्रोद्योगिकी एवं ई–गवर्नेंस विभाग, झारखण्ड, राँची का आदेश ज्ञापांक – 120, दिनांक– 03.10.2023 एवं नगर विकास एवं आवास विभाग, झारखण्ड, राँची का पत्रांक 05/विविध (e-tender)–12/2023/न0वि0–4847 (अनु0), दिनांक– 11.10.2023 के तहत ली जायगी।
8. निविदा शूल्क एवं अग्रधन की राशि केवल Online Mode द्वारा स्वीकार्य होगी।

विशेष जानकारी विभागीय वेबसाईट http://jharkhandtenders.gov.in पर देखी जा सकती है।

प्रशासक
झुमरी तिलैया, नगर परिषद

PR 360399 Urban Development(25-26)#D

**GOVT. OF ODISHA** No.O-640
**OFFICE OF THE SUPERINTENDING ENGINEER RURAL WORKS DIVISION, ANANDAPUR**
E-Mail:- eerw_anandapur@yahoo.co.in

**NOTICE INVITING TENDER**

**NATIONAL COMPETITIVE BIDDING THROUGH e-PROCUREMENT NOTICE**
**On line-04 /EE/RW/AND/2025-26**
**Construction of Academic Building (1st Floor) of Patitapaban Degree College, Sainkul**
No. 5180// Date : 21.08.2025 //

**Executive Engineer, Rural Works Division, Anandapur** on behalf of **Government of Odisha invites PERCENTAGE (%) RATE tender for Building work through** e-Procurement as per annexure in **Double Cover system**. The bid should be submitted on-line in the website www.tendersorissa.gov.in by eligible class of contractors having legal competency & expertise, registered with the state Government & contractors of equivalent grades /class registered with central Govt./ MES/ Railways for execution of the works for drawal of agreement in percentage P1 contract forms of Government of Odisha. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrollment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender in : O/o the S.E., R.W. Division, Anandapur (Double Cover) | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division, Anandapur | NCB-Online 04/EE/RW/ AND/2025-26 | Dt.29.08.25 at 10.00 A.M. | Dt.06.09.25 up to 5.30 P.M. | Dt.06.09.25 up to 5.30 P.M. | Dt.08.09.25 at 11.30 A.M. | Will be intimated later |

Sd./- Executive Engineer
R.W. Division, Anandapur

OIPR-25055/11/0024/2526

**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha

**QUOTATION CALL NOTICE**

Sealed quotations in prescribed format are invited for Printing Works, Supply of High Tea, Supply of Biryani Packets, Working Lunch & Snacks, Supply of Electrical Items, Supply of Furniture Items, and Supply of Tent House Items for 12th Annual Convocation at NLUO, Cuttack. Last date & time of receipt is **03.09.2025** at **11.00 A.M.** For details please visit website: **www.nluo.ac.in".**

Sd/- Registrar

**OFFICE OF THE SUPERINTENDING ENGINEER RURAL WORKS DIVISION-II, GANJAM, BERHAMPUR**
Phone : 0680-2404096, E-Mail : eerwgmt@yahoo.co.in
No.O-613 **Government of Odisha e-Procurement Notice**
**Bid Identification No. Online Tender/05/SERWD-II/2025-26**
**Memo No.6194/RWD-IIGB, Date : 18.08.2025**

| | | | |
|---|---|---|---|
| 1 | Name of the Work | : | Building Works |
| 2 | Estimated Cost | : | Rs.2.11 lakhs to Rs.5.05 lakhs |
| 3 | Period of Completion | : | 1 (One) Month as per Annexure |
| 4 | Date & Time of availability of Bid documents in the Portal | : | 01.09.2025 at 10.00 A.M. to 12.09.2025 up to 4.00 P.M. |
| 5 | Last Date/Time for receipt of Bids in the Portal | : | 12.09.2025 up to 4.00 P.M. |
| 6 | Name and address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal **tendersodisha.gov.in/nicgep/app**

Sd./- Executive Engineer
R.W. Division-II, Ganjam
Berhampur

OIPR-25073/11/0025/2526

**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR**
E-mail : seec.bbsr2010@gmail.com
**Bid Identification No.S.E.E.C (R&B) 11/2025-26**
**No. 3169 / Date : 19.08.2025**

**No.B-428** : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.01.09.2025 at 05.00 P.M. to dt.15.09.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.16.09.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B) Odisha, BBSR

OIPR-34006/11/0045/2526

# ୨୫ ଦିନରେ ୧୬.୭୫କୁଇଣ୍ଟାଲ ଗଞ୍ଜେଇ ଜବତ

## ଅପରେଶନ ଗରୁଡ

### ସୁବର୍ଣ୍ଣପୁର, ବଲାଙ୍ଗୀର ପୋଲିସଙ୍କୁ ମିଳିଛି ସଫଳତା : ଆଇଜି

ସୋନପୁର,୨୫।୮(ମୃତ୍ୟୁଞ୍ଜୟ ଶତପଥୀ)

ରାଜ୍ୟରେ ଅଗଷ୍ଟ ୧ରୁ ଅପରେଶନ ଗରୁଡ ଆରମ୍ଭ ହୋଇଛି। ବେଆଇନ ନିଶା କାରବାର, ମାରଣାସ୍ତ୍ର ଚୋରାଚାଲାଣ, ନିଶାଶକ୍ତ ଅବସ୍ଥାରେ ଗାଡି ଚାଳନା, ବେଆଇନ ମାଦକ ଦ୍ରବ୍ୟ ଚାଲାଣ, ପଡି ରହିଥିବା ଜାମିନ ବିହୀନ ଗିରଫ ପରୱାନାଗୁଡିକୁ କାର୍ଯ୍ୟକାରୀ କରିବା ଓ ଆପରାଧିକ କାର୍ଯ୍ୟକଳାପକୁ ଦମନ କରିବା ଲକ୍ଷ୍ୟରେ ଅଭିଯାନ ଜାରି ରହିଛି। ଏହିକ୍ରମରେ ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲାରେ ଆରମ୍ଭ ହୋଇଥିବା ଗରୁଡ ଅଭିଯାନରେ ସଫଳତା ମିଳିଥିବା ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ କୁମାର ଲାଲ ସୁବର୍ଣ୍ଣପୁର ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।



ଆଇଜି, ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ଆଇଜି ଲାଲଙ୍କ ସୂଚନା ଅନୁଯାୟୀ, ଗତ ଅଗଷ୍ଟ ୧ରୁ ୨୫ତାରିଖ ମଧ୍ୟରେ ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲାରେ ମୋଟ ୧୩ଟି ଗଞ୍ଜେଇ ଚୋରାଚାଲାଣ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ୧୪ଜଣଙ୍କୁ ଗିରଫ କରାଯିବା ସହ ୧୬କୁଇଣ୍ଟାଲ ୭୫କିଲୋ ଗଞ୍ଜେଇ ଜବତ କରାଯାଇଛି। ଜବତ ଗଞ୍ଜେଇର ବଜାର ମୂଲ୍ୟ ୧୬କୋଟିରୁ ଉର୍ଦ୍ଧ୍ୱ। ତେବେ ସୁବର୍ଣ୍ଣପୁର ଜିଲା ପୋଲିସଙ୍କୁ ଏ କ୍ଷେତ୍ରରେ ବଡ ସଫଳତା ମିଳିଛି। ୨୫ ଦିନରେ ଜିଲାର ସମସ୍ତ ଥାନା ଅଞ୍ଚଳରେ ୧୦ଟି ମାମଲା ରୁଜୁ ହୋଇଥିବା ବେଳେ ୧୩କୁଇଣ୍ଟାଲ ୪୦କିଲୋ ବେଆଇନ ଭାବେ ଚାଲାଣ ହେଉଥିବା ଗଞ୍ଜେଇ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ୧୦ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ୬ଟି ମୋବାଇଲ, ୪ଟି ଚାରି ଚକିଆ ଯାନ, ଗୋଟିଏ ତିନି ଚକିଆ ଯାନ, ୪ଟି ଦୁଇ ଚକିଆ ଯାନ ଜବତ କରାଯାଇଛି। ସେହିପରି ବଲାଙ୍ଗୀର ଜିଲାରେ ୩ଟି ଗଞ୍ଜେଇ ଚୋରାଚାଲାଣ ମାମଲା ରୁଜୁ ହୋଇଥିବା ବେଳେ ୩କୁଇଣ୍ଟାଲ ୩୫କିଲୋ ବେଆଇନ ଗଞ୍ଜେଇ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରାଯାଇଛି। ଏହି ସମୟ ମଧ୍ୟରେ ଅବକାରୀ ମାମଲା ରୁଜୁ ହୋଇଥିବା ବେଳେ ଭାଟି ରନ୍ଧା ମଦ, ଦେଶୀ ରନ୍ଧା ମଦ ଓ ବିଦେଶୀ ମଦ ଜବତ ହେବା ସହ ଅପରାଧିକ ମାମଲା ରୁଜୁ ହୋଇଛି। ନିଶାଶକ୍ତ ଅବସ୍ଥାରେ ଗାଡି ଚାଳନା କରୁଥିବା ୫୦ଟି ମାମଲା କରାଯାଇଛି। ସେହିପରି ଗତ ଜାନୁୟାରୀ ୧ରୁ ଏପର୍ଯ୍ୟନ୍ତ ସୁବର୍ଣ୍ଣପୁର ଜିଲା ପୋଲିସ ପକ୍ଷରୁ ମୋଟ ୫୭ଟି ଗଞ୍ଜେଇ ଚୋରାଚାଲାଣ ମାମଲା ରୁଜୁ ହୋଇଥିବା ବେଳେ ୩୬କୁଇଣ୍ଟାଲ ୫୮କିଲୋ ବେଆଇନ ଗଞ୍ଜେଇ ଜବତ ହୋଇଛି। ସୁବର୍ଣ୍ଣପୁର ଜିଲାରେ ଗଞ୍ଜେଇ ଚାଷ ହେଉ ନ ଥିବା ବେଳେ ପଡୋଶୀ ଜିଲାରୁ ପରିବହନ ହେଉଛି। ସୁବଳୟାଠାରୁ କମସରା ପର୍ଯ୍ୟନ୍ତ ନଦୀ ପଥରେ ଓ ରାସ୍ତା ଦେଇ ଗଞ୍ଜେଇ ଚୋରାଚାଲାଣ କରାଯାଉଛି। ଗଞ୍ଜେଇ ଚୋରାଚାଲାଣ ସମୟରେ ଆଗରେ ବାଇକ୍‌ରେ ଏକାଧିକ ପାଟ୍ରୋଲିଂ ପାର୍ଟି ଯାଉଛନ୍ତି। ଏଥିରେ ବାହାର ରାଜ୍ୟର ବ୍ୟକ୍ତି ମଧ୍ୟ ସମ୍ପୃକ୍ତ ରହୁଛନ୍ତି। ସେମାନଙ୍କୁ ଧରିବା ପାଇଁ ପୋଲିସ ଟିମ୍ ଦିନରାତି କାମ କରୁଛି ବୋଲି ଆଇଜି କହିଛନ୍ତି। ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକ କହିଥିଲେ କେବଳ ଗଞ୍ଜେଇ ଚୋରାଚାଲାଣକାରୀ ନୁହେଁ ବେକ୍ୱାର୍ଡ ଓ ଫରୱାର୍ଡରେ ଯେଉଁମାନେ ରହିଛନ୍ତି ସେମାନଙ୍କୁ ଖୋଜି ବାହାର କରାଯାଉଛି। ଜିଲାରେ ବେଆଇନ ନିଶା କାରବାର ଓ ଗଞ୍ଜେଇ ଚୋରାଚାଲାଣକୁ ସମ୍ପୂର୍ଣ୍ଣ ଦମନ କରିବା ପାଇଁ ଆଗକୁ ଅଭିଯାନ ଜାରି ରହିବ ବୋଲି ସ୍ପଷ୍ଟ କରିଛନ୍ତି।

# ଆଡମିଶନ ଫି'କୁ ନେଇ ଛାତ୍ରୀଛାତ୍ରଙ୍କ ଧାରଣା



କଲେଜ ଗେଟ୍ ସମ୍ମୁଖରେ ଛାତ୍ରୀଛାତ୍ରମାନେ ଧାରଣା ଦେଉଛନ୍ତି।

ତରଭା,୨୫।୮(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ଏସଏସ ମହାବିଦ୍ୟାଳୟ ଯୁକ୍ତ ୩ ଆଡମିସନ ଫି ବୃଦ୍ଧି ସହ ଅନ୍ୟାନ୍ୟ କେତେକ ସମସ୍ୟା ନେଇ ସୋମବାର ଛାତ୍ରୀଛାତ୍ରମାନେ କଲେଜ ଗେଟରେ ତାଲା ପକାଇ ଧାରଣାରେ ବସିଥିଲେ। ପୋଲିସ ପ୍ରଶାସନ ବ୍ୟତୀତ ଅନ୍ୟ କୌଣସି ଅଧିକାରୀ ଦୀର୍ଘ ସମୟ ଧରି ଧାରଣାସ୍ଥଳକୁ ନ ଆସିବାରୁ ଛାତ୍ରୀଛାତ୍ରମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ମହାବିଦ୍ୟାଳୟ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମିଶ୍ର ଧାରଣାସ୍ଥଳକୁ ଆସିଥିଲେ। ୨୦୨୨ ମସିହାରୁ ଏହି ଫି' ବୃଦ୍ଧି ହୋଇ ଆସୁଛି। ତରଭା କଲେଜ ସେମିଗଭର୍ଣ୍ଣମେଣ୍ଟ ହୋଇଥିବାରୁ ଛାତ୍ରୀଛାତ୍ରଙ୍କ ଫି'ରେ ଅଧ୍ୟାପକଙ୍କ ଦରମା ଓ ଆନୁସାଙ୍ଗିକ ବ୍ୟବସ୍ଥା କରାଯାଉଛି। ପରିଚାଳନା ସମିତି ସଭାପତିଙ୍କ ନିଷ୍ପତ୍ତି ଉପରେ ଫି ନିର୍ଦ୍ଧାରଣ ହୋଇପାରିବ। ଏହା ପରେ ସେ ତରଭା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ସୋନପୁର ଉପଜିଲାପାଳ ସୋମସ୍ୱରୂପା ରଥଙ୍କ ପାଖକୁ ଯାଇ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ନେଇ ଅବଗତ କରାଇଥିଲେ। ଏହି ଫି' ପୂର୍ବରୁ ଲାଗୁ ହୋଇଥିବାରୁ କମ୍ କରିବା ସମ୍ଭବ ନୁହେଁ। ସେଣୁ ପିଲାଙ୍କୁ ବୁଝାଇ ସମାଧାନ କରିବା ପାଇଁ କଲେଜ ଅଧ୍ୟକ୍ଷ ମିଶ୍ରଙ୍କୁ ସେ ପରାମର୍ଶ ଦେଇଥିଲେ। ଏହାପରେ ଅଧ୍ୟକ୍ଷ ଧାରଣାସ୍ଥଳକୁ ଆସି ଛାତ୍ରୀଛାତ୍ରଙ୍କୁ ବୁଝାଇବା ପରେ ମଧ୍ୟ ସେମାନେ ଫି' କମ କରିବା ଜିଦ୍‌ରେ ଅଟଳ ରହି କଲେଜ ଗେଟ ସମ୍ମୁଖରେ ଧାରଣାରେ ବସିଥିଲେ। ତହସିଲଦାର ଶ୍ୱେତାଲିନା ମାହାନ୍ତା ଓ ତରଭା ଥାନା ଆଇଆଇସି ଅନିତା କିଷ୍ଟେ ଆନ୍ଦୋଳନସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ଛାତ୍ରୀଛାତ୍ରମାନେ ଧାରଣାରୁ ହଟିଥିଲେ। ମଙ୍ଗଳବାର କଲେଜ ଅଧ୍ୟକ୍ଷଙ୍କ ସହ ସେମାନେ ଆଲୋଚନା କରିବେ।

# ୩୮ ୟୁନିଟ ରକ୍ତ ସଂଗ୍ରହ



ଶିବିରରେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

ସୋନପୁର,୨୫।୮ (ମୃତ୍ୟୁଞ୍ଜୟ ଶତପଥୀ)

ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ସୁବର୍ଣ୍ଣପୁର ଶାଖା ତରଫରୁ ରାଜଯୋଗିନୀ ଦାଦି ପ୍ରକାଶମଣିଜୀଙ୍କ ୧୮ ତମ ପୁଣ୍ୟ ତିଥି ଅବସରରେ ସୋମବାର ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ସୁବର୍ଣ୍ଣପୁର ଜିଲାପାଳ ଡ ନୃପରାଜ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ଶିବିରକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲା ଚିକିତ୍ସା ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଦୁର୍ଗାଦତ୍ତ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇ ସମସ୍ତ ରକ୍ତଦାତାଙ୍କୁ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ସୁବର୍ଣ୍ଣପୁର ଶାଖାର ମୁଖ୍ୟ ସଞ୍ଚାଳିକା ବ୍ରହ୍ମା କୁମାରୀ ଜୟଶ୍ରୀ ଦିଦି, ବି.କେ ଅର୍ପିତା ଭଉଣୀ ସମସ୍ତ ଅତିଥିଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଶିବିରରେ ମୋଟ ୩୮ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଜିଲା ରକ୍ତଦାତା ସେବା ସଂଘ ସଭାପତି ମନୋଜ ପଣ୍ଡା, ସ୍ୱଚ୍ଛ ଭାରତ ସଭାପତି ସୟଦ ଅଲିବୁଲ ଇସଲାମ, ପ୍ରମୋଦ ସାହୁ, ବୈକୁଣ୍ଠ ଶତପଥୀ, ବିକେ ଜଗନ୍ନାଥ ଭାଇ, ବିକେ ପଦ୍ମନାଭ, ବିକେ ସଦାଶିବ, ବିକେ ବାବୁଲାଲ, ବିକେ ବୀରେନ୍ଦ୍ର, ବିକେ ଶିବ ଭାଇ ଓ ବିକେ ଜୟନ୍ତୀ ଭଉଣୀ ଏଥିରେ ସହଯୋଗ କରିଥିଲେ। ଜିଲା ରକ୍ତକେନ୍ଦ୍ରର ଡାକ୍ତର ଚିତ୍ତରଞ୍ଜନ ତ୍ରିପାଠୀ, ଟେକନିସିଆନ ସୁଦାମ ବିଶ୍ୱାଳ, ଜଗତ ଦରୁଆନ, ଯୁଧିଷ୍ଠିର ନାୟକ ରକ୍ତ ସଂଗ୍ରହ କରିଥିଲେ।

# ଶକ୍ତିଶ୍ରୀ ସଚେତନତା କାର୍ଯ୍ୟକ୍ରମ

ବୀରମହାରାଜପୁର, ୨୫।୮ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟଠାରେ ସୋମବାର ପୂର୍ବାହ୍ନ ୧୧ଟାରେ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର ତରଫରୁ ଅଧ୍ୟାପିକା, ମହିଳା କର୍ମଚାରୀ ଓ ଛାତ୍ରୀମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଅଧ୍ୟକ୍ଷ ଡ଼. ହିମାଂଶୁ ଶେଖର ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପ୍ରାଧ୍ୟାପିକା ଗୀତାଞ୍ଜଳି ପୂଜାରୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଅଧ୍ୟାପିକା ଡ଼ ବନ୍ଦିତା ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ସୁପ୍ରଭା ନନ୍ଦ, ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାପିକା ଡ଼. ସୁଶ୍ରୀ ପ୍ରିୟଦର୍ଶିନୀ ପଣ୍ଡା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଝିଅମାନଙ୍କ ପାଇଁ ନିରାପତ୍ତା ଓ ସୁସ୍ଥ ପରିବେଶ ନିର୍ମାଣ ଶକ୍ତିଶ୍ରୀ ଯୋଜନାର ମୂଳ ଲକ୍ଷ୍ୟ। ବିଶେଷଭାବେ ମହିଳା ଓ ଛାତ୍ରୀମାନଙ୍କୁ ସଶକ୍ତିକରଣ କରିବା ଦିଗରେ ଏହା କାର୍ଯ୍ୟ କରିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଅଧ୍ୟାପିକା ଯାମିନୀ ଦାଶ ସଭା ସଂଯୋଜନା କରିଥିଲେ। ଶକ୍ତିଶ୍ରୀ ସଂଯୋଜିକା ହରପ୍ରିୟା ମହାପାତ୍ର ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ମାଳତୀ ନାଏକ, ସୋନାଲି ମହାକୁର, ବିଦ୍ୟୁତପ୍ରଭା ରଥ ଓ ପୂଜାରାଣୀ ମେହେର ଉପସ୍ଥିତ ଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀ ଉପସ୍ଥିତ ଥିଲେ ।



ବୀରମହାରାଜପୁର କଲେଜରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଛାତ୍ରୀମାନେ।

# ଫୁଟବଲ ଟୁର୍ନାମେଣ୍ଟ: ବୁଟୁପାଲି ବିଜୟୀ

ବୌଦ୍ଧ,୨୫।୮(ଅଜିତ କୁମାର ବାରିକ)

ଆସନ୍ତା ସ୍ୱାୟତ୍ତ ଶାସନ ଦିବସ ପାଇଁ ବୌଦ୍ଧଗଡ ଏନ୍‌ଏସି ପକ୍ଷରୁ ଜିଲା ଷ୍ଟାଡିୟମଠାରେ ଏନ୍‌ଏସିସ୍ତରୀୟ ନକ୍‌ଆଉଟ୍ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବୌଦ୍ଧଗଡ ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଉପାଧ୍ୟକ୍ଷା ସୁଭାଷିନୀ ସେଠୀ, ନିର୍ବାହୀ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ ଓ କାଉନସିଲରମାନେ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ଏମ୍‌ଏମ୍‌ୱାଇସି ବୁଟୁପାଲି ଓ ପାଣ୍ଡେ ଫୁଟବଲ ଏକାଡେମୀ ମଧ୍ୟରେ ହୋଇଥିଲା। ଏଥିରେ ବୁଟୁପାଲି ଦଳ ୪-୦ରେ ବିଜୟୀ ହୋଇଥିଲା। ମୁଖ୍ୟ ରେଫରି ଭାବେ ଶଶିକାନ୍ତ ଦାସିଆ ଖେଳ ପରିଚାଳନା କରିଥିବାବେଳେ ଲାଇନ୍‌ରେ ସଲିଳ କୁମାର ବେହେରା ଓ ଚନ୍ଦନ ମହାରଣା ସହଯୋଗ କରିଥିଲେ। ଚତୁର୍ଥ ରେଫରି ଭାବେ ସୁବ୍ରତ କୁମାର ପୁରୋହିତ ଖେଳ ପରିଚାଳନା କରିଥିଲେ। ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ରିତ୍ କୁମାର ରାଉତଙ୍କ ସମେତ ଏନ୍‌ଏସିର ସମସ୍ତ କର୍ମଚାରୀ ଓ ଯୁବ ଖେଳାଳି ସହଯୋଗ କରିଥିଲେ।



ଉଦ୍‌ଘାଟନୀ ମ୍ୟାଚ୍‌ରେ ଉପସ୍ଥିତ ଅତିଥି ଏବଂ ଖେଳାଳି।

# ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର

ହରଭଙ୍ଗା,୨୫।୮(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଛତରଙ୍ଗ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଭୂତି ଭୂଷଣ ନାୟକ ଯୋଗଦେଇ ଜନଶୁଣାଣିର ଶୁଭାରମ୍ଭ କରିଥିଲେ। ଶିବିରରେ ସମୁଦାୟ ୨୧୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୧୯୫ଟି ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ ୧୭ଟି ସାମୂହିକ ଥିଲା। ୫୭ଟି ଅଭିଯୋଗର ତତ୍କାଳ ଫଇସଲା ହୋଇଥିଲା। ଏଥିସହ ଜିଲା ରେଡକ୍ରସରୁ ୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବା ନେଇ ପ୍ରତିଶ୍ରୁତି

### ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ ସହ ବିଧାୟକଙ୍କ ଆଲୋଚନା

ବୀରମହାରାଜପୁର, ୨୫।୮ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଧାୟକ ଇଞ୍ଜିନିୟର ରଘୁନାଥ ଜଗଦଲା ସୋମବାର ସେଚ ସଦନରେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢୀଙ୍କୁ ଭେଟିଥିଲେ। ଏହି ସମୟରେ ସେ ବୀରମହାରାଜପୁର ନିର୍ବାଚନ ମଣ୍ଡଳୀରେ ଜଳସମ୍ପଦ ବିଭାଗର ବିଭିନ୍ନ ପ୍ରକଳ୍ପ ବିଷୟରେ ଆଲୋଚନା କରିଥିଲେ। ବିଶେଷ କରି ହରିହର ଯୋର୍ ମଧ୍ୟମ ଜଳସେଚନ ପ୍ରକଳ୍ପ ଠେଙ୍ଗ ଡ୍ୟାମର ବ୍ୟାପକ ଉନ୍ନତୀକରଣ, ଅଧିକ ଜଳସେଚନ କ୍ଷମତା ସମ୍ପ୍ରସାରଣ, ସୁରୁବାଲି ଯୋର ପ୍ରକଳ୍ପ, ଗୋଧନେଶ୍ୱର ପ୍ରକଳ୍ପ ଓ କାଦୋଧର ପ୍ରକଳ୍ପର କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ଉପରେ ଆଲୋଚନା କରିଥିଲେ। ଏହି ପ୍ରକଳ୍ପଗୁଡିକର କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ ବୋଲି ବିଭାଗ ପକ୍ଷରୁ ପ୍ରତିଶୃତି ମିଳିଛି। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡିକ ଦ୍ୱାରା ଜଳସେଚନର ବୈପ୍ଳବିକ ସୁବିଧା ହେବା ସହିତ କୃଷି ଉତ୍ପାଦନ ବୃଦ୍ଧିରେ ସହାୟକ ହେବ ବୋଲି ବିଧାୟକ ଜଗଦଲା କହିଛନ୍ତି।



ବିଧାୟକ ଇଂ. ରଘୁନାଥ ଜଗଦଲା ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ ସହିତ ଆଲୋଚନା କରୁଛନ୍ତି।

# ସର୍ପାଘାତ, ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ

ବିନିକା, ୨୫।୮ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ କନିଷ୍ଠ ମହାବିଦ୍ୟାଳୟରେ ସୋମବାର ଅଧକ୍ଷା ଡ.ରେଖା ପ୍ରଧାନଙ୍କ ଅଧ୍ୟକ୍ଷତାରେ ସର୍ପାଘାତ ଓ ବଜ୍ରପାତ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତାଭାବେ ଅଧ୍ୟାପକ ଝଲକ ମିଶ୍ର, ସମ୍ମାନୀତ ଅତିଥିଭାବେ ଅଧ୍ୟାପକ ନାରାୟଣ ଚୌଧୁରୀ, ମନୋଜ ମେହେର ଯୋଗଦେଇଥିଲେ। ଅନ୍ଧବିଶ୍ୱାସଠାରୁ ଦୂରେଇ ରହିବା, ସର୍ପାଘାତ ପରେ ତୁରନ୍ତ ହସ୍ପିଟାଲ ଆଣି ଚିକିତ୍ସା କରାଇବା ଓ ବ୍ରଜପାତରୁ କିପରି ନିଜକୁ ରକ୍ଷା କରିହେବ ତାହା ଉପରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ଆଶୁତୋଷ ପୁରୋହିତ, ଡ ନୀଳମାଧ ଛତ୍ର, ଆଶୀବାଦ ପଧାନ, ମନୀଷ ଆଚାର୍ଯ୍ୟ, ପ୍ରଦୀପ ନାଏକ, ଆଲୋକ କୁମାର ସେଠୀ, ତୁଳସୀ ରାଏ, ଦୀପ୍ତି ଭୋଇ, ଗ୍ରନ୍ଥାଗାରିକ ଗରିବ ସାଲମା ସହଯୋଗ କରିଥିଲେ । ଅଧ୍ୟାପକ ଜିତେନ୍ଦ୍ର ଦଣ୍ଡାସନା, ମଞ୍ଚ ପରିଚାଳନା କରିଥିବାବେଳେ ଡ଼ ନୀଳମାଧ ଛତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।




ସିଦ୍ଧାର୍ଥ କନିଷ୍ଠ ମହାବିଦ୍ୟାଳୟରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**कार्यालय झुमरीतिलैया नगर परिषद**

**अति अल्पकालीन ई–निविदा आमंत्रण सूचना**

ई–निविदा सूचना सं0– J.M.C/04/2025-26 Date – 25-08-2025

| क्रं0 सं0 | मद् का नाम | कार्य का नाम | प्राक्कलित राशि (in Rupees) | अग्रधन की राशि (in Rupees) | निविदा शुल्क (in Rupees) | कार्य समाप्ति की अवधि |
|---|---|---|---|---|---|---|
| 1. | 15वें वित्त | CONSTRUCTION OF DEVELOPMENT OF VENDING ZONES/SHOPS WITH BASIC INFRASTRUCTURE AND PUBLIC AMENITIES FOR STREET VENDOR NEAR GANDHI SCHOOL. | 1,71,14,457 | 3,42,300 | 10,000 | 12 Month |

1. Only E-Tender will be accepted
2. नगर विकास एवं आवास विभाग अन्तर्गत समुचित श्रेणी में निबंधित संवेदक निविदा में भाग ले सकते है।
3. वेबसाईट में निविदा प्रकाशन की तिथि : 01.09.2025 (पूर्वाहन 10.00 बजे से)।
4. ई–निविदा प्राप्ति की अंतिम तिथि एवं समय : 09.09.2025 अपराहन 5.00 बजे।
5. निविदा खोलने की तिथि : 11.09.2025 अपराहन 3.00 बजे।
6. हेल्पलाईन नम्बर : 7903772765, 9572100949, 8505948858
7. E-Procurement में Tender Fee एवं EMD की राशि ऑनलाईन सूचना प्रोद्योगिकी एवं ई–गवर्नेंस विभाग, झारखण्ड, राँची का आदेश ज्ञापांक – 120, दिनांक– 03.10.2023 एवं नगर विकास एवं आवास विभाग, झारखण्ड, राँची का पत्रांक 05 / विविध (e-tender)–12 / 2023 / न0वि0–4847 (अनु0), दिनांक– 11.10.2023 के तहत ली जायगी।
8. निविदा शूल्क एवं अग्रधन की राशि केवल Online Mode द्वारा स्वीकार्य होगी।

विशेष जानकारी विभागीय वेबसाईट http://jharkhandtenders.gov.in पर देखी जा सकती है।

प्रशासक
झुमरी तिलैया, नगर परिषद

PR 360399 Urban Development(25-26)#D

No.O-640
**GOVT. OF ODISHA**
**OFFICE OF THE SUPERINTENDING ENGINEER RURAL WORKS DIVISION, ANANDAPUR**
E-Mail:- eerw_anandapur@yahoo.co.in

**NOTICE INVITING TENDER**

**NATIONAL COMPETITIVE BIDDING THROUGH e-PROCUREMENT NOTICE**
**On line-04 /EE/RW/AND/2025-26**
**Construction of Academic Building (1st Floor) of Patitapaban Degree College, Sainkul**

No. 5180// Date : 21.08.2025 //

**Executive Engineer, Rural Works Division, Anandapur** on behalf of **Government of Odisha invites PERCENTAGE (%) RATE tender for Building work through** e-Procurement as per annexure in **Double Cover system**. The bid should be submitted on-line in the website www.tendersorissa.gov.in by eligible class of contractors having legal competency & expertise, registered with the state Government & contractors of equivalent grades /class registered with central Govt./ MES/ Railways for execution of the works for drawal of agreement in percentage P1 contract forms of Government of Odisha. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrollment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender in : O/o the S.E., R.W. Division, Anandapur | |
|---|---|---|---|---|---|---|
| | | From | To | | Technical Bid | Financial Bid |
| | | | | | Double Cover | |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division, Anandapur | NCB-Online 04/EE/RW/ AND/2025-26 | Dt.29.08.25 at 10.00 A.M. | Dt.06.09.25 up to 5.30 P.M. | Dt.06.09.25 up to 5.30 P.M. | Dt.08.09.25 at 11.30 A.M. | Will be intimated later |

Sd./- Executive Engineer
R.W. Division, Anandapur

OIPR-25055/11/0024/2526

**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha

**QUOTATION CALL NOTICE**

Sealed quotations in prescribed format are invited for Printing Works, Supply of High Tea, Supply of Biryani Packets, Working Lunch & Snacks, Supply of Electrical Items, Supply of Furniture Items, and Supply of Tent House Items for 12th Annual Convocation at NLUO, Cuttack. Last date & time of receipt is **03.09.2025** at **11.00 A.M.** For details please visit website: **www.nluo.ac.in".**

Sd/- Registrar

**OFFICE OF THE SUPERINTENDING ENGINEER RURAL WORKS DIVISION-II, GANJAM, BERHAMPUR**
Phone : 0680-2404096, E-Mail : eerwgmt@yahoo.co.in
No.O-613 Government of Odisha e-Procurement Notice
**Bid Identification No. Online Tender/05/SERWD-II/2025-26**
**Memo No.6194/RWD-IIGB, Date : 18.08.2025**

| | | | |
|---|---|---|---|
| 1 | Name of the Work | : | Building Works |
| 2 | Estimated Cost | : | Rs.2.11 lakhs to Rs.5.05 lakhs |
| 3 | Period of Completion | : | 1 (One) Month as per Annexure |
| 4 | Date & Time of availability of Bid documents in the Portal | : | 01.09.2025 at 10.00 A.M. to 12.09.2025 up to 4.00 P.M. |
| 5 | Last Date/Time for receipt of Bids in the Portal | : | 12.09.2025 up to 4.00 P.M. |
| 6 | Name and address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal **tendersodisha.gov.in/nicgep/app**

Sd./- Executive Engineer
R.W. Division-II, Ganjam
Berhampur

OIPR-25073/11/0025/2526

**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR**
E-mail : seec.bbsr2010@gmail.com
**Bid Identification No.S.E.E.C (R&B) 11/2025-26**
**No. 3169 / Date : 19.08.2025**

**No.B-428** : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.01.09.2025 at 05.00 P.M. to dt.15.09.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.16.09.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B) Odisha, BBSR

OIPR-34006/11/0045/2526

## ସଂକ୍ଷେପରେ

### ଅମ୍ରିତପାଲ ସୁନ୍ଦରଗଡ଼ର ନୂତନ ଏସ୍‌ପି ଭାବେ କାର୍ଯ୍ୟଭାର ଗ୍ରହଣ କଲେ



**ସୁନ୍ଦରଗଡ,୨୫।୮(ଜୟ ନାରାୟଣ ମେଣ୍ଡୁଲି):** ଅମ୍ରିତପାଲ କୌର ସୁନ୍ଦରଗଡର ନୂତନ ଏସ୍‌ପି ଭାବେ ସୋମବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ସେ ଏଠାରେ ଥିବା ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ଏସ୍‌ପି କୌର ଏହା ପୂର୍ବରୁ ଭୁବନେଶ୍ୱରର ଅତିରିକ୍ତ ଏସିପି ଥିଲେ। ଏଠାରେ ଥିବା ଏସ୍‌ପି ପ୍ରତ୍ୟୁଷ ବାଲେଶ୍ୱର ଏସ୍‌ପି ଭାବେ ବଦଳି ହୋଇଛନ୍ତି। ଜିଲା ପୋଲିସ ପକ୍ଷରୁ ଏକ କାର୍ଯ୍ୟକ୍ରମରେ ବିଦାୟୀ ଏସ୍‌ପି ଦିବାକରଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଓ ନୂତନ ଏସପି କୌରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି।

### ୟୁରିଆ ସାର ଅଭାବ, ଚିନ୍ତାରେ ଚାଷୀ

**ରିଷିଡ଼ା,୨୫।୮ (ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ଅଞ୍ଚଳରେ ଧାନ ସାଙ୍ଗକୁ କପା, ମକା ଫସଲ ଲାଗି ଆବଶ୍ୟକ ପଡୁଥିବା ୟୁରିଆ ସାର ମିଳୁନାହିଁ। ଏହାକୁ ନେଇ ଚାଷୀ ଚିନ୍ତାରେ ପଡିଛନ୍ତି। କୃଷି ବିଭାଗ ତଥ୍ୟ ଅନୁସାରେ ଚଳିତ ଖରିଫ ଋତୁରେ କର୍ଲାମୁଣ୍ଡା ବ୍ଲକ୍‌ରେ ମୋଟ ୧୦ ହଜାର ୮୦୦ ହେକ୍ଟର ଜମିରେ ଧାନଚାଷ କରାଯାଇଛି। ତନ୍ମଧ୍ୟରୁ ଜଳସେଚିତ ୨୪୩୫ ହେକ୍ଟର ଥିବାବେଳେ ଅବଶିଷ୍ଟ ଅଣଜଳସେଚିତ ଜମିରେ ଧାନଚାଷ ହୋଇଛି। ଏହାସହ ୭୦୬ ହେକ୍ଟର ମକା ଓ ୨୦୦୦ ହେକ୍ଟର ଜମିରେ କପା ଚାଷ ହୋଇଛି। ଚାଷୀନେତାଙ୍କ କହିବା କଥା ଚଳିତ ବର୍ଷ ଚାଷୀମାନେ ଧାନ କୁଇଣ୍ଟାଲ ୩୧୦୦ ଟଙ୍କା ଥିବାରୁ ଚାଷୀମାନେ ଗୋଚର, ଅନାବାଦୀ, ସରକାରୀ ଜଙ୍ଗଲ ଜମିରେ ମଧ୍ୟ ଧାନ ଓ କପା ଚାଷ କରିଛନ୍ତି। ଏଣୁ ୟୁରିଆ ସାରର ଅଭାବ ଦେଖାଦେଇଛି। ବର୍ତ୍ତମାନ ୟୁରିଆ ୫୦ କେଜି ବସ୍ତାକୁ ସରକାରୀ ମୂଲ୍ୟ ୨୮୯ ଟଙ୍କା ନିର୍ଦ୍ଧାରଣ କରାଯାଇଥିବା ବେଳେ ବାହାରେ ଏକ ନାନୋ ଲିକ୍ୟୁଡ୍ ସହିତ ପାଖାପାଖି ୫୦୦ ଟଙ୍କାରେ ବିକ୍ରି ହେଉଛି। ସାର କଳାବଜାର ହେଉଥିଲେ ମଧ୍ୟ କୌଣସି ସ୍ଥାନରେ ସେଭଳି ଆଖିଦୃଶିଆ ଧରପଗଡ଼ ହେଉନାହିଁ। ଏ ସମ୍ପର୍କରେ ବ୍ଲକ୍ କୃଷି ଅଧିକାରିଣୀଙ୍କୁ ପଚାରିବାରୁ ସେଭଳି କିଛି ଅଭିଯୋଗ ଆସି ନ ଥିବା କହିଛନ୍ତି।

# ଜମି ବ୍ୟବସାୟକୁ କେନ୍ଦ୍ରକରି ହୋଇଥିଲା ଗୁଳିମାଡ଼

**କୁଆଁରମୁଣ୍ଡା,୨୫।୮(ମହେନ୍ଦ୍ର କୁମାର ସାହୁ)**

- ୩ ଗିରଫ, ଦେଶୀ ବନ୍ଧୁକ ଜବତ
- ଜମି ବ୍ୟବସାୟୀଙ୍କୁ ଗୁଳିମାଡ଼ ଘଟଣା

ବୀରମିତ୍ରପୁର ତହସିଲ ଅଫିସ ନିକଟରେ ସ୍ୱଷ୍ଟ ଦିବାଲୋକରେ ରାଉରକେଲା ଅଞ୍ଚଳର ଉତ୍ତମ କୁମାର ଘୋଷ ନାମକ ଜଣେ ଜମି ବ୍ୟବସାୟୀଙ୍କ ଉପରକୁ ଗୁଳି କରିବା ଘଟଣାରେ ରବିବାର ୩ ଅଭିଯୁକ୍ତଙ୍କୁ ବୀରମିତ୍ରପୁର ପୋଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବୀରମିତ୍ରପୁର ଥାନା ଅନ୍ତର୍ଗତ ଧାଙ୍ଗରିନଚା ଗ୍ରାମର ପିଣ୍ଟୁ ସାହୁ(୩୦), ଡୁମେରଯୋର ଗ୍ରାମର ସମରା କେରକେଟା(୪୭) ଓ ତାଙ୍କ ପୁଅ ରାହୁଲ କେରକେଟା(୨୦)। ସୋମବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ପୋଲିସ ଗୋଟିଏ ଜୀବନ୍ତ ଗୁଳି ସହ ଦେଶୀ ବନ୍ଧୁକ, ଏକ ନମ୍ବର ପ୍ଲେଟ ନ ଥିବା ବାଇକ୍ ଜବତ କରିଛି। ଏହି ଘଟଣାରେ ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ପୋଲିସ ଧରିବା ପାଇଁ ଅନୁସନ୍ଧାନ ଜାରି ରଖିଥିବା ଆଇଆଇସି ରାମପ୍ରସାଦ ନାଗ ସୂଚନା ଦେଇଛନ୍ତି। ଏହି ଗୁଳିକାଣ୍ଡ ଜମି ବ୍ୟବସାୟକୁ କେନ୍ଦ୍ର କରି ହୋଇଥିବା ପୋଲିସ ସ୍ୱଷ୍ଟ କରିଛି।

ସୂଚନାଥାଉ କି, ଜୁଲାଇ ୨୩ ତାରିଖ ବୁଧବାର ଅପରାହ୍ନ ପ୍ରାୟ ୧ଟା୧୫ରେ ବୀରମିତ୍ରପୁର ତହସିଲ ଅଫିସ ନିକଟରେ ୨ ଜଣ ଯୁବକ ଏକ ବାଇକରେ ଆସି ଜମି ବ୍ୟବସାୟୀ ଉତ୍ତମ କୁମାର ଘୋଷଙ୍କୁ ଗୁଳି ମାରିଥିଲେ। ଏହା ପରେ ସେମାନେ ଫେରାର ହୋଇଯାଇଥିଲେ। ୨ ରାଉଣ୍ଡ ଗୁଳି ମାରିଥିଲେ ମଧ୍ୟ ଗୁଳି ଉତ୍ତମଙ୍କ କାରରେ ବାଜିଥିଲା। କାର ଭିତରେ ଥିବାରୁ ସେ ସାମାନ୍ୟ ଆହତ ହୋଇ ନିକଟସ୍ଥ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ବୀରମିତ୍ରପୁର ଆଇଆଇସି ରାମପ୍ରସାଦ ନାଗ ଓ ଏସ୍‌ଡିପିଓ ସୁଶାନ୍ତ ଦାସ ଘଟଣା ସ୍ଥଳରେ ପହଞ୍ଚି ତନାଘନା ଜାରି ରଖିଥିଲେ। ଏ ନେଇ ସେତେବେଳେ ଥାନାରେ (୩୩୨/୨୫)ରେ ଏକ ମାମଲା ରୁଜୁ କରି ଆଇଆଇସି ନାଗ ଏକ ପୋଲିସ ଟିମ୍ ଗଠନ କରି ତନାଘନା ଜାରି ରଖିଥିଲେ।



ପୋଲ ନିର୍ମାଣ କରାଯାଉଛି।

### ଲଗାଣ ବର୍ଷାରେ ଧୋଇଯାଇଥିବା ପୋଲ ନିର୍ମାଣ

**ହେମଗିର,୨୫।୮(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକସ୍ଥିତ ସରବାହାଲରେ ଲଗାଣ ବର୍ଷା ଯୋଗୁ ଶନିବାର ଏକ ପୋଲ ଧୋଇଯାଇଥିଲା। ଯାହାଫଳରେ ଯାତାୟାତରେ ବାଧା ସୃଷ୍ଟି ହେବା ସହ ସରବାହାଲ ଗ୍ରାମ ସମ୍ପୂର୍ଣ୍ଣ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଥିଲା। ଘଟଣା ସ୍ଥଳରେ ସାନଘୁମୁଡ ପଞ୍ଚାୟତର ସରପଞ୍ଚ ରେବତୀ ଛତ୍ରିଆ, ହେମଗିର ବିଡିଓ ରିନା ନାଏକ, ତହସିଲଦାର ସାରିକାରାଣୀ ଧମେଲ, ଏଡିଏମ୍ ସୁରତ ପଟ୍ଟନାୟକ ଉପସ୍ଥିତ ରହି ରାସ୍ତାକୁ ତୁରନ୍ତ ନିର୍ମାଣ କରିବା ପାଇଁ ଓସିପିଏଲ ଓ ବିଜିଆର କମ୍ପାନୀକୁ ନିର୍ଦ୍ଦେଶ ଦେବା ପରେ ଯୁଦ୍ଧକାଳୀନ ଭିତ୍ତିରେ ପୋଲ ନିର୍ମାଣ ହୋଇଥିଲା। ସେହିପରି ଲଗାଣ ବର୍ଷାରେ ଖଟିଝରିଆ ଗ୍ରାମଠାରେ ବନ୍ୟା ଭଳି ପରିସ୍ଥିତି ଉପୁଜିବାରୁ ସରପଞ୍ଚଙ୍କ ନିର୍ଦ୍ଦେଶ କ୍ରମେ ଲୋକଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଥିଲା।

## ଗାଁକୁ କାଦୁଅ ରାସ୍ତା ଭରସା



କାଦୁଅ ପଚପଚ ରାସ୍ତା।

**କୁତ୍ରା,୨୫।୮(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ପଞ୍ଚୁପଡା ଛକଠାରୁ ବିରତୋଲା ହାଇସ୍କୁଲ ଛକ ପର୍ଯ୍ୟନ୍ତ ପ୍ରାୟ ୨ କିଲୋମିଟର ମାଟି ରାସ୍ତା ରହିଛି। ଏହି ରାସ୍ତା ଉପରେ କାଦପଡ଼ା, ବୁଦନା, ପଞ୍ଚୁପଡା, ଚାବରି ଗ୍ରାମବାସୀ ନିର୍ଭର କରିଥାନ୍ତି। ବର୍ଷା ହେଲେ ରାସ୍ତା କାଦୁଅ ପଚପଚ ହୋଇଯାଏ। ଫଳରେ ଯା' ଆସରେ ସମସ୍ୟା ସୃଷ୍ଟି ହୁଏ। ଏଥିପ୍ରତି ବ୍ଲକ ପ୍ରଶାସନ ଦୃଷ୍ଟି ଦେଇ ଶୀଘ୍ର ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ୪ ନାବାଳକ ଛାତ୍ରଙ୍କୁ ଉଦ୍ଧାର କରି ଜିଲା ଶିଶୁ ମଙ୍ଗଳ ସମିତିକୁ ହସ୍ତାନ୍ତର

**ସୁନ୍ଦରଗଡ,୨୫।୮ (ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଜିଲା ବଡଗାଁ ପୋଲିସ ସୋମବାର ଅପରାହ୍ନରେ ୪ ଜଣ ନାବାଳକ ଶିଶୁଙ୍କୁ ଉଦ୍ଧାର କରି ଜିଲା ଶିଶୁ ମଙ୍ଗଳ ସମିତିକୁ ହସ୍ତାନ୍ତର କରିଛି। ଉଦ୍ଧାର ହୋଇଥିବା ଶିଶୁମାନେ ନାଗାଲାଣ୍ଡର। ସେମାନେ ଛତିଶଗଡ଼ର ଏକ ବୈଦିକ ଗୁରୁକୂଳ ଆଶ୍ରମର ଛାତ୍ର ବୋଲି ଜଣାପଡିଛି। ସେମାନେ ତାଙ୍କର ଜଣେ ଆଚାର୍ଯ୍ୟଙ୍କ ସହିତ ରାଉରକେଲାର ଏକ ଗୁରୁକୂଳ ଆଶ୍ରମକୁ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଆସିଥିଲେ। ସେଠାରେ କାର୍ଯ୍ୟକ୍ରମ ସାରି ଭଣ୍ଡାଠାରେ ଥିବା ଅନ୍ୟ ଏକ ଗୁରୁକୂଳକୁ ଆସୁଥିଲେ। ବଡ଼ଗାଁ ନିକଟରେ କେତେଜଣ ଲୋକେ ଏହି ଶୁଶୁମାନଙ୍କୁ ଦେଖି ସନ୍ଦେହରେ ପଚରାଉଚରା କଲାବେଳେ ଶିଶୁମାନେ ଶାରୀରିକ ଓ ମାନସିକ ନିର୍ଯାତନା ହୋଇଥିବା କହିଥିଲେ। ଏହାପରେ ଲୋକେ ବଡ଼ଗାଁ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଜିଲା ଶିଶୁ ମଙ୍ଗଳ ସମିତିକୁ ହସ୍ତାନ୍ତର କରିଥିଲା।

ଏନେଇ ଜିଲା ଶିଶୁମଙ୍ଗଳ ସମିତିର ଅଧ୍ୟକ୍ଷ ନନ୍ଦଲାଲ ନାଏକଙ୍କୁ ପଚାରିବାରୁ,କେହି ଜଣେ ନିଜକୁ ଆଚାର୍ଯ୍ୟ କହି ସମସ୍ତଙ୍କୁ ତାଙ୍କ ହେପାଜତରେ ନେଉଥିବା ଏବଂ ତାଙ୍କ ନିକଟରେ ଏକ ଅନୁମତି ପତ୍ର ଥିବା କହିଛନ୍ତି। ଉଦ୍ଧାର ହୋଇଥିବା ଶିଶୁମାନଙ୍କୁ ଏକ ଶିଶୁ ଯତ୍ନକାରୀ ଅନୁଷ୍ଠାନରେ ରଖାଯାଇ ତଦନ୍ତ ଜାରି ରହିଥିବା ଅଧ୍ୟକ୍ଷ ନାଏକ କହିଛନ୍ତି।

## ଇବ୍ ନଗର ଦୁର୍ଗା ପୂଜା କମିଟି ପ୍ରସ୍ତୁତି ବୈଠକ

**ସୁନ୍ଦରଗଡ଼,୨୫।୮(ଜୟ ନାରାୟଣ ମେଣ୍ଡୁଲି)**

ସୃଜନୀ ଅନୁଷ୍ଠାନ ଆନୁକୂଲ୍ୟରେ ଇବ୍ ନଗର ଦୁର୍ଗା ପୂଜା କମିଟି ତରଫରୁ ୨୨ତମ ସାର୍ବଜନୀନ ଦୁର୍ଗା ପୂଜା ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏ ନେଇ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଦୁର୍ଗା ମଣ୍ଡପଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସୃଜନୀ ଅନୁଷ୍ଠାନ ତଥା ଦୁର୍ଗା ପୂଜା କମିଟିର ସଭାପତି ଅଜିତ ପ୍ରସାଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂଜା କାର୍ଯ୍ୟକ୍ରମ କିଭଳି ଶାନ୍ତି ଶୃଙ୍ଖଳାର ସହିତ ହୋଇପାରିବ ସେଥିପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଏହି ବୈଠକରେ ସମସ୍ତ କର୍ମକର୍ତ୍ତା ଓ ସ୍ଥାନୀୟ ଅଞ୍ଚଳର ବାସିନ୍ଦାଙ୍କ ନିଷ୍ପତି କ୍ରମେ ଚଳିତ ବର୍ଷର କର୍ତ୍ତା ଭାବରେ କଲୋନୀର ବାସିନ୍ଦା ରୋଶନୀ ରାଣୀ ତ୍ରିପାଠୀ ଓ ବଳରାମ ଦାସଙ୍କୁ ମନୋନୀତ କରାଯାଇଥିଲା। ମୁଖ୍ୟ ପୂଜକ ଭାବରେ ବନ୍ଧପାଲିର ଅବସର ପ୍ରାପ୍ତ ଅଧ୍ୟାପକ ଜଗଦୀଶ ଠାକୁର ଓ ସହଯୋଗୀ ପୂଜା କାର୍ଯ୍ୟ ସମ୍ପାଦନ କରିବାପାଇଁ ସହମତି ପ୍ରଦାନ କରିଛନ୍ତି। ଏହି ଅବସରରେ ଜିଲା ପ୍ରଶାସନର ସହଯୋଗରେ ରାବଣ ପୋଡି କାର୍ଯ୍ୟକ୍ରମ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଆଗକୁ ପାର୍ବଣ ସମୟ ଆସୁଥିବାରୁ ସ୍ଥାନୀୟ ଅଞ୍ଚଳରେ ଷ୍ଟ୍ରୀଟ ଲାଇଟ, ରାସ୍ତା ଘାଟ ଓ ସଫେଇ କାର୍ଯ୍ୟକ୍ରମ ଆଦି ଯଥାଶୀଘ୍ର ଆରମ୍ଭ କରାଯିବା ପାଇଁ ପୌରନିର୍ବାହୀ ଅଧିକାରୀଙ୍କୁ ସାକ୍ଷାତ କରି ପଦକ୍ଷେପ ନେବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ବିପିନବିହାରୀ ପଟେଲ, ପ୍ରତାପ ଚନ୍ଦ୍ର ତ୍ରିପାଠୀ, ପ୍ରଦୀପ ନାଏକ, ତାରାଚାନ୍ଦ ପଟେଲ, ଲଳିନ୍ଦ୍ର ବୁଖରା, ଧିରେନ ଆଚାର୍ଯ୍ୟ, ବଳରାମ ଦାଶ, ଅସ୍ମିତ ପଟେଲ, ବିଭୂତି ଭୂଷଣ ନାଏକ, ମନୋଜ ବାରିକ, ଟୁନା ମହାରଣା, ଦିବାକର ଭୋଇ, ମାନସ ଦାଶ, ଆଦିତ୍ୟ ପ୍ରସାଦ ଦାନୀ, ବିଭୂତି ନାଏକ, ଶୁଭମ ପଟେଲ, ପ୍ରଶାନ୍ତ ତ୍ରିପାଠୀ, ରିମୁ ଆଚାର୍ଯ୍ୟ, ରଶ୍ମିରଞ୍ଜନ ମହାନ୍ତି, ଅଜୟ ପଟେଲ, ଅମିତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ଶେଷରେ ସୃଜନୀର ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁଆର ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ପ୍ରମାଣ ଅଭାବରୁ ଏଏସ୍‌ଆଇ ନିର୍ଦ୍ଦୋଷରେ ଖଲାସ

**ଭବାନୀପାଟଣା,୨୫।୮(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ଫାଣ୍ଡିର ପୂର୍ବତନ ଏଏସ୍‌ଆଇ ରାଜେନ୍ଦ୍ର କୁମାର ପଟ୍ଟନାୟକ ଓ ଗ୍ରାମରକ୍ଷୀ ଗୌରାଙ୍ଗ ବାଗ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଗତ ୨୪।୮।୨୦୧୬ରେ ଏମ୍ .ରାମପୁର ଥାନା ଦେଓଗାଁର ମଣ୍ଟୁ ସାହୁଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଫାଣ୍ଡି ଅଧିକାରୀ ଏଏସ୍‌ଆଇ ପଟ୍ଟନାୟକ ଓ ଗ୍ରାମରକ୍ଷୀ ବାଗ ଭିଜିଲାନ୍ସ ଜାଲରେ ପଡ଼ିଥିଲେ। ଉଭୟଙ୍କ ନାମରେ କୋରାପୁଟ ଭିଜିଲାନ୍ସ ବିଭାଗରେ ଏକ ମାମଲା ରୁଜୁ ହୋଇଥିଲା। ସୋମବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ବଦ୍ରି ନାରାୟଣ ନନ୍ଦ ଏହି ମାମଲାରେ ୧୦ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରିଥିଲେ।

## ନିଆଁରେ ପୋଡ଼ିହୋଇ ଦମ୍ପତି ମୃତ

**ନୂଆପଡ଼ା/ଖଡ଼ିଆଳ,୨୫।୮ (ମକାରୁ ବେମାଲ/ସୁଜିତ କୁମାର ପ୍ରଧାନ)** ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଦୁକଲା ଗ୍ରାମରେ ସୋମବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଦୋକାନରେ ନିଆଁ ଲାଗି ଏକ ଦମ୍ପତି ଜଳିଯାଇ ପ୍ରାଣ ହରାଇଛନ୍ତି। ସେମାନେ ହେଲେ ବ୍ରାହ୍ମଣପଡ଼ାର ରାଜେଶ ପଟେଲ (୩୦) ଓ ତାଙ୍କ ସ୍ତ୍ରୀ ରିମା ପଟେଲ (୨୪)। ରାତି ପ୍ରାୟ ୮ଟାରେ ରାଜେଶ ଓ ରିମା ନିଜ ଦୋକାନରେ ଥିବାବେଳେ ହଠାତ୍ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ନିଆଁରେ ପୋଡ଼ିଯାଇ ଦମ୍ପତି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଛନ୍ତି। ଖଡ଼ିଆଳ ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। ତଦନ୍ତ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଦିଲୀପ ସାହୁ ସୂଚନା ଦେଇଛନ୍ତି।

## ବ୍ଲକ ସମଗ୍ର ଶିକ୍ଷା କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ




ଜୁନାଗଡ଼ ବିଇଓଙ୍କୁ ଦାବିପତ୍ର ଦିଆଯାଉଛି।

**ଭବାନୀପାଟଣା,୨୫।୮(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାର ୧୩ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ସମଗ୍ର ଶିକ୍ଷା କର୍ମଚାରୀମାନେ ନିୟମିତ ଦାବିରେ ସୋମବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହା ପୂର୍ବରୁ ସେମାନେ ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ଦେଇଛନ୍ତି।

**ନିୟମିତ ଦାବି**

ଏହି କର୍ମଚାରୀମାନେ ଗତ ୧୩ ବର୍ଷ ହେଲା ବ୍ଲକ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟରେ ସେବା ଜାରି ରଖିଛନ୍ତି। ଚୁକ୍ତିଭିତ୍ତିକ ନିଯୁକ୍ତି ପାଇ ଅବହେଳିତ ଅବସ୍ଥାରେ ଥିବା କର୍ମଚାରୀମାନେ ଚାକିରି ନିୟମିତ କରିବା ପାଇଁ ସରକାରଙ୍କୁ ବହୁବାର ଦାବି ଜଣାଇଥିଲେ ମଧ୍ୟ ସୁଫଳ ପାଇନାହାନ୍ତି। ଏ ନେଇ ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲେ ବି କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଏହାର ପ୍ରତିବାଦରେ ବ୍ଲକ ସମଗ୍ର ଶିକ୍ଷା କର୍ମଚାରୀ ତଥା ସୂଚନା ଓ ଯୋଜନା ସଂଯୋଜକ, ହିସାବ ରକ୍ଷକ ଓ ସହଯୋଗୀ କର୍ମଚାରୀ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛନ୍ତି। କଳାହାଣ୍ଡି ସଂଘ ପକ୍ଷରୁ କୁହାଯାଇଛି ଯେ, ଶିକ୍ଷା ସମ୍ବନ୍ଧୀୟ ଡାଟାବେସ ପ୍ରସ୍ତୁତି, ପ୍ରକଳ୍ପ ଯୋଜନା, କ୍ୟାସବୁକ, ବିନିଯୋଗ ପ୍ରମାଣପତ୍ର, ୟୁ-ଡାଇଜ, ୟୁଏସ୍ ପୋର୍ଟାଲ ପରିଚାଳନା, ପାଠ ଛାଡ଼ିଥିବା ପିଲାଙ୍କୁ ମୁଖ୍ୟସ୍ରୋତକୁ ଆଣିବା ଭଳି ବିଭିନ୍ନ କ୍ଷେତ୍ରରେ ବ୍ଲକ ସମଗ୍ର ଶିକ୍ଷା କର୍ମଚାରୀ ଦାୟିତ୍ୱ ନିର୍ବାହ କରୁଛନ୍ତି। କେବଳ ସରକାରୀ ଯୋଜନା ନୁହେଁ ବିଇଓ ଏଷ୍ଟାବ୍ଲିସମେଣ୍ଟର ନିୟମିତ କାମ ସେମାନେ ତୁଲାଇଥାନ୍ତି। ତେଣୁ ସରକାର ଏହି ଦାବିକୁ ପୂରଣ କରନ୍ତୁ, ନଚେତ ଏହି ଆନ୍ଦୋଳନ ଆଗକୁ ମଧ୍ୟ ଜାରି ରହିବ ବୋଲି କଳାହାଣ୍ଡି ଜିଲା ସଭାପତି ନରେଶ କୁମାର ସାହୁ ପ୍ରକାଶ କରିଛନ୍ତି।

**कार्यालय झुमरीतिलैया नगर परिषद**

**अति अल्पकालीन ई–निविदा आमंत्रण सूचना**

ई–निविदा सूचना सं0– J.M.C/04/2025-26    Date – 25-08-2025

| क्रं0 सं0 | मद् का नाम | कार्य का नाम | प्राक्कलित राशि (in Rupees) | अग्रधन की राशि (in Rupees) | निविदा शुल्क (in Rupees) | कार्य समाप्ति की अवधि |
|---|---|---|---|---|---|---|
| 1. | 15वें वित्त | CONSTRUCTION OF DEVELOPMENT OF VENDING ZONES/SHOPS WITH BASIC INFRASTRUCTURE AND PUBLIC AMENITIES FOR STREET VENDOR NEAR GANDHI SCHOOL. | 1,71,14,457 | 3,42,300 | 10,000 | 12 Month |

1. Only E-Tender will be accepted
2. नगर विकास एवं आवास विभाग अन्तर्गत समुचित श्रेणी में निबंधित संवेदक निविदा में भाग ले सकते है।
3. वेबसाईट में निविदा प्रकाशन की तिथि : 01.09.2025 (पूर्वाहन 10.00 बजे से)।
4. ई–निविदा प्राप्ति की अंतिम तिथि एवं समय : 09.09.2025 अपराहन 5.00 बजे।
5. निविदा खोलने की तिथि : 11.09.2025 अपराहन 3.00 बजे।
6. हेल्पलाईन नम्बर : 7903772765, 9572100949, 8505948858
7. E-Procurement में Tender Fee एवं EMD की राशि ऑनलाईन सूचना प्रोद्योगिकी एवं ई–गवर्नेंस विभाग, झारखण्ड, राँची का आदेश ज्ञापांक – 120, दिनांक– 03.10.2023 एवं नगर विकास एवं आवास विभाग, झारखण्ड, राँची का पत्रांक 05/विविध (e-tender)–12/2023/न0वि0–4847 (अनु0), दिनांक– 11.10.2023 के तहत ली जायगी।
8. निविदा शूल्क एवं अग्रधन की राशि केवल Online Mode द्वारा स्वीकार्य होगी।

विशेष जानकारी विभागीय वेबसाईट http://jharkhandtenders.gov.in पर देखी जा सकती है।

प्रशासक
झुमरी तिलैया, नगर परिषद

PR 360399 Urban Development(25-26)#D

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, ANANDAPUR**
No.O-640
E-Mail:- eerw_anandapur@yahoo.co.in

**NOTICE INVITING TENDER**

**NATIONAL COMPETITIVE BIDDING THROUGH e-PROCUREMENT NOTICE**
**On line-04 /EE/RW/AND/2025-26**
**Construction of Academic Building (1st Floor) of Patitapaban Degree College, Sainkul**

No. 5180//    Date : 21.08.2025 //

**Executive Engineer, Rural Works Division, Anandapur** on behalf of **Government of Odisha invites PERCENTAGE (%) RATE tender for Building work through** e-Procurement as per annexure in **Double Cover system**. The bid should be submitted on-line in the website **www.tendersorissa.gov.in** by eligible class of contractors having legal competency & expertise, registered with the state Government & contractors of equivalent grades /class registered with central Govt./ MES/ Railways for execution of the works for drawal of agreement in percentage P1 contract forms of Government of Odisha. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrollment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender in : O/o the S.E., R.W. Division, Anandapur (Double Cover) | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division, Anandapur | NCB-Online 04/EE/RW/ AND/2025-26 | Dt.29.08.25 at 10.00 A.M. | Dt.06.09.25 up to 5.30 P.M. | Dt.06.09.25 up to 5.30 P.M. | Dt.08.09.25 at 11.30 A.M. | Will be intimated later |

Sd./- Executive Engineer
R.W. Division, Anandapur

OIPR-25055/11/0024/2526

**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha

**QUOTATION CALL NOTICE**

Sealed quotations in prescribed format are invited for Printing Works, Supply of High Tea, Supply of Biryani Packets, Working Lunch & Snacks, Supply of Electrical Items, Supply of Furniture Items, and Supply of Tent House Items for 12th Annual Convocation at NLUO, Cuttack. Last date & time of receipt is **03.09.2025** at **11.00 A.M.** For details please visit website: **www.nluo.ac.in".**

Sd/- Registrar

**OFFICE OF THE SUPERINTENDING ENGINEER**
**RURAL WORKS DIVISION-II, GANJAM, BERHAMPUR**
Phone : 0680-2404096, E-Mail : eerwgmt@yahoo.co.in
No.O-613    Government of Odisha e-Procurement Notice
**Bid Identification No. Online Tender/05/SERWD-II/2025-26**
**Memo No.6194/RWD-IIGB, Date : 18.08.2025**

| | | | |
|---|---|---|---|
| 1 | Name of the Work | : | Building Works |
| 2 | Estimated Cost | : | Rs.2.11 lakhs to Rs.5.05 lakhs |
| 3 | Period of Completion | : | 1 (One) Month as per Annexure |
| 4 | Date & Time of availability of Bid documents in the Portal | : | 01.09.2025 at 10.00 A.M. to 12.09.2025 up to 4.00 P.M. |
| 5 | Last Date/Time for receipt of Bids in the Portal | : | 12.09.2025 up to 4.00 P.M. |
| 6 | Name and address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal **tendersodisha.gov.in/nicgep/app**

Sd./- Executive Engineer
R.W. Division-II, Ganjam
Berhampur

OIPR-25073/11/0025/2526

**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B)**
**NIRMAN SOUDHA, BHUBANESWAR**
E-mail : seec.bbsr2010@gmail.com
**Bid Identification No.S.E.E.C (R&B) 11/2025-26**
**No. 3169 / Date : 19.08.2025**

**No.B-428** : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.01.09.2025 at 05.00 P.M. to dt.15.09.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.16.09.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B) Odisha,
BBSR

OIPR-34006/11/0045/2526

## ନାଗରିକ ପରିଷଦ ଗଠିତ

ସମ୍ବଲପୁର, ୨୫।୮(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଯୁଯୁମୁରା ହାଇସ୍କୁଲ ପରିସରରେ ସାମୂହିକ ବିକାଶ ନେଇ ସୋମବାର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନାଗରିକ ଦେବଜୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ, କଲେଜ ଅବ୍ୟବସ୍ଥା ଓ ବାଳିକା ହାଇସ୍କୁଲର ଦୟନୀୟ ସ୍ଥିତି, ହାଇସ୍କୁଲ ମିଶ୍ରଣ ଓ ହକି ଏକାଡେମୀରେ ଅସୁବିଧା, ବିଭିନ୍ନ ପ୍ରକଳ୍ପ ମଞ୍ଜୁରୀ ସତ୍ତ୍ୱେ କାର୍ଯ୍ୟକାରୀ ନ ହେବା, ବିଇଓ ଅଫିସକୁ ବ୍ଲକ ପରିସରରୁ ପୁରୁଣା ଏମଇ ସ୍କୁଲ ଘରକୁ ସ୍ଥାନାନ୍ତର, ଏମଇ ସ୍କୁଲର ପଡିଆର ସୁରକ୍ଷା ଇତ୍ୟାଦି ପ୍ରମୁଖ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏହାସହ ଯୁଯୁମୁରାରେ ସବ ରେଜିଷ୍ଟ୍ରର ଅଫିସ ସ୍ଥାପନ କରିବାକୁ ବୈଠକରେ ଦାବି କରାଯାଇଥିଲା। ଅଞ୍ଚଳର ସାମୂହିକ ବିକାଶ ଓ ବିଭିନ୍ନ ମୌଳିକ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରିବାକୁ ବୈଠକରେ ଏକ ନାଗରିକ ପରିଷଦ ଗଠନ କରାଯାଇଥିଲା। ପରିଷଦ ସଭାପତିଭାବେ ସୁରେଶ୍ୱର ପ୍ରଧାନ, ସହ ସମ୍ପାଦକ ପ୍ରମୋଦ ପ୍ରଧାନ, ସମ୍ପାଦକ ସୂର୍ଯ୍ୟକାନ୍ତ ପାଣିଗ୍ରାହୀ, ସହ ସମ୍ପାଦକ ବିଦେଶୀ ସାହୁ, ବେଣୁଧର ବିଶ୍ୱାଳ, କୋଷାଧ୍ୟକ୍ଷଭାବେ ଜଗଦୀଷ ପ୍ରଧାନଙ୍କୁ ଦାୟିତ୍ୱ ଦିଆଯାଇଥିଲା।

# ଅଙ୍ଗନୱାଡ଼ି କର୍ମୀମାନଙ୍କ ବିକ୍ଷୋଭ, ଦାବିପତ୍ର

ଦେବଗଡ଼, ୨୫।୮(ଶଶାଙ୍କ ଶେଖର ଝାଙ୍କର)



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବିଭିନ୍ନ ଦାବିରେ ସୋମବାର ଅଲ ଓଡ଼ିଶା ଲେଡିଜ ୱାର୍କର୍ସ ସଂଘ ପକ୍ଷରୁ ଦେବଗଡ଼ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହା ସହ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦେବଗଡ଼ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଲ ଓଡ଼ିଶା ଲେଡିଜ ୱାର୍କର୍ସ ସଂଘ, ଦେବଗଡ଼ ଶାଖା ସଭାନେତ୍ରୀ ଅଞ୍ଜଳି ମୁଣ୍ଡା ଓ ସମ୍ପାଦିକା ନେତ୍ରମଣି ବେହେରାଙ୍କ ନେତୃତ୍ୱରେ ବହୁ ଅଙ୍ଗନୱାଡି କର୍ମୀ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ବିକ୍ଷୋଭ କରିଥିଲେ। ଦିଆଯାଇଥିବା ସ୍ମାରକପତ୍ରରେ ଆଇସିଡିଏସ୍ ଯୋଜନାର ନାମ ଉଚ୍ଛେଦ କରାଯିବାସହ ସମସ୍ତ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ, ଅଙ୍ଗନୱାଡି କର୍ମୀମାନଙ୍କୁ ମାସିକ ୧୮ ହଜାର ଟଙ୍କା ଏବଂ ସହାୟିକା ମାନଙ୍କୁ ମାସିକ ୯ ହଜାର ଟଙ୍କା ଲେଖାଏଁ ଦରମା ପ୍ରଦାନ, ଅବସର ପରେ ଅଙ୍ଗନୱାଡି କର୍ମୀଙ୍କୁ ୧୦ ଲକ୍ଷ ଟଙ୍କା ଓ ସହାୟିକାଙ୍କୁ ଏକକାଳୀନ ୫ ଲକ୍ଷ ଟଙ୍କାର ସହାୟତା ସହ ପେନସନ ପ୍ରଦାନ, ପୋଷଣ ଟ୍ରେକର ସମସ୍ତ ସମସ୍ୟାର ସମାଧାନ, ପୁଷ୍ଟି ଓ ଶିକ୍ଷା ଆଦି ନୂତନ ଶିକ୍ଷାନୀତି ଅଧିନରେ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କୁ ସାମିଲ କରି ଯୋଗ୍ୟତା ଆଧାରରେ ଶିକ୍ଷୟିତ୍ରୀର ମାନ୍ୟତା ସହ ସମସ୍ତ ସୁବିଧା ସୁଯୋଗ ପ୍ରଦାନ ଓ ଉଭୟ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କ ପାଇଁ ସମାନ ଡ୍ରେସ କୋଡ ଲାଗୁ କରାଯିବା ଆଦି ଦାବି ଉଲ୍ଲେଖ ରହିଛି।

## ସରକାରୀ ଯୋଜନା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡା, ୨୫।୮(ଆଶିଷ ରଞ୍ଜନ ଦାଶ)

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ସମାଜ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଝାରସୁଗୁଡ଼ା ଜିଲା ସଦର ବ୍ଲକ ଅନ୍ତର୍ଗତ ଲୋଇସିଂ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ପୂର୍ବାହ୍ନରେ ଆୟୋଜିତ ହୋଇଯାଇଛି। ଝାରସୁଗୁଡା ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଆଇନ ସେବା ପ୍ରାଧିକରଣର କାର୍ଯ୍ୟ ଯେପରି ମାଗଣା ଆଇନ ପରାମର୍ଶ, ଓକିଲ ଯୋଗାଇଦେବା, ମଧ୍ୟସ୍ଥତା, ଲୋକ ଅଦାଲତରେ ମାମଲାର ସମାଧାନ ଇତ୍ୟାଦି ବିଷୟ ଗୁଡ଼ିକ ଉପରେ ପ୍ରଧାନ ସୂଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଡିପିଓ (ଗ୍ରାମୀଣ) କର୍ପୁର ପଟେଲ, ଆଇଏସ ଝାରସୁଗୁଡ଼ା(ଗ୍ରାମୀଣ) ବରୁଣୀ ଶା, ଡିସିପିୟୁ ଅଫିସରୁ କେସ ୱାର୍କର ନିଶାମଣି ପୌଲ, ସହକାରୀ ଶ୍ରମ ଅଧିକାରୀ ଦୀପକ ଏକ୍କା, ସ୍ଥାନୀୟ ସରପଞ୍ଚ ସନାତନ ରୋହିଦାସ, ଜିଲା ସମାଜ ସୁରକ୍ଷା ଅଧିକାରୀ କାର୍ଯ୍ୟାଳୟର କନିଷ୍ଠ ସହାୟକ ସସ୍ମିତା ଭୋଇ ଓ ଆଦିତ୍ୟ କୁମାର ବାଦି ଯୋଗଦେଇ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ସମାଜ କଲ୍ୟାଣକାରୀ ଯୋଜନାଗୁଡ଼ିକ ଉପରେ ଉପସ୍ଥିତ ସମସ୍ତଙ୍କୁ ସଚେତନ କରାଇଥିଲେ।

## ଲଇକେରାରେ ଜନ ଅଭିଯୋଗ ଶୁଣାଣି

ଲଇକେରା, ୨୫।୮(ରଞ୍ଜନ ମେହେର)–

ଝାରସୁଗୁଡା ଜିଲା ଲଇକେରାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଜିଲାପାଳ କୁନାଲ ମୋତିରାମ ଚୌହାନଙ୍କ ଅଧ୍ୟକ୍ଷତାରେ ଶିବିର ଅନୁଷ୍ଠିତ ହୋଇଥିଲା। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜେମ୍ସ ସମାଦଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ମୋଟ ୨୦ଟି ଅଭିଯୋଗ ଆଗତ ହୋଇଥିବା ବେଳେ ତନ୍ମଧ୍ୟରୁ ୧୦ଟି ସାମୂହିକ ଓ ୧୦ଟି ବ୍ୟକ୍ତିଗତ। ଚିକିତ୍ସା ସହାୟତା ବାବଦକୁ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ଶିବିରରେ ପ୍ରଦାନ କରାଯାଇଛି । ଶିବିରରେ ମୁରାଦୀପାଲିରେ ଗୋଟିଏ ପରିବାରର ଚାଷ ଜମିର ଧାନକାର୍ଡ ଓ ଇନ୍ସୁରାନ୍ସ ଅନ୍ୟମାନଙ୍କ ଦ୍ୱାରା ବ୍ୟବହାର, କିର୍ମିରା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନୂତନ ଭାବରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ପାଠ୍ୟଦାନ ସମ୍ପର୍କିତ ସମସ୍ୟା, ଲଇକେରାସ୍ଥିତ ଡାଇଗ୍ନଷ୍ଟିକ ସେଣ୍ଟର କାର୍ଯ୍ୟକ୍ଷମ କରାଯିବା, ଚାନ୍ଦିନୀମାଲ ଗ୍ରାମକୁ ଆମ ବସ ସେବା ଯୋଗାଇବା, ତିଲେଇମାଲ ପଞ୍ଚାୟତ ଅଧୀନରେ କାର୍ଯ୍ୟରତ ଏସ୍ଇଏମଙ୍କ ବକେୟା ପ୍ରାପ୍ୟ ପ୍ରଦାନ, ଧଉଲାଟିକ୍ରା ପ୍ରାଥମିକ ବିଦ୍ୟାଳୟରେ ଏମ୍‌ଜିଏନଆରଇଜିଏସ୍ କାର୍ଯ୍ୟ କରିଥିବା ଶ୍ରମିକଙ୍କୁ ପାରିଶ୍ରମିକ ପ୍ରଦାନ, ରେଙ୍ଗାଲବେଡା ବସ ଷ୍ଟାଣ୍ଡ ଛକରୁ ବାଗଡ଼ିହି ପଞ୍ଚାୟତକୁ ରାସ୍ତା ମରାମତି, ରେଙ୍ଗାଲବେଡା କିଷାନପଡ଼ାରୁ କୁମ୍ଭାରପଡା ରାସ୍ତାରେ ବିଦ୍ୟୁତ ଆଲୋକ ବ୍ୟବସ୍ଥା ଓ ଅଇତାପଡ଼ା ଗ୍ରାମର ଶ୍ରମିକମାନଙ୍କୁ ରାସ୍ତାକାମ ବାବଦକୁ ପ୍ରାପ୍ୟ ପ୍ରଦାନ ସମ୍ପର୍କିତ ବିଭିନ୍ନ ସାମୂହିକ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ସେହିପରି ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ସମ୍ପୃକ୍ତ ଅଧିକାରୀମାନଙ୍କୁ ତର୍ଜମା ପୂର୍ବକ ଅଭିଯୋଗ ସମାଧାନ ଦିଗରେ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ଜନ୍ମଦିନରେ ବୃକ୍ଷ ରୋପଣ କରି ଦେଲେ ସଚେତନତା ବାର୍ତ୍ତା

ବେଲପାହାଡ, ୨୫।୮(ସୁବାସ ପ୍ରଧାନ)

ଝାରସୁଗୁଡା ବେଲପାହାଡ଼ରେ ଅଭିନବ ଢଙ୍ଗରେ ଜନ୍ମଦିନ ପାଳନ କରାଯାଇଛି। ବେଲପାହାଡ଼ ସପ୍ତମ ଶ୍ରେଣୀ ଛାତ୍ର ଆର୍ଯ୍ୟନ ମହାପାତ୍ର ତାଙ୍କ ଜନ୍ମ ଦିନ ଏକ ନିଆରା ଢଙ୍ଗରେ ପାଳନ କରିଛନ୍ତି। ଆର୍ଯ୍ୟନ ହେଉଛନ୍ତି ହମିଦ କୁମାର ମହାପାତ୍ର ଓ ସୁଜାତା ମହାପାତ୍ରଙ୍କ ସନ୍ତାନ। ସେ ପିଲାଟି ଦିନରୁ ତାଙ୍କ ବାପାଙ୍କ ସହିତ ବୃକ୍ଷ ରୋପଣ ପାଇଁ ଯାଇଥାନ୍ତି। ଏଥର ବୃକ୍ଷ ରୋପଣ କରି ତାଙ୍କ ଜନ୍ମଦିନ ପାଳନ କରିବାକୁ ଇଚ୍ଛା କଲେ। ଜନ୍ମ ଦିନରେ ନ ଥିଲା କେକ୍ କିରଙ୍ଗୀନ ମହମବତୀ। ନିଜ ସାଙ୍ଗମାନଙ୍କ ସହିତ ଓ ମିଶନ ପ୍ଲାଣ୍ଟେସନ ଫିଟନେଶର ସଦସ୍ୟମାନଙ୍କ ସହିତ ମିଶି ବୃକ୍ଷ ରୋପଣ କରିଥିଲେ। କରଞ୍ଜ , ଛତିଆନା, ସିମାରୁଆ ଇତ୍ୟାଦି ୨୫ଟି ଚାରା ରୋପଣ ବେଲପାହାଡ଼ର ଛୁଆଳି ବେର୍ଣ୍ଣା ଠାରେ କରାଯାଇଛି। ବୃକ୍ଷ ରୋପଣ ସହିତ ସେ ଏହି ଗଛଗୁଡ଼ିକର ଯତ୍ନ ନେବା ପାଇଁ ଶପଥ କରିଥିଲେ। ନିଜ ପରିବାର ଓ ଏମ୍‌ପିଏଫର ସଦସ୍ୟ ତାଙ୍କର ସାଙ୍ଗ ସାଥୀ ଉପସ୍ଥିତ ଥିଲେ।

## ଡିଏଭି ପବ୍ଲିକ ସ୍କୁଲରେ ରକ୍ତଦାନ ଶିବିର


ଶିବିରରେ ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

ବେଲପାହାଡ, ୨୫।୮(ସୁବାସ ପ୍ରଧାନ)

ଝାରସୁଗୁଡା ଜିଲା ବନ୍ଧବାହାଲ ଡିଏଭି ପବ୍ଲିକ ସ୍କୁଲ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ପ୍ରଦୀପ କୁମାର ହୋତାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ସର୍ବପ୍ରଥମେ ଏମସିଏଲ ଲଖନପୁର କ୍ଷେତ୍ରର ମହାପ୍ରବନ୍ଧକ ଏ.କେ. ପାଣ୍ଡେ ଯୋଗଦାନ କରି ରକ୍ତଦାନ ଶିବିର ଉଦ୍‌ଘାଟନ କରିଥିଲେ। ମହାପ୍ରବନ୍ଧକ ଏ.କେ. ପାଣ୍ଡେ ଏହି ଶିବିର ଆୟୋଜନ ପାଇଁ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ସ୍ଥାନୀୟ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର କର୍ମକର୍ତ୍ତା, ଅଭିଭାବକ,ଏମ୍‌ସିଏଲ କର୍ମଚାରୀ ଯୋଗଦାନ କରି ରକ୍ତଦାନ କରିଥିଲେ। ମୋଟ ୫୦ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ସ୍କୁଲ ତରଫରୁ ଇଂରାଜୀ ବିଭାଗର ଶିକ୍ଷକ ସୁବ୍ରତ କୁମାର ମିଶ୍ର ଶିବିର ପରିଚାଳନା କରିଥିବାବେଳେ ଏନ୍‌ସିସି ଛାତ୍ରୀଛାତ୍ର ସହଯୋଗ କରିଥିଲେ।

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର


ଜିଲାପାଳ ଅଭିଯୋଗ ଶୁଣାଣି କରୁଛନ୍ତି।

ଦେବଗଡ଼, ୨୫।୮(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଟାଇଁସର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ୨୭ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୧୪ଟି ବ୍ୟକ୍ତିଗତ ଏବଂ ୧୩ ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡିଛି । ବିଶେଷ କରି ବାର୍ଦ୍ଧକ୍ୟ ଭତ୍ତା, ରାସ୍ତା ମରାମତି , ବିଦ୍ୟାଳୟର ରୋଷେଇ ଘର ମରାମତି, ବିଦ୍ୟୁତ୍ ସମସ୍ୟା, ଚିକିତ୍ସାଳୟରେ ଚିକିତ୍ସା ପାଇଁ ଆର୍ଥିକ ସହାୟତା ନିମନ୍ତେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ ଚୋପର୍ଦାର, ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲାପରିଷଦ ଦିଲୀପ କୁମାର ପ୍ରଧାନ, ଉପଜିଲାପାଳ ପରିକ୍ଷିତ ସାହୁ, ଏସିଏଫ୍ ସ୍ୱାଧୀନତା ସାହାଣୀ, ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ପ୍ରିୟଦର୍ଶିନୀ ମିର୍ଦ୍ଧା, ଡେପୁଟି କଲେକ୍ଟର ଏଜଲିନ ବାରାଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଟେଷ୍ଟ ହାଉସ କର୍ମଚାରୀ ମୃତ

ବ୍ରଜରାଜନଗର ୨୫।୮(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅନ୍ତର୍ଗତ ଲମଟିବାହାଲ ଗୁଆଲାପଡ଼ାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସୋମବାର ଜଣେ ଟେଷ୍ଟ ହାଉସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଅପରାହ୍ନରେ ଗଣେଶ ପୂଜା ପାଇଁ ଏକ ଟେଷ୍ଟ ହାଉସ ପକ୍ଷରୁ ଟେଷ୍ଟ ବନ୍ଧା ଯାଉଥିଲା। ଟେଷ୍ଟ ହାଉସର ଜଣେ କର୍ମଚାରୀ ଜନ ଖେସ (୩୫) ଟେଷ୍ଟ ବାନ୍ଧୁଥିବା ସମୟରେ ବାଉଁଶଟି ଉପରେ ଯାଇଥିବା ବିଦ୍ୟୁତ୍ ଲାଇନର ସଂସ୍ପର୍ଶରେ ଆସିଥିଲା। ବିଦ୍ୟୁତ୍ ଆଘାତ ପରେ ଚିକିତ୍ସା ପାଇଁ କେନ୍ଦ୍ରୀୟ ଚିକିତ୍ସାଳୟ ମଣ୍ଡଳିଆ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ଖବରପାଇ ପୋଲିସ ହସ୍ପିଟାଲରେ ପହଞ୍ଚି ମୃତଦେହ ଜବତ କରି ଅନୁସନ୍ଧାନ କରୁଛି।

## ଇବ୍ ନଦୀରେ ଭାସିଗଲେ ରେଳ କର୍ମଚାରୀ

ବ୍ରଜରାଜନଗର, ୨୫।୮(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅନ୍ତର୍ଗତ ଇଟାଭଟା ଇବ ନଦୀ ଘାଟରେ ଗାଧୋଉଥିବାବେଳେ ଜଣେ ରେଳ କର୍ମଚାରୀ ଭାସିଯାଇଛନ୍ତି। ସେ ହେଲେ ମନିଷ କୁମାର(୨୬)। ସେ ରେଳ ବିଭାଗର ଗାର୍ଡ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ସୋମବାର ଅପରାହ୍ନ ୫ଟାରେ ସାଙ୍ଗ ମାନଙ୍କ ସହିତ ନଦୀକୁ ଗାଧୋଇବାକୁ ଯାଇଥିଲେ। ଓଡ୍ରାଫ ଟିମ ଆସି ଖୋଜିବା ପରେ ମଧ୍ୟ ତାଙ୍କର ସନ୍ଧାନ ମିଳିପାରିନାହିଁ।

# ମେଧାବୀ ଶିକ୍ଷାର୍ଥୀ ଏ–୧ ଗ୍ରେଡରୁ ବଞ୍ଚିତ




### ମାଟ୍ରିକ୍ ଖାତା ମୂଲ୍ୟାୟନରେ ତ୍ରୁଟି

କୋଲାବିରା,୨୫।୮(ଚିନ୍ମୟ କୁମାର ବହିଦାର)

ଫେବୃଆରୀ ୨୧ ରୁ ମାର୍ଚ୍ଚ ୬ ପର୍ଯ୍ୟନ୍ତ ବାର୍ଷିକ ହାଇସ୍କୁଲ ପରୀକ୍ଷା ସମଗ୍ର ଓଡିଶାରେ ଅନୁଷ୍ଠିତ ହୋଇଯାଇଛି। ପରୀକ୍ଷା ସୁରୁଖୁରୁରେ ସମାପ୍ତ ହୋଇଥିବା ସଙ୍ଗେ ସଙ୍ଗେ ଖାତା ଦେଖା କାର୍ଯ୍ୟ ମଧ୍ୟ ଯଥା ସମୟରେ ସମାପ୍ତ ହୋଇଥିଲା। ଗତ ମେ ୨ ତାରିଖ ଏହାର ଫଳାଫଳ ପ୍ରକାଶ ମଧ୍ୟ ପାଇସାରିଛି। ତେବେ ଇତି ମଧ୍ୟରେ ଉକ୍ତ ଫଳାଫଳରେ ବ୍ୟାପକ ତ୍ରୁଟି ଦେଖାଦେଇଥିବା ନେଇ ଅଭିଯୋଗ ହୋଇଛି। ଉଦାହରଣ ସ୍ୱରୂପ ଚଳିତ ମାଟ୍ରିକ ପରୀକ୍ଷାରେ କୋଲାବିରା ବ୍ଲକ ଅନ୍ତର୍ଗତ ସମାସିଂହା ସ୍ଥିତ କ୍ଷୀରୋଦ ଗୌନ୍ତିଆ ବାଳିକା ଉଚ୍ଚ ବିଦ୍ୟାଳୟର ୫୧ ଜଣ ଛାତ୍ରୀ ଏ–୨ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଜଣେ ହେଲେ ଏ–୧ ପାଇ ନ ଥିଲେ। ଯାହାକୁ ନେଇ ମେଧାବୀ ଛାତ୍ରୀ ତଥା ଅଭିଭାବକ ମହଲରେ ନୈରାଶ୍ୟ ଭାବ ଦେଖାଦେଇଥିଲା। ଏହାକୁ ନେଇ ବିଦ୍ୟାଳୟର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା ଛାତ୍ରୀଙ୍କର ଅଭିଭାବକମାନେ ମାଟ୍ରିକ ଖାତା ପୁନଃ ଯାଞ୍ଚ ସାଙ୍ଗକୁ ଉତ୍ତର ଖାତାର ନକଲ କପି ପାଇଁ ନିର୍ଦ୍ଧାରିତ ତାରିଖରେ ଆବେଦନ କରିଥିଲେ। ବୋର୍ଡ ପକ୍ଷରୁ ବିଷୟକୁ ଯାଞ୍ଚ କରାଯାଇ ଅନଲାଇନ ମାଧ୍ୟମରେ ଉତ୍ତର ଖାତା ପ୍ରଦାନ କରାଯାଇଥିଲା। ମାତ୍ର ପ୍ରଦାନ କରାଯାଇଥିବା ଉତ୍ତର ଖାତା ଗୁଡିକର ଠିକ୍ ମୂଲ୍ୟାୟନ କରାଯାଇ ନ ଥିବା ନେଇ ଅଭିଭାବକ ଅଭିଯୋଗ କରିବା ସହିତ ଯୋଭ ପ୍ରକାଶ କରିଛନ୍ତି। ପୁନଶ୍ଚ ଚାରିଜଣ ଛାତ୍ରୀଙ୍କ ପରୀକ୍ଷା ଖାତା ମଧ୍ୟରୁ ୨ଜଣଙ୍କର ପରୀକ୍ଷା ଖାତାର ପୃଷ୍ଠଭାଗରେ ମଧ୍ୟ ଦିଆଯାଇଥିବା ମାର୍କରେ ମିଶାଣ ଜନିତ ଗୁରୁତର ତ୍ରୁଟି ରହିଛି। ଛାତ୍ରୀ ଅରୁଣା ରଣା ରୋଲ ନମ୍ବର ୦୨୦ଇଏଫ୍୦୬୧ ଙ୍କ ଗଣିତ ଉତ୍ତର ଖାତାରେ ସମ୍ମୁଖ ଭାଗରେ ଯୋଗଫଳ ୩୬ ଲେଖାଯାଇଥିବା ବେଳେ ପ୍ରକୃତରେ ବିଭିନ୍ନ ପ୍ରଶ୍ନର ଉତ୍ତରରେ ଦିଆଯାଇଥିବା ନମ୍ବରକୁ ମିଶାଇଲେ ଯୋଗଫଳ ୪୦ ହେଉଛି। ସେହିଭଳି ଜିଜ୍ଞାସା ପଟେଲ ରୋଲ ନମ୍ବର ୦୨୦ଇଏଫ୍୦୮୩ ଙ୍କ ସାମାଜିକ ବିଜ୍ଞାନ ଉତ୍ତର ଖାତାରେ ସମ୍ମୁଖ ଭାଗରେ ଯୋଗଫଳ ୩୮ ଲେଖାଯାଇଥିବା ବେଳେ ପ୍ରକୃତ ପକ୍ଷରେ ବିଭିନ୍ନ ପ୍ରଶ୍ନର ଉତ୍ତରରେ ଦିଆଯାଇଥିବା ନମ୍ବରକୁ ମିଶାଇଲେ ଯୋଗଫଳ ୪୦ ହେଉଛି। ହେଲେ ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ ଅଭିଜ୍ଞ ଶିକ୍ଷକଙ୍କ ଦ୍ୱାରା ଖାତାଗୁଡିକର ମୂଲ୍ୟାୟନ କରି ରେଜଲ୍ଟ ପ୍ରକାଶନ ପରେ ପୁନଃ ଯାଞ୍ଚ ଆଉ ଜଣେ ବରିଷ୍ଠ ଶିକ୍ଷକଙ୍କ ଦ୍ୱାରା ୨୩ ଜୁନରେ କରାଯାଇଥିଲେ ସୁଦ୍ଧା ଏଭଳି ତ୍ରୁଟି ହେଲା କିପରି ? ଇତି ମଧ୍ୟରେ ସମସ୍ତ ଉତ୍ତର ଖାତାର ପୁନଃ ମୂଲ୍ୟାୟନ ଜିଲାର ଅଭିଜ୍ଞ ଶିକ୍ଷକମାନଙ୍କ ଦ୍ୱାରା ଅଭିଭାବକମାନେ ନିଜସ୍ୱ ଉଦ୍ୟମରେ କରାଇ ସାରିଥିବା ଜଣାପଡିଛି ଓ ଉତ୍ତର ଖାତା ଗୁଡିକରେ ସଠିକ୍ ଉତ୍ତର ଦିଆଯାଇଥିଲେ ମଧ୍ୟ ଛାତ୍ରୀମାନଙ୍କୁ ଅନ୍ୟାୟ ଭାବରେ କମ୍ ମାର୍କ ପ୍ରଦାନ କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି। ଖାତା ଗୁଡିକରେ ୫ ରୁ ୧୦ ମାର୍କ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଅଭିଜ୍ଞ ଶିକ୍ଷକମାନଙ୍କ ସହ ଯୋଗାଯୋଗ ପରେ ଜଣାପଡିଥିବା ବେଳେ ଏପରି ସ୍ଥଳେ ଚାରିଜଣ ଛାତ୍ରୀ ବୋର୍ଡ କର୍ତ୍ତୃପକ୍ଷଙ୍କ ଉଦାସୀନତା ତଥା ଖାମଖିଆଲି ମନୋଭାବ ଯୋଗୁଁ ଏ–୧ ଗ୍ରେଡ ପାଇବାରୁ ବଂଚିତ ହୋଇଥିବା ସ୍ପଷ୍ଟ ହୋଇଥିବା ନେଇ ଅଭିଭାବକ ସନାତନ ରଣା,କ୍ଷୀରୋଦ ସାହୁ,ମନୋଜ କୁମାର ପଟେଲ,ଖଗେଶ୍ୱର ପଟେଲ ପ୍ରମୁଖ ଅଭିଯୋଗ କରିଛନ୍ତି। ତାଛଡା ଯଦି ଏହାର ସମାଧାନ ଦିଗରେ ବୋର୍ଡ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ଆଗାମୀ ଦିନରେ ଅଭିଭାବକ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି।

**कार्यालय झुमरीतिलैया नगर परिषद**

**अति अल्पकालीन ई–निविदा आमंत्रण सूचना**

ई–निविदा सूचना सं0– J.M.C/04/2025-26 Date – 25-08-2025

| क्रं0 सं0 | मद् का नाम | कार्य का नाम | प्राक्कलित राशि (in Rupees) | अग्रधन की राशि (in Rupees) | निविदा शुल्क (in Rupees) | कार्य समाप्ति की अवधि |
|---|---|---|---|---|---|---|
| 1. | 15वें वित्त | CONSTRUCTION OF DEVELOPMENT OF VENDING ZONES/SHOPS WITH BASIC INFRASTRUCTURE AND PUBLIC AMENITIES FOR STREET VENDOR NEAR GANDHI SCHOOL. | 1,71,14,457 | 3,42,300 | 10,000 | 12 Month |

1. Only E-Tender will be accepted
2. नगर विकास एवं आवास विभाग अन्तर्गत समुचित श्रेणी में निबंधित संवेदक निविदा में भाग ले सकते है।
3. वेबसाईट में निविदा प्रकाशन की तिथि : 01.09.2025 (पूर्वाहन 10.00 बजे से)।
4. ई–निविदा प्राप्ति की अंतिम तिथि एवं समय : 09.09.2025 अपराहन 5.00 बजे।
5. निविदा खोलने की तिथि : 11.09.2025 अपराहन 3.00 बजे।
6. हेल्पलाईन नम्बर : 7903772765, 9572100949, 8505948858
7. E-Procurement में Tender Fee एवं EMD की राशि ऑनलाईन सूचना प्रोद्योगिकी एवं ई–गवर्नेंस विभाग, झारखण्ड, राँची का आदेश ज्ञापांक – 120, दिनांक– 03.10.2023 एवं नगर विकास एवं आवास विभाग, झारखण्ड, राँची का पत्रांक 05 / विविध (e-tender)–12 / 2023 / न0वि0–4847 (अनु0), दिनांक– 11.10.2023 के तहत ली जायगी।
8. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।

विशेष जानकारी विभागीय वेबसाईट http://jharkhandtenders.gov.in पर देखी जा सकती है।

प्रशासक
झुमरी तिलैया, नगर परिषद

PR 360399 Urban Development(25-26)#D

**GOVT. OF ODISHA** No.O-640

**OFFICE OF THE SUPERINTENDING ENGINEER RURAL WORKS DIVISION, ANANDAPUR**

E-Mail:- eerw_anandapur@yahoo.co.in

**NOTICE INVITING TENDER**

**NATIONAL COMPETITIVE BIDDING THROUGH e-PROCUREMENT NOTICE**
**On line-04 /EE/RW/AND/2025-26**

**Construction of Academic Building (1st Floor) of Patitapaban Degree College, Sainkul**

No. 5180// Date : 21.08.2025 //

**Executive Engineer, Rural Works Division, Anandapur** on behalf of **Government of Odisha invites PERCENTAGE (%) RATE tender for Building work through** e-Procurement as per annexure in **Double Cover system**. The bid should be submitted on-line in the website www.tendersorissa.gov.in by eligible class of contractors having legal competency & expertise, registered with the state Government & contractors of equivalent grades /class registered with central Govt./ MES/ Railways for execution of the works for drawal of agreement in percentage P1 contract forms of Government of Odisha. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrollment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender in : O/o the S.E., R.W. Division, Anandapur | |
|---|---|---|---|---|---|---|
| | | From | To | | Technical Bid (Double Cover) | Financial Bid (Double Cover) |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division, Anandapur | NCB-Online 04/EE/RW/ AND/2025-26 | Dt.29.08.25 at 10.00 A.M. | Dt.06.09.25 up to 5.30 P.M. | Dt.06.09.25 up to 5.30 P.M. | Dt.08.09.25 at 11.30 A.M. | Will be intimated later |

OIPR-25055/11/0024/2526

Sd./- Executive Engineer
R.W. Division, Anandapur

**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha

**QUOTATION CALL NOTICE**

Sealed quotations in prescribed format are invited for Printing Works, Supply of High Tea, Supply of Biryani Packets, Working Lunch & Snacks, Supply of Electrical Items, Supply of Furniture Items, and Supply of Tent House Items for 12th Annual Convocation at NLUO, Cuttack. Last date & time of receipt is **03.09.2025** at **11.00 A.M.** For details please visit website: **www.nluo.ac.in".**

Sd/- Registrar

**OFFICE OF THE SUPERINTENDING ENGINEER RURAL WORKS DIVISION-II, GANJAM, BERHAMPUR**

Phone : 0680-2404096, E-Mail : eerwgmt@yahoo.co.in

No.O-613 **Government of Odisha e-Procurement Notice**

**Bid Identification No. Online Tender/05/SERWD-II/2025-26**

**Memo No.6194/RWD-IIGB, Date : 18.08.2025**

| | | | |
|---|---|---|---|
| 1 | Name of the Work | : | Building Works |
| 2 | Estimated Cost | : | Rs.2.11 lakhs to Rs.5.05 lakhs |
| 3 | Period of Completion | : | 1 (One) Month as per Annexure |
| 4 | Date & Time of availability of Bid documents in the Portal | : | 01.09.2025 at 10.00 A.M. to 12.09.2025 up to 4.00 P.M. |
| 5 | Last Date/Time for receipt of Bids in the Portal | : | 12.09.2025 up to 4.00 P.M. |
| 6 | Name and address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal **tendersodisha.gov.in/nicgep/app**

Sd./- Executive Engineer
R.W. Division-II, Ganjam
Berhampur

OIPR-25073/11/0025/2526

**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR**

E-mail : seec.bbsr2010@gmail.com

**Bid Identification No.S.E.E.C (R&B) 11/2025-26**

**No. 3169 / Date : 19.08.2025**

**No.B-428** : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.01.09.2025 at 05.00 P.M. to dt.15.09.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.16.09.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B) Odisha,
BBSR

OIPR-34006/11/0045/2526

## ନାଗରିକ ପରିଷଦ ଗଠିତ

ସମ୍ବଲପୁର, ୨୫।୮ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଯୁଯୁମୁରା ହାଇସ୍କୁଲ ପରିସରରେ ସାମୂହିକ ବିକାଶ ନେଇ ସୋମବାର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନାଗରିକ ଦେବଜୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ, କଲେଜ ଅବ୍ୟବସ୍ଥା ଓ ବାଳିକା ହାଇସ୍କୁଲର ଦୟନୀୟ ସ୍ଥିତି, ହାଇସ୍କୁଲ ମିଶ୍ରଣ ଓ ହକି ଏକାଡେମୀରେ ଅସୁବିଧା, ବିଭିନ୍ନ ପ୍ରକଳ୍ପ ମଞ୍ଜୁରୀ ସତ୍ତ୍ୱେ କାର୍ଯ୍ୟକାରୀ ନ ହେବା, ବିଇଓ ଅଫିସକୁ ବ୍ଲକ ପରିସରରୁ ପୁରୁଣା ଏମଇ ସ୍କୁଲ ଘରକୁ ସ୍ଥାନାନ୍ତର, ଏମଇ ସ୍କୁଲର ପଡିଆର ସୁରକ୍ଷା ଇତ୍ୟାଦି ପ୍ରମୁଖ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏହାସହ ଯୁଯୁମୁରାରେ ସବ ରେଜିଷ୍ଟ୍ରର ଅଫିସ ସ୍ଥାପନ କରିବାକୁ ବୈଠକରେ ଦାବି କରାଯାଇଥିଲା। ଅଞ୍ଚଳର ସାମୂହିକ ବିକାଶ ଓ ବିଭିନ୍ନ ମୌଳିକ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରିବାକୁ ବୈଠକରେ ଏକ ନାଗରିକ ପରିଷଦ ଗଠନ କରାଯାଇଥିଲା। ପରିଷଦ ସଭାପତିଭାବେ ସୁରେଶ୍ୱର ପ୍ରଧାନ, ସହ ସମ୍ପାଦକ ପ୍ରମୋଦ ପ୍ରଧାନ, ସମ୍ପାଦକ ସୂର୍ଯ୍ୟକାନ୍ତ ପାଣିଗ୍ରାହୀ, ସହ ସମ୍ପାଦକ ବିଦେଶୀ ସାହୁ, ବେଣୁଧର ବିଶ୍ୱାଳ, କୋଷାଧ୍ୟକ୍ଷଭାବେ ଜଗଦୀଷ ପ୍ରଧାନଙ୍କୁ ଦାୟିତ୍ୱ ଦିଆଯାଇଥିଲା।

# ଅଙ୍ଗନୱାଡ଼ି କର୍ମୀମାନଙ୍କ ବିକ୍ଷୋଭ, ଦାବିପତ୍ର

ଦେବଗଡ଼, ୨୫।୮ (ଶଶାଙ୍କ ଶେଖର ଝାଙ୍କର)

ବିଭିନ୍ନ ଦାବିରେ ସୋମବାର ଅଲ ଓଡ଼ିଶା ଲେଡିଜ ୱାର୍କର୍ସ ସଂଘ ପକ୍ଷରୁ ଦେବଗଡ଼ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହା ସହ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦେବଗଡ଼ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଲ ଓଡ଼ିଶା ଲେଡିଜ ୱାର୍କର୍ସ ସଂଘ, ଦେବଗଡ଼ ଶାଖା ସଭାନେତ୍ରୀ ଅଞ୍ଜଳି ମୁଣ୍ଡା ଓ ସମ୍ପାଦିକା ନେତ୍ରମଣି ବେହେରାଙ୍କ ନେତୃତ୍ୱରେ ବହୁ ଅଙ୍ଗନୱାଡି କର୍ମୀ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ବିକ୍ଷୋଭ କରିଥିଲେ। ଦିଆଯାଇଥିବା ସ୍ମାରକପତ୍ରରେ ଆଇସିଡିଏସ୍ ଯୋଜନାର ନାମ ଉଚ୍ଛେଦ କରାଯିବାସହ ସମସ୍ତ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ, ଅଙ୍ଗନୱାଡି କର୍ମୀମାନଙ୍କୁ ମାସିକ ୧୮ ହଜାର ଟଙ୍କା ଏବଂ ସହାୟିକା ମାନଙ୍କୁ ମାସିକ ୯ ହଜାର ଟଙ୍କା ଲେଖାଏଁ ଦରମା ପ୍ରଦାନ, ଅବସର ପରେ ଅଙ୍ଗନୱାଡି କର୍ମୀଙ୍କୁ ୧୦ ଲକ୍ଷ ଟଙ୍କା ଓ ସହାୟିକାଙ୍କୁ ଏକକାଳୀନ ୫ ଲକ୍ଷ ଟଙ୍କାର ସହାୟତା ସହ ପେନସନ ପ୍ରଦାନ, ପୋଷଣ ଟ୍ରେକର ସମସ୍ତ ସମସ୍ୟାର ସମାଧାନ, ପୁଷ୍ଟି ଓ ଶିକ୍ଷା ଆଦି ନୂତନ ଶିକ୍ଷାନୀତି ଅଧିନରେ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କୁ ସାମିଲ କରି ଯୋଗ୍ୟତା ଆଧାରରେ ଶିକ୍ଷୟିତ୍ରୀର ମାନ୍ୟତା ସହ ସମସ୍ତ ସୁବିଧା ସୁଯୋଗ ପ୍ରଦାନ ଓ ଉଭୟ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କ ପାଇଁ ସମାନ ଡ୍ରେସ କୋଡ ଲାଗୁ କରାଯିବା ଆଦି ଦାବି ଉଲ୍ଲେଖ ରହିଛି।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ସରକାରୀ ଯୋଜନା ସମ୍ବନ୍ଧରେ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡା, ୨୫।୮ (ଆଶିଷ ରଞ୍ଜନ ଦାଶ)

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ସମାଜ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଝାରସୁଗୁଡ଼ା ଜିଲା ସଦର ବ୍ଲକ ଅନ୍ତର୍ଗତ ଲୋଇସିଂ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ପୂର୍ବାହ୍ନରେ ଆୟୋଜିତ ହୋଇଯାଇଛି। ଝାରସୁଗୁଡା ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଆଇନ ସେବା ପ୍ରାଧିକରଣର କାର୍ଯ୍ୟ ଯେପରି ମାଗଣା ଆଇନ ପରାମର୍ଶ, ଓକିଲ ଯୋଗାଇଦେବା, ମଧ୍ୟସ୍ଥତା, ଲୋକ ଅଦାଲତରେ ମାମଲାର ସମାଧାନ ଇତ୍ୟାଦି ବିଷୟ ଗୁଡ଼ିକ ଉପରେ ପ୍ରଧାନ ସୂଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଡିପିଓ (ଗ୍ରାମୀଣ) କର୍ପୁର ପଟେଲ, ଆଇଏସ ଝାରସୁଗୁଡ଼ା (ଗ୍ରାମୀଣ) ବରୁଣୀ ଶା, ଡିସିପିୟୁ ଅଫିସରୁ କେସ ୱାର୍କର ନିଶାମଣି ପୌଲ, ସହକାରୀ ଶ୍ରମ ଅଧିକାରୀ ଦୀପକ ଏକ୍କା, ସ୍ଥାନୀୟ ସରପଞ୍ଚ ସନାତନ ରୋହିଦାସ, ଜିଲା ସମାଜ ସୁରକ୍ଷା ଅଧିକାରୀ କାର୍ଯ୍ୟାଳୟର କନିଷ୍ଠ ସହାୟକ ସସ୍ମିତା ଭୋଇ ଓ ଆଦିତ୍ୟ କୁମାର ବାଦି ଯୋଗଦେଇ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ସମାଜ କଲ୍ୟାଣକାରୀ ଯୋଜନାଗୁଡ଼ିକ ଉପରେ ଉପସ୍ଥିତ ସମସ୍ତଙ୍କୁ ସଚେତନ କରାଇଥିଲେ।

## ଡିଏଭି ପବ୍ଲିକ ସ୍କୁଲରେ ରକ୍ତଦାନ ଶିବିର


ଶିବିରରେ ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

ବେଲପାହାଡ, ୨୫।୮ (ସୁବାସ ପ୍ରଧାନ)

ଝାରସୁଗୁଡା ଜିଲା ବନ୍ଧବାହାଲ ଡିଏଭି ପବ୍ଲିକ ସ୍କୁଲ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ପ୍ରଦୀପ କୁମାର ହୋତାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ସର୍ବପ୍ରଥମେ ଏମସିଏଲ ଲଖନପୁର କ୍ଷେତ୍ରର ମହାପ୍ରବନ୍ଧକ ଏ.କେ. ପାଣ୍ଡେ ଯୋଗଦାନ କରି ରକ୍ତଦାନ ଶିବିର ଉଦ୍‌ଘାଟନ କରିଥିଲେ। ମହାପ୍ରବନ୍ଧକ ଏ.କେ. ପାଣ୍ଡେ ଏହି ଶିବିର ଆୟୋଜନ ପାଇଁ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ସ୍ଥାନୀୟ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର କର୍ମକର୍ତ୍ତା, ଅଭିଭାବକ, ଏମ୍‌ସିଏଲ କର୍ମଚାରୀ ଯୋଗଦାନ କରି ରକ୍ତଦାନ କରିଥିଲେ। ମୋଟ ୫୦ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ସ୍କୁଲ ତରଫରୁ ଇଂରାଜୀ ବିଭାଗର ଶିକ୍ଷକ ସୁବ୍ରତ କୁମାର ମିଶ୍ର ଶିବିର ପରିଚାଳନା କରିଥିବାବେଳେ ଏନ୍‌ସିସି ଛାତ୍ରୀଛାତ୍ର ସହଯୋଗ କରିଥିଲେ।

## ଲଇକେରାରେ ଜନ ଅଭିଯୋଗ ଶୁଣାଣି

ଲଇକେରା, ୨୫।୮ (ରଞ୍ଜନ ମେହେର)–

ଝାରସୁଗୁଡା ଜିଲା ଲଇକେରାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଜିଲାପାଳ କୁନାଲ ମୋତିରାମ ଚୌହାନଙ୍କ ଅଧ୍ୟକ୍ଷତାରେ ଶିବିର ଅନୁଷ୍ଠିତ ହୋଇଥିଲା। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜେମ୍ସ ସମାଦଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ମୋଟ ୨୦ଟି ଅଭିଯୋଗ ଆଗତ ହୋଇଥିବା ବେଳେ ତନ୍ମଧ୍ୟରୁ ୧୦ଟି ସାମୂହିକ ଓ ୧୦ଟି ବ୍ୟକ୍ତିଗତ। ଚିକିତ୍ସା ସହାୟତା ବାବଦକୁ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ଶିବିରରେ ପ୍ରଦାନ କରାଯାଇଛି। ଶିବିରରେ ମୁରାଦୀପାଲିରେ ଗୋଟିଏ ପରିବାରର ଚାଷ ଜମିର ଧାନକାର୍ଡ ଓ ଇନ୍ସୁରାନ୍ସ ଅନ୍ୟମାନଙ୍କ ଦ୍ୱାରା ବ୍ୟବହାର, କିର୍ମିରା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନୂତନ ଭାବରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ପାଠ୍ୟଦାନ ସମ୍ପର୍କିତ ସମସ୍ୟା, ଲଇକେରାସ୍ଥିତ ଡାଇଗ୍ନଷ୍ଟିକ ସେଣ୍ଟର କାର୍ଯ୍ୟକ୍ଷମ କରାଯିବା, ଚାନ୍ଦିନୀମାଲ ଗ୍ରାମକୁ ଆମ ବସ ସେବା ଯୋଗାଇବା, ତିଲେଇମାଲ ପଞ୍ଚାୟତ ଅଧୀନରେ କାର୍ଯ୍ୟରତ ଏସ୍‌ଇଏମଙ୍କ ବକେୟା ପ୍ରାପ୍ୟ ପ୍ରଦାନ, ଧଉଲାଟିକ୍ରା ପ୍ରାଥମିକ ବିଦ୍ୟାଳୟରେ ଏମ୍‌ଜିଏନଆରଇଜିଏସ୍ କାର୍ଯ୍ୟ କରିଥିବା ଶ୍ରମିକଙ୍କୁ ପାରିଶ୍ରମିକ ପ୍ରଦାନ, ରେଙ୍ଗାଲବେଡା ବସ ଷ୍ଟାଣ୍ଡ ଛକରୁ ବାଗଡ଼ିହି ପଞ୍ଚାୟତକୁ ରାସ୍ତା ମରାମତି, ରେଙ୍ଗାଲବେଡା କିଷାନପଡ଼ାରୁ କୁମ୍ଭାରପଡା ରାସ୍ତାରେ ବିଦ୍ୟୁତ ଆଲୋକ ବ୍ୟବସ୍ଥା ଓ ଅଇତାପଡ଼ା ଗ୍ରାମର ଶ୍ରମିକମାନଙ୍କୁ ରାସ୍ତାକାମ ବାବଦକୁ ପ୍ରାପ୍ୟ ପ୍ରଦାନ ସମ୍ପର୍କିତ ବିଭିନ୍ନ ସାମୂହିକ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ସେହିପରି ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ସମ୍ପୃକ୍ତ ଅଧିକାରୀମାନଙ୍କୁ ତର୍ଜମା ପୂର୍ବକ ଅଭିଯୋଗ ସମାଧାନ ଦିଗରେ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ଜନ୍ମଦିନରେ ବୃକ୍ଷ ରୋପଣ କରି ଦେଲେ ସଚେତନତା ବାର୍ତ୍ତା

ବେଲପାହାଡ, ୨୫।୮ (ସୁବାସ ପ୍ରଧାନ)

ଝାରସୁଗୁଡା ବେଲପାହାଡ଼ରେ ଅଭିନବ ଢଙ୍ଗରେ ଜନ୍ମଦିନ ପାଳନ କରାଯାଇଛି। ବେଲପାହାଡ଼ ସପ୍ତମ ଶ୍ରେଣୀ ଛାତ୍ର ଆର୍ଯ୍ୟନ ମହାପାତ୍ର ତାଙ୍କ ଜନ୍ମ ଦିନ ଏକ ନିଆରା ଢଙ୍ଗରେ ପାଳନ କରିଛନ୍ତି। ଆର୍ଯ୍ୟନ ହେଉଛନ୍ତି ହମିଦ କୁମାର ମହାପାତ୍ର ଓ ସୁଜାତା ମହାପାତ୍ରଙ୍କ ସନ୍ତାନ। ସେ ପିଲାଟି ଦିନରୁ ତାଙ୍କ ବାପାଙ୍କ ସହିତ ବୃକ୍ଷ ରୋପଣ ପାଇଁ ଯାଇଥାନ୍ତି। ଏଥର ବୃକ୍ଷ ରୋପଣ କରି ତାଙ୍କ ଜନ୍ମଦିନ ପାଳନ କରିବାକୁ ଇଚ୍ଛା କଲେ। ଜନ୍ମ ଦିନରେ ନ ଥିଲା କେକ୍ କି ରଙ୍ଗୀନ ମହମବତୀ। ନିଜ ସାଙ୍ଗମାନଙ୍କ ସହିତ ଓ ମିଶନ ପ୍ଲାଣ୍ଟେସନ ଫିଟନେଶର ସଦସ୍ୟମାନଙ୍କ ସହିତ ମିଶି ବୃକ୍ଷ ରୋପଣ କରିଥିଲେ। କରଞ୍ଜ, ଛତିଆନା, ସିମାରୁଆ ଇତ୍ୟାଦି ୨୫ଟି ଚାରା ରୋପଣ ବେଲପାହାଡ଼ର ଛୁଆଳି ବେର୍ଣ୍ଣା ଠାରେ କରାଯାଇଛି। ବୃକ୍ଷ ରୋପଣ ସହିତ ସେ ଏହି ଗଛଗୁଡ଼ିକର ଯତ୍ନ ନେବା ପାଇଁ ଶପଥ କରିଥିଲେ। ନିଜ ପରିବାର ଓ ଏମ୍‌ପିଏଫର ସଦସ୍ୟ ତାଙ୍କର ସାଙ୍ଗ ସାଥୀ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର


ଜିଲାପାଳ ଅଭିଯୋଗ ଶୁଣାଣି କରୁଛନ୍ତି।

ଦେବଗଡ଼, ୨୫।୮ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଟାଇଁସର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ୨୭ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୧୪ଟି ବ୍ୟକ୍ତିଗତ ଏବଂ ୧୩ ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡିଛି। ବିଶେଷ କରି ବାର୍ଦ୍ଧକ୍ୟ ଭତ୍ତା, ରାସ୍ତା ମରାମତି, ବିଦ୍ୟାଳୟର ରୋଷେଇ ଘର ମରାମତି, ବିଦ୍ୟୁତ୍ ସମସ୍ୟା, ଚିକିତ୍ସାଳୟରେ ଚିକିତ୍ସା ପାଇଁ ଆର୍ଥିକ ସହାୟତା ନିମନ୍ତେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ ଚୋପର୍ଦାର, ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲାପରିଷଦ ଦିଲୀପ କୁମାର ପ୍ରଧାନ, ଉପଜିଲାପାଳ ପରିକ୍ଷିତ ସାହୁ, ଏସିଏଫ୍ ସ୍ୱାଧୀନତା ସାହାଣୀ, ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ପ୍ରିୟଦର୍ଶନୀ ମିର୍ଦ୍ଧା, ଡେପୁଟି କଲେକ୍ଟର ଏଜଲିନ ବାରାଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଟେଣ୍ଟ ହାଉସ କର୍ମଚାରୀ ମୃତ

ବ୍ରଜରାଜନଗର ୨୫।୮ (ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅନ୍ତର୍ଗତ ଲମଟିବାହାଲ ଗୁଆଲାପଡ଼ାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସୋମବାର ଜଣେ ଟେଣ୍ଟ ହାଉସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଅପରାହ୍ନରେ ଗଣେଶ ପୂଜା ପାଇଁ ଏକ ଟେଣ୍ଟ ହାଉସ ପକ୍ଷରୁ ଟେଣ୍ଟ ବନ୍ଧା ଯାଉଥିଲା। ଟେଣ୍ଟ ହାଉସର ଜଣେ କର୍ମଚାରୀ ଜନ ଖେସ (୩୫) ଟେଣ୍ଟ ବାନ୍ଧୁଥିବା ସମୟରେ ବାଉଣ୍ଡଟି ଉପରେ ଯାଇଥିବା ବିଦ୍ୟୁତ୍ ଲାଇନର ସଂସ୍ପର୍ଶରେ ଆସିଥିଲା। ବିଦ୍ୟୁତ୍ ଆଘାତ ପରେ ଚିକିତ୍ସା ପାଇଁ କେନ୍ଦ୍ରୀୟ ଚିକିତ୍ସାଳୟ ମଣ୍ଡଳିଆ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ଖବରପାଇ ପୋଲିସ ହସ୍ପିଟାଲରେ ପହଞ୍ଚି ମୃତଦେହ ଜବତ କରି ଅନୁସନ୍ଧାନ କରୁଛି।

## ଇବ୍ ନଦୀରେ ଭାସିଗଲେ ରେଳ କର୍ମଚାରୀ

ବ୍ରଜରାଜନଗର, ୨୫।୮ (ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅନ୍ତର୍ଗତ ଇଟାଭଟା ଇବ ନଦୀ ଘାଟରେ ଗାଧୋଉଥିବାବେଳେ ଜଣେ ରେଳ କର୍ମଚାରୀ ଭାସିଯାଇଛନ୍ତି। ସେ ହେଲେ ମନିଷ କୁମାର (୨୬)। ସେ ରେଳ ବିଭାଗର ଗାର୍ଡ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ସୋମବାର ଅପରାହ୍ନ ୫ଟାରେ ସାଙ୍ଗ ମାନଙ୍କ ସହିତ ନଦୀକୁ ଗାଧୋଇବାକୁ ଯାଇଥିଲେ। ଓଡ୍ରାଫ ଟିମ ଆସି ଖୋଜିବା ପରେ ମଧ୍ୟ ତାଙ୍କର ସନ୍ଧାନ ମିଳିପାରିନାହିଁ।

# ମେଧାବୀ ଶିକ୍ଷାର୍ଥୀ ଏ–୧ ଗ୍ରେଡରୁ ବଞ୍ଚିତ

### ମାଟ୍ରିକ୍ ଖାତା ମୂଲ୍ୟାୟନରେ ତ୍ରୁଟି




କୋଲାବିରା, ୨୫।୮ (ଚିନ୍ମୟ କୁମାର ବହିଦାର)

ଫେବୃଆରୀ ୨୧ ରୁ ମାର୍ଚ୍ଚ ୬ ପର୍ଯ୍ୟନ୍ତ ବାର୍ଷିକ ହାଇସ୍କୁଲ ପରୀକ୍ଷା ସମଗ୍ର ଓଡିଶାରେ ଅନୁଷ୍ଠିତ ହୋଇଯାଇଛି। ପରୀକ୍ଷା ସୁରୁଖୁରୁରେ ସମାପ୍ତ ହୋଇଥିବା ସଙ୍ଗେ ସଙ୍ଗେ ଖାତା ଦେଖା କାର୍ଯ୍ୟ ମଧ୍ୟ ଯଥା ସମୟରେ ସମାପ୍ତ ହୋଇଥିଲା। ଗତ ମେ ୨ ତାରିଖ ଏହାର ଫଳାଫଳ ପ୍ରକାଶ ମଧ୍ୟ ପାଇସାରିଛି। ତେବେ ଇତି ମଧ୍ୟରେ ଉକ୍ତ ଫଳାଫଳରେ ବ୍ୟାପକ ତ୍ରୁଟି ଦେଖାଦେଇଥିବା ନେଇ ଅଭିଯୋଗ ହୋଇଛି। ଉଦାହରଣ ସ୍ୱରୁପ ଚଳିତ ମାଟ୍ରିକ ପରୀକ୍ଷାରେ କୋଲାବିରା ବ୍ଲକ ଅନ୍ତର୍ଗତ ସମାସିଂହା ସ୍ଥିତ କ୍ଷୀରୋଦ ଗୌନ୍ତିଆ ବାଳିକା ଉଚ୍ଚ ବିଦ୍ୟାଳୟର ୫୧ ଜଣ ଛାତ୍ରୀ ଏ–୨ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଜଣେ ହେଲେ ଏ–୧ ପାଇ ନ ଥିଲେ। ଯାହାକୁ ନେଇ ମେଧାବୀ ଛାତ୍ରୀ ତଥା ଅଭିଭାବକ ମହଲରେ ନୈରାଶ୍ୟ ଭାବ ଦେଖାଦେଇଥିଲା। ଏହାକୁ ନେଇ ବିଦ୍ୟାଳୟର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା ଛାତ୍ରୀଙ୍କର ଅଭିଭାବକମାନେ ମାଟ୍ରିକ ଖାତା ପୁନଃ ଯାଞ୍ଚ ସାଙ୍ଗକୁ ଉତ୍ତର ଖାତାର ନକଲ କପି ପାଇଁ ନିର୍ଦ୍ଧାରିତ ତାରିଖରେ ଆବେଦନ କରିଥିଲେ। ବୋର୍ଡ ପକ୍ଷରୁ ବିଷୟକୁ ଯାଞ୍ଚ କରାଯାଇ ଅନଲାଇନ ମାଧ୍ୟମରେ ଉତ୍ତର ଖାତା ପ୍ରଦାନ କରାଯାଇଥିଲା। ମାତ୍ର ପ୍ରଦାନ କରାଯାଇଥିବା ଉତ୍ତର ଖାତା ଗୁଡିକର ଠିକ୍ ମୂଲ୍ୟାୟନ କରାଯାଇ ନ ଥିବା ନେଇ ଅଭିଭାବକ ଅଭିଯୋଗ କରିବା ସହିତ କ୍ଷୋଭ ପ୍ରକାଶ କରିଛନ୍ତି। ପୁନଶ୍ଚ ଚାରିଜଣ ଛାତ୍ରୀଙ୍କ ପରୀକ୍ଷା ଖାତା ମଧ୍ୟରୁ ୨ଜଣଙ୍କର ପରୀକ୍ଷା ଖାତାର ପୃଷ୍ଠଭାଗରେ ମଧ୍ୟ ଦିଆଯାଇଥିବା ମାର୍କରେ ମିଶାଣ ଜନିତ ଗୁରୁତର ତ୍ରୁଟି ରହିଛି। ଛାତ୍ରୀ ଅରୁଣା ରଣା ରୋଲ ନମ୍ବର ୦୨୦ଇଏଫ୍୦୦୬୧ ଙ୍କ ଗଣିତ ଉତ୍ତର ଖାତାରେ ସମ୍ମୁଖ ଭାଗରେ ଯୋଗଫଳ ୩୬ ଲେଖାଯାଇଥିବା ବେଳେ ପ୍ରକୃତରେ ବିଭିନ୍ନ ପ୍ରଶ୍ନର ଉତ୍ତରରେ ଦିଆଯାଇଥିବା ନମ୍ବରକୁ ମିଶାଇଲେ ଯୋଗଫଳ ୪୦ ହେଉଛି। ସେହିଭଳି ଜିଜ୍ଞାସା ପଟେଲ ରୋଲ ନମ୍ବର ୦୨୦ଇଏଫ୍୦୦୮୩ ଙ୍କ ସାମାଜିକ ବିଜ୍ଞାନ ଉତ୍ତର ଖାତାରେ ସମ୍ମୁଖ ଭାଗରେ ଯୋଗଫଳ ୩୮ ଲେଖାଯାଇଥିବା ବେଳେ ପ୍ରକୃତ ପକ୍ଷରେ ବିଭିନ୍ନ ପ୍ରଶ୍ନର ଉତ୍ତରରେ ଦିଆଯାଇଥିବା ନମ୍ବରକୁ ମିଶାଇଲେ ଯୋଗଫଳ ୪୦ ହେଉଛି। ହେଲେ ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ ଅଭିଜ୍ଞ ଶିକ୍ଷକଙ୍କ ଦ୍ୱାରା ଖାତାଗୁଡିକର ମୂଲ୍ୟାୟନ କରି ରେଜଲ୍ଟ ପ୍ରକାଶନ ପରେ ପୁନଃ ଯାଞ୍ଚ ଆଉ ଜଣେ ବରିଷ୍ଠ ଶିକ୍ଷକଙ୍କ ଦ୍ୱାରା ୨୩ ଜୁନରେ କରାଯାଇଥିଲେ ସୁଦ୍ଧା ଏଭଳି ତ୍ରୁଟି ହେଲା କିପରି ? ଇତି ମଧ୍ୟରେ ସମସ୍ତ ଉତ୍ତର ଖାତାର ପୁନଃ ମୂଲ୍ୟାୟନ ଜିଲାର ଅଭିଜ୍ଞ ଶିକ୍ଷକମାନଙ୍କ ଦ୍ୱାରା ଅଭିଭାବକମାନେ ନିଜସ୍ୱ ଉଦ୍ୟମରେ କରାଇ ସାରିଥିବା ଜଣାପଡିଛି ଓ ଉତ୍ତର ଖାତା ଗୁଡିକରେ ସଠିକ୍ ଉତ୍ତର ଦିଆଯାଇଥିଲେ ମଧ୍ୟ ଛାତ୍ରୀମାନଙ୍କୁ ଅନ୍ୟାୟ ଭାବରେ କମ୍ ମାର୍କ ପ୍ରଦାନ କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି। ଖାତା ଗୁଡିକରେ ୫ ରୁ ୧୦ ମାର୍କ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଅଭିଜ୍ଞ ଶିକ୍ଷକମାନଙ୍କ ସହ ଯୋଗାଯୋଗ ପରେ ଜଣାପଡିଥିବା ବେଳେ ଏପରି ସ୍ଥଳେ ଚାରିଜଣ ଛାତ୍ରୀ ବୋର୍ଡ କର୍ତ୍ତୃପକ୍ଷଙ୍କ ଉଦାସୀନତା ତଥା ଖାମଖିଆଲି ମନୋଭାବ ଯୋଗୁଁ ଏ–୧ ଗ୍ରେଡ ପାଇବାରୁ ବଂଚିତ ହୋଇଥିବା ସ୍ପଷ୍ଟ ହୋଇଥିବା ନେଇ ଅଭିଭାବକ ସନାତନ ରଣା, କ୍ଷୀରୋଦ ସାହୁ, ମନୋଜ କୁମାର ପଟେଲ, ଖଗେଶ୍ୱର ପଟେଲ ପ୍ରମୁଖ ଅଭିଯୋଗ କରିଛନ୍ତି। ତାଛଡା ଯଦି ଏହାର ସମାଧାନ ଦିଗରେ ବୋର୍ଡ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ଆଗାମୀ ଦିନରେ ଅଭିଭାବକ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି।

**कार्यालय झुमरीतिलैया नगर परिषद**

**अति अल्पकालीन ई–निविदा आमंत्रण सूचना**

ई–निविदा सूचना सं0– J.M.C/04/2025-26 Date – 25-08-2025

| क्रं0 सं0 | मद् का नाम | कार्य का नाम | प्राक्कलित राशि (in Rupees) | अग्रधन की राशि (in Rupees) | निविदा शुल्क (in Rupees) | कार्य समाप्ति की अवधि |
|---|---|---|---|---|---|---|
| 1. | 15वें वित्त | CONSTRUCTION OF DEVELOPMENT OF VENDING ZONES/SHOPS WITH BASIC INFRASTRUCTURE AND PUBLIC AMENITIES FOR STREET VENDOR NEAR GANDHI SCHOOL. | 1,71,14,457 | 3,42,300 | 10,000 | 12 Month |

1. Only E-Tender will be accepted
2. नगर विकास एवं आवास विभाग अन्तर्गत समुचित श्रेणी में निबंधित संवेदक निविदा में भाग ले सकते है।
3. वेबसाईट में निविदा प्रकाशन की तिथि : 01.09.2025 (पूर्वाहन 10.00 बजे से)।
4. ई–निविदा प्राप्ति की अंतिम तिथि एवं समय : 09.09.2025 अपराहन 5.00 बजे।
5. निविदा खोलने की तिथि : 11.09.2025 अपराहन 3.00 बजे।
6. हेल्पलाईन नम्बर : 7903772765, 9572100949, 8505948858
7. E-Procurement में Tender Fee एवं EMD की राशि ऑनलाईन सूचना प्रोद्योगिकी एवं ई–गवर्नेंस विभाग, झारखण्ड, राँची का आदेश ज्ञापांक – 120, दिनांक– 03.10.2023 एवं नगर विकास एवं आवास विभाग, झारखण्ड, राँची का पत्रांक 05/विविध (e-tender)–12/2023/न0वि0–4847 (अनु0), दिनांक– 11.10.2023 के तहत ली जायगी।
8. निविदा शूल्क एवं अग्रधन की राशि केवल Online Mode द्वारा स्वीकार्य होगी।

विशेष जानकारी विभागीय वेबसाईट http://jharkhandtenders.gov.in पर देखी जा सकती है।

प्रशासक
झुमरी तिलैया, नगर परिषद

PR 360399 Urban Development(25-26)#D

No.O-640
**GOVT. OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, ANANDAPUR**
E-Mail:- eerw_anandapur@yahoo.co.in

**NOTICE INVITING TENDER**

**NATIONAL COMPETITIVE BIDDING THROUGH e-PROCUREMENT NOTICE**
**On line-04 /EE/RW/AND/2025-26**
**Construction of Academic Building (1st Floor) of Patitapaban Degree College, Sainkul**

No. 5180// Date : 21.08.2025 //

**Executive Engineer, Rural Works Division, Anandapur** on behalf of **Government of Odisha invites PERCENTAGE (%) RATE tender for Building work through** e-Procurement as per annexure in **Double Cover system**. The bid should be submitted on-line in the website www.tendersorissa.gov.in by eligible class of contractors having legal competency & expertise, registered with the state Government & contractors of equivalent grades /class registered with central Govt./ MES/ Railways for execution of the works for drawal of agreement in percentage P1 contract forms of Government of Odisha. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrollment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender in : O/o the S.E., R.W. Division, Anandapur | |
|---|---|---|---|---|---|---|
| | | From | To | | Technical Bid | Financial Bid |
| | | | | | Double Cover | |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division, Anandapur | NCB-Online 04/EE/RW/ AND/2025-26 | Dt.29.08.25 at 10.00 A.M. | Dt.06.09.25 up to 5.30 P.M. | Dt.06.09.25 up to 5.30 P.M. | Dt.08.09.25 at 11.30 A.M. | Will be intimated later |

Sd./- Executive Engineer
R.W. Division, Anandapur

OIPR-25055/11/0024/2526

**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha

**QUOTATION CALL NOTICE**

Sealed quotations in prescribed format are invited for Printing Works, Supply of High Tea, Supply of Biryani Packets, Working Lunch & Snacks, Supply of Electrical Items, Supply of Furniture Items, and Supply of Tent House Items for 12th Annual Convocation at NLUO, Cuttack. Last date & time of receipt is **03.09.2025** at **11.00 A.M.** For details please visit website: **www.nluo.ac.in".**

Sd/- Registrar

**OFFICE OF THE SUPERINTENDING ENGINEER**
**RURAL WORKS DIVISION-II, GANJAM, BERHAMPUR**
Phone : 0680-2404096, E-Mail : eerwgmt@yahoo.co.in

No.O-613 **Government of Odisha e-Procurement Notice**

**Bid Identification No. Online Tender/05/SERWD-II/2025-26**
**Memo No.6194/RWD-IIGB, Date : 18.08.2025**

| | | | |
|---|---|---|---|
| 1 | Name of the Work | : | Building Works |
| 2 | Estimated Cost | : | Rs.2.11 lakhs to Rs.5.05 lakhs |
| 3 | Period of Completion | : | 1 (One) Month as per Annexure |
| 4 | Date & Time of availability of Bid documents in the Portal | : | 01.09.2025 at 10.00 A.M. to 12.09.2025 up to 4.00 P.M. |
| 5 | Last Date/Time for receipt of Bids in the Portal | : | 12.09.2025 up to 4.00 P.M. |
| 6 | Name and address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal **tendersodisha.gov.in/nicgep/app**

Sd./- Executive Engineer
R.W. Division-II, Ganjam
Berhampur

OIPR-25073/11/0025/2526

**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B)**
**NIRMAN SOUDHA, BHUBANESWAR**
E-mail : seec.bbsr2010@gmail.com

**Bid Identification No.S.E.E.C (R&B) 11/2025-26**
**No. 3169 / Date : 19.08.2025**

**No.B-428** : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.01.09.2025 at 05.00 P.M. to dt.15.09.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.16.09.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B) Odisha, BBSR

OIPR-34006/11/0045/2526

# ପୋଲିସ ଏସ୍‌ଆଇଙ୍କୁ ଗିରଫ କଲା ଭିଜିଲାନ୍ସ

## ସ୍କ୍ରାପ୍ ବ୍ୟବସାୟୀଙ୍କଠାରୁ ନେଉଥିଲେ ଲାଞ୍ଚ

ବରଗଡ଼, ୨୫।୮ (ପ୍ରେମାନନ୍ଦ ଖମାରୀ)

ଲାଞ୍ଚ ନେବା ଅଭିଯୋଗରେ ବରଗଡ଼ ଜିଲା ବିଜେପୁର ଥାନାରେ କାର୍ଯ୍ୟରତ ପୋଲିସ ଏସ୍‌ଆଇ ଜଗା ବରିହାଙ୍କୁ ଭିଜିଲାନ୍ସ ସୋମବାର ଗିରଫ କରିଛି। ସେ ବିଜେପୁରର ସ୍କ୍ରାପ୍ ବ୍ୟବସାୟୀ ମୁକେଶ ସାହୁଙ୍କ ଠାରୁ ୭ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ମାଡ଼ି ବସିଥିଲା। ତାଙ୍କ ପାଖରୁ ଲାଞ୍ଚ


ପୋଲିସ ଏସ୍‌ଆଇ ଜଗା ବରିହା।

କାରବାରରେ ବ୍ୟବହୃତ ରାସାୟନିକ ପ୍ରଲେପ ଦିଆ ୭ହଜାର ଟଙ୍କା ଜବତ ହୋଇଛି। ଏ ନେଇ ସମ୍ବଲପୁର ଭିଜିଲାନ୍ସ ଏକ ମାମଲା (ନଂ-୧୬/୨୫) ରୁଜୁ କରାଯିବା ସହ ବରିହାଙ୍କୁ ସ୍ଥାନୀୟ ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଛି।

ସୂଚନାନୁଯାୟୀ, ଏସ୍‌ଆଇ ବରିହା ସ୍କ୍ରାପ୍ ବ୍ୟବସାୟୀ ମୁକେଶଙ୍କ ବ୍ୟବସାୟରେ ପୋଲିସ କେବେ କୌଣସି ମାମଲା କରିବ ନାହିଁ କହି ତାଙ୍କଠାରୁ ମାସକୁ ୧୦ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ମାତ୍ର ମୁକେଶ ଏତେ ଟଙ୍କା ଦେବାରେ ନିଜ ଅସହାୟତା ପ୍ରକାଶ କରି ୭ହଜାର ଟଙ୍କା ପ୍ରଦାନ କରିଥିଲେ। କିନ୍ତୁ ଏସ୍‌ଆଇ ବରିହା ୭ହଜାର ଟଙ୍କା ଫେରାଇଦେଇ ମୁକେଶଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଧମକ ଦେଇଥିଲେ। ଏହାପରେ ଅନନ୍ୟୋପାୟ ହୋଇ ରବିବାର ମୁକେଶ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତିକରି ଭିଜିଲାନ୍ସ ପୋଲିସ ଏସ୍‌ଆଇଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲା। ଯୋଜନା ଅନୁଯାୟୀ, ସ୍କ୍ରାପ୍ ବ୍ୟବସାୟୀ ପୋଲିସ ଏସ୍‌ଆଇ ବରିହାଙ୍କୁ ୭ହଜାର ଟଙ୍କା ଦେଉଥିବାବେଳେ ଭିଜିଲାନ୍ସ ଟିମ୍ ଅତର୍କିତ ଚଢ଼ାଉ କରି ତାଙ୍କୁ ଧରିଥିଲା। ସେହିପରି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଆଶଙ୍କାରେ ଭିଜିଲାନ୍ସ ଏସ୍‌ଆଇ ବରିହାଙ୍କ ବିଜେପୁରର ଭୋଇପଡ଼ା, ବିଜପୁରର କାର୍ଯ୍ୟାଳୟ ଏବଂ ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ରତାଖଣ୍ଡି ବାସଭବନରେ ଚଢ଼ାଉ କରିଛି।

# ସମ୍ପର୍କୀୟ ମାମୁଙ୍କୁ ଆଜୀବନ କାରାଦଣ୍ଡ

## ୪ ମାସରେ ଶିଶୁକନ୍ୟା ବଳାତ୍କାର, ହତ୍ୟା ମାମଲାର ରାୟ

ବ୍ରହ୍ମପୁର, ୨୫।୮ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ପାଟପୁର ଥାନା ଅଞ୍ଚଳର ଏକ ଶିଶୁକନ୍ୟା ବଳାତ୍କାର ଓ ହତ୍ୟା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ୪ ମାସ ମଧ୍ୟରେ ଏହି ସମ୍ବେଦନଶୀଳ ମାମଲାର ବିଚାର ହୋଇ ଅଭିଯୁକ୍ତ ସମ୍ପର୍କୀୟ ମାମୁଙ୍କୁ ଦଣ୍ଡାଦେଶ ହୋଇଛି। ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ପ୍ରଣତୀ ପଟ୍ଟନାୟକ ଅଭିଯୁକ୍ତ କାଳିଆ ନାହାକ ଓରଫ ଷଣ୍ଢ କାଳିଆ(୨୭)ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ମୃତ ଶିଶୁକନ୍ୟାଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୃତ ଶିଶୁକନ୍ୟାଙ୍କ ମା' ନିଜ ପ୍ରତିକ୍ରିୟାରେ କହିଛନ୍ତି, ନ୍ୟାୟାଳୟ ଉପରେ ଭରସା ରହିଛି। ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ ହୋଇଥିଲେ ଝିଅର ଆତ୍ମାକୁ ଶାନ୍ତି ମିଳିପାରିଥାନ୍ତା ବୋଲି କହିଛନ୍ତି।

ସାନଖେମୁଣ୍ଡି ବ୍ଲକ ମହାନଲା ଗ୍ରାମର ଜଣେ ମହିଳା ଗତ ଏପ୍ରିଲ ମାସରେ ତାଙ୍କ ୫ବର୍ଷର ଝିଅକୁ ଧରି ଖଲିଙ୍ଗି ଗ୍ରାମ ବାପଘରକୁ ଯାତ୍ରା ଦେଖିବାକୁ ଯାଇଥିଲେ। ୨୫ ତାରିଖ ସନ୍ଧ୍ୟାରେ ଝିଅ ଘର ଆଗରେ ଖେଳୁଥିବା ବେଳେ ହଠାତ୍ ନିଖୋଜ ହୋଇଯାଇଥିଲେ। ଯାତ୍ରା କମିଟି ପକ୍ଷରୁ ମାଇକ୍‌ରେ ଏ ନେଇ ସୂଚନା ଦିଆଯାଇଥିଲା। ବହୁ ଖୋଜାଖୋଜି ପରେ ବି ପତ୍ତା ନ ମିଳିବାରୁ ପାଟପୁର ଥାନାକୁ ଖବର ଦିଆଯାଇଥିଲା। ପୋଲିସ ଟିମ୍ ଗାଁରେ ପହଞ୍ଚି ତଦନ୍ତ କରି ଫେରିଥିଲା। ପରିବାର ଲୋକେ ରାତିସାରା ଗ୍ରାମବାସୀଙ୍କ ସହାୟତାରେ ଖୋଜାଖୋଜି କରିଥିଲେ ମଧ୍ୟ ଝିଅକୁ ପାଇ ନ ଥିଲେ। ବିଳମ୍ବିତ ରାତିରେ କେତେଜଣ ଲୋକ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ନିକଟସ୍ଥ ନିର୍ମାଣାଧୀନ ଅଙ୍ଗନୱାଡ଼ି କେନ୍ଦ୍ର ଭିତରେ ଶିଶୁକନ୍ୟା ମୃତଦେହ ପଡିଥିବା ଦେଖି ଥାନାକୁ ଖବର ଦେଇଥିଲେ। ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଜଣାପଡ଼ିଥିଲା। ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ରଙ୍କ ନେତୃତ୍ୱରେ ଆସିକା ଏସ୍‌ଡିପିଓ ସନ୍ତୋଷ ଜେନା, ପାଟପୁର ଥାନା ଅଧିକାରୀ ଦୀପ୍ତିରଞ୍ଜନ ବେହେରା ଘଟଣାର ତଦନ୍ତ କରିଥିଲେ। ଏହି ଘଟଣାରେ ପୋଲିସ ଶିଶୁକନ୍ୟାଙ୍କ ସମ୍ପର୍କୀୟ ମାମୁ କାଳିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ବେଳେ ମୋଟ ୨୦ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମାମଲା ପରିଚାଳନା କରିଥିଲେ।

## ବଳାତ୍କାର ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

ଛେଣ୍ଡିପଦା, ୨୫।୮ (ଅଜିତ ଧଳ)

ଅନୁଗୋଳ ଜିଲା ବାଗଡ଼ିଆ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ବଳାତ୍କାର ମାମଲାର ବିଚାର କରି ଅନୁଗୋଳ ଅତିରିକ୍ତ ଜିଲା ଓ ଦୌରାଜଜ୍ ଫାଷ୍ଟଟ୍ରାକ୍ କୋର୍ଟ ଅଭିଯୁକ୍ତ ବଂଶୀ ନାଏକଙ୍କୁ ସୋମବାର ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାରୁ ପ୍ରକାଶ, ୧୬ ନଭେମ୍ବର ୨୦୧୮ରେ ସମ୍ପୃକ୍ତ ଯୁବତୀ ଗାଧୋଇବା ପାଇଁ ଯାଉଥିବାବେଳେ ଏକୁଟିଆ ପାଇ ବଂଶୀ ତାଙ୍କୁ ବଳାତ୍କାର କରିଥିଲେ। ଏଥିସହ ଘଟଣା ସମ୍ପର୍କରେ କାହାକୁ କହିଲେ ହତ୍ୟା କରିବାକୁ ଧମକ ଦେଇଥିଲେ। କିଛିଦିନ ପରେ ଯୁବତୀ ଗର୍ଭବତୀ ହେବାରୁ ଏ ନେଇ ୨୧ ମାର୍ଚ୍ଚ ୨୦୧୯ରେ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନଂ. ୧୧୨/୧୯ରେ ମାମଲା ରୁଜୁ ସହିତ ଥାନା ଅଧିକାରୀ ପ୍ରିୟବ୍ରତ ଦାଶ ଘଟଣାର ତଦନ୍ତ କରି ଅଭିଯୁକ୍ତ ବଂଶୀଙ୍କୁ ଗିରଫ କରିଥିଲେ। ଏହି ମାମଲାର ବିଚାର କରି ଅନୁଗୋଳ ଅତିରିକ୍ତ ଜିଲା ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ବିରଞ୍ଚି ନାରାୟଣ ମିଶ୍ର ଅଭିଯୁକ୍ତଙ୍କୁ ଦଣ୍ଡିତ କରିଥିଲେ। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସହକାରୀ ଓକିଲ ପ୍ରଦୀପ କୁମାର ଭୂତିଆ ପରିଚାଳନା କରିଥିଲେ।

# ମୃତ ବ୍ୟକ୍ତିଙ୍କୁ ଜୀବିତ ଦର୍ଶାଇ ଜମି ବିକ୍ରି, ୩ ଗିରଫ

ଗଞ୍ଜାମ, ୨୫।୮ (ବିଦ୍ୟାଧର ସାହୁ)

ଜଣେ ମୃତ ବ୍ୟକ୍ତିଙ୍କୁ ଜୀବିତ ଦର୍ଶାଇ ଜମି ବିକ୍ରି କରାଯାଇଥିବା ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ଜମି ଜାଲିଆତି ଓ ବିକ୍ରି ମାମଲାରେ ଗଞ୍ଜାମ ପୋଲିସ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଛତ୍ରପୁର କୁମାରବେଗପଲି ଅଞ୍ଚଳର ମନୋଜ ଗୌଡ଼ (୩୦), କାଳୟମୁନା ଗ୍ରାମର ଦିଲୀପ ମାଳି (୫୧) ଓ ବ୍ରହ୍ମପୁର ନିମଖଣ୍ଡି ବନ୍ଧସାହିର ଦଣ୍ଡପାଣି ବେହେରା (୭୮)। ସେମାନଙ୍କଠାରୁ ନକଲି ଆଧାର କାର୍ଡ ଓ ବ୍ୟାଙ୍କ ପାସ୍‌ବୁକ୍ ଜବତ କରାଯାଇଛି। ଗିରଫ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ନକଲି ମାଲିକ ଓ ଦୁଇଜଣ ଜମି ଦଲାଲ ରହିଥିବା ଏସ୍‌ଆଇ ଅନିରୁଦ୍ଧ ସ୍ୱାଇଁ କହିଛନ୍ତି।

ଏତଲାରୁ ପ୍ରକାଶ, ହଳଦିଆପଦର ବାସିନ୍ଦା ଦଣ୍ଡପାଣି ବେହେରାଙ୍କ ଗତ ୨୦୦୪ରେ ମୃତ୍ୟୁ ହୋଇଥିଲା। ଦଣ୍ଡପାଣିଙ୍କ ନାମରେ ମଲାଡ଼ ପଞ୍ଚାୟତରେ ଦୁଇ ଏକର ୬୪୨ ଡିସିମିଲ ଜମି ରହିଥିଲା। ତାଙ୍କ ପରିବାରର ପ୍ରାୟ ସଦସ୍ୟ ବାହାରେ ସ୍ଥାୟୀ ଭାବରେ ଥିବାରୁ ସେହି ଜମି ଉପରେ ଗୁରୁତ୍ୱ ଦେଉ ନ ଥିଲେ। ଏହି ସୁଯୋଗର ଫାଇଦା ଉଠାଇ କେତେଜଣ ବ୍ୟକ୍ତି ଦଲାଲ ସାଜି ଜାଲିଆତି କରି ଉକ୍ତ ଜମି ବିକ୍ରି କରି ଦେଇଥିଲେ। ଦୀର୍ଘଦିନ ପରେ ଦଣ୍ଡପାଣିଙ୍କ ପୁଅ ମାନସ ଏ ସମ୍ପର୍କରେ ଜାଣିବାକୁ ପାଇଥିଲେ। ସେ ଏନେଇ ଅଗଷ୍ଟ ୨୦ରେ ଗଞ୍ଜାମ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ନଂ. ୨୭୦/୨୦୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଆଇଆଇସି ଦାୟିତ୍ୱରେ ଥିବା ଶ୍ରଦ୍ଧାଞ୍ଜଳି ସୁବୁଦ୍ଧିଙ୍କ ନେତୃତ୍ୱରେ ଏହାର ଖୋଲତାଡ଼ ହୋଇଥିଲା। ରିପୋର୍ଟ ଅନୁସାରେ, ୨୦୨୪ରେ ଅଭିଯୁକ୍ତମାନେ ନକଲି ଆଧାର କାର୍ଡ ବ୍ୟବହାର କରି ୭୮ ବର୍ଷୀୟ ଦଣ୍ଡପାଣି ବେହେରାଙ୍କ ପରିଚୟ ଦେଇ ସ୍ଥାନୀୟ ବ୍ୟକ୍ତି ଡି. ବିକାଶଙ୍କୁ ଏହି ଜମି ବିକ୍ରି କରିଥିଲେ। ୨୦୨୪ ସେପ୍ଟେମ୍ବର ୧ରେ ଗଞ୍ଜାମ ସବ୍ ରେଜିଷ୍ଟ୍ରାର ଅଫିସରେ ଜମି ରେଜିଷ୍ଟ୍ରି ହୋଇଥିଲା। ଅଧିକ ଟଙ୍କା ଥିବା ଜମି କମ୍ ଟଙ୍କାରେ ମିଳୁଥିବାରୁ ବିକାଶ ଜମି କିଣିଥିଲେ। ଏହି ଘଟଣାରେ ୧୫ ଲକ୍ଷ ଟଙ୍କା କାରବାର ହୋଇଥିବା ବେଳେ ଏଥିରୁ ନକଲି ଦଣ୍ଡପାଣି ସାଜିଥିବା ବ୍ୟକ୍ତିଙ୍କୁ ୧.୫ ଲକ୍ଷ ପ୍ରଦାନ କରାଯାଇଥିଲା। ଅବଶିଷ୍ଟ ୧୩.୫ ଲକ୍ଷ ଟଙ୍କା ଦୁଇ ଦଲାଲ ମନୋଜ ଓ ଦିଲୀପ ବାଣ୍ଟି ନେଇଥିଲେ। ପଚରାଉଚରା ବେଳେ ଅଭିଯୁକ୍ତମାନେ ଜମି ଜାଲିଆତି କରି ବିକ୍ରି କରିଥିବା ସ୍ୱୀକାର କରିଛନ୍ତି।

## ହେଲ୍‌ପରଙ୍କୁ ମରଣାନ୍ତକ ଆକ୍ରମଣ, କଣ୍ଡକ୍ଟର ଗିରଫ

ଭୁବନେଶ୍ୱର, ୨୫।୮ (ସତ୍ୟଜିତ୍ ରାଉତ)

ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଜଣେ ହେଲ୍‌ପରଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ କଣ୍ଡକ୍ଟରଙ୍କୁ ଭରତପୁର ଥାନା ପୋଲିସ ସୋମବାର ଗିରଫ କରିଛି। ସେହେଲେ ପୁରୀ ଜିଲା ନିମାପଡ଼ାର କାହ୍ନା ଓରଫ ଖୋକା ଓରଫ ତ୍ରିନାଥ ଭୋଇ(୨୫)। କୋର୍ଟ ଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆକ୍ରମଣର ଶିକାର ହେଲ୍‌ପର ବୁବୁନା ଜେନା 'ଖାଟୋଇ ଆଣ୍ଡ ଖାଟୋଇ' ବସ୍‌ରେ ହେଲ୍‌ପର ଭାବେ କାମ କରୁଥିବାବେଳେ କାହ୍ନା ମଧ୍ୟ ଉକ୍ତ ବସ୍‌ରେ କଣ୍ଡକ୍ଟର ଅଛନ୍ତି। ରବିବାର ରାତି ପ୍ରାୟ ୯ଟା ବେଳେ କୌଣସି ଏକ କଥାକୁ ନେଇ ସେଠାରେ ବୁବୁନା ଓ କାହ୍ନାଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ବୁବୁନାଙ୍କୁ କାହ୍ନା ଏକ ଜଗ୍ ରଡ୍‌ରେ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକମାନେ ଘଟଣାସ୍ଥଳକୁ ଆସିବା ଦେଖି କାହ୍ନା ସେଠାରୁ ଖସି ପଳାଇ ଯାଇଥିଲେ। ବୁବୁନାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି କାହ୍ନାଙ୍କୁ ବରମୁଣ୍ଡାରୁ ଗିରଫ କରିଥିଲା।

# ଡକାୟତି ଯୋଜନା ବେଳେ ମାଡ଼ିବସିଲା ପୋଲିସ

## ୬ ଗିରଫ, ୨ ବନ୍ଧୁକ ଜବତ

ଭଦ୍ରକ, ୨୫।୮ (ସନାତନ ରାଉତ)

ଡକାୟତି ଯୋଜନା କରୁଥିବା ବେଳେ ରବିବାର ରାତିରେ ଏକ ଡକାୟତ ଗ୍ୟାଙ୍ଗକୁ ମାଡ଼ି ବସିଲା ଭଦ୍ରକ ଟାଉନ ପୋଲିସ। ସେମାନଙ୍କଠାରୁ ୨ଟି ବନ୍ଧୁକ ଓ ୩ ରାଉଣ୍ଡ ଗୁଳି ଜବତ ସହ ୬ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ବାଲେଶ୍ୱର ଜିଲା ସୋର ଥାନା ଅଧୀନ ସୋର ଅଞ୍ଚଳର ସୁକାନ୍ତ କୁମାର ସେଠୀ(୧୯), ରାଜୀବ କୁମାର ନାୟକ(୧୯), କୁଣ୍ଡାପଡ଼ାର ସଞ୍ଜୟ ଦଳେଇ(୧୯), ରାଇପୁରର ବିଶ୍ୱନାଥ ଦାସ(୨୦), ବେଲପୁରର ସେକ୍ ଆରିଫ(୨୩) ଓ ସେକ୍ ସମରାଜ(୨୦)।

ସୂଚନା ଅନୁଯାୟୀ, ଟାଉନ ପୋଲିସ ରାତି ପ୍ରାୟ ୧୦ଟା ବେଳେ ପାଟ୍ରୋଲିଂ କରୁଥିବା ବେଳେ ସହରର ବନ୍ତଛକସ୍ଥିତ ଜଗନ୍ନାଥପୁର ଏଟିଏମ୍ ନିକଟରେ ୬ ଯୁବକ ମାରଣାସ୍ତ୍ର ଧରି ଠିଆ ହୋଇଥିବା ଦେଖିବାକୁ ପାଇଥିଲା। ପୋଲିସ ସେମାନଙ୍କ ନିକଟକୁ ଯିବାରୁ ୩ ଯୁବକ ଗୋଟିଏ ବାଇକ୍‌ରେ ଚମ୍ପଟ ମାରିଥିଲେ। ପୋଲିସ ଅନ୍ୟ ୩ଜଣଙ୍କ ତଲାସି ନେବାରୁ ସେମାନଙ୍କଠାରୁ ଏକ ଖେଳଣା ବନ୍ଧୁକ ସହ ୩ ରାଉଣ୍ଡ ଗୁଳି ମିଳିଥିଲା। ଭୁଜାଲି, ଗ୍ୟାସ୍ କଟର ସହ ବିଭିନ୍ନ ମାରଣାସ୍ତ୍ର ସେମାନଙ୍କ ପାଖରୁ ବାହାରିଥିଲା। ପୋଲିସ ୩ଜଣଙ୍କୁ କାବୁ କରିବା ପରେ ଖସି ଯାଇଥିବା ଅନ୍ୟ ୩ଜଣଙ୍କୁ ପିଛା କରି ବରପଦା ନିକଟରୁ ଧରିଥିଲା। ସେମାନଙ୍କଠାରୁ ଆଉ ଏକ ବନ୍ଧୁକ ମିଳିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୪୯୫/୨୫) ରୁଜୁ କରାଯାଇ ଡାକ୍ତରୀ ପରୀକ୍ଷା ପରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନଙ୍କ ନାମରେ ସୋର ଥାନାରେ ବିଭିନ୍ନ ଆପରାଧିକ ମାମଲା ରହିଥିବା ଥାନାଧିକାରୀ ପ୍ରଭାଂଶୁ ମିଶ୍ର କହିଛନ୍ତି।

**Business**

# ମହିଳା ନିଯୁକ୍ତି ହାର ଦ୍ୱିଗୁଣିତ, ବେକାରି ୩.୨%କୁ ହ୍ରାସ

ଭୁବନେଶ୍ୱର, ୨୫।୮ (ଅନୁରାଧା ମହାରଣା)

୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ଦେଶ କରିବା ପାଇଁ ସରକାର ସବୁ କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏପରିକି କର୍ମଶକ୍ତିରେ ୭୦% ମହିଳା ଅଂଶଗ୍ରହଣକୁ ସୁନିଶ୍ଚିତ କରିବାର ଲକ୍ଷ୍ୟ ରଖାଯାଇଛି । ପିଏଲ୍‌ଏଫ୍‌ଏସ୍ ତଥ୍ୟ ଅନୁଯାୟୀ ଦେଶରେ ମହିଳା କର୍ମନିଯୁକ୍ତି ହାରରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ମହିଳା ନିଯୁକ୍ତି ହାର ୨୦୧୭-୧୮ରେ ୨୨%ରୁ ୨୦୨୩-୨୪ରେ ୪୦.୩%କୁ ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ ବେକାରି ହାର ୫.୬ ପ୍ରତିଶତରୁ ୩.୨ ପ୍ରତିଶତକୁ ହ୍ରାସ ପାଇଛି । ଗ୍ରାମୀଣ ଭାରତରେ ମହିଳା ନିଯୁକ୍ତିରେ ୯୬% ବୃଦ୍ଧି ଘଟିଥିବାବେଳେ ସହରାଞ୍ଚଳରେ ୪୩% ବୃଦ୍ଧି ଘଟିଛି। ଏକ ଆକଳନ



ଅନୁସାରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ମହିଳାମାନଙ୍କ ନିଯୁକ୍ତି କ୍ଷମତା ମଧ୍ୟ ୨୦୧୩ରେ ୪୨% ଥିବାବେଳେ ତାହା ୨୦୨୪ରେ ୪୭.୫୩%କୁ ବୃଦ୍ଧି ପାଇବ । ସ୍ନାତକୋତ୍ତର ଏବଂ ତଦୂର୍ଦ୍ଧ୍ୱ ଡିଗ୍ରୀ ହାସଲ କରିଥିବା ମହିଳାଙ୍କ ମଧ୍ୟରେ ନିଯୁକ୍ତି ହାର ୨୦୧୭-୧୮ରେ ୩୪.୫%ରୁ ୨୦୨୩-୨୪ରେ ୪୦ ପ୍ରତିଶତକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଇଣ୍ଡିଆ ସ୍କିଲ୍ସ ରିପୋର୍ଟ ୨୦୨୫ ଅନୁଯାୟୀ, ୨୦୨୫ରେ ପ୍ରାୟ ୫୫% ଭାରତୀୟ ସ୍ନାତକ ବିଶ୍ୱ ସ୍ତରରେ ନିଯୁକ୍ତି ଯୋଗ୍ୟ ହେବେ ବୋଲି ଆଶା କରାଯାଉଛି। ଏହା ୨୦୨୪ରେ ୫୧.୨% ଥିଲା। ଇପିଏଫଓ ପେରୋଲ ତଥ୍ୟ ଅନୁସାରେ, ସଂଗଠିତ କ୍ଷେତ୍ରରେ ମହିଳାଙ୍କ ଯୋଗଦାନ ବଢ଼ିଛି। ଗତ ୭ ବର୍ଷରେ ୧.୫୬ କୋଟି ମହିଳା ଆନୁଷ୍ଠାନିକ କର୍ମଶକ୍ତିରେ ଯୋଗ ଦେଇଛନ୍ତି। ଏହି ସମୟରେ ଅଗଷ୍ଟ ସୁଦ୍ଧା ଇ-ଶ୍ରମ ପୋର୍ଟାଲରେ ୧୬.୬୯ କୋଟିରୁ ଅଧିକ ଅସଂଗଠିତ ମହିଳା ଶ୍ରମିକଙ୍କ ପଞ୍ଜୀକରଣ ରେକର୍ଡ କରାଯାଇଛି, ଅନ୍ୟପଟେ ଜାତୀୟ ସ୍ତରରେ ୧୫ଟି ମନ୍ତ୍ରଣାଳୟର ୭୦ଟି କେନ୍ଦ୍ରୀୟ ଯୋଜନା ଏବଂ ୪୦୦ରୁ ଅଧିକ ରାଜ୍ୟସ୍ତରୀୟ ଯୋଜନା ମହିଳା ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରାଯାଉଛି। ପିଏଲଏଫଏସ ତଥ୍ୟ ଦର୍ଶାଉଛି ଯେ ମହିଳା ଆତ୍ମନିଯୁକ୍ତି ୩୦% ବୃଦ୍ଧି ପାଇଛି। ୨୦୧୭-୧୮ ରେ ୫୧.୯%ରୁ, ୨୦୨୩-୨୪ରେ ଏହା ୬୭.୪%କୁ ବୃଦ୍ଧି ପାଇବାର ଆକଳନ କରାଯାଇଛି।

## ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ, ୨୫।୮

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିପାରିଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନ୍‌ସେକ୍ସ ୩୨୯ (୩୨୯.୦୬) ପଏଣ୍ଟ ବୃଦ୍ଧି ଘଟି ୮୧,୬୩୬ (୮୧,୬୩୫.୯୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୯୮ (୯୭.୬୫) ପଏଣ୍ଟ ବଢ଼ି ୨୪,୯୬୮ (୨୪,୯୬୭.୭୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

## ବେଦାନ୍ତର ମାଗଣା ଚକ୍ଷୁ ପରୀକ୍ଷା ଶିବିର




ଭୁବନେଶ୍ୱର, ୨୫।୮

ବେଦାନ୍ତ ଆଲୁମିନିୟମର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଏଲ୍‌ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ସହଭାଗିତାରେ କମ୍ପାନୀ ରାୟଗଡ଼ାର କାଶୀପୁର ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି)ରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିରର ଆୟୋଜନ କରିଥିଲା। କମ୍ପାନୀର ଏହି ପଦକ୍ଷେପ କାଶୀପୁର ବ୍ଲକ ଏବଂ ନିକଟସ୍ଥ ଗ୍ରାମଗୁଡ଼ିକର ୧୬୫ରୁ ଅଧିକ ବାସିନ୍ଦାଙ୍କୁ ଉପକୃତ କରିଥିଲା, ଯାହା ଗୋଷ୍ଠୀ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ବୃଦ୍ଧି ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ଦର୍ଶାଇଥିଲା। ଏହି ପରିପ୍ରେକ୍ଷୀରେ କାଶୀପୁରର ଭାରପ୍ରାପ୍ତ ଇନ୍ସପେକ୍ଟର ଦେବବ୍ରତ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଶୀପୁରର ସିଏଚ୍‌ସି ମୁଖ୍ୟ ଡା. ନେତ୍ରାନନ୍ଦ ନାୟକଙ୍କ ସମେତ ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ ଏବଂ ସମ୍ପ୍ରଦାୟ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଏହି ଶିବିର ଜରିଆରେ ଆମେ ସ୍ଥାନୀୟ ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇଛୁ। ଏପରିକି ଆବଶ୍ୟକ ସ୍ୱାସ୍ଥ୍ୟ ସେବା ଉପଲବ୍ଧତା ନିଶ୍ଚିତ କରିବା ଆମର ସମ୍ପ୍ରଦାୟ ବିକାଶ ପ୍ରୟାସର ଏକ ମୂଳଦୁଆ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

## ହ୍ୱାଇଟଲ୍ୟାଣ୍ଡ ସହ ଜେଏସ୍‌ଏଲ୍‌ର ବୁଝାମଣା

ଭୁବନେଶ୍ୱର, ୨୫।୮

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ରିଅଲ୍‌ଇଷ୍ଟେଟ୍ ଡେଭଲପର୍ ହ୍ୱାଇଟଲ୍ୟାଣ୍ଡ କର୍ପୋରେଶନ୍ ଏବଂ ଜିନ୍ଦଲ୍ ଷ୍ଟେନଲେସ୍ ଲିମିଟେଡ (ଜେଏସ୍‌ଏଲ) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷ କରି ଗୁରୁଗ୍ରାମଠାରେ ଏକ ବ୍ରାଣ୍ଡେଡ୍ ଆବାସିକ ପ୍ରକଳ୍ପ 'ୱେଷ୍ଟିନ୍ ରେସିଡେନ୍ସ' ପାଇଁ ଆବଶ୍ୟକ ଷ୍ଟେନଲେସ୍ ଷ୍ଟିଲ୍ ରିବାର୍ ଯୋଗାଣ କରିବା ନେଇ ଉଭୟ ସଂସ୍ଥା (କମ୍ପାନୀ) ମଧ୍ୟରେ ଏହି ବ୍ୟବସାୟିକ ବୁଝାମଣା ହୋଇଛି। ସେହିଭଳି ପ୍ରଥମ କରି ଦେଶର ଏକ ବ୍ରାଣ୍ଡେଡ୍ ଆବାସିକ ପ୍ରକଳ୍ପରେ ଷ୍ଟେନଲେସ୍ ଷ୍ଟିଲ୍ ରିବାର୍ ବ୍ୟବହାର ହେଉଛି,ଏହା ସଂରଚନାତ୍ମକ ନବସୃଜନ ଏବଂ ଦୀର୍ଘକାଳୀନ ସ୍ଥାୟିତ୍ୱ ପାଇଁ ଭାରତୀୟ ଗୃହରେ ଷ୍ଟେନଲେସ୍ ଷ୍ଟିଲର ଉପଯୋଗିତାକୁ ଦର୍ଶାଉଛି। ଜିନ୍ଦଲ୍ ଷ୍ଟେନଲେସ୍ ଜିନ୍ଦଲ୍ ଇନଫିନିଟି ଭାବେ ପରିଚିତ ବ୍ରାଣ୍ଡ୍ ୪୧୦ଏଲ୍ ଗ୍ରେଡ୍ ଷ୍ଟେନଲେସ୍ ଷ୍ଟିଲ୍ ରିବାର୍ ଯୋଗାଣ କରିଛି, ଏହା ପ୍ରକଳ୍ପର ସଂରଚନାତ୍ମକ ଢାଞ୍ଚାର ମୁଖ୍ୟ ଅଂଶ ବୋଲି କୁହାଯାଉଛି।

ଏହି ପଦକ୍ଷେପ ସାମଗ୍ରୀ ମାନଦଣ୍ଡରେ ଏକ ସମ୍ଭାବ୍ୟ ପରିବର୍ତ୍ତନକୁ ସୂଚିତ କରେ ଏବଂ ପାରମ୍ପରିକ ଭାବେ କାର୍ବନ ଷ୍ଟିଲର ବହୁଳ ଉପଯୋଗ ହେଉଥିବା ରିଅଲ୍ ଇଷ୍ଟେଟ୍ ପାଇଁ ଉଚ୍ଚ ମାନଦଣ୍ଡ ସ୍ଥାପନ କରୁଛି। ଉଚ୍ଚ ଭାର-ବହନ କ୍ଷମତା, ଗଠନାତ୍ମକ ସହନଶୀଳତା, କ୍ଷୟ ପ୍ରତିରୋଧ, ଭୂକମ୍ପ ପ୍ରତିରୋଧ ଏବଂ ଟେନଶାଇଲ ଷ୍ଟ୍ରେଣ୍ଥ ପାଇଁ ୪୧୦ଏଲ୍ ଗ୍ରେଡ୍ ଷ୍ଟେନଲେସ୍ ଷ୍ଟିଲକୁ ଉପକୂଳ ଏବଂ ମେଟ୍ରୋ ପ୍ରକଳ୍ପ ସମେତ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିରେ ବ୍ୟବହାର କରାଯାଏ ।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନଲେସର ସିଇଓ ତଥା ସିଏଫଓ ତରୁଣ ଖୁଲବେ କହିଛନ୍ତି, ହ୍ୱାଇଟଲ୍ୟାଣ୍ଡ କର୍ପୋରେଶନ ସହ ଆମର ବୁଝାମଣା (ସହଭାଗିତା) କେବଳ ଘର ନିର୍ମାଣ ପାଇଁ ନୁହେଁ, ବରଂ ଏହା କିପରି ନିର୍ମିତ ହୁଏ, ସେ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ହ୍ୱାଇଟଲ୍ୟାଣ୍ଡ କର୍ପୋରେଶନର ପ୍ରତିଷ୍ଠାତା ନବଦୀପ ସରଦାନା କହିଛନ୍ତି, ଏହି ସହଭାଗିତା ଦୀର୍ଘକାଳୀନ ଜୀବନକୁ ସାକାର କରିବାରେ ଆମର ମହତ୍ୱାକାଂକ୍ଷାକୁ ପ୍ରତିଫଳିତ କରିଛି।

## ଖଣି କ୍ଷେତ୍ରର ଉତ୍ପାଦନ କାର୍ଯ୍ୟକ୍ଷମତା ବୃଦ୍ଧିକୁ ଗୁରୁତ୍ୱାରୋପ

ଭୁବନେଶ୍ୱର, ୨୫।୮ (ଅଭୟ ଦାଶ)

ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ସୁଧାଂଶୁ ମୋହନ ସାମଲ ନିକଟରେ କେନ୍ଦୁଝର ଜିଲାସ୍ଥିତ ଗନ୍ଧମାର୍ଦ୍ଦନ ଓ ଦୈତାରି ଲୌହଖଣି ପରିଦର୍ଶନ ସହ ନିଗମର ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଭାବେ ସମୀକ୍ଷା କରିଛନ୍ତି। ଏହି ଅବସରରେ ସାମଲ ଖଣି କ୍ଷେତ୍ରର ଉତ୍ପାଦନ କାର୍ଯ୍ୟକ୍ଷମତା ବୃଦ୍ଧି, ସୁରକ୍ଷା ତଥା ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରି ବିଭାଗୀୟ ଅଧିକାରୀଙ୍କ ସହ ଖଣି ଅଞ୍ଚଳ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହି ଅବସରରେ ଓଏମ୍‌ସିର ନିର୍ଦ୍ଦେଶକ (ମାନବସମ୍ବଳ) ଆଲୋକ କୁମାର ପାଳ ଏବଂ ନିର୍ଦ୍ଦେଶକ (ଅର୍ଥ) ବନ ବିହାରୀ ପାଣିଙ୍କ ସମେତ ଖଣି ଅଞ୍ଚଳର ଅଧିକାରୀ ଓ ବରିଷ୍ଠ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ସାମଲ ଗନ୍ଧମାର୍ଦ୍ଦନ ଖଣି କ୍ଷେତ୍ର ପରିଦର୍ଶନ କରିବା ଅବସରରେ ଓର୍ ଷ୍ଟକୟାର୍ଡ, କମାଣ୍ଡ କଣ୍ଟ୍ରୋଲ ସେଣ୍ଟର ପରିଦର୍ଶନ କରିବା ସହିତ ଖଣି କ୍ଷେତ୍ରର ବାର୍ଷିକ ଲକ୍ଷ୍ୟ ଅନୁସାରେ ଉତ୍ପାଦନ କ୍ଷମତା



ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ବିକ୍ରୟ ବୃଦ୍ଧି କରି ଶିଳ୍ପଗୁଡ଼ିକୁ ନିୟମିତ ଖଣିଜ ଯୋଗାଣ ସୁନିଶ୍ଚିତ ତଥା ସୁପରିଚାଳନା କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସାମଲ ଗନ୍ଧମାର୍ଦ୍ଦନ ସ୍ଥିତ କମାଣ୍ଡ କଣ୍ଟ୍ରୋଲ ସେଣ୍ଟରର ସମୀକ୍ଷା କରି ଏହାର ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ପରିଚାଳିତ ବିଭିନ୍ନ ପ୍ରକ୍ରିୟାକୁ ନିରୀକ୍ଷଣ କରିଥିଲେ। ଏଥିସହ ରିଅଲ-ଟାଇମ ମନିଟରିଂ, ଖଣି ଅଞ୍ଚଳର ସୁରକ୍ଷା ବ୍ୟବସ୍ଥାର ତଦାରଖ କରିବା ସହିତ ସମସ୍ତ ପ୍ରକାରର ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରସ୍ତୁତ ରହିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏପରିକି ଖଣି ଅଞ୍ଚଳରେ ପରିବେଶଗତ ମାନଦଣ୍ଡର କଠୋର ପାଳନ, ଅନଧିକୃତ ଏବଂ ଚୋରାଚାଲାଣ ରୋକିବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସାମଲ କର୍ମଚାରୀମାନଙ୍କ କଲ୍ୟାଣ ନିମନ୍ତେ ନିର୍ମିତ ବିଭିନ୍ନ ସୁବିଧାର ମଧ୍ୟ ମୂଲ୍ୟାଙ୍କନ କରିଥିଲେ। କର୍ମଚାରୀଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ଉନ୍ନତ ସୁବିଧା ପ୍ରତି ବିଶେଷ ପ୍ରାଥମିକତା ଦେବା ପାଇଁ ସାମଲ ନିର୍ଦ୍ଦେଶ ଦେଇଛନ୍ତି।

## ଏସ୍‌ବିଆଇର ଶୁଳ୍କମୁକ୍ତ ସ୍ୱାସ୍ଥ୍ୟ ପରୀକ୍ଷା

ଭୁବନେଶ୍ୱର, ୨୫।୮

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଏକ ମେଗା ସଚେତନତା ଶିବିର ନିକଟରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଏକ ଶୁଳ୍କ ମୁକ୍ତ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସର୍ଭାଇକାଲ କ୍ୟାନସର ସଚେତନତା ଶିବିର ଓ ଟିକାକରଣ କାର୍ଯ୍ୟକ୍ରମ ଜନ ଶିକ୍ଷଣ ସଂସ୍ଥାନ ବଡ଼ଗଡ଼ ବ୍ରିଟ୍ କଲୋନି ଭୁବନେଶ୍ୱରଠାରେ ଆୟୋଜନ କରାଯାଇଥିଲା। ଏପରିକି ଏହି କାର୍ଯ୍ୟକ୍ରମ ଏସ୍‌ବିଆଇର ପ୍ରମୁଖ ସମର୍ଥନ ଏବଂ ସିଆଇଆଇ ୟଙ୍ଗ୍ ଇଣ୍ଡିଆନ୍ସ ସହ ହୃଦାନନ୍ଦ ଶିକ୍ଷା ସଂସ୍ଥାନ ସହଭାଗିତାରେ ଆୟୋଜିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଏସବିଆଇର ଆଞ୍ଚଳିକ ପରିଚାଳକ ଭୁବନେଶ୍ୱର ନର୍ଥ ଅନିଲ କୁମାର ମିଶ୍ର, ସହାୟକ ମହାପ୍ରବନ୍ଧକ (ବାଣିଜ୍ୟ ସମ୍ପ୍ରସାରଣ ଓ ସାମାଜିକ ଦାୟିତ୍ୱ)ଭବାନୀ ଶଙ୍କର ମହାନ୍ତି, ମୁଖ୍ୟ ପରିଚାଳକ ଅଭିମନ୍ୟୁ ସାହୁଙ୍କ ସମେତ ଜନ ଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶିକା (ଡିରେକ୍ଟର) ନିବେଦିତା ନରୁଲା ଏବଂ ହୃଦାନନ୍ଦ ଶିକ୍ଷା ସଂସ୍ଥାନର ଡା.ପ୍ରଶମିତା ତେଜସ୍ୱିନୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିର ଜରିଆରେ ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ସହ ସର୍ଭାଇକାଲ କ୍ୟାନ୍‌ସରର ଆଧୁନିକ ସ୍କ୍ରିନିଙ୍ଗ କରାଯାଇଥିଲା। ବିଶେଷକରି ସାଇଟୋଲୋଜି, ଓମଲେକ୍ୟୁଲାର ପ୍ରୟୋଗ ସହିତ ୧୦୦ଜଣ ମହିଳାଙ୍କର ଟିକାକରଣ କରାଯାଇଥିଲା। ଏସବିଆଇର ସାମାଜିକ ଦାୟିତ୍ୱ ପ୍ରତିବଦ୍ଧତାରୁ ପ୍ରେରିତ ଏହି ପ୍ରୟାସ ଓଡ଼ିଶାରେ ସର୍ଭାଇକାଲ କ୍ୟାନସରର ଭାରକୁ କମାଇବାରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ପ୍ରଦାନ କରିବ। ସେହିଭଳି ଏସବିଆଇର ଦୃଢ଼ ସମର୍ଥନରେ ସମ୍ଭବ ହୋଇଥିବା ଏହି ପ୍ରୟାସର ମୂଳ ଉଦ୍ଦେଶ୍ୟ ଥିଲା ସର୍ଭାଇକାଲ କ୍ୟାନ୍‌ସର, ଯାହା ଟିକାକରଣ ଦ୍ୱାରା ପ୍ରତିରୋଧ, ସେଥିପାଇଁ ନାରୀମାନଙ୍କୁ ସଚେତନ କରାଇବା ସହିତ ପ୍ରାରମ୍ଭିକ ସନ୍ଧାନ, ନିୟମିତ ସ୍କ୍ରିନିଙ୍ଗ ଏବଂ ଟିକାକରଣକୁ ପ୍ରୋତ୍ସାହିତ କରିବା।

**ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର**

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ସୋମବାର ସରପଞ୍ଚ ନିଲେନ୍ଦ୍ରି ପୂଝାରୀଙ୍କ ଅଧ୍ୟକ୍ଷତାରେ ହୋଇଯାଇଛି। ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପରମେଶ୍ୱର ନାଏକ, ଏପିଓ ପ୍ରଶାନ୍ତ କୁମାର ସାହୁ, ଯୋଗାଣ ଅଧିକାରୀ ବିକାଶ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍କ ବିଭାର, ପିଇଓ ପୃଥ୍ୱୀରାଜ ରାଉତ, ଏଡିଇଓ ଦେବେଶ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।

# ବିଜେଡି ପକ୍ଷରୁ ଜିଲାପାଳ ଅଫିସ ଘେରାଉ

**କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ଦାବି**

ବଲାଙ୍ଗୀର, ୨୫।୮ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପ୍ରତି ସରକାରୀ କଳର ଚରମ ଅବହେଳା ଅଭିଯୋଗ ଆଣି ବିଜେଡି ପକ୍ଷରୁ ସୋମବାର ସ୍ଥାନୀୟ ଜିଲାପାଳ ଅଫିସ ଘେରାଉ କରାଯାଇଥିଲା। ବିଜେଡି ନଗର ସଭାପତି ଶମ୍ଭୁ ପ୍ରସାଦ ନାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବଲାଙ୍ଗୀର ଜିଲା ପରିଷଦ ସଭାପତି ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁଙ୍କ ସମେତ ବହୁ ବରିଷ୍ଠ ବିଜେଡି ନେତୃବୃନ୍ଦ ଉପସ୍ଥିତ ଥିଲେ। ବିଜେଡି ନେତାନେତ୍ରୀମାନେ କହିଥିଲେ, ପାଟଣାଗଡ ବିଧାୟକ ଏବେ ଉପମୁଖ୍ୟମନ୍ତ୍ରୀ ଓ କୃଷି ମନ୍ତ୍ରୀ। ତାଙ୍କ ସ୍ତ୍ରୀ ଏବେ ଲୋକସଭା ଏମ୍‌ପି। ଜିଲାର ଅନ୍ୟ ଜଣେ ହେଲେ ସ୍ୱାସ୍ଥ୍ୟମନ୍ତ୍ରୀ। ଏହାଛଡା ଜିଲାର ଅନ୍ୟ ଦୁଇଜଣ ଭାଜପା ବିଧାୟକ। ଏତିକି କ୍ଷମତା ସତ୍ତ୍ୱେ ବଲାଙ୍ଗୀର ଜିଲାବାସୀଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ହୋଇନାହିଁ। ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ଜିଲାବାସୀଙ୍କ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବିକୁ ବିଧାନସଭାରେ ଉପସ୍ଥାପନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କିନ୍ତୁ ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନ କରି ଭାଜପା ସରକାର ସମ୍ବଲପୁରଠାରେ କୃଷି ବିଶ୍ୱବିଦ୍ୟାଳୟ ପ୍ରସ୍ତାବ ଦେଇଛନ୍ତି। ଏହା ବଲାଙ୍ଗୀର ଜିଲାବାସୀଙ୍କୁ ଧୋକା ବୋଲି ବକ୍ତାମାନେ କହିଥିଲେ।



ଜିଲାପାଳଙ୍କ ଅଫିସ ଆଗରେ ବିଜେଡି ନେତୃବୃନ୍ଦ।

**‘କ୍ଷମତା ଥାଇ ଜିଲାବାସୀଙ୍କୁ କିଛି ମିଳୁନାହିଁ’**

ଏହାର ପ୍ରତିବାଦରେ ଆଜିର ଘେରାଉ କାର୍ଯ୍ୟକ୍ରମ ବୋଲି ସେମାନେ କହିଥିଲେ। ବଲାଙ୍ଗୀର ବଦଳରେ ସମ୍ବଲପୁରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦେବା ଦୁର୍ଭାଗ୍ୟଜନକ ବୋଲି ସମାଲୋଚନା କରିଥିଲେ। ବିଜେଡି ସରକାର ଅମଳରେ ବଲାଙ୍ଗୀର ଜିଲାରେ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ, ଭୀମଭୋଇ ମେଡିକାଲ କଲେଜ ଓ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଭଳି ଅନୁଷ୍ଠାନ ସ୍ଥାପନ ହୋଇଥିଲା। ଏବେ ଜିଲାରୁ ଦୁଇଜଣ ମନ୍ତ୍ରୀ, ଏମ୍‌ପି ଏବଂ ବିଧାୟକ ରହିଥିଲେ ସୁଦ୍ଧା କୌଣସି ବଡ ପ୍ରକଳ୍ପ ଆସି ନ ପାରିବାରୁ ସେମାନେ କଡା ସମାଲୋଚନା କରିଥିଲେ। ସଭାରେ ବରିଷ୍ଠ ବିଜେଡି ନେତା ଗୋଲାପ ବାଗ, ଜିଲା ମହିଳା ସଭାନେତ୍ରୀ ଦମୟନ୍ତୀ ବାଗ, ଯୁବ ବିଜେଡି ଜିଲା ସଭାପତି ରାଜେନ୍ଦ୍ର ହୋତା, ଲକ୍ଷ୍ମଣ ମେହେର, ପ୍ରଭାସ ପାଣିଗ୍ରାହୀ, ପାଣ୍ଡବ କୁମ୍ଭାର, ଆଡଭୋକେଟ୍ ଜୟରାମ ମିଶ୍ର, ଅମରେଶ ତ୍ରିପାଠୀ, କୈଳାଶ ମହାନ୍ତି, ବିଧୁଭୂଷଣ ତ୍ରିପାଠୀ, ସୁଶୀଳ ଚାନ୍ଦ, ପ୍ରଦ୍ୟୁମ୍ନ ହୋତା, ଛାତ୍ର ବିଜେଡି ନେତା ସୁମନ ନନ୍ଦ ଯୋଗଦେଇ ଭାଜପା ସରକାରଙ୍କୁ ସମାଲୋଚନା କରିଥିଲେ। ଏହି ଅବସରରେ ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ବିଜେଡି ନେତାମାନେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ୧୫ ଦିନ ହେଲା ଆନ୍ଦୋଳନରେ ବସିଥିବା ରାଜସ୍ୱ ଅମଲା ସଂଘର ଧାରଣାସ୍ଥଳକୁ ଯାଇ ସମର୍ଥନ ଜଣାଇଥିଲେ।

# ଛାତ୍ରୀଛାତ୍ରଙ୍କୁ ଘର କାମ କରାଉଥିବା ଅଭିଯୋଗ

ଲାଠୋର, ୨୫।୮ (ଭୁବନେଶ୍ୱର ବାରିକ)

ସରକାର ବିଦ୍ୟାଳୟ ପରିସରକୁ ଦଣ୍ଡ ମୁକ୍ତ ଅଞ୍ଚଳ ରୂପେ ଘୋଷଣା କରିଛନ୍ତି। କୌଣସି ପରିସ୍ଥିତିରେ ବିଦ୍ୟାଳୟକୁ ପାଠ ପଢି ଆସୁଥିବା ଛାତ୍ରୀଛାତ୍ରମାନଙ୍କୁ କୌଣସି ପ୍ରକାର କାମରେ ନିୟୋଜିତ କରାଯାଇ ପାରିବ ନାହିଁ ବୋଲି କଡ଼ାକଡ଼ି ନିର୍ଦ୍ଦେଶ ରହିଛି। ହେଲେ କେତେକ ସ୍ଥାନରେ ଉକ୍ତ ସରକାରୀ ନିର୍ଦ୍ଦେଶକୁ ଖାତିର ନ କରି ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ନିଜ ଘର କାମ କରାଉଥିବା ଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳୁଛି। ଏପରି ଏକ ଘଟଣା ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ଗ୍ରାମରେ ସୋମବାର ସକାଳେ ଦେଖିବାକୁ ମିଳିଥିଲା। ଫଳରେ ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ଲାଠୋର ଗ୍ରାମରେ ଥିବା ଏକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟର ପ୍ରାୟ ୮ ରୁ ୧୦ ଜଣ ଛାତ୍ରୀଛାତ୍ରଙ୍କୁ ନିଜ ଘରକୁ ଡାକି ନେଇ ଲୁଗା,ଦରି ଆଦି ସଫା କରି ଶୁଖାଇବାଠାରୁ ଆରମ୍ଭ କରି ଫାଉଡ଼ାରେ ଘାସ ସଫା କରିବା ପର୍ଯ୍ୟନ୍ତ କାମ କରାଇଥିଲେ। ଛାତ୍ରୀଛାତ୍ର ସ୍କୁଲ ପୋଷାକ ପିନ୍ଧି ପ୍ରଧାନ ଶିକ୍ଷୟିତ୍ରୀ ଙ୍କ ଘରେ କାମ କରୁଥିବା ଦୃଶ୍ୟ ସେହି ବାଟ ଦେଇ ଯିବା ଆସିବା କରୁଥିବା ଲୋକେ ଦେଖି ଗଣମାଧ୍ୟମ ପ୍ରତିନିଧିଙ୍କୁ ଖବର ଦେଇଥିଲେ। ଗଣମାଧ୍ୟମ ପ୍ରତିନିଧିମାନେ ସେଠାରେ ପହଞ୍ଚିବା ବେଳକୁ କେତେଜଣ ଛାତ୍ରୀଛାତ୍ର ଏକ ଦରିକୁ ସଫା କରି ପ୍ରଧାନ ଶିକ୍ଷୟିତ୍ରୀଙ୍କ ବାସଭବନ ପରିସର ପାଚେରିରେ ଚଢି ବିପଦପୂର୍ଣ୍ଣ ଭାବେ ଶୁଖାଉ ଥିଲେ। ତେବେ ମଧ୍ୟାହ୍ନ ଭୋଜନ ସମୟ ହେବାରୁ କେତେଜଣ ଛାତ୍ରୀ ବିଦ୍ୟାଳୟକୁ ଫେରିଥିବା ବେଳେ ଅନ୍ୟ ଛାତ୍ରମାନେ ପରେ ଆସିଥିବା ଦେଖିବାକୁ ମିଳିଥିଲା। ଏନେଇ ଖପ୍ରାଖୋଲ ବ୍ଲକ ଶିକ୍ଷା ଅଧିକାରୀ ଅଭିନବ ମିଶ୍ରଙ୍କୁ ଫୋନ ଯୋଗେ ଯୋଗାଯୋଗ ଲାଗି ଉଦ୍ୟମ କରାଯାଇଥିଲେ ହେଁ ସମ୍ଭବ ହୋଇନାହିଁ। ତେବେ ଘଟଣାର ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

**ସରକାରୀ ନିୟମର ଖୁଲାମଖୁଲା ଉଲ୍ଲଂଘନ**


ସ୍କୁଲ ପୋଷାକ ପିନ୍ଧି ଛାତ୍ରୀଛାତ୍ର କାମ କରୁଛନ୍ତି।

# ଚାଉଳ ବୋଝେଇ ମିନି ଟ୍ରକ୍‌ରୁ ୧୧ କୁଇଣ୍ଟାଲ ଗଞ୍ଜେଇ, ୨୦୦ ବସ୍ତା ଖୁଦ ଚାଉଳ ଜବତ

ଗୁଡଭେଲା, ୨୫।୮ (ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲାର ଗୁଡଭେଲା ବ୍ଲକ ଅନ୍ତର୍ଗତ ଆଟଗାଁ ଛକ ନିକଟରେ ପୋଲିସ ଏକ ଚାଉଳ ବୋଝେଇ ମିନି ଟ୍ରକରୁ ୧୧ କୁଇଣ୍ଟାଲ ଗଞ୍ଜେଇ ଓ ୨୦୦ ବସ୍ତା ଖୁଦ ଚାଉଳ ଜବତ କରିଛି।

ପ୍ରକାଶ ଯେ, ଗୁଡଭେଲା-ତୁଷୁରା ମୁଖ୍ୟ ରାସ୍ତାରେ ସୋମବାର ତୁଷୁରା ପୋଲିସ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ତେଣ୍ଟୁଲିଖୁଣ୍ଟି କଲେଜ ସମ୍ମୁଖରେ ଏକ ନାଲି ରଙ୍ଗର ମିନି ଟ୍ରକ ( ନଂ ସିଜି ୦୪ ଏମ ଜେଡ ୪୨୯୦)ର ଡ୍ରାଇଭର ପୋଲିସକୁ ଦେଖି ଗାଡି ଛାଡି ଫେରାର ମାରିଥିଲା। ପରେ ପୋଲିସ ଉକ୍ତ ମିନିଟ୍ରକକୁ ସନ୍ଦେହରେ ଯାଞ୍ଚ କରିଥିଲେ। ସେଥିରୁ ଖୁଦ ଚାଉଳ ବସ୍ତା ସହ ବ୍ୟାପକ ଭାବେ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା। ଏହାପରେ ତୁଷୁରା ତହସିଲଦାର ଆର୍ତ୍ତତ୍ରାଣ ଥାର୍ଟିଙ୍କ ଉପସ୍ଥିତିରେ ଉକ୍ତ ଗଞ୍ଜେଇକୁ ଓଜନ କରାଯାଇଥିଲା। ୧୧୦୦ ଟି ଗଞ୍ଜେଇ ପ୍ୟାକେଟରୁ ୧୧ କୁଇଣ୍ଟାଲ ଗଞ୍ଜେଇ ମିଳିଥିବା ପୋଲିସ ସୂତ୍ରରୁ ଜଣାପଡିଛି। ଯାହାର ଆନୁମାନିକ ମୂଲ୍ୟ ୧ କୋଟି ୧୦ ଲକ୍ଷ ହେବ ବୋଲି କୁହାଯାଉଛି। ସୂଚନାଯୋଗ୍ୟ, ଉକ୍ତ ମିନି ଟ୍ରକଟି ବୌଦ୍ଧ ଜିଲାରୁ ବାହାରି ଛତିଶଗଡ ରାଜ୍ୟକୁ ଯାଉଥିଲା ବୋଲି ଜଣାପଡିଛି। ଏଥିରେ ତଳେ ଗଞ୍ଜେଇ ରଖାଯାଇ ଉପରେ ଚାଉଳ ବସ୍ତା ଥୁଆଯାଇଥିଲା।

**ଗାଡି ଛାଡି ଡ୍ରାଇଭର ଫେରାର**


ଜବତ ଗଞ୍ଜେଇ ଓ ଚାଉଳ।

# ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଅଧିକାରୀ।

ଲୋଇସିଂହା, ୨୫।୮ (ସୁଶାନ୍ତ ବାରିକ)

ସୋମବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପରିସରର ମିଶନ ଶକ୍ତି ସଭାଗୃହରେ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳଙ୍କ ଅନୁପସ୍ଥିତିରେ ଏଡିଏମ (ରାଜସ୍ୱ) ପ୍ରଭାତ କୁମାର ବେହେରା, ଅତିରିକ୍ତ ଏସ୍‌ପି ଜି.ଏନ ମଲ୍ଲିକ, ପିଡି ଡିଆରଡିଏ ତରଣୀ ସୁନା, ଉପଜିଲାପାଳ ଆଲୋକ ରଞ୍ଜନ ପଟେଲ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ଲୋଇସିଂହା ବିଡିଓ ଅକ୍ଷୟ ପାଣି ଉଦ୍ଧ, ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲଙ୍କ ସମେତ ବ୍ଲକ ଓ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଶିବିରରେ ମୋଟ ୩୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୫ଟି ସାମୁହିକ, ୫ଟି ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ନିର୍ମାଣରେ ଜମି ସମସ୍ୟା ଓ ଅନ୍ୟଗୁଡିକ ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ବୁଢୀପଦର ପଞ୍ଚାୟତ ମୁଖ୍ୟାଳୟ ବୁଢୀପଦରରେ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ଖୋଲିବାକୁ ସମାଜିକ କର୍ମୀ ଯୁଧିଷ୍ଠିର ପଧାନ ଓ ପଞ୍ଚାୟତବାସୀ ଦାବି କରିଥିଲେ। ଏ ସଂକ୍ରାନ୍ତରେ ଶିବିରରେ ବହୁବାର ଜଣାଇ ସୁଦ୍ଧା ସୁଫଳ ମିଳି ନ ଥିବା ସେମାନେ ଅଭିଯୋଗ କରିଥିଲେ। ସେହିପରି ୨୬ ନଂ ଜାତୀୟ ରାଜପଥ ବୁର୍ଡା-ନଅଗାଁ(ଖ) ରାସ୍ତାରେ ସଂଯୋଗ କରୁଥିବା ଶୋଚନୀୟ ସିଆଲବାହାଲି ପ୍ରଧାନମନ୍ତ୍ରୀ ସଡକ ଉନ୍ନତୀକରଣ ପାଇଁ ବୁର୍ଡା ସରପଞ୍ଚ ସୁଦୀପ କୁମାର ସା ଦାବି କରିଥିଲେ। ବ୍ଲକର ପୂର୍ଣ୍ଣ ଅନୁଦାନପ୍ରାପ୍ତ ଏକ ହାଇସ୍କୁଲରେ କାର୍ଯ୍ୟରତ ଥିବା ସମୟରେ ଜଣେ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କ ଉତ୍ତରାଧିକାରୀ ଆର.ଏ ସ୍କିମରେ ଆବେଦନ କରିବା ସତ୍ତ୍ୱେ ନିଯୁକ୍ତି ପ୍ରକ୍ରିୟାରେ ବିଳମ୍ବକୁ ନେଇ ଆବେଦନକାରୀ ଶିବିରର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ସଂକ୍ରାନ୍ତ ଉତ୍ତର ପାଇଁ ଏଡିଏମ ବେହେରା ଜିଲା ଶିକ୍ଷା ଅଧିକାରୀଙ୍କୁ ଡାକିଥିଲେ। ହେଲେ ଶିବିରରେ ଜିଲା ଶିକ୍ଷା ଅଧିକାରୀଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟର ଜଣେ କର୍ମଚାରୀ ହାଜର ହୋଇ ସନ୍ତୋଷଜନକ ଉତ୍ତର ଦେଇ ପାରିନଥିଲେ। ଜିଲା ଶିକ୍ଷା ଅଧିକାରୀ ଅଭିଯୋଗ ଶୁଣାଣି ଶିବିରକୁ ଆସି ନ ଥିବାରୁ ଏଡିଏମ ଅସନ୍ତୋଷ ବ୍ୟକ୍ତ କରିଥିଲେ।

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଜୋରଦାର

**ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପଥପ୍ରାନ୍ତ ସଭା**

ବଲାଙ୍ଗୀର, ୨୫।୮ (ବୀରେନ୍ଦ୍ର କୁମାର ଝାଙ୍କର)- ବଲାଙ୍ଗୀରରେ ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବା ପାଇଁ ଦୀର୍ଘବର୍ଷରୁ ଦାବି ହୋଇଆସୁଛି। କିନ୍ତୁ ସମ୍ବଲପୁରଠାରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବାକୁ ରାଜ୍ୟ ସରକାର ପ୍ରସ୍ତାବ ପଠାଇବେ ବୋଲି ଖବର ପରିବେଷଣ ପରେ ବଲାଙ୍ଗୀର ଠାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାଛଡା ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇ ସମ୍ବଲପୁରଠାରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ଏବଂ ବଲାଙ୍ଗୀରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କରାଯିବା ପ୍ରସ୍ତାବ ରହିଛି ବୋଲି ସୂଚନା ଦିଆଯିବା ପରେ ବଲାଙ୍ଗୀରବାସୀ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାର ପ୍ରତିବାଦରେ ବଲାଙ୍ଗୀର ବୁଦ୍ଧିଜୀବୀମାନଙ୍କ ପକ୍ଷରୁ ସ୍ଥାନୀୟ ଭାଗିରଥି ଛକ ଠାରେ ନିକଟରେ ଏକ ପଥପ୍ରାନ୍ତ ସଭା କରାଯାଇ ବଲାଙ୍ଗୀରରେ ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବାକୁ ଦାବି କରାଯାଇଛି। ଏହା ନହେଲେ

ଆଗକୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ପ୍ରଥପ୍ରାନ୍ତ ସଭାରେ ସହରର ବହୁ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ଶିକ୍ଷାବିତ, ସାମାଜିକ କର୍ମୀ ଓ ଜନସାଧାରଣ ଯୋଗଦାନ କରିଥିଲେ। ବଲାଙ୍ଗୀର ଜିଲାର ନ୍ୟାର୍ଯ୍ୟ ଦାବି ପ୍ରତି ସରକାର ତୁରନ୍ତ ମୋହର ମାରି ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରନ୍ତୁ ବୋଲି ଦାବି କରିଥିଲେ। ଜିଲାରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ରହିଛି। କେବଳ ସରକାରଙ୍କ ଆନ୍ତରିକତା ଆବଶ୍ୟକ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ବୀରେନ୍ଦ୍ର ବନଛୋର, ଆଇନଜୀବୀ ରତନ ମହାରଣା, କିଶୋର ପାଣିଗ୍ରାହୀ, ବାମପନ୍ଥୀ ନେତା ଅଶୋକ ମିଶ୍ର, ସୁନୀଲ ଭୋଇ, ଯୁବ ନେତା ନାସିର ଖାନ ଉଦ୍‌ବୋଧନ ଦେଇଥିଲେ। ପଥପ୍ରାନ୍ତ ସଭାରେ ନେତାଜୀ ସଂଗ୍ରାମୀ ପରିଷଦ ସଭାପତି ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସୟଦ ଆଫତାପ ହୁସେନ ଏବଂ ସାଜିତ ହୁସେନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସଙ୍ଗଠକ ଉଦିତ ଚନ୍ଦ୍ର ପଣ୍ଡା, ରାଜେନ୍ଦ୍ର ଶର୍ମା, ମୋହନ ରଞ୍ଜନ ପାଣ୍ଡିଆ, କୁନୁ ନାୟକ, ପ୍ରଦୀପ ଗୁରୁ ଓ ଅନ୍ୟ ବହୁ ବୁଦ୍ଧିଜୀବୀ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ‘ନାରୀ ନିର୍ଯାତନା, ସଶକ୍ତୀକରଣ’ ଉପରେ ଆଲୋଚନାଚକ୍ର

ବଲାଙ୍ଗୀର, ୨୫।୮ (ବୀରେନ୍ଦ୍ର କୁମାର ଝାଙ୍କର)

ମଞ୍ଚ କଳାକାର ଏବଂ ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ସ୍ୱର୍ଗତ ସତ୍ୟ ନାରାୟଣ ବେହେରାଙ୍କ ୮୬ ତମ ଜୟନ୍ତୀ ଅବସରରେ ସତ୍ୟ ନାରାୟଣ ସ୍ମୃତି କମିଟି ପକ୍ଷରୁ ‘ନାରୀ ନିର୍ଯାତନା ଓ ସଶକ୍ତିକରଣ’ ଶୀର୍ଷକ ଆଲୋଚନାଚକ୍ର ସ୍ଥାନୀୟ ସାମ୍ବାଦିକ ଭବନଠାରେ ହୋଇଯାଇଛି। ସ୍ମୃତି କମିଟି ସଭାପତି ପ୍ରଦୀପ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱ ଓ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ, ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ଅତିଥି ବକ୍ତା ଭାବେ ରାଜଶ୍ରୀ ସାହୁ ଓ ନୀଳିମା ପ୍ରିୟଦର୍ଶିନୀ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଡ. ସାହୁ ତାଙ୍କ ବକ୍ତବ୍ୟରେ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ହେଲେ ନାରୀ ନିର୍ଯାତନାର ମାତ୍ରା କମିବ ବୋଲି କହିଥିଲେ। ସ୍ମୃତି କମିଟି ସଭ୍ୟ ଗଣମାଧ୍ୟମ ପ୍ରତିନିଧି ମନୋରଞ୍ଜନ ଯୋଷୀ ନାରୀମାନେ ଚରିତ୍ରବାନ ଓ ସଚେତନଶୀଳ ହେଲେ ନିର୍ଯାତନାକୁ ରୋକାଯାଇ ପାରିବ ବୋଲି କହିଥିଲେ। ଏହି ଅବସରରେ ସୁବର୍ଣ୍ଣପୁର ଜିଲାପାଳ ତଥା ସାହିତ୍ୟିକ ଡ. ନୃପରାଜ ସାହୁଙ୍କୁ ମାନପତ୍ର ଓ ଉପଢୌକନ ଦେଇ ‘ସତ୍ୟ ନାରାୟଣ ବେହେରା ସ୍ମୃତିସମ୍ମାନ’ ପ୍ରଦାନ କରାଯାଇଥିଲା।


ସୁବର୍ଣ୍ଣପୁର ଜିଲାପାଳ ତଥା ସାହିତ୍ୟିକ ଡ. ନୃପରାଜ ସାହୁଙ୍କୁ ସତ୍ୟ ନାରାୟଣ ବେହେରା ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି।

# ନୂଆଁଖାଇ ପାଇଁ ପାଟଣାଗଡ଼ ଚଳଚଞ୍ଚଳ

ପାଟଣାଗଡ଼, ୨୫।୮ (ସଚ୍ଚିଦାନନ୍ଦ ମହାକୁର)

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ। କୃଷିଭିତ୍ତିକ ନୂଆଁଖାଇ ପର୍ବ ପାଳନ ପାଇଁ ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକର ଘରେ ଘରେ ଚାଲିଛି ପ୍ରସ୍ତୁତି। ଗାଁଠାରୁ ଆରମ୍ଭ କରି ସହର ଚଳଚଞ୍ଚଳ। ନିଜର ଇଷ୍ଟଦେବୀଙ୍କ ପାଖରେ ନୂଆ ଧାନରେ ପ୍ରସ୍ତୁତ ହୋଇଥିବା ନବାନ୍ନ ଅର୍ପଣ କରିବା ପରେ ନୂଆ ଖାଇବେ ପାଟଣାଗଡ଼ ଅଞ୍ଚଳବାସୀ। ଏଥିପାଇଁ ଲଗ୍ନ ଧାର୍ଯ୍ୟ ହେବା ପରଠାରୁ ଘରଠୁ ମନ୍ଦିର ସବୁଠି ଚାଲିଛି ଲିପାପୋଛା। ବିଶ୍ୱାସ ରହିଛି ନୂଆଁଖାଇରେ ଇଷ୍ଟଦେବୀ ଘରକୁ ଆସିଥାନ୍ତି। ତେଣୁ କୁରେ ଓ ଶାଳପତ୍ରରେ ନିର୍ମିତ ଦନାରେ ଧାର୍ଯ୍ୟ ସମୟରେ ଘରର ବୟୋଜ୍ୟୋଷ୍ଠ ବ୍ୟକ୍ତି ଅନ୍ୟ ସଦସ୍ୟମାନଙ୍କୁ ନୂଆଁ ଖାଇବା ପାଇଁ ଦେଇଥାନ୍ତି। ତାପରେ ରନ୍ଧାଯାଇଥିବା ବିଭିନ୍ନ ଖାଦ୍ୟକୁ କୁରେ ଓ ଶାଳପତ୍ର ଖଲିରେ ପରିବାରର ସମସ୍ତେ ଖାଇଥାନ୍ତି। ନିଆରା ପରମ୍ପରା, ସଂସ୍କୃତି ଓ ଭାଇଚାରାର ପର୍ବ ନୂଆଁଖାଇକୁ ଧୂମଧାମରେ ପାଳନ ପାଇଁ ସମସ୍ତେ ଅପେକ୍ଷା କରିଥାନ୍ତି। କାରଣ ଏହି ପର୍ବରେ ସାମିଲ ହେବା ପାଇଁ ଦେଶ ବିଦେଶରେ ରହୁଥିବା ପ୍ରିୟଜନ ଘରକୁ ଫେରିଥାନ୍ତି। ଆଉ ଘରେ ଜମେ ଉତ୍ସବର ମାହୋଲ। ନୂଆଁଖାଇ ପାଖେଇ ଆସିଥିବାରୁ ପାଟଣାଗଡ ବ୍ଲକର ବିଭିନ୍ନ ଗ୍ରାମରେ ବସୁଥିବା ତିହାରି ବଜାରରେ ଲୋକଙ୍କ ପ୍ରବଳ ଭିଡ ଲାଗି ରହିଛି।


ପାଟଣାଗଡ ସହରର ତିହାରି ବଜାରରେ ମାଟି ହାଣ୍ଡି କିଣିବା ପାଇଁ ଭିଡ ଜମିଛି।

# ସାର ଦୋକାନ ଆଗରେ ଧାରଣା, ରାସ୍ତାରୋକୋ

ଟିଟିଲାଗଡ଼, ୨୫।୮ (ଶରତ ମିଶ୍ର)

ୟୁରିଆ ସାର କଳାବଜାର ଚଳିବ ନାହିଁ, ଚାଷୀଙ୍କୁ ଉଚିତ୍ ମୂଲ୍ୟରେ ୟୁରିଆ ସାର ଯୋଗାଇ ଦିଆଯାଉ ବୋଲି ଦାବି କରି ସୋମବାର ସନ୍ଧ୍ୟାରେ ସ୍ଥାନୀୟ କଂଗ୍ରେସ କର୍ମୀ ଓ ଚାଷୀଙ୍କ ପକ୍ଷରୁ ଧର୍ମଶାଳା ରୋଡ ନିକଟସ୍ଥ ଏକ ସାର ଦୋକାନ ଆଗରେ ଧାରଣା ଦିଆଯିବା ସହ ସହରର ମୁଖ୍ୟ ରାସ୍ତା ଅବରୋଧ କରାଯାଇଥିଲା। କଂଗ୍ରେସ ନେତା ବିରେନ୍ଦ୍ର ବାଗ ଏହାର ନେତୃତ୍ୱ ନେଇଥିଲେ। ୟୁରିଆ ସାର ସରକାରୀ ଧାର୍ଯ୍ୟ ମୂଲ୍ୟ ଠାରୁ ଅଧିକ ଦାମରେ ଖୋଲାବଜାରରେ ବିକ୍ରି ହେଉଛି। ତେଣୁ ସାର ନେବା ପାଇଁ ଶତାଧିକ ଚାଷୀ ଉକ୍ତ ସାର ଦୋକାନକୁ ସକାଳେ ଆସିଥିଲେ। ହେଲେ କେତେଜଣ ଚାଷୀଙ୍କୁ ସାର ଦିଆଯାଇଥିବା ବେଳେ ଅନ୍ୟମାନଙ୍କୁ ନିରାଶ ହେବାକୁ ପଡିଛି। ନୂଆଁଖାଇ ଯୋଗୁ ଲୋକେ କିଣାକିଣି କରିବା ପାଇଁ ଟିଟିଲାଗଡ ସହରକୁ ଆସୁଥିବା ବେଳେ ରାସ୍ତା ଅବରୋଧ ଯୋଗୁ ଟ୍ରାଫିକ ସମସ୍ୟା ଉପୁଜିଥିଲା। ଖବରପାଇ ଘଟଣାସ୍ଥଳରେ କୃଷି ଅଧିକାରୀ ଓ ଉପଜିଲାପାଳ ପଦ୍ମନାଭ ସାମନ୍ତରାୟ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ସୂଚନାଯୋଗ୍ୟ, ଟିଟିଲାଗଡ଼ ଉପଖଣ୍ଡ ଅଞ୍ଚଳରେ ବର୍ତ୍ତମାନ ଖରିଫ ଋତୁରେ ୟୁରିଆ ସାର ସରକାରୀ ଲାଇସେନ୍ସପ୍ରାପ୍ତ ଦୋକାନଗୁଡିକରୁ ଉଭାନ ହୋଇଯାଇଛି। ଗ୍ରାମାଞ୍ଚଳରେ ୨୬୫ ଟଙ୍କାର ୟୁରିଆ ବସ୍ତା ୧୦୦୦ ଟଙ୍କାରେ ଚୋରାରେ ବିକ୍ରୟ ହୋଇଛି। ତେବେ ଟିଟିଲାଗଡ଼ ହିନ୍ଦୁସ୍ତାନ ସିଡ଼ସ ସାର ଦୋକାନକୁ ସାର ଟ୍ରକ ଆସିଥିବା ଖବର ପାଇ ସୋମବାର ଭୋରରୁ ଚାଷୀଙ୍କ ଲମ୍ବା ଲାଇନ ଲାଗିଥିଲା। ସାର ବସ୍ତାଟିଏ ପାଇବା ପାଇଁ ଧାଁ ଦୌଡ ଠେଲାପେଲାରେ ଅନେକ ଲୋକ ତଳେ ପଡି ଆହତ ହୋଇଛନ୍ତି। ଅନେକଙ୍କ ଚପଲ ଛିଣ୍ଡି ପଡିଛି। ସ୍ଥାନୀୟ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିଥିଲ।


ସାର ଦୋକାନ ଆଗରେ ଲମ୍ବା ଲାଇନ।


କଂଗ୍ରେସ କର୍ମୀ ଓ ଚାଷୀମାନେ ରାସ୍ତା ଅବରୋଧ କରିଛନ୍ତି।


**Canara Bank** ସିଣ୍ଡିକେଟ Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତାଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

| ଶାଖା / ଋଣଗ୍ରହୀତା / ବନ୍ଧକଦାତାଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଜଗତସିଂହପୁର ଶାଖା** ଋଣଗ୍ରହୀତା/ବନ୍ଧକଦାତା: **ଶ୍ରୀ ସୁଶୀଲ୍ କୁମାର ଦାଶ**, ପିତା: ରବିନ୍ଦ୍ର କୁମାର ଦାଶ, ଠିକଣା: ସା-ଜହନପୁର, ପୋ.: ମଣ୍ଡାସାହି, ଗ୍ରାମ- ଜହନପୁର, ଜିଲ୍ଲା: ଜଗତସିଂହପୁର, ଓଡିଶା-୭୫୪୧୧୪। | (କ)ଟ.୧୪,୮୬,୦୦୦/- / (ଖ) ୨୪.୦୮.୨୦୨୫ / (ଗ) ୨୫.୦୮.୨୦୨୫ | ୨୫.୦୮.୨୦୨୫ ସୁଦ୍ଧା ଟ.୧୪,୪୮,୮୪୨.୨୦ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀ ସୁଶୀଲ୍ କୁମାର ଦାଶ** ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୧୭୩୨, ଖାତା ନଂ.୬୯, ମୌଜା: ଛତ୍ର, ଗ୍ରାମ: ଜହନପୁର, ଏରିଆ: ଏ୦.୦୪ ଡିସିମିଲି, କିସମ: ଘରବାରୀ, ଉପ ଜିଲ୍ଲା: ଜଗତସିଂହପୁର ଏବଂ ଜିଲ୍ଲା: ଜଗତସିଂହପୁର ରେ ରେଜିଷ୍ଟ୍ରିଭୁକ୍ତ, ଚାରିପାର୍ଶ୍ୱରେ: ଉତ୍ତର- ସରକାରୀ ରାସ୍ତା, ଦକ୍ଷିଣ- ନିତ୍ୟାନନ୍ଦ ମହାନ୍ତି, ପୂର୍ବ- ରାଧା ଚରଣ ମହାନ୍ତି, ପଶ୍ଚିମ- ଗୋପିନାଥ ମହାନ୍ତି। |

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି। ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା। ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି। ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ। ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିନ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ। ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ। ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ। ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି। (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି। (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ।

ତାରିଖ: ୨୫.୦୮.୨୦୨୫, ସ୍ଥାନ: କଟକ

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

# ସରକାର ସମାନ, ଚାଷୀ ପଞ୍ଜୀକରଣ ନୀତି ଭିନ୍ନ

- ଛତିଶଗଡ଼ରେ ପଞ୍ଜୀକରଣ ଅବଧି ୪ ମାସ
- ଓଡ଼ିଶା ଚାଷୀଙ୍କ ପାଇଁ ଏହି ଅବଧି ଏକମାସ
- ସ୍ଥିତି ପରଖିଲା ଜୟ କିସାନ ଆନ୍ଦୋଳନ


ଚାଷୀ ସଙ୍ଗଠନ ଜୟ କିଷାନ ଆନ୍ଦୋଳନର ପ୍ରତିନିଧିମାନେ ଛତିଶଗଡ଼ ପ୍ରାଥମିକ କୃଷି ସମବାୟ ସମିତିରେ।

ବରଗଡ଼,୨୫ା୮(ପ୍ରେମାନନ୍ଦ ଖମାରୀ)

କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ସରକାର ଚାଲିଛି। ସେହିପରି ଓଡ଼ିଶା ଏବଂ ପଡ଼ୋଶୀ ଛତିଶଗଡ଼ରେ ଭାଜପା ସରକାର ଶାସନ କରୁଛି। କିନ୍ତୁ ଧାନ ସଂଗ୍ରହ ପ୍ରକ୍ରିୟାରେ ଉଭୟ ଓଡ଼ିଶା ଏବଂ ଛତିଶଗଡ଼ ସରକାରଙ୍କ ଭିନ୍ନ ଚାଷୀ ପଞ୍ଜୀକରଣ ନୀତି ଏବେ ଚର୍ଚ୍ଚାର ବିଷୟ ହୋଇଛି। ବରଗଡ଼ ଜିଲାର ଚାଷୀ ସଙ୍ଗଠନ ଜୟ କିସାନ ଆନ୍ଦୋଳନର ଏକ ପ୍ରତିନିଧି ଦଳ ସୋମବାର ଛତିଶଗଡ଼ ରାଜ୍ୟର ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ବ୍ୟବସ୍ଥା ଅନୁଧ୍ୟାନ କରିବା ପାଇଁ ସେଠାକାର ବିଭିନ୍ନ କୃଷି ସମବାୟ ସମିତି ବୁଲିଥିଲେ। ଏହି ଚାଷୀ ଏବଂ ସମବାୟ ସମିତିର ଅଧିକାରୀମାନଙ୍କୁ ଭେଟି ଚାଷୀ ପଞ୍ଜୀକରଣ ବ୍ୟବସ୍ଥା ଉପରେ ପଚାରି ବୁଝିଥିଲେ। ତେବେ ପଚରାଉଚରା ସମୟରେ ରୋଚକ ତଥ୍ୟ ଆସିଛି ବୋଲି ଉକ୍ତ ଚାଷୀ ସଙ୍ଗଠନର ପ୍ରତିନିଧିମାନେ କହିଛନ୍ତି। ସେମାନେ ସୂଚନା ଦେଇ କହିଛନ୍ତି, ଓଡ଼ିଶାରେ ଚାଷୀମାନଙ୍କୁ ପଞ୍ଜୀକରଣ ପାଇଁ ସର୍ବାଧିକ ଗୋଟିଏ ମାସ ସମୟ ଦିଆଯାଉଛି। କିନ୍ତୁ ଛତିଶଗଡ଼ରେ ସେଥିପାଇଁ ଚାଷୀମାନଙ୍କୁ ଦୀର୍ଘ ୪ମାସ ସମୟ ଦିଆଯାଇଛି। ଏପରିକି ପଞ୍ଜୀକରଣ କରିବା ପାଇଁ ଛତିଶଗଡ଼ ସରକାର ଏକ ଚିଠି ଜାରି କରି ସେ ନେଇ ସେଠାକାର ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଛତିଶଗଡ଼ରେ ଚାଷୀ ପଞ୍ଜୀକରଣ ଜୁଲାଇ ମାସ ୧ତାରିଖରୁ ଅକ୍ଟୋବର ମାସ ୩୧ତାରିଖ ପର୍ଯ୍ୟନ୍ତ ଚାଲିବ ବା ଉଲ୍ଲେଖ ରହିଛି। କିନ୍ତୁ ଓଡ଼ିଶାରେ ଧାନବିକ୍ରିର ବିକେନ୍ଦ୍ରୀକରଣ, କଟନୀଛଟନୀ ଏବଂ ଦଲାଲରାଜ ଚାଲିଥିବା ବେଳେ ପଞ୍ଜୀକରଣ ବ୍ୟବସ୍ଥା ମଧ୍ୟ ଅତି ଜଟିଳ ହୋଇଛି ବୋଲି ଚାଷୀ ସଂଗଠନ ଜୟ କିସାନ ଆନ୍ଦୋଳନ ଅଭିଯୋଗ କରିଛି । ଉଭୟ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲିଥିବା ବେଳେ ଓଡ଼ିଶାର ଚାଷୀମାନଙ୍କୁ କାହିଁକି ଏପରି ହଇରାଣ କରାଯାଉଛି ବୋଲି ଜୟ କିଷାନ ଆନ୍ଦୋଳନ ତରଫରୁ ପ୍ରଶ୍ନ କରାଯାଇଛି। ଯଦି ଏ ବିଷୟରେ ସରକାର କିମ୍ବା ବିଧାୟକମାନେ ଅବଗତ ନୁହନ୍ତି, ତାହେଲେ ସେମାନେ ଛତିଶଗଡ଼ ଯାଇ କିଛି ଶିକ୍ଷାଲାଭ କରନ୍ତୁ ବୋଲି ଉକ୍ତ ଚାଷୀ ସଂଗଠନ ଆହ୍ୱାନ କରିଛି। ଜୟ କିଷାନ ଆନ୍ଦୋଳନର ଜିଲା ସଭାପତି ସୁଶୀଲ କୁମାର ସାହୁ ଏବଂ ସାଧାରଣ ସମ୍ପାଦକ ହର ବଣିଆଁଙ୍କ ନେତୃତ୍ୱରେ ଏହି ଚାଷୀ ପ୍ରତିନିଧି ଦଳ ଛତିଶଗଡ଼ର ଚିବରାକୁଟା ଏବଂ ସାଗରପାଲି (ରୁଢା) ପ୍ରାଥମିକ କୃଷି ସମବାୟ ସମିତି ଯାଇ ଚାଷୀମାନଙ୍କୁ ଏବଂ ଅଧିକାରୀମାନଙ୍କୁ ଭେଟି ସେଠିକାର ବ୍ୟବସ୍ଥା ବିଷୟରେ ପଚାରିବା ବୁଝିଥିଲେ। ଧାନ ବିକ୍ରି ପାଇଁ ଓଡ଼ିଶା ସରକାରଙ୍କ ନୂତନ ପଞ୍ଜୀକରଣ ନିର୍ଦ୍ଦେଶାବଳୀ ବ୍ୟବସ୍ଥାରେ ଚାଷୀ ହନ୍ତସନ୍ତ ହୋଇ ଆନ୍ଦୋଳନମୁହାଁ ହେଲାପରେ ସ୍ୱଘୋଷଣାନାମାରେ ପଞ୍ଜୀକରଣ ହେଲା । ଏଥିସହିତ ସରକାର ସମୟସୀମାକୁ ମାତ୍ର ୫ଦିନ ବୃଦ୍ଧି କଲେ। ସରଳ ପଞ୍ଜୀକରଣ ଏବଂ ସମୟସୀମା ବୃଦ୍ଧି ପରେ ସମସ୍ତ ପ୍ରାଥମିକ କୃଷି ସମବାୟ ସମିତିରେ ଚାଷୀମାନଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ସର୍ଭର ସମସ୍ୟା କାରଣରୁ ଚାଷୀମାନଙ୍କୁ ଅନେକ ଦିନ ସୋସାଇଟିକୁ ଦୌଡ଼ିବାକୁ ପଡ଼ିଥିଲା। କିନ୍ତୁ ଛତିଶଗଡ଼ରେ ସମ୍ପୂର୍ଣ୍ଣ ଓଲଟା ବୋଲି ଏହି ଚାଷୀ ପ୍ରତିନିଧିମାନେ କହିଛନ୍ତି। ସେଠାକାର ସରକାର ଜିଲାପାଳମାନଙ୍କୁ ଚିଠି କରି ୪ମାସ ପଞ୍ଜିକରଣ ଅବଧି ରଖିଛନ୍ତି। ଚାଷୀମାନେ ମନଇଚ୍ଛା କାମଧନ୍ଦା କରି ଖାଲି ସମୟରେ ପଞ୍ଜୀକରଣ କରାଉଛନ୍ତି। ସେଠାରେ ଚାଷୀମାନେ କେବଳ ଆଧାର କାର୍ଡ ଏବଂ ନୋମିନି ଭାବରେ ଆଉ ଜଣକର ଆଧାର କାର୍ଡ ଦେଇଦେଲେ ପଞ୍ଜୀକରଣ ହୋଇଯାଉଛି। ଯଦି ସମ୍ପୃକ୍ତ ଚାଷୀ କୌଣସି କାରଣରୁ ଧାନ ବିକ୍ରି ପାଇଁ ଆସିପାରିବେ ନାହିଁ, ସେଭଳି ସ୍ଥିତିରେ ସେ ଦେଇଥିବା ନୋମିନି ଧାନ ବିକ୍ରି କରିପାରିବେ। ସେଠାକାର ଚାଷୀମାନଙ୍କୁ ଏତେ ସୁବିଧା ଦିଆଯାଉ ଥିବାବେଳେ ଓଡ଼ିଶାରେ ଏତେ କଟକଣା କାହିଁକି ବୋଲି ସଙ୍ଗଠନ ତରଫରୁ ପ୍ରଶ୍ନ କରାଯାଇଛି। ଯଦି ଏହି ସବୁ ବିଷୟରେ ଆମ ସରକାର ଅନଭିଜ୍ଞ, ତାହେଲେ ସେଠାକୁ ଯାଇ କିଛି ଶିକ୍ଷାଲାଭ କରନ୍ତୁ ବୋଲି ସଙ୍ଗଠନ ତରଫରୁ ଆହ୍ୱାନ ଦିଆଯାଇଛି। ଆଗାମୀ ଦିନରେ ପଞ୍ଜୀକରଣ ଓ ଧାନ ବିକ୍ରି ବ୍ୟବସ୍ଥା ଛତିଶଗଡ଼ ଭଳି କରନ୍ତୁ, ଅନ୍ୟଥା ଆନ୍ଦୋଳନ ତୀବ୍ରତର ହେବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ପ୍ରତିନିଧି ମଣ୍ଡଳୀରେ ଅନ୍ୟମାନଙ୍କ ମଧ୍ୟରେ ଉମେଶ ସାହୁ ଏବଂ ଶୋଭାକର ସାହୁ ପ୍ରମୁଖ ରହିଥିଲେ।

# ଡି.ଭି.ଆର୍ ଏଣ୍ଡ ଜି.ଆର୍.ସି.ଆର୍ ମେମୋରିୟାଲ ଟ୍ରଷ୍ଟର ପ୍ରତିଷ୍ଠା ମହୋତ୍ସବ


କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଉଛି।

ବରଗଡ଼,୨୫ା୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁସନ୍ସ ପ୍ରାଙ୍ଗଣରେ ସୋମବାର ଦାସରୀ ଭୀର ରାଜୁ ଏବଂ ଗୁନ୍ନମ ରାମଚନ୍ଦ୍ର ରାଓ (ଡି.ଭି.ଆର୍ ଏଣ୍ଡ ଜି.ଆର୍.ସି.ଆର୍) ମେମୋରିୟାଲ ଟ୍ରଷ୍ଟର ୧୯ତମ ପ୍ରତିଷ୍ଠା ମହୋତ୍ସବ ସମ୍ପନ୍ନ ହୋଇଯାଇଛି । ଗ୍ରାଜୁଏଶନ ଡେ ଭାବରେ ପାଳିତ ଏହି ଉତ୍ସବରେ ପ୍ରତିବର୍ଷ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପାରମ୍ପରିକ ଗ୍ରାଜୁଏଶନ ପରିଧାନରେ ମାନପତ୍ର ପ୍ରଦାନ କରିବା ସହିତ ଏହି ଉତ୍ସବଟିକୁ ମାତାପିତାଙ୍କୁ ଉତ୍ସର୍ଗୀକୃତ କରାଯାଇଥାଏ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଲକ୍ଷ୍ମୀ ବିକାଶ ଗ୍ରୁପ ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ, ବିଦ୍ୟା ବିକାଶ ଗ୍ରୁପର ଚେୟାରମ୍ୟାନ କମ ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ଏବଂ ପରିବାର ସଦସ୍ୟ ସ୍ୱର୍ଗୀୟ ଦାସରୀ ଭୀର ରାଜୁ ଏବଂ ସ୍ୱର୍ଗୀୟ ଗୁନ୍ନମ ରାମଚନ୍ଦ୍ର ରାଓଙ୍କ ଚିତ୍ରପଟରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଚେୟାରମ୍ୟାନ ରାଓଙ୍କ ମା' ଦସାରୀ ଲକ୍ଷ୍ମୀଙ୍କ କରକମଳରେ ସଦ୍ୟ ନିର୍ମିତ ନର୍ସିଂ କଲେଜର ଏକାଡେମିକ ବ୍ଲକ (ପାର୍ବତୀ ଗିରି ଏକାଡେମିକ ବ୍ଲକ)ର ଶୁଭ ଉଦ୍‌ଘାଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କୋ-ଫାଉଣ୍ଡର ସେଣ୍ଟର ଫର ୟୁଥ ଆଣ୍ଡ ସୋସିଆଲ ଡେଭଲପମେଣ୍ଟ,(ଭୁବନେଶ୍ୱର) ତଥା ଫର୍ମର ଓଡିଶା ଷ୍ଟେଟ ଇନଫର୍ମେଶନ କମିସନର ଜଗଦାନନ୍ଦ ମୁଖ୍ୟ ଅତିଥିରୂପେ ଯୋଗଦେଇ ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ କୃତିତ୍ୱ ପାଇଁ ପାରମ୍ପରିକ ରୀତିରେ ସମ୍ବର୍ଦ୍ଧିତ କରିଥିଲେ। ୨୦୨୪-୨୫ ଶିକ୍ଷା ବର୍ଷରେ ଉତ୍ତୀର୍ଣ୍ଣ ହୋଇଥିବା ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁସନ୍ସ ଅନ୍ତର୍ଗତ ବିକାଶ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି, ବିକାଶ ସ୍କୁଲ ଅଫ ବିଜନେସ ମେନେଜମେଣ୍ଟ, ବିକାଶ ଡିଗ୍ରୀ କଲେଜ, ଲ ସ୍କୁଲ ଏବଂ ନର୍ସିଂ କଲେଜର ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ୟୁନିଭର୍ସିଟି ର୍‍ୟାଙ୍କ ପାଇଥିବା ୪୬ ଜଣ ଛାତ୍ରୀଛାତ୍ର, ବିକାଶ ହାଇୟର୍ ଏଜୁକେଶନାଲ ଇନଷ୍ଟିଚ୍ୟୁସନ୍ସ ଅନ୍ତର୍ଗତ ବିଭିନ୍ନ ମହାବିଦ୍ୟାଳୟର ୟୁନିଭର୍ସିଟି ସ୍ୱର୍ଣ୍ଣପଦକ ହାସଲ କରିଥିବା ୫ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦାସରୀ ଭୀର ରାଜୁ ଏବଂ ଗୁନ୍ନମ ରାମ ଚନ୍ଦ୍ର ରାଓ ମେମୋରିଆଲ ଟ୍ରଷ୍ଟ ତରଫରୁ ବିଶିଷ୍ଟ ବାନ୍ଧଶିଳ୍ପୀ ପଦ୍ମଶ୍ରୀ ଡଃ. ଚତୁର୍ଭୁଜ ମେହେରଙ୍କୁ ମାନପତ୍ର ପ୍ରଦାନ ସହିତ 'ଡି.ଭି.ଆର୍ ସ୍ମୃତି ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇ ଥିବାବେଳେ ସାମାଜିକ ସୁଧାର ପାଇଁ ନିଃସ୍ୱାର୍ଥପର ସେବା କରୁଥିବା ସଂସ୍ଥା ଉମିଦେଁ ଓ ବରଗଡ଼ ଫାଇଟର୍ ଗ୍ରୁପର ସଦସ୍ୟଙ୍କୁ ମାନପତ୍ର ପ୍ରଦାନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁସନ୍ସ ତରଫରୁ ଏକ ମଲ୍ଟି ଡିସିପ୍ଲିନାରୀ ଜର୍ନାଲର ପ୍ରଥମ ସଂସ୍କରଣ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା। ବିଦ୍ୟାବିକାଶ ଗ୍ରୁପର ଚେୟାରମେନ ଓ ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ତାଙ୍କ ଉଦ୍‌ବୋଧନରେ ବିକାଶ ଉଚ୍ଚଶିକ୍ଷାନୁଷ୍ଠାନ ଅନ୍ତର୍ଗତ ସମସ୍ତ ଅନୁଷ୍ଠାନର ସଫଳ ଗ୍ରାଜୁଏଟ ମାନଙ୍କୁ ଅଭିନନ୍ଦନ କରିବା ସହିତ ସମସ୍ତ ଅଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକଙ୍କୁ ସାଧୁବାଦ ଜଣାଇଥିଲେ। ଚେୟାରମେନ ରାଓ ତାଙ୍କ ଅଭିଭାଷଣରେ ତାଙ୍କ ଜୀବନରେ ପିତାଙ୍କ ଗୁରୁତ୍ୱ ଏବଂ ସ୍ମୃତିଚାରଣ କରିବା ସହିତ ସଫଳ ଗ୍ରାଜୁଏଟ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଉକ୍ତ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ବିକାଶ ଡାଇରେକ୍ଟର ଜି. ରାମକ୍ରିଷ୍ଣା, ବିକାଶ ଭବାନୀପାଟଣାର ଡାଇରେକ୍ଟର ଡି. ଶ୍ୟାମ, ଡି. ରାମକୁମାର, ଗୀତିକା ଚୌଧୁରୀଙ୍କ ସମେତ ସମସ୍ତ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ବରିଷ୍ଠ ଉପଦେଷ୍ଟା ପି.କେ. ଦାଶ, ଅଧ୍ୟକ୍ଷ ଡଃ. ବିକ୍ରମ ଦାସ, ପ୍ରଫେସର ସତ୍ୟବ୍ରତ ମିଶ୍ର, ଡଃ. ପୁର୍ଣ୍ଣେନ୍ଦୁ ମିଶ୍ର, ଡଃ. ଦିଲୀପ ଖମାରୀ, ଅଧ୍ୟକ୍ଷା ଦିପାଞ୍ଜଳି ପଟେଲ, ଡଃ. ଶୁଭେନ୍ଦୁ ଶେଖର ମିଶ୍ର ତଥା ଡିନ ଆର୍.ଏସ୍.ଭୀ କ୍ରିଷ୍ଣା, ଉପାଧ୍ୟକ୍ଷ ଦୀପକ କୁମାର ନାୟକ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମର ପ୍ରଥମାର୍ଦ୍ଧରେ ଚିଫ ଏଡମିନିସଟ୍ରେଟିଭ ଅଫିସର ଇଂ ଅଜୟ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧ୍ୟକ୍ଷ ଡଃ. କ୍ଷୀରୋଦ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଜି. ରାମକ୍ରିଷ୍ଣା ଧନ୍ୟବାଦ ଅର୍ପଣ କରିଥିଲେ।

# ହୃଦ୍‌ଘାତରେ ସିଆର୍‌ପିଏଫ୍ ଯବାନଙ୍କ ମୃତ୍ୟୁ



ଝାରବନ୍ଧ,୨୫ା୮(ଦେବେନ୍ଦ୍ର ସାହୁ)

କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ, ମଣିପୁରରେ କାର୍ଯ୍ୟରତ ଝାରବନ୍ଧ ବ୍ଲକ ମହଗାଁ ଗ୍ରାମର ମିଳନ ସେଟଙ୍କ ରବିବାର ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା। ସୋମବାର ତାଙ୍କ ପାର୍ଥିବ ଶରୀର ଗାଁକୁ ପହଞ୍ଚିଲା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସିଆରପିଏଫ ଯବାନଙ୍କ ଶେଷକୃତ୍ୟ ପାଇଁ ବିଭାଗ ତରଫରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।୨୧ ତୋପ ସଲାମ ପରେ ସିଆର୍‌ପିଏଫ୍ କମାଣ୍ଡାଣ୍ଟ, ସିଆର୍‌ପିଏଫ୍ ଅଫିସର, ବିଡିଓ ପର୍ଶୁରାମ ପଣ୍ଡା, ଡା. ନରେନ୍ଦ୍ର ପ୍ରଧାନ, ଜବାହରଲାଲ ସିଂ ବରିହା, ନନ୍ଦଲାଲ ମହାପାତ୍ର, ଭୁବନେଶ୍ୱର ପ୍ରଧାନ, ନନ୍ଦଲାଲ ନାୟକ, ଯୁଧିଷ୍ଠିର ସେଟ, ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକବୃନ୍ଦ ଓ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପୁଅ କମଲେଶ ମୁଖାଗ୍ନି ଦେଇଥିଲେ। ୨୪।୧୧।୨୦୧୪ରେ ସିଆରପିଏଫ ଯବାନ ଭାବରେ ମିଳନ ନିଯୁକ୍ତି ପାଇଥିଲେ। ବର୍ତ୍ତମାନ ତାଙ୍କ ସ୍ତ୍ରୀ କଳ୍ପନା ସେଟ ଚଣ୍ଡିଭଟା ଗ୍ରାମପଞ୍ଚାୟତର ସରପଞ୍ଚ ଭାବରେ କାର୍ଯ୍ୟରତ ଅଛନ୍ତି। ତାଙ୍କର ଗୋଟିଏ ପୁଅ କମଲେଶ (୧୦), ଝିଅ ପରୀ (୫) ଅଛନ୍ତି।


ଝିଟିକି ଗ୍ରାମରୁ ଚାଷୀ ଓ ଗ୍ରାମବାସୀ ଆଣିଥିବା ସାଲିଆନା ଭାର।

# ଆନ୍ତଃରାଜ୍ୟ ୮ ବାଇକ୍ ଚୋର ଗିରଫ


ଗିରଫ ଅଭିଯୁକ୍ତ ଓ ଉଦ୍ଧାର ବାଇକ୍।

ଝାରବନ୍ଧ,୨୫ା୮(ଦେବେନ୍ଦ୍ର ସାହୁ)

## ୩୧ ବାଇକ ଉଦ୍ଧାର

ଆନ୍ତଃରାଜ୍ୟ ବାଇକ୍ ଚୋରି କରୁଥିବା ଏକ ଗ୍ୟାଙ୍ଗକୁ ଝାରବନ୍ଧ ପୋଲିସ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଛତିଶଗଡ଼ ରାଜ୍ୟ ବରମକେଲାର ମନୀଷ ଶ୍ରୀବାସ, ଲୁକେଶ୍ୱର ପଟେଲ, ସରେଇପାଲିର ମହେନ୍ଦ୍ର ବୈଷ୍ଣବ, ଅମ୍ବାଭୋନା ଥାନା ଚିଚୋଲିର ଜଗଦୀଶ ଡୁଙ୍ଗୁରି, ରବୀନ୍ଦ୍ର ସୁନା, ସାନଦର୍ଲପାଲିର ମନୋହର ବେହେରା, ପାଇକମାଲ ଥାନା ଝିଟିକି ଗାଁର ପ୍ରଦୀପ ଭୋଇ, ମାୟାରାମ ସୋନ। ଅଭିଯୁକ୍ତମାନଙ୍କଠାରୁ ୩୧ ଚୋରା ବାଇକ୍ ଉଦ୍ଧାର କରାଯାଇଛି। ଗତ ୧୨ ଏବଂ ୧୩ ତାରିଖରେ ଝାରବନ୍ଧ ଥାନା ଅଧୀନସ୍ଥ କପାଟି ଗ୍ରାମରେ ଝୁଲଣ ଯାତ୍ରା ହୋଇଥିଲା। ଉକ୍ତ ଯାତ୍ରା ସମୟରେ କପାଟି ଗ୍ରାମର ପୂର୍ଣ୍ଣଚନ୍ଦ୍ର ପଟେଲଙ୍କ ନିଜ ବାଇକ (ଓଡି ୧୭ କ୍ୟୁ ୧୭୭୫)କୁ କେହି ଚୋରି କରି ନେଇଥିବା ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ କେ. ସମାରିଆ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ଏକ ଟିମ ଗଠନ କରି ତଦନ୍ତ ଚଳାଇଥିଲେ। ଏହି ସମୟରେ ପାଇକମାଲ ଥାନା ଝିଟିକି ଗ୍ରାମର ପ୍ରଦୀପ ଭୋଇଙ୍କଠାରୁ ଚୋରି ବାଇକ୍ ମିଳିଥିଲା। ପରେ ଛତିଶଗଡ଼ ରାଜ୍ୟ ବରମକେଲା ଗ୍ରାମର ଲୁକେଶ୍ୱର ପଟେଲକୁ ଧରି ତଦନ୍ତ କରିବାରୁ ଅନ୍ୟମାନେ ଧରାପଡ଼ିଥିଲେ।

# ନୂଆଁଖାଇ ପାଇଁ ନୃସିଂହନାଥକୁ ଆସିଲା ସାଲିଆନା ଭାର

ପାଇକମାଲ, ୨୫ା୮(ବଡ଼ ଶତପଥୀ)

ବରଗଡ ଜିଲା ପାଇକମାଲ ବ୍ଲକ ଝିଟିକି ଗ୍ରାମରୁ ପ୍ରତି ବର୍ଷ ପରି ଚଳିତବର୍ଷ ମଧ୍ୟ ନୂଆଁଖାଇ ପାଇଁ ନୃସିଂହନାଥ ମନ୍ଦିରକୁ ସାଲିଆନା ଭାର ଆସିଛି । ଝିଟିକି ଗ୍ରାମର ଚାଷୀମାନଙ୍କ ସହ ଗ୍ରାମବାସୀ ପ୍ରାୟ ୩୦୦ ପରିବାର ଗାଁରେ ଘର ଘର ବୁଲି ସଂଗ୍ରହ କରିଥିଲେ ନୂଆଁଖାଇ ସାମଗ୍ରୀ। ସୋମବାର ପ୍ରାୟ ୩୫ ଜଣ ଗ୍ରାମବାସୀ ଚାଉଳ ୨ କୁଇଣ୍ଟାଲ ୪୭ କେଜି, ମୁଗ ସାଢେ ୬କେଜି, ଘିଅ ୧ କେଜି, ଗୁଡ ୨ କେଜି, ଲୁଣ ୫କେଜି, ମାଖନ ୧୦ ଗୋଟି, ନଡ଼ିଆ ୫ଗୋଟି ଓ ଅନ୍ୟ ପନିପରିବା ସହ ଅଙ୍ଗୁର କଦଳୀ ଭାରରେ ଆଣି ନୃସିଂହନାଥ ମନ୍ଦିରର ଭଣ୍ଡାର ମହୁରୀ ସତ୍ୟ ପୁରୋହିତ ତଥା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନଙ୍କ ପାଖରେ ଜମା ଦେଇଛନ୍ତି। ଗ୍ରାମର ମୁଖିଆମାନଙ୍କ ସହ ୩୫ ଜଣ ଗ୍ରାମବାସୀ ସାଲିଆନା ଭାର ସହ ଆସିଥିଲେ। ସେମାନେ ସମସ୍ତେ ନୃସିଂହ ମହାପ୍ରଭୁଙ୍କୁ ଦର୍ଶନ କରି ଅନ୍ନ ପ୍ରସାଦ ଖାଇ ଖୁସିରେ ଘରକୁ ଫେରିଥିଲେ। ଏନେଇ ଗ୍ରାମବାସୀମାନଙ୍କୁ ପଚାରିବାରୁ ଆମେ ଆଣୁଥିବା ଜିନିଷ ନୂଆଁଖାଇ ଦିନ ଠାକୁରଙ୍କଠାରେ ଭୋଗ ଲଗାଯାଇ ଭକ୍ତମାନଙ୍କୁ ଅନ୍ନପ୍ରସାଦ ବଣ୍ଟା ଯାଉଥିବାରୁ ପ୍ରତିବର୍ଷ ଆମେ ସାଲିଆନା ଭାର ମନ୍ଦିରକୁ ଆଣିଥାଉ ବୋଲି ସେମାନେ କହିଥିଲେ। ପ୍ରକାଶଥାଉକିଆସନ୍ତା ଗୁରୁବାର ୨୮ତାରିଖ ୧୧ଟା ୫୧ ମିନିଟରୁ ୧୨ଟା ୨୧ ମିନିଟ ମଧ୍ୟରେ ନୃସିଂହନାଥ ମହାପ୍ରଭୁଙ୍କଠାରେ ନବାନ୍ନ ଭୋଗ ଲଗାଯିବ।

# ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର

ସୋହେଲା,୨୫ା୮(ଅଶ୍ୱିନୀ କୁମାର ପାତ୍ର)

ସୋହେଲା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମୀନାଙ୍କ ଉପସ୍ଥିତିରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଗୋୟଲ ଏବଂ ଆରକ୍ଷୀ ଅଧୀକ୍ଷଙ୍କ ସମେତ, ପଦ୍ମପୁର ଉପଜିଲାପାଳ ସ୍ନେହା ଅରୁଗୁଲା, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପାଣ୍ଡବ ଶବର, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. କୁବେର ମହନ୍ତ, ଗୋଷ୍ଠୀ ଉନ୍ନୟନ ଅଧିକାରୀ କରିଶ୍ମା ଭେସ୍ରାଙ୍କ, ତହସିଲଦାର ଶୁଭରଞ୍ଜନ ନାୟକଙ୍କ ସମେତ ବ୍ଲକ ଅଧ୍ୟକ୍ଷା ବବି ପ୍ରଧାନ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ସୂଚନାଯୋଗ୍ୟ, ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାଶନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ସମୁଦାୟ ୫୮ ଅଭିଯୋଗ ମଧ୍ୟରୁ ୨୬ ଗୋଟି ବ୍ୟକ୍ତିଗତ, ୩୨ ଗୋଟି ସାମୂହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ମହାବିଦ୍ୟାଳୟରେ ଷ୍ଟାର୍ଟ-ଅପ୍, ଇନୋଭେଶନ ଉଦ୍‌ଯାପିତ

ପାଇକମାଲ,୨୫ା୮(ବଡ଼ ଶତପଥୀ)

ପାଇକମାଲ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଲୋହିତ କୁମାର ବାରିକଙ୍କ ସଭାପତିତ୍ୱରେ ଷ୍ଟାର୍ଟ-ଅପ୍, ଇନୋଭେଶନ ଉଦ୍‌ଯାପନୀ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ଷ୍ଟାଟ-ଅପ, ଇନୋଭେଶନକୁ ନେଇ ସନ୍ଦର୍ଭ ପ୍ରସ୍ତୁତ କରି ବିଜୟୀ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ଏହି ସଭାରେ ପୁରସ୍କୃତ କରାଯାଇଥିଲା। ନିତ୍ୟାନନ୍ଦ ଜେନା ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ । ସଭାଧ୍ୟକ୍ଷ ବାରିକ ଛାତ୍ରମାନଙ୍କ ସୃଜନାତ୍ମକ ଶକ୍ତିର ବିକାଶ ହିଁ ଦେଶର ପ୍ରଗତି ବୋଲି କହିଥିଲେ। ଅଧ୍ୟାପକ ପ୍ରଦୀପ୍ତ କୁମାର ସାହୁ ଷ୍ଟାଟ-ଅପ, ଇନୋଭେଶନର ଉଦ୍ଦେଶ୍ୟ ସହ ଛାତ୍ରୀଛାତ୍ର ଅଧିକ ମାତ୍ରାରେ ଏଥିରେ ସଂଶ୍ଳିଷ୍ଟ ହୋଇ ନିଜ ଜୀବନରେ ପ୍ରୟୋଗ କରି ସଫଳ ହେବା ପାଇଁ ପ୍ରେରଣା ଦେଇଥିଲେ। ପ୍ରାଧ୍ୟାପକ ପ୍ରଭାତ କୁମାର ବିଶ୍ୱାଳ, ପ୍ରଦୀପ କୁମାର ଦ୍ୱୋନ,ମୀନା କୁମାରୀ ସାହୁ ମଞ୍ଚାସୀନଥିଲେ। ବିଜୟୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ସହ ପ୍ରୋତ୍ସାହନ ରାଶି ପ୍ରଦାନପୂର୍ବକ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ଝରଣା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱଭାବ କବି ଗଙ୍ଗାଧରଙ୍କ ଜୟନ୍ତୀ ପାଳିତ

ଭଟଲି,୧୫ା୮(ବିଜୟ ମେହେର)


ମାନପତ୍ର ପ୍ରଦାନ କରାଯାଉଛି।

ବରଗଡ଼ ଜିଲା ଲେଖିକା ପରିଷଦ ଆନୁକୂଲ୍ୟାରେ ଭଟଲି ବ୍ଲକ ଅନ୍ତର୍ଗତ ଗୋପାଳପୁର ଆଶ୍ରମ ବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ପରିଷଦର ଉପ ସଭାନେତ୍ରୀ ଅନୁସୂୟା ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସାହିତ୍ୟ ସମାରୋହରେ ମୁଖ୍ୟଅତିଥି ଭାବେ ସତିହାରୀ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଚନ୍ଦ୍ରମା ଡନସନା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ନରେନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବରେ ଭଟଲି ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ଗଜେନ୍ଦ୍ର ଦାଶ ଏବଂ ପରିବେଶବିତ୍ ସଞ୍ଜୟ ଖମାରୀ ଯୋଗ ଦେଇଥିଲେ। ପରିଷଦର ସଭ୍ୟା କବୟିତ୍ରୀ ସୁଷ୍ମା ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଲେଖିକା ପରିଷଦର ସମ୍ପାଦିକା କବୟିତ୍ରୀ ତପସ୍ୱିନୀ ମହାପାତ୍ର କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଙ୍ଗୀତ ପ୍ରତିଯୋଗିତାରେ ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଉଚ୍ଛବ ଭୁଏ ଓ ପ୍ରଧାନ ଶିକ୍ଷକ ରାମ ହନୁମନ୍ତ ରେଡ୍ଡୀ ତଥା ସତିହାରୀ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଚନ୍ଦ୍ରମା ଡନସନାଙ୍କୁ ପ୍ରତିଭା ସମ୍ମାନ ସହ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସ୍ଥାନୀୟ ଆଶ୍ରମ ସ୍କୁଲର ଶିକ୍ଷୟିତ୍ରୀ ଦୀପ୍ତି ତ୍ରିପାଠୀ, ମମତା ସାହୁ, ଶିକ୍ଷକ ଅଷ୍ଟମନ୍ୟୁ ବାରିକ, ଦିଲ୍ଲୀପ ପଧାନଙ୍କ ସମେତ ମହିଳା ସ୍ୱଚ୍ଛାସେବୀ ମାନସୀ ଷଣ୍ଢେ, ସାବିତ୍ରୀ ଭୁଏ, ସବିତା ବାଗ, ସାବିତ୍ରୀ ବାଡା, ପଞ୍ଚମୀ ନାଏକ, ତୁଳସୀ ସା ସକ୍ରିୟ ସହଯୋଗ କରିଥିଲେ।

# ସୁଇଚ୍ ସେତୁର ଭିତ୍ତିପ୍ରସ୍ତର ସ୍ଥାପନ

ଭଟଲି,୧୫ା୮(ବିଜୟ ମେହେର): ଅମ୍ବାଭୋନା ବ୍ଲକ ଲଖନପୁର ଡୁଙ୍ଗରିରାସ୍ତାରେ ଥିବା ସମରଧରା ନାଳା ଉପରେ ୬୧୧.୩୪ ଲକ୍ଷ ଅଟକଳ ମୂଲ୍ୟର ସୁଇଚ ସେତୁର ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟଙ୍କ କରକମଳରେ ସୋମବାର ଏହି ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଏହି କାର୍ଯ୍ୟକ୍ରମର ଗୁନାରୁ ପଧାନ, ତାରଚନ୍ଦ ପଟେଲ, ଫିରୋଜ ସାହୁ, ଅକ୍ଷୟ ନାୟକ, ଅଚ୍ୟୁତ ବୁଦ୍ଧିଆ, ଗୋଲଡି ପଧାନ, ମନୋଜ ସେଠ, କାର୍ତ୍ତିକ ଦେହେରିଙ୍କ ସହ ଅନ୍ୟ ପ୍ରମୁଖ କାର୍ଯ୍ୟକର୍ତ୍ତା ମଞ୍ଚାସୀନ ଥିଲେ । ସର୍ବଶେଷରେ ସଂଜିତ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।


ಕೆನರಾ ಬ್ಯಾಂಕ್ Canara Bank
ସିଣ୍ଡିକେଟ Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତାଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ଋଣଗ୍ରହୀତା / ବନ୍ଧକଦାତାଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
| --- | --- | --- | --- |
| **ଜଗତସିଂହପୁର ଶାଖା** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସୁଶୀଲ୍ କୁମାର ଦାଶ,** ପିତା: ରବିନ୍ଦ୍ର କୁମାର ଦାଶ, ଠିକଣା: ସା-ଜହନପୁର, ପୋ.: ମଣ୍ଡାସାହି, ଗ୍ରାମ- ଜହନପୁର, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା-୭୫୪୧୧୪। | (କ)ଟ.୧୪,୮୬,୦୦୦/- / (ଖ) ୨୪.୦୮.୨୦୨୫ / (ଗ) ୨୫.୦୮.୨୦୨୫ | ୨୫.୦୮.୨୦୨୫ ସୁଦ୍ଧା ଟ.୧୪,୪୮,୮୪୨.୨୦ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀ ସୁଶୀଲ୍ କୁମାର ଦାଶ** ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୧୭୩୨, ଖାତା ନଂ.୬୯, ମୌଜା: ଛତ୍ର, ଗ୍ରାମ: ଜହନପୁର, ଏରିଆ: ୦.୦୪ ଡିସିମିଲି, କିସମ: ଘରବାରୀ, ଉପ ଜିଲ୍ଲା: ଜଗତସିଂହପୁର ଏବଂ ଜିଲ୍ଲା: ଜଗତସିଂହପୁର ରେ ରେଜିଷ୍ଟ୍ରିଭୁକ୍ତ, ଚାରିପାର୍ଶ୍ୱରେ: ଉତ୍ତର- ସରକାରୀ ରାସ୍ତା, ଦକ୍ଷିଣ- ନିତ୍ୟାନନ୍ଦ ମହାନ୍ତି, ପୂର୍ବ- ରାଧା ଚରଣ ମହାନ୍ତି, ପଶ୍ଚିମ- ଗୋପିନାଥ ମହାନ୍ତି । |

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ । ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିନ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି । (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

ତାରିଖ: ୨୫.୦୮.୨୦୨୫, ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

# ୨୯ରେ ରାଉରକେଲା ପଥ ଉତ୍ସବ

ରାଉରକେଲା,୨୫।୮ (ଦିନେଶ ମିଶ୍ର)

ଦୀର୍ଘ ୨ବର୍ଷ ପରେ ରାଉରକେଲା ସହରରେ ପୁଣି ଆରମ୍ଭ ହେବାକୁ ଯାଇଛି ପଥ ଉତ୍ସବ। ସ୍ୱାୟତ୍ତ ଶାସନ ଦିବସ ଅବସରରେ ରାଉରକେଲା ମ୍ୟୁନିସିପାଲ କର୍ପୋରେଶନ (ଆର୍‌ଏମ୍‌ସି) ପକ୍ଷରୁ ହନୁମାନ ବାଟିକା ଛକରେ ଆସନ୍ତା ୨୯ ତାରିଖ ସକାଳ ୬ଟାରୁ ଏହି ପଥ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ରାଉରକେଲା ସହରର ସମସ୍ତ ବର୍ଗର ଲୋକଙ୍କ ପାଇଁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ଶିଶୁଙ୍କଠାରୁ ଆରମ୍ଭ କରି ଯୁବ ବର୍ଗ, ବରିଷ୍ଠ ନାଗରିକ, ମହିଳା ତଥା ଦିବ୍ୟାଙ୍ଗଙ୍କ ଲାଗି ଯୋଗ, ଜୁମ୍ବା, ଶାସ୍ତ୍ରୀୟ ନୃତ୍ୟ, ଆଧୁନିକ ନୃତ୍ୟ, ରଙ୍ଗୋଲି, ବାଲୁକା କଳା, ଡଗ୍ ଶୋ ଆଦି କରାଯିବ। ଏଥିସହ ସ୍ଥାନୀୟ ରାସ୍ତାପାର୍ଶ୍ୱ ବ୍ୟବସାୟୀ ତଥା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ଦ୍ୱାରା ଖାଦ୍ୟମେଳା ଆୟୋଜନ ହେବ। ପଥ ଉତ୍ସବରେ କଣ୍ଠଶିଳ୍ପୀ ଟି. ସୌରୀ, ସତ୍ୟଜିତ ପ୍ରଧାନ, ଲିପ୍ସା ମହାପାତ୍ର, ବର୍ଣ୍ଣାଳୀ ହୋତା, ଅଭିନେତା ଜେପି, ଉପସ୍ଥାପିକା ଅଭିନେତ୍ରୀ ଗୁଡି, ଅଙ୍କିତା ମହାନ୍ତି ପ୍ରମୁଖ ଦର୍ଶକଙ୍କ ମନୋରଞ୍ଜନ କରିବେ। ଏହି ପଥ ଉତ୍ସବରେ ସ୍ଥାନୀୟ କଳାକାରମାନେ ମଧ୍ୟ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିପାରିବେ ବୋଲି ଆର୍‌ଏମ୍‌ସି କମିଶନର ଦୀନା ଦସ୍ତଗୀର କହିଛନ୍ତି।

# ସାଇବର ଆକ୍ରମଣରୁ ମାଇକ୍ରୋ ଗ୍ରୀଡ୍ ରହିବ ସୁରକ୍ଷିତ



ଏନ୍‌ଆଇଟିର ଗବେଷକ ଦଳ।

## ହ୍ୱାଲେ ଇନସ୍ପାୟାର୍ଡ୍ ଆଲଗୋରିଦିମ୍‌ର ଆବିଷ୍କାର

- ସିଷ୍ଟମ୍ ସାଇବର ଅନୁପ୍ରବେଶକ ବିପଦକୁ ପରିଚାଳନା କରିବାରେ ସହାୟକ ହେବ
- ଅନିୟମିତ ସାଇବର ଆକ୍ରମଣ ଓ ମାଲୱେର ପ୍ରତିରୋଧ କରିବ

ରାଉରକେଲା,୨୫।୮ (ସଙ୍ଗୀତା ଜେନା)

ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି)ର ଗବେଷକମାନେ ମାଇକ୍ରୋଗ୍ରୀଡ୍, ସ୍ଥାନୀୟ ବିଦ୍ୟୁତ୍ ପ୍ରଣାଳୀର ସ୍ଥିରତା ପାଇଁ ସାଇବର ସ୍ଥିରତାକୁ ସୁଦୃଢ଼ କରିବା ପାଇଁ ଏକ ଆଲଗୋରିଦିମ୍ ବିକଶିତ କରିଛନ୍ତି। ଶିକ୍ଷାନୁଷ୍ଠାନର ବୈଦ୍ୟୁତିକ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ପ୍ରଫେସର ପ୍ରଭାତ ରାୟଙ୍କ ନେତୃତ୍ୱରେ ଏକ ଗବେଷଣା ଦଳ ହମ୍ପବ୍ୟାକ୍ ତିମିର (ହ୍ୱାଲେ) ଶୀକାର ରଣନୀତିରୁ ଅନୁପ୍ରାଣିତ ହୋଇ ଏକ ସଂଶୋଧିତ ଉନ୍ନତ ହ୍ୱାଲେ ଅପ୍ଟିମାଇଜେଶନ (ଏମ୍‌ଆଇଡବ୍ଲ୍ୟୁଓ) ଆଲଗୋରିଦିମ୍ ବିକଶିତ କରିଛନ୍ତି। ଏହି ତିମି ବବଲ୍ ନେଟ୍ ଫିଡିଂ ପ୍ରକ୍ରିୟା ଦ୍ୱାରା ଯେପରି ମାଛକୁ ଘୁରାଇ ବବଲ୍ ଛାଡିଥାଏ ଓ ଏକ ଜାଲ ତିଆରି କରି ଯେମିତି ଫାଶରେ ପକାଇଥାଏ, ସେପରି କାର୍ଯ୍ୟ କରିବ। ମାଇକ୍ରୋ ଗ୍ରୀଡ୍‌ଗୁଡ଼ିକ ସୌର ଓ ପବନ ପରି ନବୀକରଣଯୋଗ୍ୟ ଶକ୍ତିକୁ ସଂରକ୍ଷଣ ଏବଂ ପାରମ୍ପରିକ ଜେନେରେଟର ସହିତ ଏକୀକୃତ କରିଥାଏ। ଯାହା ବୈଶ୍ୱିକ ଶକ୍ତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମିଥ୍ୟା ତଥ୍ୟ ପ୍ରୟୋଗ ଓ ସମୟ ବିଳମ୍ବ ଆକ୍ରମଣ ଦ୍ୱାରା ସ୍ପଷ୍ଟ ସାଇବର ବିପଦର ସମ୍ମୁଖୀନ ହୋଇ ମାଇକ୍ରୋ ଗ୍ରୀଡ୍ ପ୍ରଭାବିତ ହୋଇଥାଏ। ଯେହେତୁ ମାଇକ୍ରୋ ଗ୍ରୀଡ୍‌ଗୁଡ଼ିକ ଡିଜିଟାଲ ଯୋଗାଯୋଗ ଉପରେ ନିର୍ଭରଶୀଳ ଅଟନ୍ତି। ଏହି ପ୍ରଭାବ ବା ଦୁର୍ବଳତାକୁ ସମାଧାନ କରିବା ପାଇଁ ଗବେଷକମାନେ ଏକ ସଂଶୋଧିତ ଉନ୍ନତ ହ୍ୱାଲେ ଅପ୍ଟିମାଇଜେଶନ ଆଧାରିତ ଫ୍ରାକ୍ସନାଲ ଅର୍ଡର ପିଆଇଡି (ଏମ୍‌ଆଇଡବ୍ଲ୍ୟୁଓ-ଏଫ୍‌ଓପିଆଇଡି) ନିୟନ୍ତ୍ରକ ପ୍ରଚଳନ କରିଛନ୍ତି। ଏହା ସାଇବର ଆକ୍ରମଣ ଓ ଶକ୍ତି ସଂରକ୍ଷଣ ସିଷ୍ଟମରେ ପରିବର୍ତ୍ତନ ସମୟରେ ଦୃଢ଼ ଫ୍ରିକ୍ୱେନ୍ସି ନିୟନ୍ତ୍ରଣ ସୁନିଶ୍ଚିତ କରିଥାଏ। ଏ ସମ୍ପର୍କରେ ସୂଚନା ଦେଇ ପ୍ରଫେସର ରାୟ କହିଛନ୍ତି, ଆଧୁନିକ ମାଇକ୍ରୋ ଗ୍ରୀଡ୍ ଗୁଡ଼ିକରେ ଯୋଗାଯୋଗ ନେଟୱର୍କ ଗୁଡ଼ିକ ବିଭିନ୍ନ ଉପାଦାନ ମଧ୍ୟରେ ସୂଚନା ଆଦାନପ୍ରଦାନ ପାଇଁ ପ୍ରାଥମିକ ମାଧ୍ୟମ ଭାବେ କାର୍ଯ୍ୟ କରେ। ଫଳରେ ସାଇବର ଆକ୍ରମଣ ପ୍ରତି ସେମାନଙ୍କ ଦୁର୍ବଳତା ବୃଦ୍ଧି ପାଇଥାଏ। ପ୍ରସ୍ତାବିତ ଆଲଗୋରିଦିମ୍ ଗତିଶୀଳ ଭାବରେ ଟ୍ୟୁନ୍ ହୋଇଥିବା ନିୟନ୍ତ୍ରଣ ପାରାମିଟର ସହିତ ଏକ ଅନୁକୂଳ ରଣନୀତି ଏବଂ ଏକ ବହୁ ପର୍ଯ୍ୟାୟ ଶୋଷଣ ଯନ୍ତ୍ର ସମେତ ବହୁବିଧ ଉନ୍ନତ ଉନ୍ନତି ଅନ୍ତର୍ଭୁକ୍ତ କରିଛି। ଏହାର ସଠିକତା ଓ ଦୃଢ଼ତାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରି ଫଶିବା ସମସ୍ୟାକୁ ହ୍ରାସ କରେ। ସୁତରାଂ ଏହା ଏକ ଆଧୁନିକ ଶକ୍ତି ପ୍ରଣାଳୀର ସୁରକ୍ଷା ଓ ନିର୍ଭରଯୋଗ୍ୟତାକୁ ସୁଦୃଢ଼ କରିଥାଏ। ଏହି ସିଷ୍ଟମ କାର୍ଯ୍ୟଦକ୍ଷତାକୁ ସୁନିଶ୍ଚିତ କରି ସୌରଶକ୍ତି ଓ ବ୍ୟାଟେରି ସଂରକ୍ଷଣ ଭଳି ନବୀକରଣୀୟ ଶକ୍ତି ଉତ୍ସଗୁଡ଼ିକର ସମନ୍ୱୟକୁ ସହଜ କରିଥାଏ ବୋଲି ରାୟ କହିଥିଲେ। ଏହି ଗବେଷଣାର ନିଷ୍କର୍ଷ ଗୁଡ଼ିକ ପ୍ରତିଷ୍ଠିତ ପତ୍ରିକା ଆଇଟ୍ରିପଲ ଇ ଟ୍ରାନ୍ସନ ଅନ୍ କ୍ୟୁମର ଇଲେକ୍ଟ୍ରୋନିକ୍ସରେ ପ୍ରକାଶିତ ହୋଇଛି। ଏଥିରେ ପ୍ରଫେସର ରାୟଙ୍କ ସମେତ ସହ ଲେଖକ ଏନ୍‌ଆଇଟି ଗବେଷଣା ବିଦ୍ୱାନ ରମେଶ ଚନ୍ଦ୍ର ଖମାରୀ, ସରକାରୀ ଇଞ୍ଜିନିୟରିଂ କଲେଜ କେନ୍ଦୁଝରର ଡ. ମନୋଜ ସେନାପତି, ଦକ୍ଷିଣ-ପୂର୍ବ ନରୱେ ବିଶ୍ୱବିଦ୍ୟାଳୟର ଡ. ଶିବ ପଦ୍ମନାଭନ ପ୍ରମୁଖ ରହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ଗବେଷଣାର ସଫଳତା କେବଳ ଭାରତର ନବୀକରଣୀୟ ଶକ୍ତି ଲକ୍ଷ୍ୟକୁ ସମର୍ଥନ କରେ ନାହିଁ ବରଂ ବିଶ୍ୱ ନୀତି ନିର୍ଦ୍ଧାରକ ଉପଯୋଗିତା ଓ ଶିଳ୍ପ ନେତୃତ୍ୱମାନଙ୍କୁ ସ୍ମାର୍ଟ, ସୁରକ୍ଷିତ ଶକ୍ତି ପରିଚାଳନା ଅଭ୍ୟାସକୁ ଆଗକୁ ବଢ଼ାଇବା ପାଇଁ ଏକ ଦୃଢ଼ ଢାଞ୍ଚା ପ୍ରଦାନ କରିଥାଏ ବୋଲି ସୂଚନା ପ୍ରଦାନ କରାଯାଇଛି।

# କର୍ମଚାରୀ ସହାୟତା କାର୍ଯ୍ୟକ୍ରମ ଉଦ୍‌ଯାପିତ




କର୍ମଶାଳାରେ ମଞ୍ଚାସୀନ ଅତିଥି।

ରାଉରକେଲା,୨୫।୮ (ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଗୋପବନ୍ଧୁ ପ୍ରେକ୍ଷାଳୟରେ କାରଖାନାର ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ କର୍ମଚାରୀ ସହାୟତା କାର୍ଯ୍ୟକ୍ରମ ଆଧାରିତ ଏକ ସଚେତନତା କର୍ମଶାଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। କର୍ମଚାରୀମାନଙ୍କ ମଧ୍ୟରେ ମାନସିକ, ସ୍ୱାସ୍ଥ୍ୟ ତଥା କାର୍ଯ୍ୟକ୍ଷେତ୍ରରେ ସାମଗ୍ରିକ ସୁସ୍ଥତା ବିଷୟରେ ସଚେତନତା ସୃଷ୍ଟି କରିବା ସହିତ କର୍ମଚାରୀମାନଙ୍କୁ ମାନସିକ ପରାମର୍ଶ ପ୍ରଦାନ କରି ସେମାନଙ୍କ ବ୍ୟକ୍ତିଗତ ଏବଂ ବୃତ୍ତିଗତ ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି କର୍ମଶାଳା ତିନୋଟି ଅଧିବେଶନରେ ବିଭକ୍ତ କରାଯାଇଥିଲା। ଏଥିରେ ମାନବ ସମ୍ବଳ ବିଭାଗ ସିଜିଏମ ମାନସ ରଥ ଅଂଶଗ୍ରହଣକାରୀମାନଙ୍କୁ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଅଭିବୃଦ୍ଧି ପାଇଁ କାର୍ଯ୍ୟକ୍ରମକୁ ପ୍ରଭାବଶାଳୀ ଭାବେ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ଏହି କର୍ମଶାଳାର ପ୍ରତ୍ୟେକ ଅଧିବେଶନରେ ପ୍ରାୟ ୧୫୦ଜଣ କର୍ମଚାରୀ ଯୋଗ ଦେଇଥିଲେ। ବରିଷ୍ଠ ମନସ୍ତତ୍ତ୍ୱବିତ୍ ଡକ୍ଟର ଏକତା ସାଂଘି ଏବଂ ମେସର୍ସ ଇଏପିର ମନୀଷ ତୋମାର କର୍ମଶାଳା ପରିଚାଳନା କରିଥିବାବେଳେ ଶୈଶବ ଆଘାତ ମୁକାବିଲା, କାର୍ଯ୍ୟକ୍ଷେତ୍ର ଚାପ ପରିଚାଳନା ଏବଂ ମାନସିକ ସ୍ୱାସ୍ଥ୍ୟ ସଚେତନତାର ଗୁରୁତ୍ୱ ଭଳି ବହୁ ମହତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋକପାତ କରିଥିଲେ। ଉଲ୍ଲେଖନୀୟ, ସେଲ୍ କର୍ମଚାରୀ ଏବଂ ସେମାନଙ୍କ ୩ଜଣ ନିର୍ଭରଶୀଳ ପରିବାର ସଦସ୍ୟଙ୍କ ପାଇଁ ଏକ ପରାମର୍ଶଦାୟୀ ସେବା ଆରମ୍ଭ କରାଯାଇଛି। ଏ ସମ୍ପର୍କରେ କାର୍ଯ୍ୟ ସମ୍ପାଦନ ପାଇଁ ମେସର୍ସ ଇଏପି ପ୍ରାଇଭେଟ ଲିମିଟେଡ୍‌କୁ ସେବା ପ୍ରଦାନକାରୀ ସଂସ୍ଥା ଭାବେ ମନୋନୀତ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମ ସେଲ୍ ଆର୍‌ଏସ୍‌ପିର ସମସ୍ତ କର୍ମଚାରୀ ଏବଂ ସେମାନଙ୍କ ପରିବାରର ନିକଟତମ ସଦସ୍ୟଙ୍କ ପାଇଁ ଉପଲବ୍ଧ ଏକ ଗୋପନୀୟ ଏବଂ ବୃତ୍ତିଗତ ସହାୟତା ସେବା ଅଟେ। ଏହା ମଧ୍ୟ ମାନସିକ ସ୍ୱାସ୍ଥ୍ୟ ସନ୍ତୁଳନତା, ଚାପ ପରିଚାଳନା, ଆର୍ଥିକ ଏବଂ ଆଇନଗତ ଚିନ୍ତା, କାର୍ଯ୍ୟ-ଜୀବନ ସନ୍ତୁଳନ ଏବଂ ପରିବାର ଓ ସମ୍ପର୍କ ସମସ୍ୟା ସମେତ ବିଭିନ୍ନ ବ୍ୟକ୍ତିଗତ ତଥା କାର୍ଯ୍ୟ ପ୍ରସଙ୍ଗରେ ବିଶେଷଜ୍ଞ ମାର୍ଗଦର୍ଶନ ଏବଂ ପରାମର୍ଶ ପ୍ରଦାନ କରିବ। ଏହି କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀମାନଙ୍କ ଦ୍ୱାରା ଆଦୃତ ହୋଇଥିବା ବେଳେ ସେମାନେ ଏଥିରେ ସକ୍ରିୟ ଆଲୋଚନା କରିବା ସହିତ ଅଭିଜ୍ଞତା ବାଣ୍ଟିଥିଲେ। ମାନବ ସମ୍ବଳ ବିଭାଗ ଆସିଷ୍ଟାଣ୍ଟ ମ୍ୟାନେଜର ସୁଶ୍ରୀ ଦିବ୍ୟା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଗଣେଶ ପୂଜା ନେଇ ଇସ୍ପାତ ସହର ଚଳଚଞ୍ଚଳ

ରାଉରକେଲା,୨୫।୮ (ଦିନେଶ ମିଶ୍ର)

ଆଉ ଦିନକ ପରେ ବିଘ୍ନବିନାଶକ ଶ୍ରୀଗଣେଶ ପୂଜା। ଏଥିପାଇଁ ଷ୍ଟିଲସିଟି ରାଉରକେଲା ଚଳଚଞ୍ଚଳ ହୋଇଉଠିଛି। ସହରରେ ଗଣେଶ ପୂଜା ପାଳନକୁ ନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ବର୍ଷ ଷ୍ଟିଲସିଟିର ବିଭିନ୍ନ ସେକ୍ଟର, ବାସନ୍ତୀ କଲୋନି, ଉଦିତନଗର, ସିଭିଲଟାଉନଶିପ୍, ଓଲ୍ଡ ଟ୍ୟାକ୍ସି ଷ୍ଟାଣ୍ଡ, ଡେଲିମାର୍କେଟ, ପାୱାରହାଉସ୍ ରୋଡ୍, ପାନପୋଷ, ଛେଣ୍ଡ ଆଦି ଅଞ୍ଚଳରେ ଥିବା କ୍ଲବ ପକ୍ଷରୁ ଗଣେଶ ମୂର୍ତ୍ତି ନିର୍ମାଣ ସାଙ୍ଗକୁ ଉଚ୍ଚ ମଣ୍ଡପମାନ ନିର୍ମାଣ କରାଯାଇଛି। ଗଣେଶ ପୂଜା ପାଇଁ ଲୋକମାନେ ସୋମବାରଠାରୁ କିଣାବିକା ଆରମ୍ଭ କରି ଦେଇଥିବା ଦେଖିବାକୁ ମିଳିଛି। ଭୋଗ ଦୋକାନମାନଙ୍କରେ ଭିଡ ଜମିଥିବାବେଳେ ବନ୍ଧମୁଣ୍ଡା ଓ କୁମ୍ଭାରପଡା ଅଞ୍ଚଳରୁ ଲୋକେ ଗଣେଶ ମୂର୍ତ୍ତି ଆଣିଛନ୍ତି। ବିଶେଷ କରି ଡେଲିମାର୍କେଟ ଅଞ୍ଚଳରେ ହୋଲସେଲ ପୂଜା ସାମଗ୍ରୀ ଦୋକାନ ଗୁଡିକରେ ବେଶୀ ଭିଡ ହୋଇଛି। ରାସ୍ତାଘାଟରେ ରଙ୍ଗୀନ ଆଲୋକମାଳା ସାଙ୍ଗକୁ ମୀନା ବଜାର ଶୋଭା ପାଉଛି। ସିଭିଲଟାଉନଶିପ୍ ପୂଜା ମଣ୍ଡପରେ ଶ୍ୟାମ ତୋରଣ ହୋଇଥିବାବେଳେ ଡିଏଭି ବସ୍‌ଷ୍ଟାଣ୍ଡରେ କଟକ ରେଳ ଷ୍ଟେଶନ ଶୋଭା ପାଉଛି। ସେହିପରି ବିଭିନ୍ନ ମିଠା, ଫଳ ସହ କପଡା ଦୋକାନରେ ଭିଡ ହେଉଛି। ଗଣେଶ ପୂଜାକୁ ଶାନ୍ତିଶୃଙ୍ଖଳା ସହ ପାଳନ କରିବା ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଏଥିସହ ବିଭିନ୍ନ ଛକରେ ଟ୍ରାଫିକ୍ ପୋଲିସ ମୁତୟନ ହୋଇଛନ୍ତି। ଅସାମାଜିକ କାର୍ଯ୍ୟକଳାପ ରୋକିବା ପାଇଁ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ ତ୍ୱରାନିତ କରାଯାଇଛି।



କାରିଗର ଗଣେଶଙ୍କ ମୂର୍ତ୍ତିରେ ରଙ୍ଗ ଦେଉଛନ୍ତି।




କାର୍ଯ୍ୟକ୍ରମରେ କୃତୀ ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯାଉଛି।

# ୪ ଅଧ୍ୟାପକଙ୍କୁ ବିଜୟଶ୍ରୀ ସମ୍ମାନ

## ରାଜ୍ୟସ୍ତରୀୟ ସ୍ମାରକୀ ବକ୍ତୃତାମାଳା

ରାଉରକେଲା,୨୫।୮ (ବିପ୍ଳବ ରଞ୍ଜନ ଦାଶ)

ଡକ୍ଟର ବିଜୟ ପଟ୍ଟନାୟକ ସାରସ୍ୱତ ସ୍ମୃତି ସଂସଦ ପକ୍ଷରୁ ରାଜ୍ୟସ୍ତରୀୟ ସ୍ମାରକୀ ବକ୍ତୃତାମାଳା 'ବିଜୟଶ୍ରୀ' ସେକ୍ଟର-୬ସ୍ଥିତ ବୌଦ୍ଧିକ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରାଜ୍ୟ ସଂଯୋଜକ ଅଧ୍ୟାପକ କରୁଣାକର ପାଢ଼ଶାଣୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ରାଉରକେଲା କଲେଜର ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନା ସଭାପତିତ୍ୱ କରିଥିବାବେଳେ ସଙ୍ଗଠକ ବିଷ୍ଣୁ ପାତ୍ର ମୁଖ୍ୟ ଅତିଥି, କବି ରାଜୀବ ପାଣି ଓ ରାଉରକେଲା କଲେଜର ପ୍ରାକ୍ତନ ଅଧ୍ୟକ୍ଷା ସୁଜାତା ପ୍ରଧାନ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ। ବିଜୟିନୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୨୦୨୨ରୁ ୨୦୨୫ ବର୍ଷ ପାଇଁ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ନିରାକାରପୁରର ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ ଡ. ବେଣୁଧର ଦାସ, ଟାଙ୍ଗୀ ମହାବିଦ୍ୟାଳୟ କଟକର ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ ଡ. ଗୋବିନ୍ଦ ଲେଙ୍କା, କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ନିରାକାରପୁରର ଇଂରାଜୀ ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ, ମ୍ୟୁନିସିପାଲ ମହାବିଦ୍ୟାଳୟ ରାଉରକେଲାର ପ୍ରାକ୍ତନ ଅଧ୍ୟକ୍ଷ ଡ. ସନାତନ ପ୍ରଧାନଙ୍କୁ ବିଜୟଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। କଲେଜ ଛାତ୍ରୀଛାତ୍ର ଶ୍ରେୟସୀ ସାହୁ, ଦୀପକ ସାହୁ, ସାହିଲ ପ୍ରଧାନ, ସୌମ୍ୟରଞ୍ଜନ ମହାନ୍ତି ଗଙ୍ଗାଧର ମେହେରଙ୍କ ଜୀବନାଦର୍ଶ ଓ ସୃଷ୍ଟି ସମ୍ପର୍କରେ ଆଲୋଚନା କରିଥିଲେ। ଏତଦ୍‌ବ୍ୟତୀତ ସେକ୍ଟର-୬ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୫ଜଣ ଶ୍ରେଷ୍ଠ ଛାତ୍ରୀଛାତ୍ର ଏବଂ ଓଡ଼ିଆ ଅଧ୍ୟାପକ ପୂର୍ଣ୍ଣ୍ୟଦର୍ଶନ ସାହୁଙ୍କୁ ଉତ୍କର୍ଷ:୨୦୨୫ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଭିଏସ୍‌ଏସ୍ ମାର୍କେଟରେ ଉଠାଦୋକାନ ଉଚ୍ଛେଦ

ରାଉରକେଲା,୨୫।୮ (ସଙ୍ଗୀତା ଜେନା)

ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ପକ୍ଷରୁ ସୋମବାର ପୂର୍ବାହ୍ନ ୧୧ଟାରେ ଛେଣ୍ଡ ଭିଏସ୍‌ଏସ୍ ମାର୍କେଟରେ ଏକ ଫୁଲ ଉଠାଦୋକାନକୁ ଉଚ୍ଛେଦ ହୋଇଥିବା ସୂଚନା ମିଳିଛି। ଦୀର୍ଘଦିନ ଉକ୍ତ ଦୋକାନ ରହିଥିବା ବେଳେ ଦୋକାନୀଙ୍କୁ ନୋଟିସ ପ୍ରଦାନ କରାଯାଇଥିଲା। ହେଲେ ସେ ଉକ୍ତ ସ୍ଥାନକୁ ଖାଲି କରି ନ ଥିଲେ। ତେଣୁ ଲ୍ୟାଣ୍ଡଗାର୍ଡ ଏବଂ ଏନ୍‌ଫୋର୍ସମେଣ୍ଟ ବିଭାଗ ଉକ୍ତ ଫୁଲ ଦୋକାନକୁ ସେଠାରୁ ହଟାଇ ଦେଇଥିଲେ।

# ନଟରାଜ ନୃତ୍ୟ ପରିଷଦର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ରାଉରକେଲା,୨୫।୮ (ଦିନେଶ ମିଶ୍ର)

ସେକ୍ଟର-୧୯ ସ୍ଥିତ ସିଭିକ୍ ସେଣ୍ଟର ପରିସରରେ ନଟରାଜ ନୃତ୍ୟ ପରିଷଦର ୨୪ତମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ନରସେବା ନାରାୟଣ ସେବାର ସଭାପତି ସୁବାଷ ବାପୁରିଆ ମୁଖ୍ୟ ଅତିଥି, ରମେଶ ଚନ୍ଦ୍ର ସେଠୀ, ପ୍ରିନ୍ସ ଛାବ୍ରା, ରାଜୀବ ପାଣି, ପ୍ରଫେସର ସମର ମୁଦାଲି, ରାଜକିଶୋ ଭଞ୍ଜ, କୈଳାସ ବେହେରା, ମନୋଜ ନାୟକ, ସଲିଳ ପରିଡା, ପ୍ରଶାନ୍ତ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଝିଲିମା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ରାଉରକେଲାର କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ, ଶାସ୍ତ୍ରୀୟ ନୃତ୍ୟ, ଲୋକ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ଗୁରୁ ନୀଳାଦ୍ରି ମହାନ୍ତି, ସୁନିତା ପଟ୍ଟନାୟକ, ପମିତ୍ରା ମହାପାତ୍ର ଓ ରୋବର୍ଟ ହାଇଫିଲଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେହିପରି ରାଉରକେଲାର ୧୦ଟି ସ୍କୁଲକୁ ନଟରାଜ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଭୂତି ପୁହାଣ, ରାନୁ ମହାପାତ୍ର, ଅଞ୍ଜଳି ଜେନା, ଚିନ୍ମୟ ତ୍ରିପାଠୀ, ହେମନ୍ତ ମହାନ୍ତି, ଡକ୍ଟର ପ୍ରତିଭା ନାୟକ, ଇତିଶ୍ରୀ ଜେନା, ପ୍ରଶାନ୍ତ ନାୟକ ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ପ୍ରବୀର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବକ ସଂଘର ନୂତନ କର୍ମକର୍ତ୍ତା

ରାଉରକେଲା,୨୫।୮ (ବିପ୍ଳବ ରଞ୍ଜନ ଦାଶ)

ଏସ୍‌ସି ଏଣ୍ଡ ଏସ୍‌ଟି ୟୁଥ୍ ଅର୍ଗାନାଇଜେଶନର ବାର୍ଷିକ ବୈଠକ ସହ ନୂତନ କାର୍ଯ୍ୟକାରୀ କମିଟି ଚୟନ ସୋମବାର ଅନୁଷ୍ଠିତ ହୋଇଯାଇଛି। ନୂତନ କମିଟିରେ ଡୁଲା ମହାନନ୍ଦ ସଭାପତି, ଗଣେଶ ନାଗ ଓ ଆନନ୍ଦ କୁମାର ତିର୍କୀ ଉପସଭାପତି, ମହେନ୍ଦ୍ର କୁମ୍ଭାର ସାଧାରଣ ସମ୍ପାଦକ, ସୁବାଷ ମହାନନ୍ଦ ଓ ରାଜୁ ମହାନନ୍ଦ ସହ ସମ୍ପାଦକ, ଗୋବିନ୍ଦ ବଲ୍ଲଭ କୁମ୍ଭାର ସାଂସ୍କୃତିକ ସମ୍ପାଦକ, ଶାନ୍ତନୁ ନନ୍ଦ ସଙ୍ଗଠନ ସମ୍ପାଦକ, ଧନେଶ୍ୱର ବାଗ ଖେଳ ସମ୍ପାଦକ ଏବଂ ବିଶ୍ୱକର୍ମା ବାଗ କୋଷାଧ୍ୟକ୍ଷ ଭାବେ ଚୟନ ହୋଇଥିଲେ। ସେହିପରି କାର୍ଯ୍ୟ ନିର୍ବାହୀ କମିଟିରେ ପରମେଶ୍ୱର ବାଗ, ରାକେଶ କୁମ୍ଭାର, ଗୌତମ ମହାନନ୍ଦ, ରବିଚନ୍ଦ୍ର କୁମ୍ଭାର, ଉତ୍ତମ ସୁନା, ବିକାଶ ସୁନା, ରାହୁଲ ସୁନା, ଅର୍ଜୁନ ସୁନା, ଦେବାଶିଷ ମଲ୍ଲିକ ଏବଂ ମାୟାଧର ନାଗ ପ୍ରମୁଖ ରହିଛନ୍ତି। ଘନଶ୍ୟାମ ସୁନା ଉପଦେଷ୍ଟା ଭାବେ ମନୋନୀତ ହୋଇଛନ୍ତି।



ମନୋନୀତ ହୋଇଥିବା ନୂତନ କର୍ମକର୍ତ୍ତା।

# ପରିବେଷିତ ହେଲା ୬ ଶ୍ରୁତି ନାଟକ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ କର୍ମକର୍ତ୍ତା।

ରାଉରକେଲା,୨୫।୮ (ବିପ୍ଳବ ରଞ୍ଜନ ଦାଶ)

ନିଖିଳ ଭାରତ ବଙ୍ଗ ସାହିତ୍ୟ ସମ୍ମେଳନ ରାଉରକେଲା ଶାଖାର ପଚାଶ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ଦିବସୀୟ ଶ୍ରୁତି ନାଟ୍ୟ ଉତ୍ସବ ଛେଣ୍ଡସ୍ଥିତ ଗୋପବନ୍ଧୁ ପାଠାଗାରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୌସୁମୀ ରାୟ ତପୋଦାରଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ରାଉରକେଲାର ତିତିଲି ଫାଉଣ୍ଡେଶନର ସଭ୍ୟାସଭ୍ୟମାନେ ଓଡ଼ିଆ, ବଙ୍ଗଳା ଏବଂ ହିନ୍ଦୀ ଭାଷାରେ ୬ଟି ଶ୍ରୁତି ନାଟକ ପରିବେଷଣ କରିଥିଲେ। ଏଥିରେ ସାର୍ଥକ, ପ୍ରୟାସ ଓ ମେହେଫିଲର ସଦସ୍ୟମାନେ ସହଯୋଗ କରିଥିଲେ। ଉତ୍ସବରେ ବରିଷ୍ଠ ନାଟ୍ୟ ବ୍ୟକ୍ତିତ୍ୱ ପ୍ରଫେସର ଡ. ସମର ମୁଦାଲି, ରାଜୀବ ପାଣି, ଆଲୋକ ରଞ୍ଜନ ବୋଷ, ସାମାଜିକ କର୍ମୀ ପଶୁପତିନାଥ ଚାଟାର୍ଜୀ ଏବଂ ନିଖିଳ ଭାରତ ବଙ୍ଗ ସାହିତ୍ୟ ସମ୍ମେଳନର ବରିଷ୍ଠ ସଦସ୍ୟ ଆଲୋକ ବାନାର୍ଜୀ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଡ. ମୁଦାଲି ତାଙ୍କ ବକ୍ତବ୍ୟରେ କହିଲେ, ଶ୍ରୁତି ନାଟକ ହେଉଛି ମୁଖ୍ୟତଃ ବାଚିକ। କଣ୍ଠସ୍ୱର ମାଧ୍ୟମରେ ଅଭିନୟ ପ୍ରଦର୍ଶନ କରିବା। ଏହା ପୁରୁଣା ହୋଇଥିଲେ ହେଁ ଓଡ଼ିଶାରେ ଏହା ଏତେଟା ପ୍ରଭାବଶାଳୀ ହୋଇପାରିନାହିଁ ବୋଲି ସେ କହିଥିଲେ। ସମ୍ମେଳନର ରାଉରକେଲା ସଭାପତି ଦିଲୀପ କୁମାର ଭୂଇ, ସମ୍ପାଦିକା ଶୁଚିସ୍ମିତା ବିଶ୍ୱାସ ପ୍ରମୁଖ ସହଯୋଗ କରିଥିଲେ। ନାଟକରେ ପ୍ରଶାନ୍ତ କୁମାର ସୋମ, ପ୍ରଦୀପ କୁମାର ଦସ୍ତିଦାର, ପୂର୍ଣ୍ଣିମା ଦସ୍ତିଦାର, ଶୁକ୍ଲା ପାଲ, ମୌସୁମୀ ରାୟ ତପାଦାର, ଝିଲମ ତପାଦାର, ପାପିୟା ମଜୁମଦାର, ଅନ୍ୱେଷା ସେନଗୁପ୍ତା, ରିଙ୍କୁ ଦାସ, ଜୟା ଜାନା, ରିୟା ଚକ୍ରବର୍ତ୍ତୀ, କୌଶିକ ବେରା, ଶୁଭ୍ରାଂଶୁ ଶେଖର ମିତ୍ର, ବିକାଶ ପାତ୍ର, ରତ୍ନା ବାନାର୍ଜୀ, ସୌରଭ ଚକ୍ରବର୍ତ୍ତୀ, ଅଞ୍ଜଳି ସିଂ, ଶୁଭମ ସା ଏବଂ ପଲ୍ଲ ଚାଟାର୍ଜୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

କେନରା ବ୍ୟାଙ୍କ Canara Bank
ସିଣ୍ଡିକେଟ Syndicate

କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ
ଶ୍ରୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁକ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

ଡିମାଣ୍ଡ ନୋଟିସ୍
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତାଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ଋଣଗ୍ରହୀତା / ବନ୍ଧକଦାତାଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
| --- | --- | --- | --- |
| **ଜଗତସିଂହପୁର ଶାଖା** ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସୁଶୀଲ୍ କୁମାର ଦାଶ, ପିତା: ରବିନ୍ଦ୍ର କୁମାର ଦାଶ, ଠିକଣା: ସା-ଜହନପୁର, ପୋ.: ମଣ୍ଡାସାହି, ଗ୍ରାମ- ଜହନପୁର, ଜିଲ୍ଲା: ଜଗତସିଂହପୁର, ଓଡିଶା-୭୫୪୧୧୪। | (କ)ଟ.୧୪,୮୬,୦୦୦/- / (ଖ) ୨୪.୦୮.୨୦୨୫ / (ଗ) ୨୫.୦୮.୨୦୨୫ | ୨୫.୦୮.୨୦୨୫ ସୁଦ୍ଧା ଟ.୧୪,୪୮,୮୪୨.୨୦ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀ ସୁଶୀଲ୍ କୁମାର ଦାଶ** ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୧୭୩୨, ଖାତା ନଂ.୬୯, ମୌଜା: ଛତ୍ର, ଗ୍ରାମ: ଜହନପୁର, ଏରିଆ: ଏ୦.୦୪ ଡିସିମିଲି, କିସମ: ଘରବାରୀ, ଉପ ଜିଲ୍ଲା: ଜଗତସିଂହପୁର ଏବଂ ଜିଲ୍ଲା: ଜଗତସିଂହପୁର ରେ ରେଜିଷ୍ଟ୍ରିଭୁକ୍ତ, ଚାରିପାର୍ଶ୍ୱରେ: ଉତ୍ତର- ସରକାରୀ ରାସ୍ତା, ଦକ୍ଷିଣ- ନିତ୍ୟାନନ୍ଦ ମହାନ୍ତି, ପୂର୍ବ- ରାଧା ଚରଣ ମହାନ୍ତି, ପଶ୍ଚିମ- ଗୋପିନାଥ ମହାନ୍ତି । |

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ । ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ୱା ଲିଜ୍ କିମ୍ୱା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ୱା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ୱା ଅଧୀକ ଗ୍ରହଣ କରିପାରନ୍ତି । (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ୱା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ୱା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

ତାରିଖ: ୨୫.୦୮.୨୦୨୫, ସ୍ଥାନ: କଟକ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

## ଅନୁଦାନ ଦାବିରେ ବେସରକାରୀ କର୍ମଚାରୀଙ୍କ ଧାରଣା

ନାକଟିଦେଉଳ, ୨୫।୮ (ବୈକୁଣ୍ଠନାଥ ସାହୁ)

ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ଆହ୍ୱାନକ୍ରମେ ପୂର୍ଣ୍ଣ ଅନୁଦାନ ଦାବିରେ ସମ୍ବଲପୁର ଜିଲା ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪ଜଣ କର୍ମଚାରୀ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଛନ୍ତି। ସେମାନେ ହେଲେ ଜୀବ ବିଜ୍ଞାନ ବିଭାଗର ଡେମୋନେଷ୍ଟ୍ରେଟର ଜିତେନ୍ଦ୍ରିୟ ପଣ୍ଡା, ଡ଼ିଇଓ ବିବେକାନନ୍ଦ ପ୍ରଧାନ, କାର୍ଯ୍ୟାଳୟ ସହାୟକ ତଥା ଲିପିକ ଅମିତ ବିଶ୍ୱାଳ ଓ ପ୍ରାଣୀ ବିଜ୍ଞାନ ବିଭାଗ ସହାୟିକା ଶିବାନୀ ଦାଶ। ପାଉଥିବା ଦରମାରେ ପରିବାର ପ୍ରତିପୋଷଣ କରି ହେଉନାହିଁ। ସମାନ କାମ କରି ମଧ୍ୟ ଅତି କମ୍ ଦରମାରେ କାମ କରିବାକୁ ପଡୁଛି। ବାରମ୍ବାର ଦାବୀ ଉପସ୍ଥାପନ କରାଯାଉଥିଲେ ମଧ୍ୟ ସେମାନଙ୍କର ଦାବିକୁ ସରକାର ଏଡାଇ ଦେଉଛନ୍ତି। ତେଣୁ ଦାବି ପୂରଣ ନ ହେଲେ ଏହି ଧାରଣା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ ବୋଲି ଧାରଣାକାରୀମାନେ ଚେତାବନୀ ଦେଇଛନ୍ତି। ପୂର୍ଣ୍ଣ ଅନୁଦାନ ରାଶି ଦାବିରେ ଅନୁଷ୍ଠାନ କାର୍ଯ୍ୟାଳୟ ସାମନାରେ ସେମାନେ ଶାନ୍ତିପୂର୍ଣ୍ଣ ଧାରଣା ଦେଉଛନ୍ତି।

# ଆରମ୍ଭ ହେଲା ଟେଣ୍ଡର ପ୍ରକ୍ରିୟା



ମହାନଦୀରେ ରହିଥିବା ଅଯୋଧ୍ୟା ସରୋବର।

**୬୨୮ କୋଟି ବ୍ୟୟ ଅଟକଳରେ ହେବ ନୂତନ ବ୍ୟାରେଜ**

ସମ୍ବଲପୁର, ୨୫।୮ (ଭବାନୀ ଶଙ୍କର ଭୋଇ)

ଗତବର୍ଷ ନୂଆଁଖାଇ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବଲପୁର ଗସ୍ତରେ ଆସିଥିବା ସମୟରେ ମହାନଦୀରେ ରହିଥିବା ଅଯୋଧ୍ୟା ସରୋବର ବୁଲି ଦେଖିଥିଲେ। ଏହି ଅବସରରେ ସମ୍ବଲପୁର ସହରକୁ ଆକର୍ଷଣୀୟ କରିବା ପାଇଁ ଅଯୋଧ୍ୟା ସରୋବରରେ ରହିଥିବା ବ୍ୟାରେଜକୁ ଉଚ୍ଚ କରିବା ପାଇଁ ସେ ଘୋଷଣା କରିଥିଲେ। ଏହାପରେ ମହାନଦୀ ଉପରେ ଜଳସମ୍ପଦ ବିଭାଗ ପକ୍ଷରୁ ୬୨୮ କୋଟି ଟଙ୍କାର ବ୍ୟୟ ଅଟକଳରେ ନୂତନ ବ୍ୟାରେଜ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ଏନେଇ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସୂଚନା ଦେଇଛନ୍ତି। ସମଲେଇ ଯୋଜନା କାର୍ଯ୍ୟକ୍ଷମ ହେବା ପରଠାରୁ ଭକ୍ତ ଏବଂ ପର୍ଯ୍ୟଟକଙ୍କ ସଂଖ୍ୟାରେ ଅହେତୁକ ବୃଦ୍ଧି ହୋଇଛି। ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ପାଇଁ ମହାନଦୀ ତଟର ବିକାଶ କରାଯାଇ ଏହାକୁ ଆକର୍ଷଣୀୟ କରାଯିବା ନେଇ ପୂର୍ବରୁ ସରକାର ଘୋଷଣା କରିଛନ୍ତି । ଏହାସହ ସମଲେଇ ମନ୍ଦିର ସମ୍ମୁଖରେ ନିର୍ମାଣ କରାଯାଇ ଥିବା ଆଳତୀ ଘାଟରେ ନିୟମିତ ମହାଆଳତୀ କରାଯିବା ଯୋଜନା ରହିଛି । ତେବେ ମହାନଦୀରେ ବର୍ଷା ଦିନକୁ ଛାଡି ଅନ୍ୟ ସମୟରେ ଶୁଖିଲା ରହୁଥିବାରୁ ଏହାର ଆକର୍ଷଣ କମିଯାଇଥାଏ। କେବଳ ଅଯୋଧ୍ୟା ସରୋବରଠାରେ କିଛି ପାଣି ଗଚ୍ଛିତ ରହିଥାଏ । ନୂତନ ଉଚ୍ଚ କ୍ଷମତା ସମ୍ପନ୍ନ ବ୍ୟାରେଜ ନିର୍ମାଣ ହେବା ଦ୍ୱାରା ସମଲେଇ ମନ୍ଦିର ପର୍ଯ୍ୟନ୍ତ ପାଣି ମହାନଦୀରେ ଗଚ୍ଛିତ ହୋଇରହିବ । ଏହାସହ ସମ୍ବଲପୁରର ମହାନଦୀ ତଟ ମଧ୍ୟ ଆକର୍ଷଣୀୟ ଦେଖାଯିବ। ଏହାଦ୍ୱାରା ବନ୍ଦ ରହିଥିବା ମହାନଦୀ ଆଳତୀ ପୁଣିଥରେ ଆରମ୍ଭ ହୋଇପାରିବ। ଏଥିରେ ମହାନଦୀ ମାରୱାଡି ଘାଟସ୍ଥିତ ଅଯୋଧ୍ୟା ସରୋବର ପୁନରୁଦ୍ଧାର କରି ଚାଉଁରପୁର ବ୍ରିଜ ମଧ୍ୟରେ ଏକ ନୂତନ ବ୍ୟାରେଜ ବା ଚେକଡେମ ନିର୍ମାଣ ହେବ। ଏଥିପାଇ କୌଣସି ବିସ୍ଥାପନ ସମସ୍ୟ ମଧ୍ୟ ନାହିଁ। ବ୍ୟାରେଜ ଉପରେ ମହାନଦୀ ଉଭୟ ପଟରୁ ଯାତାୟାତର ସୁବିଧା ମଧ୍ୟ ହେବ । ଏହା ଦ୍ୱାରା ମହାନଦୀରେ ପାଣି ରହିବା ସହ ପର୍ଯ୍ୟଟକ ବୋଟିଂ ମଜା ନେଇପାରିବେ। ଏହି ପ୍ରକଳ୍ପ ସମ୍ବଲପୁର ବିକାଶ ଓ ପର୍ଯ୍ୟଟନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ଆଶା କରାଯାଉଛି । ସମ୍ବଲପୁରର ଭୂତଳ ଜଳସ୍ତର ଦିନକୁ ଦିନ ଖସି ଚାଲିଥିବା ବେଳେ ବ୍ୟାରେଜ ନିର୍ମାଣ ଦ୍ୱାରା ଅଧିକ ପାଣି ଗଚ୍ଛିତ ହେବା ସହ ସହରର ଭୂତଳ ଜଳ ମଧ୍ୟ ଉପରକୁ ଉଠିବ ବୋଲି ଆଶା କରାଯାଉଛି।

## ନୂଆଁଖାଇ ପାଇଁ ମିଠେଇଖିଆ ପ୍ରତିଯୋଗିତା



ଅତିଥି ଓ ବିଚାରକଙ୍କ ସହ ମିଠେଇ ଖିଆ ପ୍ରତିଯୋଗିତାର କୃତୀମାନେ।

ସମ୍ବଲପୁର,୨୫।୮(ବି.ଶଙ୍କର)

ନୂଆଁଖାଇ ଉପଲକ୍ଷେ ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଚିତ୍ରାଙ୍କନ ଓ ମିଠେଇ ଖିଆ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାଂସ୍କୃତିକ ସମାଜ ଦ୍ୱାରା ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ଏହି ପ୍ରତିଯୋଗିତାକୁ ସଭାପତି ଡ. ପରେଶ ଦାନୀ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ଦାନବନ୍ଧୁ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଚିତ୍ରାଙ୍କନ ପ୍ରଥମରୁ ପଞ୍ଚମ ଶ୍ରେଣୀ ବର୍ଗରେ କେନ୍ଦ୍ରୀୟ ବିଦ୍ୟାଳୟର ଆୟିଶା ଜାଲ ପ୍ରଥମ, ବୀର ସୁରେନ୍ଦ୍ର ସାଏ ବିଦ୍ୟାଳୟର ଆଦ୍ୟାଶା ସାହୁ ଓ କନଭେଣ୍ଟ ସ୍କୁଲର ସୃଜନିକା କର୍ଣ୍ଣ ଯୁଗ୍ମ ଦ୍ୱିତୀୟ, ଇଣ୍ଡିଆନ ପବ୍ଲିକ ସ୍କୁଲର ସାଇଶ୍ରୀ ବାଗ ଓ ସେଣ୍ଟ ଜୋନସ ସ୍କୁଲର କାବ୍ୟା ଜୟସ୍ୱାଲ ଯୁଗ୍ମ ତୃତୀୟ ହୋଇଛନ୍ତି। ସେହିପରି ୬ଷ୍ଠ ରୁ ଦଶମ ଶ୍ରେଣୀ ବର୍ଗରେ କନଭେଣ୍ଟ ସ୍କୁଲର ସୌରୀସ ଘୋଷ ପ୍ରଥମ, କେନ୍ଦ୍ରୀୟ ବିଦ୍ୟାଳୟର ଅନୁପ୍ରଭା ବେହେରା ଓ ଇଣ୍ଡିଆନ ପବ୍ଲିକ ସ୍କୁଲର ଶୁଭଙ୍କର ମହାନ୍ତି ଯୁଗ୍ମ ଦ୍ୱିତୀୟ, ମଦନବାଟୀ ପବ୍ଲିକ ସ୍କୁଲ ର ବ୍ରସେସ ଦାସ ଓ କେନ୍ଦ୍ରୀୟ ବିଦ୍ୟାଳୟର ସୋମାଶ୍ରୀ ପ୍ରଧାନ ଯୁଗ୍ମ ତୃତୀୟ ହୋଇଛନ୍ତି। ମହାବିଦ୍ୟାଳୟସ୍ତରରେ ଡ. ପର୍ଣ୍ଣରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନର ସୂର୍ଯ୍ୟସ୍ନାତା ଧରୁଆ ପ୍ରଥମ, ଖସକେନ୍ଦନ ହାଇସ୍କୁଲର ରିଜୁଲ୍ଲିକା ଦାଶ ଦ୍ୱିତୀୟ ଓ ହୀରାକୁଦ କଲେଜର ମାଳତୀ ଓରାମ୍ ତୃତୀୟ ହୋଇଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ଆଗାମୀ ୨୮ ତାରିଖ ନୂଆଁଖାଇ ଭେଟ୍‌ଘାଟରେ ପୁରସ୍କୃତ କରାଯିବ। ମିଠେଇ ଖିଆ ପ୍ରତିଯୋଗିତାରେ ଶ୍ରୀଗଣେଶ ହାଇସ୍କୁଲର ସାହିଲ ବେହେରା ଓ ସେଣ୍ଟ ଜୋନସ ସ୍କୁଲର ପ୍ରତୀକ କୁମାର ଦାସ ଯୁଗ୍ମ ପ୍ରଥମ, ଶ୍ରୀଗଣେଶ ହାଇସ୍କୁଲର ଅଂଶୁମାନ ଦାସ ଓ ସେଣ୍ଟ ଜୋନସ ସ୍କୁଲର ସୂରଜ ଦାସ ଯୁଗ୍ମ ଦ୍ୱିତୀୟ, ବିକାଶ ଫାଷ୍ଟ ଷ୍ଟେପ ସ୍କୁଲର ରୁଦ୍ରାଂଶ ପ୍ରତାପ ନାୟକ ତୃତୀୟ ହୋଇଛନ୍ତି।

## ଶିକ୍ଷୟିତ୍ରୀଶିକ୍ଷକଙ୍କୁ ବାହ୍ୟକାର୍ଯ୍ୟରୁ ନିବୃତ୍ତ କରାଯାଉ

ସମ୍ବଲପୁର,୨୫।୮(ବି.ଶଙ୍କର)

**ସମ୍ବଲପୁର ଜିଲା ପ୍ରାଥମିକ ଶିକ୍ଷକ ସଂଘର ଜିଲା କାର୍ଯ୍ୟକାରିଣୀ ବୈଠକ**

ସମ୍ବଲପୁର ଜିଲା ପ୍ରାଥମିକ ଶିକ୍ଷକ ସଂଘର ଜିଲା କାର୍ଯ୍ୟକାରିଣୀ ବୈଠକ ରବିବାର ବୁଢାରାଜା ବାଳିକା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ନେତା ସୁରେନ୍ଦ୍ର କୁମାର ଦାଶଙ୍କ ନେତୃତ୍ୱରେ ସଭା ହୋଇଥିଲା। ଏହି ବୈଠକରେ ମୁଖ୍ୟତଃ ଶିକ୍ଷୟିତ୍ରୀଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ୨୦୨୫-୨୬ ଶିକ୍ଷାବର୍ଷ ନିମନ୍ତେ ବିଦ୍ୟାଳୟରେ ପୋଷାକ ବିତରଣ ପାଇଁ ଜିଲାସ୍ତରରେ ଏକ କମିଟି ଗଠନ କରାଯାଇଛି। ତେଣୁ କମିଟିକୁ ସାକ୍ଷାତ କରି ପୋଷକର ଗୁଣବତ୍ତା ଓ ମାନ ଉପରେ ଶିକ୍ଷକ ସଂଘର ୬ଜଣିଆ କର୍ମକର୍ତ୍ତା ଜିଲାପାଳଙ୍କୁ ସାକ୍ଷାତ କରି ପୋଷାକ ବିତରଣ ବିଷୟ ବସ୍ତୁ ଉପରେ ଆଲୋଚନା କରାଯିବ। ଅନ୍ୟପକ୍ଷେ କିଛି ବ୍ୟବସ୍ଥା ନ ଥାଇ ଆଇଡି ନିର୍ମାଣ ବେଳେ ଅନେକ ଛାତ୍ରୀଛାତ୍ରଙ୍କ ଆଧାରକାର୍ଡ ନ ଥିବାରୁ ବାଧା ସୃଷ୍ଟି ହେଉଛି। ଏଣୁ ସରକାର ପ୍ରଥମେ ବିଦ୍ୟାଳୟଗୁଡିକରେ ପିଲାଙ୍କ ଆଧାରକାର୍ଡ ପାଇଁ ଶିବିର କରନ୍ତୁ ଏବଂ ଅଭିଜ୍ଞତା ଥିବା ବ୍ୟକ୍ତିଙ୍କୁ ଏଥିରେ ନିଯୁକ୍ତ କରନ୍ତୁ। ସେମାନଙ୍କୁ ଶିକ୍ଷୟିତ୍ରୀଶିକ୍ଷକମାନେ ସମସ୍ତ ପ୍ରକାର ସାହାଯ୍ୟ କରିବାକୁ ପ୍ରସ୍ତୁତ ଅଛନ୍ତି। ଅଯଥା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ମାନସିକ ଚାପ ସୃଷ୍ଟି ନ କରାଯାଉ। ନଚେତ ଏହାକୁ ସମସ୍ତେ ବିରୋଧ କରିବେ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ଅପରପକ୍ଷେ ଶିଶୁ ବଟିକା ପ୍ରାଥମିକ ବିଦ୍ୟାଳୟରେ ମିଶିବା ସ୍ୱାଗତଯୋଗ୍ୟ। କିନ୍ତୁ ଏଥି ସକାଶେ ରାଜ୍ୟ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିବା ସହ ଭିତ୍ତିଭୂମିର ବିକାଶ, ଶିକ୍ଷକ ଓ କେୟାର ଟେକରର ବ୍ୟବସ୍ଥା କରିବା ଉଚିତ। ବୈଠକରେ ମୁଖ୍ୟତଃ ୟୁଏଏସ ପୋର୍ଟାଲକୁ ବିରୋଧ କରାଯାଇଛି। ଷଷ୍ଠ ବେତନ ହାରକୁ ସଂଶୋଧନ କରି କେନ୍ଦ୍ରୀୟ ହାରରେ ଦରମା ଦିଆଯାଉ ଓ ପୁରୁଣା ପେନସନକୁ ଲାଗୁ କରାଯିବା ସହ ଶିକ୍ଷକ ପଦୋନ୍ନତି କରାଯାଉ। ନଚେତ ଆସନ୍ତା ଅକ୍ଟୋବର ମାସରେ ରାଜଧାନୀ ଭୁବନେଶ୍ୱରରେ ରାଜ୍ୟ ସଂଘ ପକ୍ଷରୁ ଆନ୍ଦୋଳନ ଡାକରା ଦେଇଛନ୍ତି।

## ଭାରତୀ କଳାବିକାଶ କେନ୍ଦ୍ରରେ ଓଡ଼ିଶୀ ନୃତ୍ୟ କର୍ମଶାଳା

ସମ୍ବଲପୁର,୨୫।୮(ବି.ଶଙ୍କର)

ଦୁଇଦିନିଆ ଓଡ଼ିଶୀ ନୃତ୍ୟ କର୍ମଶାଳା ବୁର୍ଲା ଭାରତୀ କଳାବିକାଶ କେନ୍ଦ୍ର ସଙ୍ଗୀତ ଶିକ୍ଷାନୁଷ୍ଠାନଠାରେ ରବିବାର ରାତିରେ ସମ୍ପନ୍ନ ହୋଇଛି । ବୁର୍ଲା ମୁଖ୍ୟବନ୍ଧ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ତଥା ଭାରତୀ କଳାବିକାଶ କେନ୍ଦ୍ର ସଭାପତି ଇଂ.ଶୁଭ୍ରାଂଶୁ ଦ୍ୱିବେଦୀଙ୍କ ସଂଯୋଜନାରେ କର୍ମଶାଳାର ଶୁଭାରମ୍ଭ ହୋଇଥିଲା । ହୀରାକୁଦ ବନ୍ଧ ମଣ୍ଡଳ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଇଞ୍ଜିନିୟର ସୁଧୀର କୁମାର ସାହୁ ଉଦ୍‌ଯାପନ ଉତ୍ସବରେ ଅଂଶଗ୍ରହଣ କାରି ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ମୁମ୍ବାଇସ୍ଥିତ ଗାନ୍ଧର୍ବ ମହାବିଦ୍ୟାଳୟ ସିଲାବସ କମିଟି ଅଧ୍ୟକ୍ଷ ତଥା ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ଡ. ମନୋଜ କୁମାର ବେହେରା ଏଥିରେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଗୁରୁ ବେହେରା ଓଡ଼ିଶୀ ନୃତ୍ୟଶୈଳୀ ଓ ବିଭିନ୍ନ ମୁଦ୍ରା ଉପରେ ଅଂଶଗ୍ରହଣକାରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ଏଥିସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଶିକ୍ଷାର୍ଥୀମାନଙ୍କ ସନ୍ଦେହ ଦୂର କରିଥିଲେ । ବୁର୍ଲା ଭାରତୀ କଳାବିକାଶ କେନ୍ଦ୍ର ସମ୍ପାଦକ ନିରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନ ଓ ଗୁରୁ ସତ୍ୟବ୍ରତ ସାହୁ, ଗୁରୁ ଫଗୁନ ସେଠଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷା ଶାନ୍ତିଲତା ବେହେରା, ଉପଦେଷ୍ଟା ରଞ୍ଜିତ କୁମାର ପଟ୍ଟନାୟକ, ଉପସଭାପତି ଲକ୍ଷ୍ମୀଧର ମହାନ୍ତି, ଓଡ଼ିଶୀ ଗୁରୁ ଶିବ ଶଙ୍କର ମେହେର, ଗୁରୁ ପୂଜା ପରମିତା ସାହୁ, ଗୁରୁ ସୁପ୍ରସ୍ନା ଦାସ, ଗୁରୁ ଗଜେନ୍ଦ୍ର ବଗାର, କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ମିଶ୍ର, ସହ କୋଷାଧ୍ୟକ୍ଷ ରଜନୀକାନ୍ତ ଛିନହରା କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ। ସଂସ୍କୃତି ସମ୍ପାଦକ ରଶ୍ମିରଞ୍ଜନ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।



ବୁର୍ଲା ଭାରତୀ କଳାବିକାଶ କେନ୍ଦ୍ର ସଙ୍ଗୀତ ଶିକ୍ଷାନୁଷ୍ଠାନଠାରେ ଆୟୋଜିତ କର୍ମଶାଳାରେ ଅତିଥି ଓ ପ୍ରଶିକ୍ଷାର୍ଥୀମାନେ।

## ନୂଆଁଖାଇ ଉପଲକ୍ଷେ ଚିତ୍ରାଙ୍କନ, ଚେସ୍ ପ୍ରତିଯୋଗିତା

ସମ୍ବଲପୁର,୨୫।୮(ବି.ଶଙ୍କର)

**ଚେସ୍‌ରେ ପ୍ରଜ୍ୱଳ ସରକାର ଚାମ୍ପିୟନ**

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ସମ୍ବଲପୁର ସହରସ୍ଥିତ ନନ୍ଦପଡା ଚିତ୍ରୋତ୍ପଳା ଯୁବକ ସଂଘ ଓ ପଣ୍ଡିତ ଲକ୍ଷ୍ମୀନାରାୟଣ ସାଂସ୍କୃତିକ ସଂସଦ ପକ୍ଷରୁ ବିବିଧ ପ୍ରତିଯୋଗୀତା ରବିବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ବାଲୁଙ୍କେଶ୍ୱର କଲ୍ୟାଣ ମଣ୍ଡପରେ ଦୁଇଦିନ ଧରି ଆୟୋଜିତ ଚିତ୍ରାଙ୍କନ ଓ ଚେସ୍ ପ୍ରତିଯୋଗିତାରେ ସମ୍ବଲପୁର ମହାନଗର ଅଞ୍ଚଳରୁ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଚିତ୍ରାଙ୍କନରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩ଟି ବର୍ଗରେ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଚିତ୍ରଶିଳ୍ପୀମାନେ ମନ୍ଦାର ଫୁଲ, ମା' ସମଲେଇ ଏବଂ ନୂଆଁଖାଇ ତିହାର ଚିତ୍ର ଅଙ୍କନ କରିଥିଲେ। ଏହି ପ୍ରତିଯୋଗିତାକୁ ଶିବ ମିଶ୍ର, ଅନୀଲ ପଣ୍ଡା, ମନୋଜ ମହାପାତ୍ର, ମାନସ ରଥ, ବାଳଗୋପାଳ ନନ୍ଦ, ସଙ୍କଳ୍ପ ମହାପାତ୍ର, ଅବିନାଶ ମିଶ୍ର, ପ୍ଲାବନ ମିଶ୍ର, ବିଚିତ୍ରାନନ୍ଦ ମିଶ୍ର ଓ ସଦସ୍ୟମାନେ ସହଯୋଗ କରିଥିଲେ। ସେହିପରି ଚେସ୍ ପ୍ରତିଯୋଗିତାରେ ବିଭିନ୍ନ ସ୍କୁଲର ୭୫ଜଣ ଚେସ ଖେଳାଳିମାନେ ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିଥିଲେ। ୭ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ବୁର୍ଲା ଡିଏଭି ସ୍କୁଲ(ଏମ୍‌ସିଏଲ୍) ଦଶମ ଶ୍ରେଣୀ ଛାତ୍ର ପ୍ରଜ୍ୱଳ ସରକାର ଚାମ୍ପିୟନ ଏବଂ ଜୋଏସ ବେହେରା ଉପବିଜେତା ହୋଇଛନ୍ତି। ସେହିପରି କପିସ ଥାପା ତୃତୀୟ, ଗୌରବ କୁମାର ପଟେଲ ୪ର୍ଥ, ରୋଶନ ସା ୫ମ, ସମର୍ଥ କୁମାର ଦାଶ ୬ଷ୍ଠ, ଅନିକେତ ଭୋଇ ସପ୍ତମ, ଦେବାଂଶୁ ହୋତା ଅଷ୍ଟମ, ପ୍ରକ୍ରିତ ପ୍ରିତ ନବମ ଏବଂ ଆଦିତ୍ୟ ମହାକୁଡ ଦଶମ ସ୍ଥାନ ଅଧିକାର କରିଛନ୍ତି। ୧୧ ବର୍ଷରୁ କମ ବର୍ଗ ପ୍ରତିଯୋଗିତାରେ ଶ୍ରୀୟାନ ମହାପାତ୍ର ପ୍ରଥମ, ତେଜସ୍ୱୀ ସତ୍ୟପ୍ରଜ୍ଞା ନନ୍ଦ ଦ୍ୱିତୀୟ, ଜ୍ଞାନ ପ୍ରକାଶ ସାହୁ ତୃତୀୟ, ନୟନ କିଶୋର ପାଢ଼ୀ ଚତୁର୍ଥ ଏବଂ ଆର୍ଯ୍ୟାନ ମେହେର ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ପ୍ରଥମ ୩ ଜଣ ପ୍ରତିଯୋଗୀମାନଙ୍କୁ ଚଳିତ ମାସ ୨୮ରେ ଆୟୋଜିତ ହେବାକୁ ଥିବା ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବାକୁ ସ୍ଥିର ହୋଇଛି ବୋଲି ଗଣମାଧ୍ୟମ ସଂଯୋଜକ ବିରାଜ ମିଶ୍ର ସୂଚନା ପ୍ରଦାନ କରିଛନ୍ତି। ଅନ୍ୟ ବିଜେତାମାନଙ୍କୁ ଆଜି ଆୟୋଜିତ କାର୍ଯ୍ୟକ୍ରମରେ ଜିଲା କ୍ରିଡା ସଂଘର ସାଧାରଣ ସମ୍ପାଦକ ସୁନୀଲ ସାହୁ ଓ ସମ୍ବଲପୁର ଚେସ ସଂଘ ସଭାପତି ଡାକ୍ତର ରାଜୀବ ନନ୍ଦ ପୁରସ୍କାର ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାକୁ ଚେସ ସଂଘ ସମ୍ପାଦକ ବିଧୁଭୂଷଣ ମିଶ୍ର ପରିଚାଳନା କରିଥିବା ବେଳେ ଅନୀଲ କୁମାର ପଣ୍ଡା, ରାଜକୁମାର ରାୟ, ପ୍ରସନ୍ନ ସରକାର ଓ ସଞ୍ଜୟ ମହାପାତ୍ର ସହଯୋଗ କରିଥିଲେ।

## ଟିକେଟ୍ ମାଗିବାରୁ ଟିଟିଇ, ପୋଲିସକୁ ଧମକ: ୩ଗିରଫ

ସମ୍ବଲପୁର,୨୫।୮(ପ୍ରମୋଦ ବହିଦାର)

ଟ୍ରେନ୍‌ରେ ବିନା ଟିକେଟ୍‌ରେ ଯାତ୍ରା କରିବା ସହ ନକଲି ବନ୍ଧୁକ ଓ ଛୁରି ଆଦି ମାରଣାସ୍ତ୍ର ଦେଖାଇ କର୍ତ୍ତବ୍ୟରତ ରେଳ ପରିବହନ ଟିକେଟ୍ ପରୀକ୍ଷକ(ଟିଟିଇ) ଓ ରେଳ ସୁରକ୍ଷାକର୍ମୀଙ୍କୁ ଧମକ ଦେଇଥିବା ୩ଜଣଙ୍କୁ ଗିରଫ କରିଛି ରେଳ ସୁରକ୍ଷା ବାହିନୀ। ସେମାନେ ହେଲେ ଛତିଶଗଡ଼ ଧନ୍‌ତରୀ ଜିଲା ଗରାଡ଼ି ଥାନା ଅନ୍ତର୍ଗତ ବନଗଡ଼ର ବିନୟ ସାହୁ, କୁରୁଦ ଥାନା ମାରୋଡ଼ର ବିକ୍ରମ ଯାଦବ ଓ ମନଦୌରୀର ଚନ୍ଦ୍ରକାନ୍ତ ବୈଷ୍ଣବ। ସୋମନଙ୍କ ନିକଟରୁ ନକଲି ମାରଣାସ୍ତ୍ରକୁ ରେଳବାଇ ପୋଲିସ ଜବତ କରିଛି। ଏହାକୁ ନେଇ ସମ୍ବଲପୁର ରେଳବାଇ ଥାନାରେ ଏକ ମାମଲା(ନଂ.୧୧୪/୨୫)ରୁଜୁ କରି ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ରବିବାର ରାତିରେ ଗାନ୍ଧୀଧାମ-ପୁରୀ ଏକ୍ସପ୍ରେସ୍‌ରେ ବିନା ଟିକେଟ୍‌ରେ ଉକ୍ତ ଅଭିଯୁକ୍ତମାନେ ଯାତ୍ରା କରୁଥିଲେ। ସେମାନଙ୍କୁ ଟିଟିଇ ଟିକେଟ୍ ଦେଖାଇବାକୁ କହିଥିଲେ। ମାତ୍ର ସେମାନେ ଟିକେଟ୍ ଦେଖାଇବା ବଦଳରେ ଓଲଟା ତାଙ୍କୁ ନକଲି ମାରଣାସ୍ତ୍ର ଦେଖାଇ ଭୟଭୀତ କରିବାକୁ ପ୍ରୟାସ କରିଥିଲେ। ପରେ ଟ୍ରେନ୍‌ରେ ଯାତ୍ରା କରୁଥିବା ରେଳ ସୁରକ୍ଷା କର୍ମୀମାନେ ସେଠାରେ ପହଞ୍ଚି ଅଭିଯୁକ୍ତମାନଙ୍କୁ କାବୁ କରିଥିଲେ।

## ଦାଦି ପ୍ରକାଶମଣିଜୀଙ୍କ ପୁଣ୍ୟତିଥିରେ ରକ୍ତଦାନ ଶିବିର

ସମ୍ବଲପୁର,୨୫।୮(ବି.ଶଙ୍କର)

ରାଜଯୋଗିନୀ ଦାଦି ପ୍ରକାଶମଣିଙ୍କ ପୂଣ୍ୟତିଥିରେ ବିଶାଳ ରକ୍ତଦାନ ଶିବିର ସୋମବାର ସମ୍ବଲପୁର ଦାନୀବନ୍ଧସ୍ଥିତ ଶିବ ଦର୍ଶନ ଭବନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଡିଜିଏମ ସଞ୍ଜୟ କୁମାର ଝା, ବ୍ରହ୍ମା କୁମାରୀ ବନିତା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବ୍ରହ୍ମାକୁମାରୀ ସଂସ୍ଥାର ଭଉଣୀ ଭାଇମାନେ ଜ୍ଞାନ ଯୋଗରେ ନିମଜ୍ଜିତ ରହି ଶାନ୍ତ ଚିତ୍ତ ତଥା ଶାନ୍ତିପ୍ରିୟ ହୋଇ ରହିଥାନ୍ତି । ତାଙ୍କ ରକ୍ତଦାନ ବେଶୀ ଉପଯୋଗୀ । ଏହା ଯାହାଙ୍କ ଶରୀରକୁ ଯିବ ତାକୁ ମଧ୍ୟ ଶାନ୍ତିର ଅନୁଭବ କରାଇବ । ବିଶାଳ ରକ୍ତଦାନ ଶିବିର ସମଗ୍ର ଭାରତ ତଥା ନେପାଳ ଦେଶର ବ୍ରହ୍ମା କୁମାରୀ ସେବା କେନ୍ଦ୍ରଗୁଡ଼ିକ ଦ୍ୱାରା ହୋଇଛି । ଯାହାକି ରାଷ୍ଟ୍ର ସକାଶେ ଶୁଭଙ୍କର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଆୟୋଜିତ ରକ୍ତଦାନ ଶିବିରରେ ୬୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ସମ୍ବଲପୁର ସମ୍ବଳ ସଙ୍ଗଠନର ରାମଦାସଙ୍କ ସମେତ ସଭ୍ୟମାନେ ଏଥିରେ ସହାୟତା କରିଥିଲେ ।



ଶିବ ଦର୍ଶନ ଭବନରେ ରକ୍ତଦାନ କରାଯାଉଛି।

## ହୋଇନି ଜମି ଚିହ୍ନଟ, ଆଗେଇ ପାରୁନି କାମ

ଜମନକିରା,୨୫।୮(ରବୀନ୍ଦ୍ର ପ୍ରସାଦ ଦାନୀ)

**ଜମନକିରା ବିଇଓ ଅଫିସ କୋଠା, ପ୍ରଶିକ୍ଷଣ ହଲ ନିର୍ମାଣ ପ୍ରସଙ୍ଗ**

ସମ୍ବଲପୁର ଜିଲା ଜମନକିରା ବିଇଓ ଅଫିସ ଏବଂ କର୍ମଚାରୀ ବାସଗୃହ, ପ୍ରଶିକ୍ଷଣ ହଲ, ପାର୍କିଂ ବ୍ୟବସ୍ଥା, ପତାକା ପୋଷ୍ଟ ଆଦିନିର୍ମାଣ ପାଇଁ ପ୍ରତିବ୍ଲକ ସଦର ମହକୁମାରେ ଅଢେଇ ଏକର ଜମି ଦେବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। ନିର୍ମାଣ ପାଇଁ ଅଢେଇ କୋଟିର ବ୍ୟୟବରାଦ ରହିଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଶିକ୍ଷା ବିଭାଗ ଆଡିସ୍‌ନାଲ ସେକ୍ରେଟାରୀ ଦିପ୍ତିରାଣୀ ସାହୁ ଚିଠି ସଂଖ୍ୟା ୨୩୬୩୭/୨୨।୮।୨୫ରିଖରେ ଶୀଘ୍ର ଜମି ଚିହ୍ନଟ କରିବାକୁ ସମ୍ବଲପୁର ଜିଲା ଶିକ୍ଷା ଅଧିକାରୀ ଓ ଜମନକିରା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଚିଠି କରିଛନ୍ତି। ହେଲେ ରାଜସ୍ୱ ବିଭାଗ ଏବଂ ଗୋଷ୍ଠୀ ଶିକ୍ଷା ବିଭାଗ ଅଧିକାରୀଙ୍କ ଭିତରେ ସମନ୍ୱୟ ରହୁ ନ ଥବାରୁ ଜମି ଚିହ୍ନଟ କାର୍ଯ୍ୟ ଧିମେଇ ଯାଉଛି।

ତହସିଲଦାର ପ୍ରଭିଣା ବିଲୁଙ୍ଗଙ୍କ କହିବା ଅନୁଯାଇ ଶିକ୍ଷା ବିଭାଗ ପକ୍ଷରୁ ବିଇଓ ଅଫିସ ନିର୍ମାଣ ପାଇଁ ଜମି ଯୋଗାଇ ଦେବାକୁ ଆବେଦନ କରାଯାଇଥିଲା। ସେହିକ୍ରମରେ ୧୩ ଡିସିମିଲ ଜମି ବ୍ଲକ ପାଖରେ ଦିଆଯାଇଥିଲା। ଏବେ ପୁନର୍ବାର ଅଢେଇ ଏକର ଜମି ପାଇଁ କହୁଛନ୍ତି। ତେବେ ପୂର୍ବରୁ ଦିଆଯାଇଥିବା ୧୩ ଡିସିମିଲ ଜମି ନାକଚ କଲା ପରେ ନୂତନ ଭାବେ ଦରଖାସ୍ତ ଦେଲେ ସାନି ଚିହ୍ନଟ କରାଯିବ ବୋଲି କହିଛନ୍ତି। କିନ୍ତୁ ବିଇଓ ରୁକ୍ମଣ ପ୍ରଧାନ ଏବଂ ବରିଷ୍ଠ କିରାଣୀ ସତ୍ୟନାରାୟଣ କର୍ଣ୍ଣାଙ୍କ କହିବା ଅନୁଯାଇ ତହସିଲ ପକ୍ଷରୁ ଆମକୁ ଆନୁଷ୍ଠାନିକ ଭାବେ ଜମି ଦିଆଯାଇନାହିଁ। ତେଣୁ ଆମେ କେଉଁ ଜମିକୁ ନାକଚ ପାଇଁ କହିବୁ। ଆମେ ପ୍ରଥମରୁ ହିଁ ଏଡିଏମ୍‌ଙ୍କ ଚିଠି ଅନୁଯାଇ ୫ଏକର ଜାଗା ପାଇଁ ଚିଠି କରିଥିଲୁ। ମାତ୍ର ଆମକୁ ମୌଖିକ ଭାବେ ୧୩ ଡିସିମିଲ ଜମି ଦେଇଥିବା କଥା କହିଲେ।

ଅତିରିକ୍ତ ଜିଲାପାଳ ସମ୍ବଲପୁରଙ୍କ ଚିଠି ସଂଖ୍ୟା ୭୩୫/ତା୬।୫।୨୦୨୫ ଅନୁଯାୟୀ ବିଇଓ ଅଫିସ ନିର୍ମାଣ ପାଇଁ ଜମନକିରା ତହସିଲଦାରଙ୍କୁ ପ୍ରାୟ ୨.୫୦ ଏକର ସରକାରୀ ଜମି ଚିହ୍ନଟ କରି ପ୍ରସ୍ତାବ ଦାଖଲ କରିବାକୁ ଆଦେଶ ମିଳିଥିଲା। ରାଜ୍ୟ ସରକାରଙ୍କ ନିକଟକୁ ଜୁନ ୧୫ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରାଯିବ ବୋଲି ସମୟ ସୀମା ଧାର୍ଯ୍ୟ କରାଯାଇଥିଲା। କୁଚିଣ୍ଡା ଉପଜିଲାପାଳ ଏବଂ ବିଇଓ ଅଫିସରୁ ଅବଗତ କରିଥିଲେ ହେଁ ଜମନକିରା ତହସିଲଦାର ପ୍ରଭିଣା ବିଲୁଙ୍ଗ ବିଇଓଙ୍କୁ ସ୍କୁଲ ଏବଂ ଗଣଶିକ୍ଷା ବିଭାଗର ମାର୍ଗଦର୍ଶିକା ମାଗି ନୀରବ ରହିଲେ। ସ୍ଥାନଭାବ ହେତୁ ବ୍ଲକ ପରିସରରେ ଥିବା କାର୍ଯ୍ୟାଳୟରେ ଅସୁବିଧା ହେଉଥିବା ଅଧିକାରୀମାନେ ପ୍ରକାଶ କରିଛନ୍ତି। ଏ ନେଇ ତହସିଲଦାର ବିଲୁଙ୍ଗଙ୍କୁ ପଚାରିବାରୁ ବିଇଓ ଅଫିସ ପକ୍ଷରୁ ବିଧିବଦ୍ଧଭାବେ ଅଢେଇ ଏକର ଜମି ଦେବାକୁ ଆବେଦନ କରାଯିବା ପରେ ଯୋଗାଇ ଦେବା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।


**केनरा बैंक Canara Bank | ସିଣ୍ଡିକେଟ Syndicate**

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁକ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତାଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ଋଣଗ୍ରହୀତା / ବନ୍ଧକଦାତାଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଜଗତସିଂହପୁର ଶାଖା** ଋଣଗ୍ରହୀତା/ବନ୍ଧକଦାତା: **ଶ୍ରୀ ସୁଶୀଲ୍ କୁମାର ଦାଶ**, ପିତା: ରବିନ୍ଦ୍ର କୁମାର ଦାଶ, ଠିକଣା: ସା-ଜହନପୁର, ପୋ.: ମଣ୍ଡାସାହି, ଗ୍ରାମ- ଜହନପୁର, ଜିଲ୍ଲା: ଜଗତସିଂହପୁର, ଓଡିଶା-୭୫୪୧୧୪। | (କ)ଟ.୧୪,୮୬,୦୦୦/- / (ଖ) ୨୪.୦୮.୨୦୨୫ / (ଗ) ୨୫.୦୮.୨୦୨୫ | ୨୫.୦୮.୨୦୨୫ ସୁଦ୍ଧା ଟ.୧୪,୪୮,୮୪୨.୨୦ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀ ସୁଶୀଲ୍ କୁମାର ଦାଶ** ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୧୭୩୨, ଖାତା ନଂ.୬୯, ମୌଜା: ଛତ୍ର, ଗ୍ରାମ: ଜହନପୁର, ଏରିଆ: ଏ୦.୦୪ ଡିସିମିଲି, କିସମ: ଘରବାରୀ, ଉପ ଜିଲ୍ଲା: ଜଗତସିଂହପୁର ଏବଂ ଜିଲ୍ଲା: ଜଗତସିଂହପୁର ରେ ରେଜିଷ୍ଟ୍ରିଭୁକ୍ତ, ଚାରିପାର୍ଶ୍ୱରେ: ଉତ୍ତର- ସରକାରୀ ରାସ୍ତା, ଦକ୍ଷିଣ- ନିତ୍ୟାନନ୍ଦ ମହାନ୍ତି, ପୂର୍ବ- ରାଧା ଚରଣ ମହାନ୍ତି, ପଶ୍ଚିମ- ଗୋପିନାଥ ମହାନ୍ତି । |

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ । ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିନ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ। ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି । (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

ତାରିଖ: ୨୫.୦୮.୨୦୨୫, ସ୍ଥାନ: କଟକ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

# ବୃଦ୍ଧଙ୍କୁ ହତ୍ୟା ଘଟଣା: ଆଉ ୨ କୋର୍ଟ ଚାଲାଣ

**ବେଲପଡା,୨୫।୮(ମନୋଜ କୁମାର ମିଶ୍ର):** ବଲାଙ୍ଗୀର ଜିଲା ବେଲପଡା ଥାନା ଅନ୍ତର୍ଗତ ପଲ୍ଲିମାଲ ଗ୍ରାମରେ ଜମିବାଡ଼ି ବିବାଦରୁ ଜଣେ ବୃଦ୍ଧଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା । ଏହି ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ପୋଲିସ ପୂର୍ବରୁ ବାସୁଦେବ ଭାଟିଙ୍କୁ ଗିରଫ କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ୨ ଅଭିଯୁକ୍ତ ଫେରାର ଥିଲେ । ଫେରାର ଥିବା ପର୍ଶୁରାମ ଭାଟି ଓ ହୃଦ ଭାଟିଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଥିବା ଥାନାଧିକାରୀ ଅନନ୍ତ ପଧାନଙ୍କ ଠାରୁ ପ୍ରକାଶ । ସୂଚନାଯୋଗ୍ୟ, ଗତ ୨ ତାରିଖରେ ପଲ୍ଲିମାଲ ଗାଁର ଶୋଭାକର ଭାଟିଙ୍କୁ ଅଭିଯୁକ୍ତମାନେ ଆକ୍ରମଣ କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗତ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଥିଲା।

## ପିଏଚ୍.ଡି. ଲାଭ



ଡ. ନମିତା କର୍ଣ୍ଣ ଦେଶର ଅଗ୍ରଣୀ ଶିକ୍ଷା ସଂସ୍ଥା ତଥା ଡିମ୍ଡ ବିଶ୍ୱବିଦ୍ୟାଳୟ Institute of Chemical Technology, Mumbaiରୁ Polumer Engineering and Technology ବିଷୟରେ ପିଏଚ୍.ଡି. ଲାଭ କରିଛନ୍ତି। ଏହି ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଶଶାଙ୍କ, ଟି, ମାସକେଟଙ୍କ ତତ୍ତ୍ୱାବଧାନରେ ସେ ଗବେଷଣା କରୁଥିଲେ। ତାଙ୍କ ଗବେଷଣାର ବିଷୟ "Development and Modification of Polymeric resin by Silane" ସବୁ ମହଲରେ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ନମିତା ବରଗଡ଼ ଅତାବିରା ବ୍ଲକ୍‌ର ମୂଳ ନିବାସୀ ତଥା ପଶ୍ଚିମ ଓଡ଼ିଶା ଅଗ୍ରଣୀ ଶିକ୍ଷାନୁଷ୍ଠାନ ମାହେଶ୍ୱରୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନର ପ୍ରତିଷ୍ଠାତା ଅଧ୍ୟକ୍ଷ ଶ୍ରୀ ଫକୀର କର୍ଣ୍ଣ ଓ ସଂପାଦିକା ସନ୍ତୋଷିନୀ କର୍ଣ୍ଣଙ୍କ ସୁପୁତ୍ରୀ ଅଟନ୍ତି। ଡ. ନମିତା କର୍ଣ୍ଣ ବର୍ତ୍ତମାନ ମୁମ୍ବାଇର Institution of Chemical Technologyରେ Asst. Professor ଭାବରେ କାର୍ଯ୍ୟରତ ଅଛନ୍ତି। ତାଙ୍କର ଏହି ସଫଳତାର ଶ୍ରେୟ ନିଜର ଅଭିଭାବକ, Institution of Chemical Technology, Mumbaiର ସମସ୍ତ ଶିକ୍ଷକ, କର୍ମଚାରୀ, ନିଜର ବନ୍ଧୁମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଧ-୧୭୫୨

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

# ସାର ଯୋଗାଣ ଦାବି: କଂଗ୍ରେସର ଧାରଣା

**ନୂଆପଡ଼ା, ୨୫।୮(ମକାରୁ ବେମାଲ)**

ନୂଆପଡ଼ା ଜିଲାରେ ୟୁରିଆ ସାରର କୃତ୍ରିମ ଅଭାବ ଦେଖାଦେଇଛି। ଏହାକୁ ନେଇ କଂଗ୍ରେସ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଦୀର୍ଘ ୪ ଘଣ୍ଟା ପରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଏତ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ସୋମବାର ୨୬ ହଜାର ବ୍ୟାଗ୍ ସାର ଆସିଛି । ଆବଶ୍ୟକତା ଅନୁଯାୟୀ ସାର ଯୋଗାଇବା ପାଇଁ ସରକାରଙ୍କୁ ଚିଠି କରିବୁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଧାରଣାକାରୀ ୫୦ ହଜାର ବ୍ୟାଗ୍ ସାର ଯୋଗାଇବା ପାଇଁ ଲିଖିତ ଭାବେ ଦେଲା ପରେ ଧାରଣାରୁ ଉଠିବୁ ବୋଲି ଅଡି ବସିଛନ୍ତି। କମିଟିର ଜିଲା ସଂଯୋଜକ ଘାସିରାମ ମାଝିଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତା ଧାରଣାରେ ସାମିଲ ହୋଇଛନ୍ତି। ସେମାନେ ଦର୍ଶାଇଥିଲେ, ଜିଲାର ୮୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି। ଧାନ ସହ ମାଣ୍ଡିଆ, ଗୁର୍ଜି, କୋଦୋ ଡାଲି ଜାତୀୟ ଫସଲ କରିଥାନ୍ତି। ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ରୁଆ ବେଉଷଣ ହୋଇପାରି ନ ଥିଲା। ବର୍ତ୍ତମାନ ଲଘୁଚାପଜନିତ ବର୍ଷା ହେବାରୁ ଚାଷୀମାନେ ବେଉଷଣ କାମ ଆରମ୍ଭ କରିଛନ୍ତି। ଏପରି ସମୟରେ ଜିଲାରେ ରାସାୟନିକ ସାରର କୃତ୍ରିମ ଅଭାବ ଦେଖାଦେଇଛି। ଜରୁରୀ ଥିବାରୁ ଚାଷୀମାନେ ବାଧହୋଇ ଡିଲରଙ୍କଠାରୁ ଚଢ଼ା ଦରରେ ସାର କିଣୁଛନ୍ତି। ସରକାରୀ ମୂଲ୍ୟ ୟୁରିଆ ସାର ୨୬୬ ଟଙ୍କା ୫୦ ପଇସା ଥିବାବେଳେ ୮ ଶହରୁ ୧ହଜାର ଟଙ୍କାରେ ବିକ୍ରୟ ହେଉଛି। ଡିଏପି ସାର ୧୮୪୬ର ମୂଲ୍ୟ ୧୩୫୦ ଟଙ୍କା, ୧୬୧୬ର ମୂଲ୍ୟ ୧୬ ଶହ ଓ ୨୦୨୦ର ମୂଲ୍ୟ ୧୪୫୦ ଟଙ୍କା ରହିଥିବା ବେଳେ ଡିଲରମାନେ ୨ ହଜାରରୁ ଊର୍ଦ୍ଧ୍ୱ ଟଙ୍କାରେ ବିକ୍ରୟ କରୁଛନ୍ତି। ଓଡ଼ିଶା ସାର ଛତିଶଗଡ଼ରେ ବିକ୍ରୟ ହେଉଛି। ଏହାର ତଦନ୍ତକରି ସମ୍ପୃକ୍ତ ଅଧିକାରୀ କିମ୍ବା ଡିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଛନ୍ତି। ଜିଲାକୁ ଆବଶ୍ୟକ ସାର ନ ଆସିବା ପର୍ଯ୍ୟନ୍ତ ଧାରଣାରେ ବସିବୁ ବୋଲି କଂଗ୍ରେସ ଚେତାବନୀ ଦେଇଛି। ଏହି ଧାରଣାରେ କଂଗ୍ରେସ ଜିଲା ସଂଯୋଜକ ମାଝି ସମେତ କମଳ ଚରଣ ତାଣ୍ଡି, ଯୁବ କଂଗ୍ରେସ ଜିଲା ସଭାପତି ଅମିତ କୁମାର ଅହିର, ଭକ୍ତ ଶବର, ଅଭୟ ଶଙ୍କର ଜୋଷୀ, ହରି ମାଝି, ଆଶିଫ ଖାନ, ଇଶାଫ ଖାନ, ସୁଶାନ୍ତ ସାହୁ, ଗୌତମ ମାଝୀ, ପ୍ରେମାନନ୍ଦ ମାଝି ପ୍ରମୁଖ ସାମିଲ ଥିଲେ ।




ଜିଲାପାଳଙ୍କ ଅଫିସ ଆଗରେ ଧାରଣାରେ ବସିଥିବା କଂଗ୍ରେସ କର୍ମକର୍ତ୍ତା।

### ଆବଶ୍ୟକ ସାର ନ ପହଞ୍ଚିବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ

## ନୂଆପଡ଼ା ଜିଲାକୁ ୟୁରିଆ ସାର ଯୋଗାଣ

**ନୂଆପଡ଼ା,୨୫।୮ (ମକାରୁ ବେମାଲ):** ନୂଆପଡ଼ା ଜିଲାକୁ ସୋମବାର ୨୬ ହଜାର ୯୦୦ ବ୍ୟାଗ ୟୁରିଆ ସାର ଯୋଗାଣ ହୋଇଛି। ଜିଲାର ୨୬ ସମବାୟ ସମିତି ମଧ୍ୟରୁ ନୂଆପଡ଼ା ସମବାୟ ସମିତିକୁ ୭୪୫ ବସ୍ତା, ପରକୋଟ ୩୧୪, ବେଲଟୁକରି ୭୨୪ ବସ୍ତା, ସରାବଙ୍ଗ ୭୦୦, ତରବୋଡ ୭୦୦, ଦର୍ଲିମୁଣ୍ଡା ୭୧୦ ବସ୍ତା, କୁଳିଆବନ୍ଧା ୭୦୦, ଲଖନା ୭୧୦ ବସ୍ତା, ଖଡିଆଳ ବରଗାଁ ୩୧୦, ଖଇରା ୩୫୫, କରଙ୍ଗାମାଲ ୩୮୩, କାଣ୍ଡେତରା ୬୪୨, ନିଲଜି ୭୦୦, ପେଣ୍ଡରାବନ୍ଧ ୩୬୪, ଖଡିଆଳ ସମବାୟ ସମିତିକୁ ୭୧୦ ବସ୍ତା ୟୁରିଆ ସାର ଯୋଗାଣ ସହ ଡିଲରମାନଙ୍କୁ ବିକ୍ରୟ ପାଇଁ ଦିଆଯାଇଛି। ଏଥିନେଇ ଭାଜପା ଯୁବ ମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା ମୁଖ୍ୟମନ୍ତ୍ରୀ, କୃଷି ମନ୍ତ୍ରୀ ଓ ଜିଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି।



ଗାଡିରେ ସାର ବୋଝେଇ ହେଉଛି ।

# ମୁକ୍ତ ବିଚାର ମଞ୍ଚର ମାସିକ ଆଲୋଚନାଚକ୍ର

**ଖଡ଼ିଆଳ,୨୫।୮ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ମୁକ୍ତ ବିଚାର ମଞ୍ଚର ମାସିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁକ୍ତାପୁରସ୍ଥିତ କ୍ଷତ୍ରିୟ ପାଟଣା ପ୍ରେକ୍ଷାଳୟରେ 'ଆମ ସଂସ୍କୃତି ଅବକ୍ଷୟର କାରଣ ପାଶ୍ଚାତ୍ୟ ଆଧୁନିକତା' ଶୀର୍ଷକରେ ଆଲୋଚନା ହୋଇଥିଲା। ମଞ୍ଚ ପରମ୍ପରା ଅନୁସାରେ ଅବସରପ୍ରାପ୍ତ ଶିକ୍ଷକ ସନାତନ ମହାହୁତି ଓ ଶିକ୍ଷକ ଗୌରାଙ୍ଗ ସାହୁ ବିଷୟ ସପକ୍ଷରେ ଏବଂ ଅଧ୍ୟାପକ ପଦ୍ମଲୋଚନ ଶର୍ମା ଓ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ବିଶି ବିପକ୍ଷରେ ଯୁକ୍ତି ବାଢ଼ିଥିଲେ। ଡ. ଫଣିନ୍ଦ୍ରମ ଦେଓ, ବାସୁଦେବ ସୁନାନୀ, କାର୍ତ୍ତିକ ବାଗ, ପଟାୟତ ସାହେବ, ସାମୁଏଲ ଦାନି, ସବିତା ଚାର୍ଟର୍ଜି, ସାଇନା ପରବିନ, ଅଧ୍ୟାପିକା ମୀନା ସାହା, ନୀଳିମା ସାଗର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସୁଜ୍ଞାନ ସିଂହ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିଙ୍କ ସହ ବୁଦ୍ଧିଜୀବୀମାନେ।

# ପ୍ରଧାନମନ୍ତ୍ରୀ ଜନମନ ଯୋଜନାରୁ ବଞ୍ଚିତ ଆଦିମ ଜନଜାତି

**ଭବାନୀପାଟଣା,୨୫।୮(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାରେ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରୁ ଏବେ ମଧ୍ୟ ଆଦିମ ଜନଜାତି ପରିବାର ବଞ୍ଚିତ ହୋଇଛନ୍ତି। ବିଶେଷକରି ଜିଲାର ବହୁ ଡ଼ଙ୍ଗରିଆ ଓ ଝରଣିଆ ଆଦିବାସୀ ଏଥିରେ ସାମିଲ ହୋଇ ନ ଥିବାରୁ ଜନମନ ଯୋଜନା କାହା ପାଇଁ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଦିମ ଜନଜାତି ପରିବାରକୁ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ୨ଲକ୍ଷ ଟଙ୍କା ଅନୁଦାନରେ ଆବାସ ଦେବାର ବ୍ୟବସ୍ଥା ରହିଛି। ପ୍ରଥମ କିସ୍ତିରେ ୪୦ହଜାର, ଦ୍ୱିତୀୟ କିସ୍ତିରେ ୭୦ ହଜାର, ତୃତୀୟ କିସ୍ତିରେ ୫୦ ହଜାର ଓ ଚତୁର୍ଥ କିସ୍ତିରେ ୪୦ ହଜାର ଟଙ୍କା ବିଲ୍ ପୈଠ କରିବା ନିମନ୍ତେ ଗାଇଡ୍‌ଲାଇନ ରହିଛି। ଜିଲାର କେବଳ ଲାଞ୍ଜିଗଡ଼ ବ୍ଲକର ୨୬ ଗାଁରେ ଆଦିମ ଜନଜାତି ପରିବାର ନିମନ୍ତେ ସର୍ଭେ ହୋଇଥିଲା। କେବଳ କୁଟିଆ କନ୍ଧ ଜାତିର ୪୯୭୦ ଜଣ ପରିବାର ଆବାସ ପାଇବା ନିମନ୍ତେ ଯୋଗ୍ୟ ହୋଇଥିଲେ। ବାକି ଡ଼ଙ୍ଗରିଆ ଓ ଝରଣିଆ ଆଦିବାସୀ ଆବେଦନ କରିଥିଲେ। ଜିଲାର ୬୧୨୯ଜଣ ଆଦିମ ଜନଜାତିଙ୍କ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ଘର ମଞ୍ଜୁର ହୋଇଥିଲା। ୫୩୮୯ ପରିବାର ପ୍ରଥମ କିସ୍ତି ପାଇଥିବା ବେଳେ ୪୦୦୫ ଦ୍ୱିତୀୟ, ୨୩୭୦ ଜଣ ତୃତୀୟ ଓ ୧୪୧୧ ଜଣ ଚତୁର୍ଥ କିସ୍ତି ପାଇଁ ସାରିଛନ୍ତି। ଏ ପର୍ଯ୍ୟନ୍ତ ୧୭୬୨ ପରିବାରଙ୍କ ଘର ସମ୍ପୂର୍ଣ୍ଣ ହୋଇସାରିଛି। ସେହିପରି ଭୁର୍ତ୍ତି ଗଡ଼ରେ ସର୍ଭେକୁ ବିରୋଧ କରିଥିବା ଯୋଗୁ ବାଦ ପଡିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ଯୋଜନାରେ ଆଦିମ ଜନଜାତି ସାମିଲ ହୋଇଥିବା ବେଳେ ଏହାର କାର୍ଯ୍ୟକାରିତାରେ ବିଳମ୍ବ ହେଉଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏବେ ମଧ୍ୟ ବହୁ ଡ଼ଙ୍ଗରିଆ ଓ ଝରଣିଆ ଆଦିମ ଜନଜାତି ପରିବାର ଆବାସ ଯୋଜନା ଓ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ସାମିଲ ହୋଇପାରି ନାହାନ୍ତି। ତୁରନ୍ତ ଜିଲା ପ୍ରଶାସନ ଓ ଲାଞ୍ଜିଗଡ଼ ବ୍ଲକ ପକ୍ଷରୁ ଏହି ଯୋଜନାର ସମୀକ୍ଷା କରାଯାଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

### ୬୧୨୯ ଘର ମଧ୍ୟରୁ ୧୭୬୨ଟିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି

# Classified Everyday

0674-2580101, 9692975378



## REAL ESTATE SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **8249976746, 7978660091.** D-1698

## AFFIDAVIT

By virtue of an affidavit sworn before the Executive Magistrate, Balangir, I Bidyulata Penthei, At- Mahulapal, Kamakhyanagar, Dhenkanal declare that I have changed my name from Bidyulata Behera to Bidyulata Penthei. Henceforth I shall be known as Bidyulata Penthei for all purposes.
D-1755

I, Ankita Narayan Mundra, W/o- Ayush Taparia, resident of 301 and 302 Aditi Chanda Royal Apartment, Jharapada, Bhubaneswar, Odisha 751006 declare by this affidavit No.- 15AA 130962 dtd.- 30.07.2025 that now onwards I shall be known as Ankita Taparia for all future purposes. D-1754

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମୁଁ, ପିଙ୍କି ପ୍ରଧାନ, ସ୍ୱାମୀ- ବୁଦ୍ଧି ପ୍ରଧାନ, ଠିକଣା- ଗୌଡ଼ିଆଘାଇ, ପୋ.ଅ.- ରାହାଡ଼ମଲ୍ଲ, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ- ୭୫୨୦୦୨ ଜଣାଉଅଛିଯେ ମୌଜା- ଗୌଡ଼ିଆଘାଇ ଖାତା ନ୧୬ମ୍ବର ପ୍ଲଟ୍ ନ୩୩୮ମ୍ବର ଏରିଆ- ଏ୦.୨୪ଡେସିମିଲ ସମ୍ବନ୍ଧରୁ କ୍ରୟ ଏରିଆ- ଏ୦.୦୬ ଡେସିମିଲକୁ ରେଜିଷ୍ଟ୍ରି ବିକ୍ରୟକବଲା ନ-୧୧୪୮୨୦୦୩୯୮୧ମ୍ବର ଦ୍ୱାରା ତା-୨୨।୧୦।୨୦୨୦ରିଖରେ ପୁରୀ ସ.ରେ. ରେଜିଷ୍ଟ୍ରେସନ କରିଛି, କିନ୍ତୁ ଜଟି ପ୍ରଧାନଙ୍କ (ମୃତ) କୌଣସି ଉତ୍ତରାଧିକାର ପ୍ରମାଣପତ୍ର ନଥାଇ ତାଙ୍କ ଉତ୍ତରାଧିକାରୀମାନେ ବିନା ପ୍ରମାଣପତ୍ରରେ ତାଙ୍କ ସମ୍ପତ୍ତିକୁ ପୂର୍ବକ୍ରେତାଙ୍କ ବିକ୍ରେତାଙ୍କୁ ବିକ୍ରୟ କରିଛନ୍ତି ବୋଲି ଜାଣିବାରୁ ମୁଁ ଘୋଷଣା କରୁଅଛିକି, ଯଦି କୌଣସି ବ୍ୟକ୍ତି କିମ୍ବା କୌଣସି ସଂସ୍ଥାଙ୍କ ଉତ୍ତରାଧିକାରୀ ସମ୍ବନ୍ଧରେ ଅଭିଯୋଗ ଥାଏ ତେବେ ଘୋଷଣାର ୧୪ ଦିନ ଭିତରେ ସ୍ୱତନ୍ତ୍ର ଫାଇନାନ୍ସ କମ୍ପାନୀ ଅଫିସରେ ଆସି ଜଣାନ୍ତୁ। ୧୪ ଦିନପରେ କୌଣସି ଅଭିଯୋଗ ବିଚାରକୁ ନିଆଯିବ ନାହିଁ।

ଇତି
ପିଙ୍କି ପ୍ରଧାନ
ଧ-୧୭୫୭

By virtue of an affidavit I, Sandhya Satapathy, aged- 59 years, D/o- Late Sh Surendra Kumar Bhol and W/o- Tapan Kumar, declare that I have changed my name from Sandhyarani Bhol to Sandhya Satapathy. Now I am identified as Sandhya Satapathy in all official documents like PAN, Aadhaar, Bank A/c etc. That I have a Plot, No.- 8-3GH, D/785, Area- 1625sqft., Sector- 8, CDA, Cuttack. I am again declaring that Sandhyarani Bhol and Sandhya Satapathy are the same person. My Aadhaar No.- xxxx xxxx 2767 and PAN-ANQPB4447H are in the name of Sandhya Satapathy.
Sd./- Sandhya Satapathy
D-1753

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## LEGAL NOTICE

IN THE COURT OF ADDL. COMMISSIONER OF CONSOLIDATION AND SETTLEMENT, SAMBALPUR-II R.P.
Case No.- 245/2024

Purastam Biswal and others .... Petitioner

Vrs

Kshudhasagar Pradhan and another ....Opposite Parties

To, 1. Kshudhasagar Pradhan, 2. Sudhasagar Pradhan both are sons of Late Bhubaneswar Pradhan and R/o- Deogaon, P.O.- Rajpur, Tahasil/Dist.- Jharsuguda

Whereas, the aforesaid case has been filed by the petitioners against you wherein, the petitioners have prayed under the provision as contemplated u/s 15 (b) of Orissa Survey & Settlement Act, 1962 and rules framed there under. However, you have deliberately avoided receiving notice in the aforementioned case issued by the honourable Court.

You are hereby directed to appear in person or through your pleader duly instructed by you before the Honourable Court on 2nd day of September 2025 at 11:00A.M. failing which, the case will be determined in your absence.

Given under my hands and the seal of this Court on this 11th day of August 2025.

Land Schedule
Mouza- Deogaon, Tahasil- Jharsuguda, Dist.- Jharsuguda, M.S. Khata No.- 101, Plot No.- 927 Ac.3.050 dec.

Sd./- Additional Commissioner, Consolidation & Settlement, Sambalpur-II
D-1756

IN THE COURT OF HON'BLE CIVIL JUDGE (SR. DIVN.) AT PARALAKHEMUNDI
C.M.A. No.- 04/2024.
(Out of C.S. 29/2021)

Smt. Sandhya Rani Das & Another ....Petitioner

Versus.

Smt. Madhusmita Das & Another. ...Respondent.

PUBLICATION UNDER ORDER V RULE 20 of C.P.C.

To, 1. Smt. Madhusmita Das, W/o- Dr. Krushna Chandra Das, aged about 70 years, Hindu. Housewife, permanent resident of Palace Street, PO / PS: Paralakhemundi, Gajapati- District and 2. Dr. Krushna Chandra Das, W/o Late Madan Mohan Das, aged about 75 years, Hindu. Pensioner, permanent resident of Palace Street, PO/PS: Paralakhemundi, Gajapati District.

Whereas the plaintiff/ Petitioner has instituted the above proceeding against you for the reliefs claimed in the above petition. That in spite of the several steps taken by this Hon'ble Court in both ways such as through Court and Postal for your appearances. All the notices returned back without service. So, you are hereby noticed through this notice to appear in this Court in person or by an advocate duly instructed on 22nd day of Sep. 2025 at 10:30 AM to answer all material questions relating to the suit, failing which the suit/ application will be disposed off in your absence according to law.

Given under my hand and seal of this Court this the 21st day of August 2025.

Sd./- Civil Judge (Senior Division), Paralakhemundi, Gajapati Dist.
D-1750

# ମନେ ପଡ଼ନ୍ତି

**ଏକାଦଶତମ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା: ଡଃ ନିରୁପମା ପଟ୍ଟନାୟକ
ସ୍ୱାମୀ- ସ୍ୱର୍ଗତଃ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ
ପୋଖରୀପୁଟ, ଭୁବନେଶ୍ୱର
ଚାହୁଁ ଚାହୁଁ ଏଗାର ବର୍ଷ ବିତିଗଲା। ଆପଣଙ୍କ ଅନୁପସ୍ଥିତିରେ ପ୍ରତିଦିନ ଆମମାନଙ୍କ ଆଖିରୁ ଲୁହ ଶୁଖୁନି। ଆପଣଙ୍କ ପବିତ୍ର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଲୀନ ହେଉ, ଏତିକି ପ୍ରାର୍ଥନା ।
ଆପଣଙ୍କ ପରିବାର ଓ ବନ୍ଧୁବର୍ଗ ।
ଧ-୭୬୦୭୪

**ଶ୍ରଦ୍ଧାଞ୍ଜଳି**



ଦୁର୍ଗା ପ୍ରସାଦ ବହିଦାର
ଅବସରପ୍ରାପ୍ତ ପୋଲିସ ଅଫିସର
ଝାଡୁଆପଡା, ସମ୍ବଲପୁର
୧୯୧୦-୧୯୯୭
ବାଲିତୃତୀୟା
ଆଜି ଅଷ୍ଟବିଂଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଅଛୁ ।
ପରିବାରବର୍ଗ ଓ ବନ୍ଧୁସ୍ୱଜନ
ଧ-୭୬୮୪୯

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଛାୟାରାଣୀ ଦାଶ
ଏସ୍.ଜି- ୩୨ ଆଇଗିଣିଆ,ଖଣ୍ଡଗିରି,ଭୁବନେଶ୍ୱର
ଆବିର୍ଭାବ: ୧୫।୦୭।୧୯୫୫
ତିରୋଧାନ: ୧୫।୦୮।୨୦୨୫
ଆପଣ ଆମକୁ ଶୋକସାଗରେ ଭସାଇଦେଇ ସଂସାରରୁ ବିଦାୟ ନେଲେ। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଆମ ପାଇଁ ପ୍ରେରଣାର ଉତ୍ସ ହୋଇରହିବ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-ଶୋକସନ୍ତପ୍ତ-
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀବୋହୁ, ଅଣନାତି, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ-୧୭୫୮

# ପୂର୍ବତନ ବିଧାୟକଙ୍କ ବିୟୋଗରେ ଶୋକସଭା

ବୌଦ୍ଧ,୨୫।୮(ଅଜିତ କୁମାର ବାରିକ)

କନ୍ଧମାଳ ଜିଲା ବାଲିଗୁଡା ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ କରେନ୍ଦ୍ର ମାଝୀଙ୍କ ବିୟୋଗରେ ସୋମବାର ବୌଦ୍ଧ ଜିଲା ଭାଜପା ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ରାଜବାଟୀସ୍ଥିତ ଭାଜପା କାର୍ଯ୍ୟାଳୟରେ ଜିଲା ସଭାପତି ପ୍ରେମାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶୋକସଭାରେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ପୂର୍ବତନ ଜିଲା ସଭାପତି ବିପ୍ର ଚରଣ ମହାନ୍ତି, ପୂର୍ବତନ ବିଧାୟକ ସଚ୍ଚିଦାନନ୍ଦ ଦଲାଲ, ମାଗୁଣୀ ଗାଇଗୌରିଆ, ସୌମିତ୍ରୀ ନାୟକ, ଆଶୁତୋଷ ଦାସ, ତାପସ ପଟ୍ଟନାୟକ, ରାଜକୁମାର ମେହେର,ଗଜେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ।


## ପିଏଚ୍.ଡି. ଲାଭ



ଡ. ନମିତା କର୍ଣ୍ଣ ଦେଶର ଅଗ୍ରଣୀ ଶିକ୍ଷା ସଂସ୍ଥା ତଥା ଡିମ୍‌ଡ ବିଶ୍ୱବିଦ୍ୟାଳୟ Institute of Chemical Technology, Mumbaiରୁ Polumer Engineering and Technology ବିଷୟରେ ପିଏଚ୍.ଡି. ଲାଭ କରିଛନ୍ତି। ଏହି ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଶଶାଙ୍କ, ଟି, ମାସକେଟଙ୍କ ତତ୍ତ୍ୱାବଧାନରେ ସେ ଗବେଷଣା କରୁଥିଲେ। ତାଙ୍କ ଗବେଷଣାର ବିଷୟ "Development and Modification of Polymeric resin by Silane" ସବୁ ମହଲରେ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ନମିତା ବରଗଡ଼ ଅତାବିରା ବ୍ଲକର ମୂଳ ନିବାସୀ ତଥା ପଶ୍ଚିମ ଓଡ଼ିଶା ଅଗ୍ରଣୀ ଶିକ୍ଷାନୁଷ୍ଠାନ ମାହେଶ୍ୱରୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନର ପ୍ରତିଷ୍ଠାତା ଅଧ୍ୟକ୍ଷ ଶ୍ରୀ ଫକୀର କର୍ଣ୍ଣ ଓ ସଂପାଦିକା ସନ୍ତୋଷିନୀ କର୍ଣ୍ଣଙ୍କ ସୁପୁତ୍ରୀ ଅଟନ୍ତି। ଡ. ନମିତା କର୍ଣ୍ଣ ବର୍ତ୍ତମାନ ମୁମ୍ବାଇର Institution of Chemical Technologyରେ Asst. Professor ଭାବରେ କାର୍ଯ୍ୟରତ ଅଛନ୍ତି। ତାଙ୍କର ଏହି ସଫଳତାର ଶ୍ରେୟ ନିଜର ଅଭିଭାବକ, Institution of Chemical Technology, Mumbaiର ସମସ୍ତ ଶିକ୍ଷକ, କର୍ମଚାରୀ, ନିଜର ବନ୍ଧୁମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଧ-୧୭୫୨

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ଚାଷୀ ପାଇଲେ ଧାନବିକ୍ରି ଟଙ୍କା, ଧାରଣା ହଟିଲା

ତରଭା, ୨୫।୮
(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ମରାଡୋଗୋଛା ପାକ୍ସର ୭ଜଣ ଚାଷୀ ଗତ ଜୁନ ୩୦ରୁ ରବିବାରରୁ ୧୬୨ କୁଇଣ୍ଟାଲ ଧାନ ବିକି ଟଙ୍କା ପାଇ ନଥିଲେ। ସେମାନେ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇ ନିରାଶ ହେବା ପରେ ଶେଷରେ ଗତ ୧୨ ତାରିଖଠାରୁ ବ୍ଲକ ସମ୍ମୁଖରେ ଦିନରାତି ଧାରଣାରେ ବସିଥିଲେ। ଗତ ୨୨ ତାରିଖ ସାତ ଚାଷୀ ଆମରଣ ଅନଶନରେ ବସିବା ପରେ ସିଏସ୍‌ଓ, ଡିଆର୍‌ସିଏସ୍ ଚାଷୀ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ତିନିଦିନ ମଧ୍ୟରେ ଟଙ୍କା ମିଳିବା ପ୍ରତିଶ୍ରୁତି ପରେ ଆମରଣ ଅନଶନରୁ ହଟି ଧାରଣାରେ ବସିଥିଲେ। ସୋମବାର ପୂର୍ବାହ୍ନରେ ସମିତି ସଭାପତି ସନ୍ତୋଷ ଡାଙ୍ଗ ଓ ଡିଇଓ ସୁଶାନ୍ତ ମହଲା ଘଟଣାସ୍ଥଳକୁ ଆସି ତହସିଲଦାର ଶ୍ୱେତଲିନା ମାହାନାଙ୍କ ଉପସ୍ଥିତିରେ ୭ ଚାଷୀଙ୍କ ୧୬୨ କୁଇଣ୍ଟାଲ ଧାନର ବିକ୍ରିମୂଲ୍ୟ ୫ଲକ୍ଷ ୨୨୦୦ଟଙ୍କା ପ୍ରଦାନ କରିବା ପରେ ଚାଷୀମାନେ ଧାରଣାରୁ ଉଠିଥିଲେ।



ଚାଷୀମାନେ ପାଇଥିବା ବିକ୍ରି ବାବଦ ଟଙ୍କା ଦେଖାଇ ଧାରଣାରୁ ଉଠୁଛନ୍ତି।

# ବ୍ଲକସ୍ତରୀୟ ଭଲିବଲ ଖେଳାଳି ଚୟନ କାର୍ଯ୍ୟକ୍ରମ

ଅତାବିରା,୨୫।୮(ଯୁଧିଷ୍ଠିର ମହାପାତ୍ର)

ବରଗଡ ଜିଲା ଅଧୀନ ଅତାବିରା ବାଳକ ହାଇସ୍କୁଲ ଖେଳପଡ଼ିଆରେ ବ୍ଲକ ସ୍ତରୀୟ ଭଲିବଲ ଖେଳାଳି ଚୟନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଏବିଇଓ କାର୍ତ୍ତିକ ବାଗ, ବ୍ଲକ କ୍ରୀଡ଼ା ସମ୍ପାଦକ ସୁଦୀପ୍ତ କୁମାର ସାହୁ, ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷକ ମନୋଜ ହରପାଲ ଯୋଗଦେଇଥିଲେ। ଅତାବିରା ବ୍ଲକର ୧୭ ବୟସରୁ କମ ବୟସର ଛାତ୍ରମାନେ ଯୋଗ ଦେଇଥିଲେ। ସର୍ବମୋଟ ୧୫ଟି ହାଇସ୍କୁଲର ୬୦ ଛାତ୍ର ଅଂଶ ଗ୍ରହଣ କରିଥିଲେ। ସେଥି ମଧ୍ୟରୁ ୧୨ ଜଣ ଛାତ୍ର ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ଆସନ୍ତା ସେପ୍ଟେମ୍ବର ୩/୪ ଦିନ ଝାରବନ୍ଧ ବ୍ଲକରେ ହେବାକୁ ଥିବା ଜିଲାସ୍ତରୀୟ ଭଲିବଲ ଟୁର୍ନାମେଣ୍ଟରେ ଉକ୍ତ ୧୨ ଜଣ ଛାତ୍ର ଅତାବିରା ବ୍ଲକରୁ ଖେଳିବେ । ଏହି କାର୍ଯ୍ୟକ୍ରମରେ ରମେଶ ସେଟ, ଶୁଭକାନ୍ତ ମେହେର, ଅମୂଲ୍ୟ ସେଠୀ, ଭୀମସେନ ସାହୁ, ଅନିତା ଭୁଏ ପ୍ରମୁଖ ଉପସ୍ଥିତ ଥିଲେ।


ଅତାବିରାରେ ବ୍ଲକସ୍ତରୀୟ ଭଲିବଲ ଖେଳାଳି ଚୟନ କରାଯାଉଛି।


Classified Everyday
0674-2580101, 9692975378



REAL ESTATE
SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 8249976746, 7978660091. D-1698

AFFIDAVIT

By virtue of an affidavit sworn before the Executive Magistrate, Balangir, I Bidyulata Penthei, At- Mahulapal, Kamakhyanagar, Dhenkanal declare that I have changed my name from Bidyulata Behera to Bidyulata Penthei. Henceforth I shall be known as Bidyulata Penthei for all purposes. D-1755

I, Ankita Narayan Mundra, W/o- Ayush Taparia, resident of 301 and 302 Aditi Chanda Royal Apartment, Jharapada, Bhubaneswar, Odisha 751006 declare by this affidavit No.- 15AA 130962 dtd.- 30.07.2025 that now onwards I shall be known as Ankita Taparia for all future purposes. D-1754


## ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ମୁଁ, ପିଙ୍କି ପ୍ରଧାନ, ସ୍ୱାମୀ- ବୁଦ୍ଧି ପ୍ରଧାନ, ଠିକଣା- ଗୌଡ଼ିଆଘାଇ, ପୋ.ଅ.- ରାହାଡ଼ମଲ୍ଲ, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ- ୭୫୨୦୦୨ ଜଣାଉଅଛିଯେ ମୌଜା- ଗୌଡ଼ିଆଘାଇ ଖାତା ନ୧୬ମ୍ବର ପ୍ଲଟ୍ ନମ୍ବର୩୮ମ୍ବର ଏରିଆ- ଏ୦.୨୪ଡେସିମିଲ ସମ୍ବନ୍ଧରୁ କ୍ରୟ ଏରିଆ- ଏ୦.୦୬ ଡେସିମିଲକୁ ରେଜିଷ୍ଟ୍ରି ବିକ୍ରୟକବଲା ନ-୧୧୪୮୨୦୦୩୯୮୧ମ୍ବର ଦ୍ୱାରା ତା-୨୨।୧୦।୨୦୨୦ରିଖରେ ପୁରୀ ସ.ରେ. ରେଜିଷ୍ଟ୍ରେସନ କରିଛି, କିନ୍ତୁ ଜଟି ପ୍ରଧାନଙ୍କ (ମୃତ) କୌଣସି ଉତ୍ତରାଧିକାର ପ୍ରମାଣପତ୍ର ନଥାଇ ତାଙ୍କ ଉତ୍ତରାଧିକାରୀମାନେ ବିନା ପ୍ରମାଣପତ୍ରରେ ତାଙ୍କ ସମ୍ପତ୍ତିକୁ ପୂର୍ବକ୍ରେତାଙ୍କ ବିକ୍ରେତାଙ୍କୁ ବିକ୍ରୟ କରିଛନ୍ତି ବୋଲି ଜାଣିବାରୁ ମୁଁ ଘୋଷଣା କରୁଅଛିକି, ଯଦି କୌଣସି ବ୍ୟକ୍ତି କିମ୍ବା କୌଣସି ସଂସ୍ଥାଙ୍କ ଉତ୍ତରାଧିକାରୀ ସମ୍ବନ୍ଧରେ ଅଭିଯୋଗ ଥାଏ ତେବେ ଘୋଷଣାର ୧୪ ଦିନ ଭିତରେ ସ୍ୱତନ୍ତ୍ର ଫାଇନାନ୍ସ କମ୍ପାନୀ ଅଫିସରେ ଆସି ଜଣାନ୍ତୁ। ୧୪ ଦିନପରେ କୌଣସି ଅଭିଯୋଗ ବିଚାରକୁ ନିଆଯିବ ନାହିଁ।
ଇତି
ପିଙ୍କି ପ୍ରଧାନ
ଧ-୧୭୫୭

By virtue of an affidavit I, Sandhya Satapathy, aged- 59 years, D/o- Late Sh Surendra Kumar Bhol and W/o- Tapan Kumar, declare that I have changed my name from Sandhyarani Bhol to Sandhya Satapathy. Now I am identified as Sandhya Satapathy in all official documents like PAN, Aadhaar, Bank A/c etc. That I have a Plot, No.- 8-3GH, D/785, Area- 1625sqft., Sector- 8, CDA, Cuttack. I am again declaring that Sandhyarani Bhol and Sandhya Satapathy are the same person. My Aadhaar No.- xxxx xxxx 2767 and PAN- ANQPB4447H are in the name of Sandhya Satapathy.
Sd./- Sandhya Satapathy
D-1753


**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


LEGAL NOTICE

IN THE COURT OF ADDL. COMMISSIONER OF CONSOLIDATION AND SETTLEMENT, SAMBALPUR-II R.P.
Case No.- 245/2024
Purastam Biswal and others .... Petitioner
Vrs
Kshudhasagar Pradhan and another ....Opposite Parties

To, 1. Kshudhasagar Pradhan, 2. Sudhasagar Pradhan both are sons of Late Bhubaneswar Pradhan and R/o- Deogaon, P.O.- Rajpur, Tahasil/Dist.- Jharsuguda

Whereas, the aforesaid case has been filed by the petitioners against you wherein, the petitioners have prayed under the provision as contemplated u/s 15 (b) of Orissa Survey & Settlement Act, 1962 and rules framed there under. However, you have deliberately avoided receiving notice in the aforementioned case issued by the honourable Court.

You are hereby directed to appear in person or through your pleader duly instructed by you before the Honourable Court on 2nd day of September 2025 at 11:00A.M. failing which, the case will be determined in your absence.

Given under my hands and the seal of this Court on this 11th day of August 2025.

Land Schedule
Mouza- Deogaon, Tahasil- Jharsuguda, Dist.- Jharsuguda, M.S. Khata No.- 101, Plot No.- 927 Ac.3.050 dec.

Sd./- Additional Commissioner, Consolidation & Settlement, Sambalpur-II
D-1756

IN THE COURT OF HON'BLE CIVIL JUDGE (SR. DIVN.) AT PARALAKHEMUNDI
C.M.A. No.- 04/2024.
(Out of C.S. 29/2021)
Smt. Sandhya Rani Das & Another ....Petitioner
Versus.
Smt. Madhusmita Das & Another. ...Respondent.

PUBLICATION UNDER ORDER V RULE 20 of C.P.C.

To, 1. Smt. Madhusmita Das, W/o- Dr. Krushna Chandra Das, aged about 70 years, Hindu. Housewife, permanent resident of Palace Street, PO / PS: Paralakhemundi, Gajapati- District and 2. Dr. Krushna Chandra Das, W/o Late Madan Mohan Das, aged about 75 years, Hindu. Pensioner, permanent resident of Palace Street, PO/PS: Paralakhemundi, Gajapati District.

Whereas the plaintiff/ Petitioner has instituted the above proceeding against you for the reliefs claimed in the above petition. That in spite of the several steps taken by this Hon'ble Court in both ways such as through Court and Postal for your appearances. All the notices returned back without service. So, you are hereby noticed through this notice to appear in this Court in person or by an advocate duly instructed on 22nd day of Sep. 2025 at 10:30 AM to answer all material questions relating to the suit, failing which the suit/ application will be disposed off in your absence according to law.

Given under my hand and seal of this Court this the 21st day of August 2025.

Sd./- Civil Judge (Senior Division), Paralakhemundi, Gajapati Dist.
D-1750


# ବ୍ଲକସ୍ତରୀୟ ଭିନ୍ନକ୍ଷମ ସାଙ୍ଗଠନିକ ବୈଠକ

ବରପାଲି,୨୫।୮(ଚିତ୍ତରଞ୍ଜନ ସାହୁ)

ବରପାଲି ଗଙ୍ଗାଧର କଲ୍ୟାଣ ମଣ୍ଡପରେ ପାୱାର ଅଫ ଦିବ୍ୟାଙ୍ଗ୍‌ସ ଅନୁଷ୍ଠାନ ବରଗଡ଼ ପ୍ରଚେଷ୍ଟାରେ ରବିବାର ବ୍ଲକସ୍ତରୀୟ ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଥିଲା। ବରପାଲି ବ୍ଲକର ସରସ୍ୱତୀ ସଂଘ, ସୁଇଟ ସ୍ମାଇଲ ଟ୍ରଷ୍ଟ ଓ ଜନ ଶକ୍ତି ଭିନ୍ନକ୍ଷମ ଅନୁଷ୍ଠାନଗୁଡ଼ିକର ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପାୱାର ଅଫ ଦିବ୍ୟାଙ୍ଗ୍‌ସ ଅନୁଷ୍ଠାନର ସଭାପତି ଶ୍ୟାମସୁନ୍ଦର ଅଗ୍ରୱାଲ ସଭାପତିତ୍ୱ କରିବା ସହ ମୁଖ୍ୟ ଅତିଥିଭାବେ ଏନ୍‌ଏସି ଚେୟାରମ୍ୟାନ ଦିନେଶ ଗହୀର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସୁଇଟ ସ୍ମାଇଲ ଟ୍ରଷ୍ଟର ମୁଖ୍ୟ ମଞ୍ଜୁଲତା ଦାଶ, ସରସ୍ୱତୀ ସଂଘର ଉପସଭାପତି ଘରଯୁଗୀ ଗଡ଼ତିଆ, ଜନ ଶକ୍ତି ଭିନ୍ନକ୍ଷମ ସଙ୍ଗଠନର ସମ୍ପାଦକ ସୂର୍ଯ୍ୟମଣି ମାଝୀ, ପାୱାର ଅଫ ଦିବ୍ୟାଙ୍ଗ୍‌ସ ଅନୁଷ୍ଠାନର ସାଧାରଣ ସମ୍ପାଦକ ମେଘନାଦ ସାହୁ ତଥା ମିଡିଆ ପ୍ରଭାରୀ ସତ୍ୟଜିତ ଦାଶ ମଞ୍ଚାସୀନ ଥିଲେ। ମେଘନାଦ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ସ୍ୱାମୀ ବିବେକାନନ୍ଦ ନର୍ସିଂ କଲେଜ ଛାତ୍ରୀମାନଙ୍କ ପ୍ରାରମ୍ଭିକ ସଙ୍ଗୀତ ଗାନ ପରେ ଅତିଥିମାନେ ବରପାଲି ବ୍ଲକର ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ଓ ତାଙ୍କ ଅସୁବିଧା ସମ୍ବନ୍ଧରେ ଆଲୋଚନା କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ସଚିନ ବାରିକ, ନବୀନ ଅଗ୍ରୱାଲ, ଟିଙ୍କୁ ହରିପାଲ, ଅମନ ପଟେଲ ଓ ଦୀପିକା କୁମ୍ଭାରଙ୍କୁ ପ୍ରତୀକ ଚିହ୍ନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏନ୍‌ଏସି ଚେୟାରମ୍ୟାନ ଦିନେଶ ଗହୀର ତୁଳସୀ ମେହେରଙ୍କୁ ହୁଇଲ ଚେୟାର ପ୍ରଦାନ କରି ଦିବ୍ୟାଙ୍ଗମାନଙ୍କୁ ସର୍ବଦା ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରପାଲି ବ୍ଲକର ବିଭିନ୍ନ ପଞ୍ଚାୟତରୁ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ। ପରିଶେଷରେ ସରସ୍ୱତୀ ସଂଘର ସଭ୍ୟା ଅଞ୍ଜଳି ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଣେଶ ପୂଜା ପାଳନ ପାଇଁ ବୈଠକ

ବୌଦ୍ଧ,୨୫।୮(ଅଜିତ କୁମାର ବାରିକ)

ଆଗାମୀ ଗଣେଶ ପୂଜାକୁ ଶାନ୍ତିଶୃଙ୍ଖଳାର ସହିତ ପାଳନ ପାଇଁ ବିଭିନ୍ନ ପୂଜା ମଣ୍ଡପର କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ସୋମବାର ବୌଦ୍ଧ ଆଦର୍ଶ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଥାନାଧିକାରୀ ରିତ କୁମାର ମୁନିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଶାନ୍ତିଶୃଙ୍ଖଳାର ସହ ପୂଜା ଆୟୋଜନ କରିବାକୁ କମିଟି କର୍ମକର୍ତ୍ତାଙ୍କୁ ନିବେଦନ କରାଯାଇଥିଲା। ବୈଠକରେ ଏସ୍‌ଡିପିଓ ଲରେନ୍‌ସ ରାଉତରାୟ ଯୋଗଦେଇ ସମସ୍ତ ପୂଜା କମିଟି ନିଜର ସ୍ୱେଚ୍ଛାସେବୀଙ୍କ ସହାୟତାରେ ପୂଜା ମଣ୍ଡପ ପରିସରରେ ଶୃଙ୍ଖଳା ରକ୍ଷା କରିବା, ରାସ୍ତାରେ ଯାନବାହନ ଅଟକାଇ ଚାନ୍ଦା ଆଦାୟ ନ କରିବା, ନିର୍ଦ୍ଧାରିତ ଅଧିକାରୀଙ୍କ ନିକଟରୁ ଅନୁମତି ପତ୍ର ହାସଲ କରିବା, କୌଣସି ବିଶୃଙ୍ଖଳିତ ପରିସ୍ଥିତି ଦୃଷ୍ଟିକୁ ଆସିଲେ ତୁରନ୍ତ ପୋଲିସ ସହାୟତା ନେବା ଏବଂ କୌଣସି ପୂଜା ମଣ୍ଡପରେ ଡିଜେ ସାଉଣ୍ଡ ବ୍ୟବହାର ନ କରିବାକୁ କମିଟି ଗୁଡ଼ିକୁ ପରାମର୍ଶ ଦେଇଥିଲେ। ବୈଠକରେ ୩୨ଟି ପୂଜା କମିଟିର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।


ବୈଠକରେ ପୋଲିସ ଅଧିକାରୀ ଓ ପୂଜା କମିଟି ସଦସ୍ୟ।


## ମନେ ପଡ଼ନ୍ତି

ଏକାଦଶତମ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତାଃ ଡଃ ନିରୁପମା ପଟ୍ଟନାୟକ
ସ୍ୱାମୀ- ସ୍ୱର୍ଗତଃ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ
ପୋଖରୀପୁଟ, ଭୁବନେଶ୍ୱର
ଚାହୁଁ ଚାହୁଁ ଏଗାର ବର୍ଷ ବିତିଗଲା। ଆପଣଙ୍କ ଅନୁପସ୍ଥିତିରେ ପ୍ରତିଦିନ ଆମମାନଙ୍କ ଆଖିରୁ ଲୁହ ଶୁଖୁନି। ଆପଣଙ୍କ ପବିତ୍ର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଲୀନ ହେଉ, ଏତିକି ପ୍ରାର୍ଥନା ।
ଆପଣଙ୍କ ପରିବାର ଓ ବନ୍ଧୁବର୍ଗ ।
ଧ-୭୬୦୭୪

ଶ୍ରଦ୍ଧାଞ୍ଜଳି



୰ଦୁର୍ଗା ପ୍ରସାଦ ବହିଦାର
ଅବସରପ୍ରାପ୍ତ ପୋଲିସ ଅଫିସର
ଝାଡୁଆପଡା, ସମ୍ବଲପୁର
୧୯୧୦-୧୯୯୭
ବାଲିତୃତୀୟା
ଆଜି ଅଷ୍ଟବିଂଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଅଛୁ ।
ପରିବାରବର୍ଗ ଓ ବନ୍ଧୁସ୍ୱଜନ
ଧ-୭୬୮୪୯

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଛାୟାରାଣୀ ଦାଶ
ଏସ୍.ଜି- ୩୨ ଆଇଗିଣିଆ,ଖଣ୍ଡଗିରି,ଭୁବନେଶ୍ୱର
ଆବିର୍ଭାବ: ୧୫।୦୭।୧୯୫୫
ତିରୋଧାନ: ୧୫।୦୮।୨୦୨୫
ଆପଣ ଆମକୁ ଶୋକସାଗରେ ଭସାଇଦେଇ ସଂସାରରୁ ବିଦାୟ ନେଲେ। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଆମ ପାଇଁ ପ୍ରେରଣାର ଉତ୍ସ ହୋଇରହିବ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-ଶୋକସନ୍ତପ୍ତ-
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀବୋହୂ, ଅଣନାତି, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ-୧୭୫୮

# କାରଖାନାରେ ଶ୍ରମିକଙ୍କ ମୃତ୍ୟୁ

**ରାଜଗାଙ୍ଗପୁର,୨୫।୮(ଅଶୋକ ପାଣି) :** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରର ଜାମପାଲିଠାରେ ଥିବା ଓଆଇଏସଏଲ କାରଖାନାରେ କାର୍ଯ୍ୟରତ ଶ୍ରମିକ ପ୍ରଦୀପ ଲାକ୍ରା ୩୫ ବର୍ଷଙ୍କ ସୋମବାର ମୃତ୍ୟୁ ଘଟିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ମୃତକଙ୍କ ପରିବାର ପକ୍ଷରୁ ରାଜଗାଙ୍ଗପୁର ଥାନାରେ ଅଭିଯୋଗ ହୋଇନାହିଁ। ସୂଚନା ଅନୁଯାୟୀ, କୁନୁମୁରୁ ପଞ୍ଚାୟତ ତେତେରକେଲା ଗ୍ରାମର ପ୍ରଦୀପ କାରଖାନାରେ କାମ କରୁଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହକୁ ମର୍ଗହାଉସରେ ରଖାଯାଇଛି।

## ପିଏଚ୍.ଡି. ଲାଭ



ଡ. ନମିତା କର୍ଣ୍ଣ ଦେଶର ଅଗ୍ରଣୀ ଶିକ୍ଷା ସଂସ୍ଥା ତଥା ଡିମ୍ଡ ବିଶ୍ୱବିଦ୍ୟାଳୟ Institute of Chemical Technology, Mumbaiରୁ Polumer Engineering and Technology ବିଷୟରେ ପିଏଚ୍.ଡି. ଲାଭ କରିଛନ୍ତି। ଏହି ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଶଶାଙ୍କ, ଟି, ମାସକେଟଙ୍କ ତତ୍ତ୍ୱାବଧାନରେ ସେ ଗବେଷଣା କରୁଥିଲେ। ତାଙ୍କ ଗବେଷଣାର ବିଷୟ "Development and Modification of Polymeric resin by Silane" ସବୁ ମହଲରେ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ନମିତା ବରଗଡ଼ ଅତାବିରା ବ୍ଲକ୍‌ର ମୂଳ ନିବାସୀ ତଥା ପଶ୍ଚିମ ଓଡ଼ିଶା ଅଗ୍ରଣୀ ଶିକ୍ଷାନୁଷ୍ଠାନ ମାହେଶ୍ୱରୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନର ପ୍ରତିଷ୍ଠାତା ଅଧ୍ୟକ୍ଷ ଶ୍ରୀ ଫକୀର କର୍ଣ୍ଣ ଓ ସଂପାଦିକା ସନ୍ତୋଷିନୀ କର୍ଣ୍ଣଙ୍କ ସୁପୁତ୍ରୀ ଅଟନ୍ତି। ଡ. ନମିତା କର୍ଣ୍ଣ ବର୍ତ୍ତମାନ ମୁମ୍ବାଇର Institution of Chemical Technologyରେ Asst. Professor ଭାବରେ କାର୍ଯ୍ୟରତ ଅଛନ୍ତି। ତାଙ୍କର ଏହି ସଫଳତାର ଶ୍ରେୟ ନିଜର ଅଭିଭାବକ, Institution of Chemical Technology, Mumbaiର ସମସ୍ତ ଶିକ୍ଷକ, କର୍ମଚାରୀ, ନିଜର ବନ୍ଧୁମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଧ-୧୭୫୨


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ବୃଦ୍ଧା ମୃତ, ୧୪ ଶ୍ରମିକ ଗୁରୁତର

**ବଣାଇଁ,୨୫।୮(ପ୍ରଦୀପ ତ୍ରିପାଠୀ)**



ମୃତଦେହ ରଖି ପରିବାର ଲୋକେ ଓ ଗ୍ରାମବାସୀ ଧାରଣାରେ ବସିଛନ୍ତି।

- ଭାରସାମ୍ୟ ହରାଇ ଓଲଟିଲା ପିକ୍‌ଅପ୍ ଭ୍ୟାନ୍
- କ୍ଷତିପୂରଣ ପ୍ରତିଶ୍ରୁତି ପରେ ଧାରଣାରୁ ଓହରିଲେ ଗ୍ରାମବାସୀ

ସୁନ୍ଦରଗଡ ଜିଲା ବଣାଇଁ ଥାନା ଅଞ୍ଚଳରେ ସୋମବାର ଏକ ପିକଅପ୍ ଭ୍ୟାନ୍ ଭାରସାମ୍ୟ ହରାଇ ଓଲଟି ପଡିବାରୁ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତା ବୃଦ୍ଧା ହେଲେ କେନ୍ଦ୍ରିକଳା ଗ୍ରାମର ପଞ୍ଚମୀ ପାତ୍ର। ଏହି ଦୁର୍ଘଟଣାରେ ୧୪ ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କ ମଧ୍ୟରେ କେତେଜଣ ଶିଶୁ ଏବଂ ୮୦ ବର୍ଷର ବୃଦ୍ଧା ରହିଛନ୍ତି। ସମସ୍ତ ଗୁରୁତରଙ୍କୁ ଚିକିତ୍ସା ପାଇଁ ରାଉରକେଲା ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗ୍ରାମବାସୀ ବଣାଇ ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ମୃତଦେହ ରଖି ଧାରଣା ଦେଇଥିଲେ। ଖବର ପାଇ ବଣାଇଁ ବନ ବିଭାଗ ଅଧିକାରୀ ସେଠାକୁ ଆସି ମୃତା ବୃଦ୍ଧାଙ୍କ ପରିବାରକୁ ରେଡ୍‌କ୍ରସ୍ ପାଣ୍ଠିରୁ ୩୦ ହଜାର, ଜିଲା ଖଣିଜ ପାଣ୍ଠିରୁ ୩୦ ହଜାର ଓ ବନ ବିଭାଗ ପକ୍ଷରୁ ୪୦ ହଜାର ଟଙ୍କା, ମୃତକଙ୍କ ପରିବାରରୁ ଜଣଙ୍କୁ ସାମୟିକ ନିଯୁକ୍ତି ଏବଂ ଚିକିତ୍ସାଧୀନ ଅନ୍ୟ ଗୁରୁତରଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ବନଖଣ୍ଡ ଅଧିକାରୀ ଲଳିତ ପାତ୍ର ମୃତା ବୃଦ୍ଧାଙ୍କ ପରିବାରକୁ ସରକାରୀ ସହାୟତା ଦେବା ପାଇଁ ସୁନ୍ଦରଗଡ଼ ଜିଲାପାଳଙ୍କୁ ମଧ୍ୟ ଏକ ଚିଠି ଲେଖିଥିବା ସୂଚନା ଦିଆଯାଇଥିଲା। ଏହାପରେ ଦୀର୍ଘ ପାଞ୍ଚ ଘଣ୍ଟା ଧରି ବଣାଇଁ ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ଚାଲିଥିବା ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା।

ମିଳିଥିବା ସୂଚନା ଅନୁସାରେ, ସୋମବାର ପୂର୍ବାହ୍ଣରେ ବନ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟ ପାଇଁ କେନ୍ଦ୍ରିକଳା ଗ୍ରାମର ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ଶ୍ରମିକଙ୍କୁ ଏକ ପିକ୍‌ଅପ୍ ଭ୍ୟାନ୍ ଯୋଗେ କେଲୋ ଅଞ୍ଚଳକୁ ନିଆଯାଉଥିଲା। ଏହି ସମୟରେ କେଲୋ ଛକରେ ଉକ୍ତ ପିକ୍‌ଅପ୍ ଭ୍ୟାନ୍ ଭାରସାମ୍ୟ ହରାଇ ଓଲଟିପଡିଥିଲା। ଫଳରେ ଘଟଣାସ୍ଥଳରେ ପଞ୍ଚମୀଙ୍କ ମୃତ୍ୟୁ ହୋଇଥିଲା। ବଣାଇ ପୋଲିସ ସେଠାରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବଣାଇ ଉପଖଣ୍ଡ ଡାକ୍ତରଖାନାକୁ ପଠାଇଥିଲା। ସେହିପରି ସ୍ଥାନୀୟ ଗ୍ରାମବାସୀଙ୍କ ସାହାଯ୍ୟରେ ଅନ୍ୟ ଗୁରୁତରମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ବଣାଇ ଡାକ୍ତରଖାନା ଏବଂ ପରେ ରାଉରକେଲା ସ୍ଥାନାନ୍ତର କରାଯାଇଥିଲା। ଅନ୍ୟପକ୍ଷେ ମୃତଦେହ ବ୍ୟବଚ୍ଛେଦ ପରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ କେନ୍ଦ୍ରିକଳା ଗ୍ରାମବାସୀ ବଣାଇ ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ମୃତଦେହ ରଖି ଧାରଣା ଦେଇଥିଲେ। ଦୀର୍ଘ ୫ ଘଣ୍ଟା ପରେ ବନ ବିଭାଗ ଅଧିକାରୀ ଧାରଣାସ୍ଥଳକୁ ଆସି କ୍ଷତିପୂରଣ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ରିପୋର୍ଟ ଲେଖାଯିବା ସୁଦ୍ଧା (ରାତି ୮ଟା) ଏ ନେଇ ପୋଲିସ ପକ୍ଷରୁ ମାମଲା ରୁଜୁ ହୋଇ ନ ଥିଲା। ତେବେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଉକ୍ତ ଶ୍ରମିକମାନଙ୍କ ଫଟୋ ଉଠାଇବା ପାଇଁ ପିକ୍‌ଅପ୍ ଭ୍ୟାନ୍‌ରେ ନେବା ବେଳେ ଏହି ଦୁର୍ଘଟଣା ଘଟିଥିବା ଚର୍ଚ୍ଚା ହେଉଛି।

## ଇସ୍ପାତ ସ୍ୱୟଂଶାସିତ କଲେଜ ଛାତ୍ରୀଙ୍କ କୃତିତ୍ୱ

**ରାଉରକେଲା,୨୫।୮(ଦିନେଶ ମିଶ୍ର)**



ରାଉରକେଲା ଇସ୍ପାତ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ହିରଣ୍ମୟୀ ଦାଶ ଅଲ ଇଣ୍ଡିଆ ସ୍ତରରେ କ୍ୟାଟ୍-ମ୍ୟାଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏନ୍‌ଆଇଟି ରାଉରକେଲାରେ ଏମ୍‌ବିଏ ପାଠ ପଢ଼ିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏନ୍‌ଆଇଟିର ଏମ୍‌ବିଏ ପାଇଁ ଦେଶରୁ ୩୦୧ ଜଣ ପ୍ରାର୍ଥୀଙ୍କୁ ଚୟନ କରାଯାଇଥିଲା। ପରବର୍ତ୍ତୀ ଗ୍ରୁପ ଡିସ୍‌କଶନ ଓ ପର୍ସନାଲ ଇଣ୍ଟରଭ୍ୟୁରେ ନିଜ ଦକ୍ଷତା ପ୍ରଦର୍ଶନ କରି ହିରଣ୍ମୟୀ ସାଧାରଣ ଶ୍ରେଣୀରୁ ନିର୍ବାଚିତ ହୋଇଥିବା ଇସ୍ପାତ କଲେଜର ଏକମାତ୍ର ଛାତ୍ରୀ। ସୁଶ୍ରୀ ଦାଶଙ୍କ ପିତା ଶଶୀଭୂଷଣ ଦାଶ ରାଉରକେଲା ଷ୍ଟିଲ ପ୍ଲାଣ୍ଟର ଶପ୍-୨ ବିଭାଗରେ ଦୀଘବର୍ଷ ଧରି କାର୍ଯ୍ୟରତ ଥିଲେ। ସେ ବର୍ତ୍ତମାନ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଇସ୍ପାତ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ମିଶ୍ର, ବର୍ତ୍ତମାନର ଅଧ୍ୟକ୍ଷା ରୀତାଞ୍ଜଳି ମିଶ୍ର, ପ୍ରଫେସର ସୁନିତା ପାଢୀ, ଧୀରଜ ଉଚ୍ଚାଚାର୍ଯ୍ୟ ପ୍ରମୁଖ ହିରଣ୍ମୟୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସାମାଜିକ ସମୀକ୍ଷା ବୈଠକ

**ବାଲିଶଙ୍କରା,୨୫।୮(ସତ ସେଠ)**

ବାଲିଶଙ୍କରା ବ୍ଲକ ତିଲଡେଗା ପଞ୍ଚାୟତ ପରିସରରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ସାମାଜିକ ସମୀକ୍ଷା ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୂପେଶ ନାଏକ ଯୋଗଦେଇ ମହାତ୍ମା ଗାନ୍ଧୀ କର୍ମ ନିଯୁକ୍ତି ଯୋଜନାରେ ହେଉଥିବା କାର୍ଯ୍ୟ ଯେପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜମି ମରାମତି, ପୋଖରୀ ଖନନ କାର୍ଯ୍ୟ କରିଥିବା ଶ୍ରମିକଙ୍କୁ ଠିକ ଭାବେ ପାଉଣା ମିଳୁଛି କି ନାହିଁ ପଚାରିଥିଲେ। ତିଲଡେଗା ସରପଞ୍ଚ ଧନେଶ୍ୱରୀ ଭୋଇଙ୍କ ସଭାପତିତ୍ୱରେ ଚାଲିଥିବା ସାମାଜିକ ସମୀକ୍ଷା ବୈଠକରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ତୃପ୍ତି ସୌରଭ ମହାପାତ୍ର ପରିଚାଳନା କରିଥିଲେ। ଏହି ସମୀକ୍ଷା ବୈଠକରେ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ। ଶେଷରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ୩ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଚିକିତ୍ସା ସହାୟତା ରାଶି ପ୍ରଦାନ




ଅଭିଯୋଗ ଶୁଣାଣିରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

**ଲହୁଣୀପଡା,୨୫।୮(ଦାଶରଥି ପଣ୍ଡା)**

## ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଲହୁଣୀପଡା ବ୍ଲକ ସଭାଗୃହଠାରେ ସୋମବାର ଯୁଗ୍ମ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ.ଶୁଭଙ୍କର ମହାପାତ୍ର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣିବା ସହିତ କେତେକ ସମସ୍ୟାର ସମାଧାନ କରିଥିଲେ। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ମୋଟ ୧୫୨ ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଭାବେ ୯୨, ସାମୂହିକ ବା ଦଳଗତ ଭାବେ ୬୦ଟି ଅଭିଯୋଗ ଆସିଥିଲା। ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ମଙ୍ଗୁଳି ମୁଣ୍ଡାରୀ, ସୁମି ଓରାମ,ପାନେଶ୍ୱରୀ ମାହାନ୍ତ, ଡିଲେଶର ବେହେରାଙ୍କୁ ନୂତନ ଭତ୍ତା ପ୍ରଦାନ କରାଯାଇଥିବା ବେଳେ କୋଇଡା ବ୍ଲକ ଗୋପନା ଗ୍ରାମର ଅଶୋକ କିଷାନ ଓ କୁନି କିଷାନଙ୍କୁ ବିବାହ ପ୍ରୋତ୍ସାହନ ରାଶି ବାବଦକୁ ୨ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ୩ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ କୁମାର ସାହୁ, ରାଉରକେଲା ଏସପି ନିତେସ କୁମାର ୱାଧୱାନି, ବଣେଇ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର, ବଣାଇ ଉପ ଜିଲାପାଳ ଅକ୍ଷୟ ପିଲ୍ଲେ, ବଣାଇ ଉପଖଣ୍ଡ ପୋଲିସ ଅଧିକାରୀ ରାମ ଚନ୍ଦ୍ର ବିଶ୍ୱାଳ, ପିଏଆଇଟିଡିଏ ସ୍ୱଦୀପ ଟପ୍ପୋ, ଲହୁଣୀପଡା ବିଡିଓ ଅନୁରାଗ ମିଶ୍ର, ଲହୁଣୀପଡ଼ା ତହସିଲଦାର ବାବୁଲ ପେରେଇ ଓ ଜିଲା ,ଉପଖଣ୍ଡ, ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ କର୍ମଚାରୀ ତଥା ଜନ ସାଧାରଣମାନେ ଉପସ୍ଥିତ ଥିଲେ। ଲୋକେ ରାସ୍ତା, ବିଦ୍ୟୁତ ସମସ୍ୟା, ରାସନ କାର୍ଡ, ସ୍ୱାସ୍ଥ୍ୟ, ଗ୍ରାମ୍ୟ ରାସ୍ତା,ସ୍କୁଲ, ନାଳ ଉପରେ ପୋଲ ନିର୍ମାଣ ଆଦି ସମସ୍ୟା ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏସବୁ ଅଭିଯୋଗକୁ ବିଚାର କରି ତୁରନ୍ତ ପଦକ୍ଷେପ ନେବାକୁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମଧ୍ୟାହ୍ନ ବିରତି ପରେ ଲହୁଣୀପଡା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଲହୁଣୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, କେନ୍ଦୁଢ଼ିହି ନର୍ସରି, ନିର୍ମାଣାଧୀନ ବିଛଣାପଟି ଆଶ୍ରମ ବିଦ୍ୟାଳୟ, ପିଟିଡିଏ ଉଚ୍ଚ ବିଦ୍ୟାଳୟ, ମୁକୁଳାପାଣି, ପଟାମୁଣ୍ଡ, ସାନଜଲ ଆଦି ଗ୍ରାମ ପରିଦର୍ଶନ କରିବା ସହିତ ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିବା ଜଣାପଡିଛି।

# Classified Everyday

0674-2580101, 9692975378

## REAL ESTATE SALE



ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **8249976746, 7978660091.** D-1698

## AFFIDAVIT

By virtue of an affidavit sworn before the Executive Magistrate, Balangir, I Bidyulata Penthei, At- Mahulapal, Kamakhyanagar, Dhenkanal declare that I have changed my name from Bidyulata Behera to Bidyulata Penthei. Henceforth I shall be known as Bidyulata Penthei for all purposes. D-1755

I, Ankita Narayan Mundra, W/o- Ayush Taparia, resident of 301 and 302 Aditi Chanda Royal Apartment, Jharapada, Bhubaneswar, Odisha 751006 declare by this affidavit No.- 15AA 130962 dtd.- 30.07.2025 that now onwards I shall be known as Ankita Taparia for all future purposes. D-1754

### ପାଠକଙ୍କ ପାଇଁ ସୂଚନା।

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମୁଁ, ପିଙ୍କି ପ୍ରଧାନ, ସ୍ୱାମୀ- ବୁଦ୍ଧି ପ୍ରଧାନ, ଠିକଣା- ଗୌଡ଼ିଆଘାଇ, ପୋ.ଅ.- ରାହାଡ଼ମଲ୍ଲ, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ- ୭୫୨୦୦୨ ଜଣାଉଅଛିଯେ ମୌଜା- ଗୌଡ଼ିଆଘାଇ ଖାତା ନ୧୬ମ୍ବର ପ୍ଲଟ୍ ନ୩୩୮ମ୍ବର ଏରିଆ- ଏ୦.୨୪ଡେସିମିଲ ସମ୍ବନ୍ଧରୁ କ୍ରୟ ଏରିଆ- ଏ୦.୦୬ ଡେସିମିଲକୁ ରେଜିଷ୍ଟ୍ରି ବିକ୍ରୟକବଲା ନ-୧୧୪୮୨୦୦୩୯୮୧ମ୍ବର ଦ୍ୱାରା ତା-୨୨।୧୦।୨୦୨୦ରିଖରେ ପୁରୀ ସ.ରେ. ରେଜିଷ୍ଟ୍ରେସନ କରିଛି, କିନ୍ତୁ ଜଟି ପ୍ରଧାନଙ୍କ (ମୃତ) କୌଣସି ଉତ୍ତରାଧିକାର ପ୍ରମାଣପତ୍ର ନଥାଇ ତାଙ୍କ ଉତ୍ତରାଧିକାରୀମାନେ ବିନା ପ୍ରମାଣପତ୍ରରେ ତାଙ୍କ ସମ୍ପତ୍ତିକୁ ପୂର୍ବକ୍ରେତାଙ୍କ ବିକ୍ରେତାଙ୍କୁ ବିକ୍ରୟ କରିଛନ୍ତି ବୋଲି ଜାଣିବାରୁ ମୁଁ ଘୋଷଣା କରୁଅଛିକି, ଯଦି କୌଣସି ବ୍ୟକ୍ତି କିମ୍ବା କୌଣସି ସଂସ୍ଥାଙ୍କ ଉତ୍ତରାଧିକାରୀ ସମ୍ବନ୍ଧରେ ଅଭିଯୋଗ ଥାଏ ତେବେ ଘୋଷଣାର ୧୪ ଦିନ ଭିତରେ ସ୍ୱତନ୍ତ୍ର ଫାଇନାନ୍ସ କମ୍ପାନୀ ଅଫିସରେ ଆସି ଜଣାନ୍ତୁ। ୧୪ ଦିନପରେ କୌଣସି ଅଭିଯୋଗ ବିଚାରକୁ ନିଆଯିବ ନାହିଁ।

ଇତି
ପିଙ୍କି ପ୍ରଧାନ
ଧ-୧୭୫୭

By virtue of an affidavit I, Sandhya Satapathy, aged- 59 years, D/o- Late Sh Surendra Kumar Bhol and W/o- Tapan Kumar, declare that I have changed my name from Sandhyarani Bhol to Sandhya Satapathy. Now I am identified as Sandhya Satapathy in all official documents like PAN, Aadhaar, Bank A/c etc. That I have a Plot, No.- 8-3GH, D/785, Area- 1625sqft., Sector- 8, CDA, Cuttack. I am again declaring that Sandhyarani Bhol and Sandhya Satapathy are the same person. My Aadhaar No.- xxxx xxxx 2767 and PAN- ANQPB4447H are in the name of Sandhya Satapathy.
Sd./- Sandhya Satapathy
D-1753

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## LEGAL NOTICE

IN THE COURT OF ADDL. COMMISSIONER OF CONSOLIDATION AND SETTLEMENT, SAMBALPUR-II R.P. Case No.- 245/2024

Purastam Biswal and others .... Petitioner

Vrs

Kshudhasagar Pradhan and another ....Opposite Parties

To, 1. Kshudhasagar Pradhan, 2. Sudhasagar Pradhan both are sons of Late Bhubaneswar Pradhan and R/o- Deogaon, P.O.- Rajpur, Tahasil/Dist.- Jharsuguda

Whereas, the aforesaid case has been filed by the petitioners against you wherein, the petitioners have prayed under the provision as contemplated u/s 15 (b) of Orissa Survey & Settlement Act, 1962 and rules framed there under. However, you have deliberately avoided receiving notice in the aforementioned case issued by the honourable Court.

You are hereby directed to appear in person or through your pleader duly instructed by you before the Honourable Court on 2nd day of September 2025 at 11:00A.M. failing which, the case will be determined in your absence.

Given under my hands and the seal of this Court on this 11th day of August 2025.

Land Schedule
Mouza- Deogaon, Tahasil- Jharsuguda, Dist.- Jharsuguda, M.S. Khata No.- 101, Plot No.- 927 Ac.3.050 dec.

Sd./- Additional Commissioner, Consolidation & Settlement, Sambalpur-II
D-1756

IN THE COURT OF HON'BLE CIVIL JUDGE (SR. DIVN.) AT PARALAKHEMUNDI
C.M.A. No.- 04/2024.
(Out of C.S. 29/2021)

Smt. Sandhya Rani Das & Another ....Petitioner

Versus.

Smt. Madhusmita Das & Another. ...Respondent.

PUBLICATION UNDER ORDER V RULE 20 of C.P.C.

To, 1. Smt. Madhusmita Das, W/o- Dr. Krushna Chandra Das, aged about 70 years, Hindu. Housewife, permanent resident of Palace Street, PO / PS: Paralakhemundi, Gajapati- District and 2. Dr. Krushna Chandra Das, W/o Late Madan Mohan Das, aged about 75 years, Hindu. Pensioner, permanent resident of Palace Street, PO/PS: Paralakhemundi, Gajapati District.

Whereas the plaintiff/ Petitioner has instituted the above proceeding against you for the reliefs claimed in the above petition. That in spite of the several steps taken by this Hon'ble Court in both ways such as through Court and Postal for your appearances. All the notices returned back without service. So, you are hereby noticed through this notice to appear in this Court in person or by an advocate duly instructed on 22nd day of Sep. 2025 at 10:30 AM to answer all material questions relating to the suit, failing which the suit/ application will be disposed off in your absence according to law.

Given under my hand and seal of this Court this the 21st day of August 2025.

Sd./- Civil Judge (Senior Division), Paralakhemundi, Gajapati Dist.
D-1750

# ମନେ ପଡ଼ନ୍ତି

### ଏକାଦଶତମ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତାଃ ଡଃ ନିରୁପମା ପଟ୍ଟନାୟକ
ସ୍ୱାମୀ- ସ୍ୱର୍ଗତଃ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ
ପୋଖରୀପୁଟ, ଭୁବନେଶ୍ୱର
ଚାହୁଁ ଚାହୁଁ ଏଗାର ବର୍ଷ ବିତିଗଲା। ଆପଣଙ୍କ ଅନୁପସ୍ଥିତିରେ ପ୍ରତିଦିନ ଆମମାନଙ୍କ ଆଖିରୁ ଲୁହ ଶୁଖୁନି। ଆପଣଙ୍କ ପବିତ୍ର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଲୀନ ହେଉ, ଏତିକି ପ୍ରାର୍ଥନା ।
ଆପଣଙ୍କ ପରିବାର ଓ ବନ୍ଧୁବର୍ଗ ।
ଧ-୭୬୦୭୪

### ଶ୍ରଦ୍ଧାଞ୍ଜଳି



ଦୁର୍ଗା ପ୍ରସାଦ ବହିଦାର
ଅବସରପ୍ରାପ୍ତ ପୋଲିସ ଅଫିସର
ଝାଡୁଆପଡା, ସମ୍ବଲପୁର
୧୯୧୦-୧୯୯୭
ବାଲିତୃତୀୟା
ଆଜି ଅଷ୍ଟବିଂଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଅଛୁ ।
ପରିବାରବର୍ଗ ଓ ବନ୍ଧୁସ୍ୱଜନ
ଧ-୭୬୮୪୯

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଛାୟାରାଣୀ ଦାଶ
ଏସ୍.ଜି- ୩୨ ଆଇଗିଣିଆ,ଖଣ୍ଡଗିରି,ଭୁବନେଶ୍ୱର
ଆବିର୍ଭାବ: ୧୫।୦୭।୧୯୫୫
ତିରୋଧାନ: ୧୫।୦୮।୨୦୨୫
ଆପଣ ଆମକୁ ଶୋକସାଗରେ ଭସାଇଦେଇ ସଂସାରରୁ ବିଦାୟ ନେଲେ। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଆମ ପାଇଁ ପ୍ରେରଣାର ଉତ୍ସ ହୋଇରହିବ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-ଶୋକସନ୍ତପ୍ତ-
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀବୋହୂ, ଅଣନାତି, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ-୧୭୫୮

# ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ପହଞ୍ଚିଲା ନୂଆଧାନ



ଗୋବିନ୍ଦ ଭୋଇ ନୂଆଧାନ ମନ୍ଦିର ପୂଜକଙ୍କୁ ଅର୍ପଣ କରୁଛନ୍ତି।

ସମ୍ବଲପୁର, ୨୫।୮
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଦାନିପାଲି ଶ୍ରୀ ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ଅଗଷ୍ଟ ୨୮ ତାରିଖ ନୂଆଁଖାଇ ଦିନ ନବାନ୍ନ ଅର୍ପଣ କରାଯିବ। ଏଥିପାଇଁ ବରଗଡ ଜିଲା ବନ୍ଦଲା ଗ୍ରାମର ଜାତିକରା ଭୋଇ ପରିବାରର ଗୋବିନ୍ଦ ଭୋଇ ସୋମବାର ନୂଆ ଧାନକେଣ୍ଡା ଏବଂ ମହୁଲପତ୍ରରେ ତିଆରି ଦନା ମନ୍ଦିର ପୂଜକ ଦେବୀ ପ୍ରସାଦ ଭୋଇଙ୍କୁ ପ୍ରଦାନ କରିଥିଲେ। ନୂଆଁଖାଇ ଦିନ ରଣେଶ୍ୱର ରାମଚଣ୍ଡୀଙ୍କ ସକାଳ ପୂଜା ପରେ ଲଗ୍ନାନୁସାରେ ପୂର୍ବାହ୍ନ ୧୦ଟା୩୯ ପରେ ରଣେଶ୍ୱର ରାମଚଣ୍ଡୀ ଏବଂ ସମସ୍ତ ଦେବାଦେବୀଙ୍କୁ ନୂଆ ଭୋଗ ଅର୍ପଣ ପରେ ମହାଆଳତି କରାଯିବ। ଭକ୍ତମାନଙ୍କ ପାଇଁ ପୂର୍ବାହ୍ନ ୧୧ଟା ପରେ ଦର୍ଶନ ବ୍ୟବସ୍ଥା କରାଯାଇଛି।


**ପିଏଚ୍.ଡି. ଲାଭ**



ଡ. ନମିତା କର୍ଣ୍ଣ ଦେଶର ଅଗ୍ରଣୀ ଶିକ୍ଷା ସଂସ୍ଥା ତଥା ଡିମ୍ଡ ବିଶ୍ୱବିଦ୍ୟାଳୟ Institute of Chemical Technology, Mumbaiରୁ Polumer Engineering and Technology ବିଷୟରେ ପିଏଚ୍.ଡି. ଲାଭ କରିଛନ୍ତି। ଏହି ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଶଶାଙ୍କ, ଟି, ମାସକେଟଙ୍କ ତତ୍ତ୍ୱାବଧାନରେ ସେ ଗବେଷଣା କରୁଥିଲେ। ତାଙ୍କ ଗବେଷଣାର ବିଷୟ "Development and Modification of Polymeric resin by Silane" ସବୁ ମହଲରେ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ନମିତା ବରଗଡ଼ ଅତାବିରା ବ୍ଲକ୍‌ର ମୂଳ ନିବାସୀ ତଥା ପଶ୍ଚିମ ଓଡ଼ିଶା ଅଗ୍ରଣୀ ଶିକ୍ଷାନୁଷ୍ଠାନ ମାହେଶ୍ୱରୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନର ପ୍ରତିଷ୍ଠାତା ଅଧ୍ୟକ୍ଷ ଶ୍ରୀ ଫକୀର କର୍ଣ୍ଣ ଓ ସଂପାଦିକା ସନ୍ତୋଷିନୀ କର୍ଣ୍ଣଙ୍କ ସୁପୁତ୍ରୀ ଅଟନ୍ତି। ଡ. ନମିତା କର୍ଣ୍ଣ ବର୍ତ୍ତମାନ ମୁମ୍ବାଇର Institution of Chemical Technologyରେ Asst. Professor ଭାବରେ କାର୍ଯ୍ୟରତ ଅଛନ୍ତି। ତାଙ୍କର ଏହି ସଫଳତାର ଶ୍ରେୟ ନିଜର ଅଭିଭାବକ, Institution of Chemical Technology, Mumbaiର ସମସ୍ତ ଶିକ୍ଷକ, କର୍ମଚାରୀ, ନିଜର ବନ୍ଧୁମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।
ଧ-୧୭୫୨

ବିଶେଷଜ୍ଞ
ଅର୍ଶ
ଭଗନ୍ଦର
ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ଅନାଲୋଚିତ ଇତିହାସକୁ ଉଜାଗର କରିବ ଅଭିଲେଖାଗାର

## ଜିଏମ୍‌ୟୁ ଇତିହାସ ବିଭାଗରେ ଜାତୀୟ ସମ୍ମାନ

ସମ୍ବଲପୁର,୨୫।୮ (ପ୍ରମୋଦ ବହିଦାର)





ଜିଏମ୍‌ୟୁ ଇତିହାସ ବିଭାଗ ଜାତୀୟ ସମ୍ମାନରେ ଉପସ୍ଥିତ ଅତିଥି।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ) ଇତିହାସ ବିଭାଗ ପକ୍ଷରୁ ସୋମବାର ଏକ ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଇତିହାସ ବିଭାଗ ସଭାକକ୍ଷରେ 'ଅଭିଲେଖାଗାର ଓ ଐତିହାସିକ ବର୍ଣ୍ଣନା: ବିକାଶ, ସାମ୍ପ୍ରତିକ ଧାରା ଓ ଭବିଷ୍ୟତ ଦିଗ' ଶୀର୍ଷକ ଜାତୀୟ ସମ୍ମାନକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ସାମ୍ପ୍ରତିକ ପରିସ୍ଥିତିରେ ଇତିହାସର ଅନେକ ଦିଗ ଆଜି ମଧ୍ୟ ଅନାଲୋଚିତ ହୋଇରହିଛି। ସେ ସମସ୍ତ ଐତିହାସିକ ବିଷୟବସ୍ତୁକୁ ଲୋକଲୋଚନକୁ ଆଣିବାର ସମୟ ଆସିଛି। ଏହି ଅନାଲୋଚିତ ମଧ୍ୟକାଳୀନ ଏବଂ ଆଧୁନିକ ଐତିହାସିକ ଘଟଣାବଳୀକୁ କେବଳ ଅଭିଲେଖାଗାର ଉପାଦାନ ମାଧ୍ୟମରେ ସିମୀତ ରହିବା ଅନୁଚିତ। ସମସ୍ତ ଅନାଲୋଚିତ ଐତିହାସିକ ଘଟଣାବଳୀ ଲୋକଲୋଚନକୁ ଆଣିବାର ଏକମାତ୍ର ମାଧ୍ୟ ହେଉଛି ଅଭିଲେଖାଗାର। ପଶ୍ଚିମ ଓଡ଼ିଶା ବିଶେଷ କରି ସମ୍ବଲପୁରର କୁଦୋପାଲି ହେଉ କିମ୍ବା ବୀର ସୁରେନ୍ଦ୍ର ସାଏ, ଛବିଲ ସାଏ, ମାଧୋ ସିଂ, ହଟେ ସିଂ ପ୍ରମୁଖଙ୍କ ସଂଗ୍ରାମର ତଥ୍ୟ ହାସଲରେ ଅଭିଲେଖାଗାର ହିଁ ବିଶେଷ ସହାୟକ ହୋଇ ପାରିବ। ତେଣୁ ଅଭିଲେଖାଗାର ଉପାଦାନର ମହତ୍ତ୍ୱ ଏବଂ ପ୍ରାସଙ୍ଗିକତାକୁ ଲକ୍ଷ୍ୟକରି ଏହି ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଛି ବୋଲି କହିଛନ୍ତି କୁଳପତି ଦାସ।

କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଇତିହାସ ବିଭାଗ ସହାୟକ ପ୍ରାଧ୍ୟାପିକା ଡ. ସସ୍ମିତାରାଣୀ ଶାଶିନୀ। ବିଭାଗୀୟ ମୁଖ୍ୟ ଡ. ଅତୁଲ କୁମାର ପ୍ରଧାନ ବିଗତ ବର୍ଷର ବିଭାଗୀୟ ଉପଲବ୍ଧି ଓ ଜିଏମ୍‌ୟୁ ଇତିହାସ ବିଭାଗ ଏହାର ପଠନ ଶୈଳୀ ତଥା ଗବେଷଣା ପାଇଁ କିଭଳି ସମଗ୍ର ଭାରତ ବର୍ଷରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି କହିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ତଥା ମାଲେସିଆ ନର୍ଦନ ବିଶ୍ୱବିଦ୍ୟାଳୟର ପ୍ରଫେସର ପତିତପାବନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଭାରତ ଇତିହାସରେ ଅଭିଲେଖାଗାରର ଭୂମିକାକୁ ଉପସ୍ଥାପନା କରିଥିଲେ। ଭାରତ ସରକାରଙ୍କ ଜାତୀୟ ଅଭିଲେଖାଗାର ଉପନିର୍ଦ୍ଦେଶକ ଓ କଟକ ଉଚ୍ଚ ନ୍ୟାୟାଳୟ ଅଧୀନ ନ୍ୟାୟିକ ଅଭିଲେଖାଗାରର ନିର୍ଦ୍ଦେଶକ ଡ. ଲଲାଟେନ୍ଦୁ ଦାସ ମହାପାତ୍ର ବିଷୟ ବିଶେଷଜ୍ଞଭାବେ ଯୋଗଦେଇଥିଲେ। ଭାରତ ସରକାରଙ୍କ ଜାତୀୟ ଅଭିଲେଖାଗାର ଭୁବନେଶ୍ୱର ଶାଖା ମୁଖ୍ୟ ଡ. ସତ୍ୟନାରାୟଣ ମିଶ୍ର ସାଂପ୍ରତିକ ସମୟରେ ଅଭିଲେଖାଗାରର ପ୍ରାସଙ୍ଗିକତା ବିଷୟରେ କହିଥିଲେ। ଶେଷରେ ସହାୟକ ପ୍ରାଧ୍ୟାପକ ଡ. ସନ୍ତୋଷ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଇତିହାସ ବିଭାଗର ଡ. ପରମତପ ପ୍ରଧାନ, ଅତିଥି ଅଧ୍ୟାପକ ଶଙ୍ଖନାଦ ଦେହୁରୀ, ଅଞ୍ଜଳି ରାଣୀ ପ୍ରମୁଖଙ୍କ ସମେତ ବହୁ ଗବେଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।


**Classified Everyday**
0674-2580101, 9692975378



REAL ESTATE
SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 8249976746, 7978660091. D-1698

AFFIDAVIT

By virtue of an affidavit sworn before the Executive Magistrate, Balangir, I Bidyulata Penthei, At- Mahulapal, Kamakhyanagar, Dhenkanal declare that I have changed my name from Bidyulata Behera to Bidyulata Penthei. Henceforth I shall be known as Bidyulata Penthei for all purposes.
D-1755

I, Ankita Narayan Mundra, W/o- Ayush Taparia, resident of 301 and 302 Aditi Chanda Royal Apartment, Jharapada, Bhubaneswar, Odisha 751006 declare by this affidavit No.- 15AA 130962 dtd.- 30.07.2025 that now onwards I shall be known as Ankita Taparia for all future purposes. D-1754

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମୁଁ, ପିଙ୍କି ପ୍ରଧାନ, ସ୍ୱାମୀ- ବୁଦ୍ଧି ପ୍ରଧାନ, ଠିକଣା- ଗୌଡ଼ିଆଘାଇ, ପୋ.ଅ.- ରାହାଡ଼ମଲ୍ଲ, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ- ୭୫୨୦୦୨ ଜଣାଉଅଛିଯେ ମୌଜା- ଗୌଡ଼ିଆଘାଇ ଖାତା ନ୧୬ମ୍ବର ପ୍ଲଟ୍ ନ୩୩୮ମ୍ବର ଏରିଆ- ଏ୦.୨୪ଡେସିମିଲ ସମ୍ବନ୍ଧରୁ କ୍ରୟ ଏରିଆ- ଏ୦.୦୬ ଡେସିମିଲକୁ ରେଜିଷ୍ଟ୍ରି ବିକ୍ରୟକବଲା ନ-୧୧୪୮୨୦୦୩୯୮୧ମ୍ବର ଦ୍ୱାରା ତା-୨୨।୧୦।୨୦୨୦ରିଖରେ ପୁରୀ ସ.ରେ. ରେଜିଷ୍ଟ୍ରେସନ କରିଛି, କିନ୍ତୁ ଜଟି ପ୍ରଧାନଙ୍କ (ମୃତ) କୌଣସି ଉତ୍ତରାଧିକାର ପ୍ରମାଣପତ୍ର ନଥାଇ ତାଙ୍କ ଉତ୍ତରାଧିକାରୀମାନେ ବିନା ପ୍ରମାଣପତ୍ରରେ ତାଙ୍କ ସମ୍ପତ୍ତିକୁ ପୂର୍ବକ୍ରେତାଙ୍କ ବିକ୍ରେତାଙ୍କୁ ବିକ୍ରୟ କରିଛନ୍ତି ବୋଲି ଜାଣିବାରୁ ମୁଁ ଘୋଷଣା କରୁଅଛିକି, ଯଦି କୌଣସି ବ୍ୟକ୍ତି କିମ୍ବା କୌଣସି ସଂସ୍ଥାଙ୍କ ଉତ୍ତରାଧିକାରୀ ସମ୍ବନ୍ଧରେ ଅଭିଯୋଗ ଥାଏ ତେବେ ଘୋଷଣାର ୧୪ ଦିନ ଭିତରେ ସ୍ୱତନ୍ତ୍ର ଫାଇନାନ୍ସ କମ୍ପାନୀ ଅଫିସରେ ଆସି ଜଣାନ୍ତୁ। ୧୪ ଦିନପରେ କୌଣସି ଅଭିଯୋଗ ବିଚାରକୁ ନିଆଯିବ ନାହିଁ।
ଇତି
ପିଙ୍କି ପ୍ରଧାନ
ଧ-୧୭୫୭

By virtue of an affidavit I, Sandhya Satapathy, aged- 59 years, D/o- Late Sh Surendra Kumar Bhol and W/o- Tapan Kumar, declare that I have changed my name from Sandhyarani Bhol to Sandhya Satapathy. Now I am identified as Sandhya Satapathy in all official documents like PAN, Aadhaar, Bank A/c etc. That I have a Plot, No.- 8-3GH, D/785, Area- 1625sqft., Sector- 8, CDA, Cuttack. I am again declaring that Sandhyarani Bhol and Sandhya Satapathy are the same person. My Aadhaar No.- xxxx xxxx 2767 and PAN- ANQPB4447H are in the name of Sandhya Satapathy.
Sd./- Sandhya Satapathy
D-1753

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

LEGAL NOTICE

IN THE COURT OF ADDL. COMMISSIONER OF CONSOLIDATION AND SETTLEMENT, SAMBALPUR-II R.P.
Case No.- 245/2024
Purastam Biswal and others .... Petitioner
Vrs
Kshudhasagar Pradhan and another ....Opposite Parties

To, 1. Kshudhasagar Pradhan, 2. Sudhasagar Pradhan both are sons of Late Bhubaneswar Pradhan and R/o- Deogaon, P.O.- Rajpur, Tahasil/Dist.- Jharsuguda

Whereas, the aforesaid case has been filed by the petitioners against you wherein, the petitioners have prayed under the provision as contemplated u/s 15 (b) of Orissa Survey & Settlement Act, 1962 and rules framed there under. However, you have deliberately avoided receiving notice in the aforementioned case issued by the honourable Court.

You are hereby directed to appear in person or through your pleader duly instructed by you before the Honourable Court on 2nd day of September 2025 at 11:00A.M. failing which, the case will be determined in your absence.

Given under my hands and the seal of this Court on this 11th day of August 2025.

Land Schedule
Mouza- Deogaon, Tahasil- Jharsuguda, Dist.- Jharsuguda, M.S. Khata No.- 101, Plot No.- 927 Ac.3.050 dec.
Sd./- Additional Commissioner, Consolidation & Settlement, Sambalpur-II
D-1756

IN THE COURT OF HON'BLE CIVIL JUDGE (SR. DIVN.) AT PARALAKHEMUNDI
C.M.A. No.- 04/2024.
(Out of C.S. 29/2021)
Smt. Sandhya Rani Das & Another ....Petitioner
Versus.
Smt. Madhusmita Das & Another. ...Respondent.
PUBLICATION UNDER ORDER V RULE 20 of C.P.C.

To, 1. Smt. Madhusmita Das, W/o- Dr. Krushna Chandra Das, aged about 70 years, Hindu. Housewife, permanent resident of Palace Street, PO / PS: Paralakhemundi, Gajapati- District and 2. Dr. Krushna Chandra Das, W/o Late Madan Mohan Das, aged about 75 years, Hindu. Pensioner, permanent resident of Palace Street, PO/PS: Paralakhemundi, Gajapati District.

Whereas the plaintiff/ Petitioner has instituted the above proceeding against you for the reliefs claimed in the above petition. That in spite of the several steps taken by this Hon'ble Court in both ways such as through Court and Postal for your appearances. All the notices returned back without service. So, you are hereby noticed through this notice to appear in this Court in person or by an advocate duly instructed on 22nd day of Sep. 2025 at 10:30 AM to answer all material questions relating to the suit, failing which the suit/ application will be disposed off in your absence according to law.

Given under my hand and seal of this Court this the 21st day of August 2025.
Sd./- Civil Judge (Senior Division), Paralakhemundi, Gajapati Dist.
D-1750


# ଫଟୋ ପ୍ରଦର୍ଶନୀ ଉଦ୍‌ଯାପିତ

ସମ୍ବଲପୁର, ୨୫।୮
(ଭବାନୀ ଶଙ୍କର ଭୋଇ)



ଫଟୋ ପ୍ରଦର୍ଶନୀରେ ସମ୍ବର୍ଦ୍ଧିତ ଫଟୋଗ୍ରାଫରମାନେ।

ସମ୍ବଲପୁର ସାମ୍ବାଦିକ ଭବନଠାରେ ଚାଲିଥିବା ସାତଦିନିଆ ଫଟୋ ପ୍ରଦର୍ଶନୀ ସୋମବାର ଉଦ୍‌ଯାପିତ ହୋଇଯାଇଛି। ସଂଘ ସଭାପତି ସୁଭାଷଚନ୍ଦ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଐତିହାସିକ ଦୀପକ କୁମାର ପଣ୍ଡା ଅତିଥି ଭାବେ ସାମିଲ ହୋଇଥିଲେ। ଆଗାମୀ ଦିନରେ ଫଟୋ ପ୍ରଦର୍ଶନୀକୁ ଆହୁରି ଆକର୍ଷଣୀୟ କରିବାକୁ ଫଟୋଗ୍ରାଫରମାନେ ମତପ୍ରକାଶ କରିଥିଲେ। ପ୍ରିୟରଞ୍ଜନ ସାହୁ, ଦୀପକ କୁମାର ପଣ୍ଡା, ଅରବିନ୍ଦ ମିଶ୍ର, କରୁଣାକର ଶତପଥୀ, ଆଶିଷ ପ୍ରଧାନ, ସୂର୍ଯ୍ୟ ପାଣିଗ୍ରାହୀ, ଶିଶିର କର, ରଞ୍ଜିତ ସାହୁ, ବିଶ୍ୱନାଥ ବଗର୍ତ୍ତୀ, ଭରତ ଭାରୁ, ଚିତ୍ତରଞ୍ଜନ ବଡପଣ୍ଡାଙ୍କ ଭଳି ଖ୍ୟାତି ସମ୍ପନ୍ନ ଫଟୋଗ୍ରାଫରମାନଙ୍କୁ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା।

# ସମଲେଇ ମନ୍ଦିର ପାର୍ଶ୍ୱ ଦେବଦେବୀଙ୍କ ସିନ୍ଦୂର ନୀତି

ସମ୍ବଲପୁର,୨୫।୮ (ବି.ଶଙ୍କର)



ସୋମବାର ସମଲେଇ ମନ୍ଦିର ପାର୍ଶ୍ୱ ଦେବଦେବୀଙ୍କୁ ସିନ୍ଦୂର ଅର୍ପଣ କରାଯାଉଛି।

ଦୁଇଦିନ ପରେ ଗଣପର୍ବ ନୂଆଁଖାଇ। ପରମ୍ପରା, ରୀତିନୀତି ଅନୁସାରେ ଇଷ୍ଟଦେବୀ ସମଲେଇଙ୍କଠାରେ ନବାନ୍ନ ଭୋଗ ଲାଗିବାକୁ ପଣ୍ଡିତମାନେ ପୂର୍ବରୁ ଲଗ୍ନ ଧାର୍ଯ୍ୟ କରିଛନ୍ତି। ଏହିକ୍ରମରେ ସୋମବାର ପୂର୍ବାହ୍ନ ସାଢ଼େ ୧୦ଟାରେ ଯୁବ ପୂଜକମାନେ ପରମ୍ପରା ଓ ରୀତିନୀତି ଅନୁସାରେ ଇଷ୍ଟଦେବୀ ସମଲେଇ ମନ୍ଦିର ପରିସରସ୍ଥ ୧୦୮ ପାର୍ଶ୍ୱ ଦେବଦେବୀଙ୍କଠାରେ ସିନ୍ଦୂର ନୀତି ହୋଇଛି। ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାଏ ପାରଦ ସିନ୍ଦୂର ଓ ଜଡାତେଲ ମିଶ୍ରଣ କରି ସିନ୍ଦୂର ପ୍ରସ୍ତୁତ କରିଥିଲେ। ପୂଜାର୍ଚ୍ଚନା ପୂର୍ବକ ସର୍ବ ପ୍ରଥମେ ଶୀତଳା ଦେବୀଙ୍କୁ ସିନ୍ଦୂର ଅର୍ପଣ ହୋଇଥିଲା। ହରିବୋଲ, ଘଣ୍ଟ ଶଙ୍ଖ ଧ୍ୱନିରେ ପ୍ରକମ୍ପିତ ହେଉଥିଲା ମନ୍ଦିର ପରିସର। ନୀତି ଅନୁସାରେ ଦେବଦେବୀଙ୍କୁ ସିନ୍ଦୂର ଅର୍ପଣ କରି ପୂଜକମାନେ ପ୍ରଣିପାତ କରିଥିଲେ। ଯୁବ ପୂଜକ ଶିବା ପ୍ରସାଦ ରାଏ, ଅନବ ରାଏ, ଆୟୁଷ୍ମାନ ରାଏ, ଶ୍ୟାମ ରାଏ ସିନ୍ଦୂର ଅର୍ପଣ କାର୍ଯ୍ୟ କରିଥିଲେ। ସିନ୍ଦୂର ଅର୍ପଣ ସହ ସମଲେଇଙ୍କ ଆଭୂଷଣ ପ୍ରସ୍ତୁତ କରାଯାଇଛି। ସୁନା ଓ ରୁପା ଅଳଙ୍କାରଗୁଡିକୁ ସଫା କରାଯାଇଛି। ଅପରପକ୍ଷେ ପଶ୍ଚିମ ଓଡିଶା ସ୍ଥିତ ବଲାଙ୍ଗୀରର ଇଷ୍ଟଦେବୀ ପାଟଣେଶ୍ୱରୀ, ସୋନପୁରର ସୁରେଶ୍ୱରୀ, ବୌଦ୍ଧର ଭୈରବୀ, ନୂଆପଡା ଜିଲାର ଟାନ୍‌ୱାଟ କଣା ଭଇଁରା, ବରଗଡ଼ ଓ ଝାରସୁଗଡ଼ାର ସମଲେଇ, ସୁନ୍ଦରଗଡ ଜିଲାର ସମଲେଇ ଓ ଶିଖର ବାସିନୀ ପୀଠରେ ମଧ୍ୟ ନୂଆଁଖାଇ ଲାଗି ଜୋରଦାର ପ୍ରସ୍ତୁତି ଚାଲିଛି।


**ମନେ ପଡ଼ନ୍ତି**

ଏକାଦଶତମ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତାଃ ଡଃ ନିରୁପମା ପଟ୍ଟନାୟକ
ସ୍ୱାମୀ- ସ୍ୱର୍ଗତଃ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ
ପୋଖରୀପୁଟ, ଭୁବନେଶ୍ୱର
ଚାହୁଁ ଚାହୁଁ ଏଗାର ବର୍ଷ ବିତିଗଲା। ଆପଣଙ୍କ ଅନୁପସ୍ଥିତିରେ ପ୍ରତିଦିନ ଆମମାନଙ୍କ ଆଖିରୁ ଲୁହ ଶୁଖୁନି। ଆପଣଙ୍କ ପବିତ୍ର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଲୀନ ହେଉ, ଏତିକି ପ୍ରାର୍ଥନା।
ଆପଣଙ୍କ ପରିବାର ଓ ବନ୍ଧୁବର୍ଗ।
ଧ-୭୭୦୭୪

ଶ୍ରଦ୍ଧାଞ୍ଜଳି



୰ଦୁର୍ଗା ପ୍ରସାଦ ବହିଦାର
ଅବସରପ୍ରାପ୍ତ ପୋଲିସ ଅଫିସର
ଝାଡୁଆପଡା, ସମ୍ବଲପୁର
୧୯୧୦-୧୯୯୭
ବାଲିତୃତୀୟା
ଆଜି ଅଷ୍ଟବିଂଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଅଛୁ।
ପରିବାରବର୍ଗ ଓ ବନ୍ଧୁସ୍ୱଜନ
ଧ-୭୭୮୪୯

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଛାୟାରାଣୀ ଦାଶ
ଏସ୍.ଜି- ୩୨ ଆଇଗିଣିଆ,ଖଣ୍ଡଗିରି,ଭୁବନେଶ୍ୱର
ଆବିର୍ଭାବ: ୧୫।୦୭।୧୯୫୫
ତିରୋଧାନ: ୧୫।୦୮।୨୦୨୫
ଆପଣ ଆମକୁ ଶୋକସାଗରେ ଭସାଇଦେଇ ସଂସାରରୁ ବିଦାୟ ନେଲେ। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଆମ ପାଇଁ ପ୍ରେରଣାର ଉତ୍ସ ହୋଇରହିବ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-ଶୋକସନ୍ତପ୍ତ-
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀବୋହୂ, ଅଣନାତି, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୧୭୫୮

ସୌନ୍ଦର୍ଯ୍ୟ

# ଉପକାରୀ ଚିନାବାଦାମ



**ବର୍ଷାଦିନେ ଗରମ ଗରମ ବାଦାମ ଭଜା ଖାଇବାକୁ କିଏ ବା ନ ଭଲ ପାଏ। ହେଲେ ଆପଣ ଜାଣନ୍ତିକି ପାଟିକୁ ସୁଆଦିଆ ଲାଗୁଥିବା ଏହି ଚିନାବାଦାମରେ ଭରି ରହିଛି ଅନେକ ପୋଷକ ତତ୍ତ୍ୱ, ଯାହାକୁ ଖାଇଲେ ଶରୀର ସୁସ୍ଥ ରହିବା ସହ ବ୍ୟବହାର କଲେ ସୌନ୍ଦର୍ଯ୍ୟ ମଧ୍ୟ ବୃଦ୍ଧିପାଇଥାଏ। ଜାଣନ୍ତୁ ଏହାକୁ କିପରି ବ୍ୟବହାରକରି ସୌନ୍ଦର୍ଯ୍ୟ ବୃଦ୍ଧି କରିପାରିବେ...**

❖ବାଦାମରେ ଭିଟାମିନ୍-ଇ ଥିବାରୁ ଏହାକୁ ଖାଇବା ଦ୍ୱାରା ଏହା ଚର୍ମକୁ ପୋଷଣ ଯୋଗାଇବା ସହ ନରମ ଏବଂ ଚିକ୍କଣ ରଖିଥାଏ । ଏହାର ତେଲ ଲଗାଇବା ଦ୍ୱାରା ସୂର୍ଯ୍ୟକିରଣ ଯୋଗୁ ହେଉଥିବା ଟ୍ୟାନିଂ ଭଳି ସମସ୍ୟା ଦୂରହୋଇଥାଏ। ଏହା ଚର୍ମକୁ ବ୍ରଣମୁକ୍ତ ରଖି କୋମଳତା ପ୍ରଦାନ କରିଥାଏ।

❖ଆଖି ତଳ କଳାଦାଗ, ଆଖି କୁଣ୍ଡେଇହେବା ଭଳି ସମସ୍ୟା ଦୂରକରିବା ଲାଗି ଚିନାବାଦାମ ବେଶ୍ ଉପଯୋଗୀ। ଏଥିରେ ଥିବା ଅଧିକ ପରିମାଣର ଓମେଗା ଫ୍ୟାଟି ଏସିଡ୍ ଓ ଖଣିଜ ଲବଣ ଦୃଷ୍ଟିଶକ୍ତି ବଢ଼ାଇଥାଏ । ଆଖିପତା ଉପରେ ଏହାର ତେଲ ଲଗାଇ ଧୀରେ ଧୀରେ ମସାଜ କରିବା ଦ୍ୱାରା ଆମକୁ ଦିନ ଯାକର ଚାପରୁ ମଧ୍ୟ ମୁକ୍ତିମିଳେ।

❖ଏଥିରେ ଆଣ୍ଟି-ଅକ୍ସିଡାଣ୍ଟ, ଭିଟାମିନ୍ ଏବଂ ମିନେରାଲ୍ସ ଥିବାରୁ ଏହାକୁ ପାଣି ଭିଜେଇ ପେଷ୍ଟ କରି ଲଗାଇବା ଦ୍ୱାରା ସ୍କିନ୍‌ର ଗ୍ଲୋ ବଢ଼ିଥାଏ। ଏହା ଏଜିଙ୍ଗ୍ ସାଇନ୍ସ ଯେପରିକି ରିଙ୍କଲ୍‌ମାର୍କ, ଏଜ୍ ସ୍ପଟ୍ ଆଦିକୁ ରୋକିଥାଏ। ବ୍ରଣ, ଦାଗ ଆଦିକୁ ମଧ୍ୟ କମ୍ କରିବାରେ ଏହା ବେଶ୍ ସାହାଯ୍ୟ କରିଥାଏ।

❖ମୁଣ୍ଡ ଏବଂ ଶରୀରର ବିଭିନ୍ନ ଅଂଶକୁ ମସାଜ୍ କରିବା ପାଇଁ ଚିନାବାଦାମ ତେଲକୁ ବ୍ୟବହାର କରାଯାଇଥାଏ। ଏହାଦ୍ୱାରା ଚର୍ମ ପୁଷ୍ଟିକର ତେଲ ଶୋଷଣ କରିପାରେ। ବିଶେଷକରି କେଶ ମୂଳରେ ଏହି ତେଲ ମସାଜ କରିବା ଦ୍ୱାରା ବ୍ଲଡ୍ ସାର୍କୁଲେଶନ୍ ଠିକ୍ ଭାବେ ହେବା ଦ୍ୱାରା କେଶ ଲମ୍ୱା ଏବଂ ମଜଭୁତ ହୋଇଥାଏ। ଏହା କେଶ ପାଚିବା, ଝଡ଼ିବା, ଫାଟିବା ଆଦି ସମସ୍ୟାକୁ ମଧ୍ୟ ଦୂର କରିଥାଏ।



# ନିଜ ପାଇଁ ୩୦ ମିନିଟ୍

**ନାରୀଟିଏ ସବୁବେଳେ କର୍ମଜଞ୍ଜାଳରେ ବନ୍ଧା। ସେ କେତେବେଳେ ସମ୍ଭାଳେ ପରିବାରର ସମସ୍ତ ଦାୟିତ୍ୱ ତ ଆଉ କେତେବେଳେ ଘର ସହ ବି ତୁଲେଇବାକୁ ହୁଏ ଅଫିସ୍ କାମ। ଏମିତରେ ସେ ଅଜାଣତରେ ଅବହେଳା କରିବସେ ନିଜକୁ ଆଉ ହୋଇଯାଏ ରୋଗଣା। ହେଲେ ଏସବୁ କର୍ତ୍ତବ୍ୟ ସୁଚାରୁ ରୂପେ ତୁଲେଇବାକୁ ହେଲେ ସୁସ୍ଥ ରହିବା ଲାଗି ନିଜର ଯତ୍ନନେବା ଯେ ସେତିକି ଗୁରୁତ୍ୱପୂର୍ଣ୍ଣ ସେକଥା ସେ ଭୁଲିଯାଏ। ତେଣୁ ସବୁ କାମ ଭିତରେ ବି ନିଜ ପାଇଁ ପ୍ରତିଦିନ ଅତିକମ୍‌ରେ ୩୦ମିନିଟ୍ ବାହାର କଲେ ଫିଟ୍ ରହିବା ସହଜ ହେବ ସେଥିରେ ସନ୍ଦେହ ନାହିଁ...**









ବର୍ତ୍ତମାନ ଅଳ୍ପବୟସରୁ ଅଧିକାଂଶ ମହିଳାଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳୁଛି। ଏହାର ମୁଖ୍ୟ କାରଣ ହେଉଛି ବିଭିନ୍ନ କାର୍ଯ୍ୟବ୍ୟସ୍ତତା ଭିତରେ ନିଜର ଯତ୍ନ ନ ନେବା। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି, ଯଦିଓ ବର୍ତ୍ତମାନ ସମସ୍ତେ କାର୍ଯ୍ୟବ୍ୟସ୍ତ ହେଲେ ସେହି କାର୍ଯ୍ୟରେ ଶାରୀରିକ ପରିଶ୍ରମ ନଗଣ୍ୟ। ତେଣୁ ପ୍ରତ୍ୟେକ ମହିଳାଙ୍କୁ ଘର ହେଉ ଅବା ଅଫିସ୍ ସମସ୍ତ କାର୍ଯ୍ୟ ଠିକ୍ ଭାବେ ତୁଲାଇବା ଲାଗି ସର୍ବପ୍ରଥମେ ନିଜେ ସୁସ୍ଥ ରହିବା ଜରୁରୀ। ଆଉ ଏଥିପାଇଁ ପ୍ରତିଦିନ କିଛି ସମୟ ନିଜ ପାଇଁ ବାହାରକରି ଯୋଗ, ବ୍ୟାୟାମ ଆଦି କରିବା ନିହାତି ଆବଶ୍ୟକ...

**ଯୋଗ, ବ୍ୟାୟାମ:** ବର୍ତ୍ତମାନ ଅନେକଙ୍କଠାରେ ଉପୁଜୁଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ମୁଖ୍ୟ କାରଣ ହେଉଛି ମେଦବହୁଳତା ସାଙ୍ଗକୁ ଶାରୀରିକ ପରିଶ୍ରମର ଅଭାବ। ଏହା ଦୂରକରିବା ଲାଗି ପ୍ରତିଦିନ ସମସ୍ତ କାମ ବାଦ୍ ଅତି କମ୍‌ରେ ନିଜ ପାଇଁ ୩୦ ମିନିଟ୍ ବାହାରକରି ଯୋଗ, ବ୍ୟାୟାମ କରିବା ନିହାତି ଆବଶ୍ୟକ। କିପରି ଏବଂ କେଉଁସବୁ ଏକ୍ସରସାଇଜ୍ କରିବେ ବୋଲି ଯଦି ଭାବୁଛନ୍ତି ତେବେ ଆରମ୍ଭ ଦିନଗୁଡ଼ିକରେ କେତୋଟି ବେସିକ୍ ୱାର୍କଆଉଟ୍ ପ୍ରତି ଧ୍ୟାନ ଦିଅନ୍ତୁ। ଏଥିପାଇଁ ପ୍ରଥମେ ଅଳ୍ପ ସମୟ ୱର୍କଆଉଟ୍ ୱାର୍ମଅପ୍ କରନ୍ତୁ। ଫଳରେ ଧୀରେ ଧୀରେ ହୃତ୍‌ପିଣ୍ଡର ଗତି, ପଲ୍ସ ରେଟ୍, ଶରୀରର ତାପମାତ୍ର ବଢ଼ିବାଦ୍ୱାରା ଅନ୍ୟ ୱର୍କଆଉଟ୍ ପାଇଁ ପ୍ରସ୍ତୁତ ହୋଇପାରିବେ। ୱାର୍ମଅପ୍ ପାଇଁ ଜମ୍ପିଂ ଜ୍ୟାକ୍ ସବୁଠୁ ସହଜ। ସେହିପରି କିଛି ସମୟ ଷ୍ଟ୍ରେଚିଂ କରନ୍ତୁ ଫଳରେ ଏକ୍ସରସାଇଜ୍ କରିବା ବେଳେ ମାଂସପେଶୀରେ ଟାଣିହେବା ସମସ୍ୟା ରହିବ ନାହିଁ। ଏହାପରେ ନିଜ କମ୍ଫର୍ଟ ଏବଂ ଷ୍ଟ୍ରେନ୍ଥ ଅନୁଯାୟୀ ବିଭିନ୍ନ ଏକ୍ସରସାଇଜ୍ ଏବଂ ଯୋଗାସନ କରନ୍ତୁ। କିଛି ସମୟ ଛାତ ଉପରେ କିମ୍ବା ନିକଟସ୍ଥ ପାର୍କ, ରାସ୍ତାକଡ଼ ଅବା ଅନ୍ୟ କୌଣସି ଖୋଲା ସ୍ଥାନରେ ଚାଲନ୍ତୁ। ପ୍ରତିଦିନ କିଛି ସମୟ ରନିଂ କିମ୍ବା ସାଇକ୍ଲିଂ କରିବା ବି ଖୁବ୍ ଲାଭଦାୟକ ହୋଇପାରିବ।

## ମିଳିବ ଅନେକ ଉପକାରିତା

ନିୟମିତ କିଛି ସମୟ ନିଜ ପାଇଁ ବାହାରକରି ଏକ୍ସରସାଇଜ୍ କଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିହେବା ସହ ଆପଣ ସୁସ୍ଥ ରହିପାରିବେ। ଏହା ବ୍ଲଡ୍ ପ୍ରେସର ଏବଂ ବ୍ଲଡ୍ ସୁଗାର ସ୍ତରକୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରିଥାଏ। ମର୍ଣ୍ଣିଂ କିମ୍ବା ଇଭିନିଂରେ ୱାକ୍ କରିବା ଦ୍ୱାରା ମହିଳାମାନଙ୍କଠାରେ ଇଷ୍ଟ୍ରୋଜେନ୍ ହର୍‌ମୋନ୍ କ୍ଷରଣ ଠିକ୍ ଭାବେ ହୋଇଥାଏ। ଏହାଦ୍ୱାରା ହୃତ୍‌ପିଣ୍ଡ ଏବଂ ମସ୍ତିଷ୍କକୁ ସୁସ୍ଥ ରଖିଥାଏ, ଫଳରେ ହୃଦ୍ ସମସ୍ୟା ଏବଂ ଷ୍ଟ୍ରୋକ୍ ସମସ୍ୟାଠୁ ଦୂରେଇ ରଖିଥାଏ। ମାଂସପେଶୀ ଏବଂ ହାଡ଼ ମଜଭୁତ ରଖେ। ମାସିକ ଋତୁସ୍ରାବ ଠିକ୍ ଭାବେ ହେବା ସହ ପ୍ରଜନନ କ୍ଷମତା ବୃଦ୍ଧି କରିବାରେ ସାହାଯ୍ୟ କରେ। ପ୍ରତିଦିନ କିଛି ସମୟ ଏକ୍ସରସାଇଜ୍ କଲେ ଡୋପାମାଇନ୍ ହର୍‌ମୋନ୍ କ୍ଷରଣ ହୋଇଥାଏ। ଏହି ହର୍‌ମୋନ୍‌କୁ ହାପି ହର୍‌ମୋନ ବୋଲି ମଧ୍ୟ କୁହାଯାଇଥାଏ, ଯାହା ଷ୍ଟ୍ରେସ୍, ଡିପ୍ରେଶନ୍ ଭଳି ସମସ୍ୟା ଦୂରକରି ମଣିଷକୁ ଖୁସି ରଖିବାରେ ସାହାଯ୍ୟ କରିଥାଏ। ତେଣୁ ପ୍ରତିଦିନ ମାତ୍ର ୩୦ ମିନିଟ୍ ନିଜ ପାଇଁ ଦେଲେ ଏହା ଉଭୟ ଶାରୀରିକ ଓ ମାନସିକ ସ୍ତରରେ ଏହା ଫିଟ୍ ରଖିବାରେ ସାହାଯ୍ୟ କରିଥାଏ।

## ଜାଣିରଖନ୍ତୁ

କେବଳ ଯୋଗ, ବ୍ୟାୟାମ, ୱାକିଂ ନୁହେଁ ଏହା ବ୍ୟତୀତ ଆଉ କେତେକ କଥା ପ୍ରତି ମଧ୍ୟ ବିଶେଷ ଧ୍ୟାନଦେବା ଜରୁରୀ, ସେ ବିଷୟରେ ଜାଣିରଖନ୍ତୁ...

➔କାର୍ଯ୍ୟବ୍ୟସ୍ତତା ଭିତରେ ସକାଳ ଜଳଖିଆ ନ ଖାଇବା ଅନେକ ମହିଳାଙ୍କଠାରେ ଏକ ବଦଭ୍ୟାସ। ଯେତେ କାମ ଥାଉ ନା କାହିଁକି ସକାଳ ଜଳଖିଆ ଖାଇବା ନିହାତି ଆବଶ୍ୟକ। ନଚେତ୍ ଦୀର୍ଘସମୟ ପେଟ ଖାଲି ରହି ଗ୍ୟାସ୍, ଏସିଡିଟି ଆଦି ସମସ୍ୟା ଦେଖାଦେଇଥାଏ। ଆମେରିକାନ୍ ମେଡିକାଲ ଆସୋସିଏଶନ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ବ୍ରେକ୍‌ଫାଷ୍ଟ ନ କରିବା ଦ୍ୱାରା ରକ୍ତଚାପ, ହୃଦ୍‌ରୋଗ ଏବଂ ହୃଦ୍‌ଘାତର ଆଶଙ୍କା ୨୭% ବୃଦ୍ଧି କରିଥାଏ। ସକାଳ ଜଳଖିଆ ଶରୀରକୁ ଶକ୍ତି ଯୋଗାଇଥାଏ, ଯଦ୍ଦ୍ୱାରା ସାରା ଦିନ ଆକ୍ଟିଭ୍, ଏନର୍ଜେଟିକ୍ ଏବଂ ଫ୍ରେଶ୍ ଲାଗିଥାଏ। କେବଳ ଜଳଖିଆ ମଧ୍ୟାହ୍ନ ଏବଂ ରାତ୍ରଭୋଜନ ମଧ୍ୟ ସମୟରେ ଖାଆନ୍ତୁ। ଫାଷ୍ଟ ଫୁଡ୍, ଜଙ୍କ୍ ଫୁଡ୍, ଅଏଲି ଫୁଡ୍ ଭଳି ଖାଦ୍ୟ ବଦଳରେ ସର୍ବଦା ପେଟ ପୂରା ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ଦିନକୁ ଅତି କମ୍‌ରେ ୩-୪ ଲିଟର ପାଣି ପିଅନ୍ତୁ।

➔ନିଜକୁ ସବୁବେଳେ ଟେନ୍‌ସନ ଫ୍ରି ରଖିବାକୁ ଚେଷ୍ଟା କରନ୍ତୁ। ମନକୁ ଭାରାକ୍ରାନ୍ତ କରୁଥିଲେ ଦୀର୍ଘଦିନ ଚାପି ନ ରଖି ନିଜ ସ୍ୱାମୀ, ପରିବାର ସଦସ୍ୟ କିମ୍ବା କୌଣସି ବିଶ୍ୱସ୍ତଙ୍କ ନିକଟରେ ପ୍ରକାଶ କରନ୍ତୁ, ମନ ହାଲୁକା ହୋଇଯିବ।

➔ ଘର କାମ ସାରି ବିଳମ୍ବରେ ଖାଇବା ଏବଂ ଶୋଇବା ଅଭ୍ୟାସ ହିଁ ଗ୍ୟାସ୍, ବଦହଜମି, ମେଦବହୁଳତା ଭଳି ସମସ୍ୟାର ମୁଖ୍ୟ କାରଣ। ତା'ଛଡ଼ା ରାତିରେ ଠିକ୍ ଭାବେ ନ ଶୋଇଲେ ବା ପର୍ଯ୍ୟାପ୍ତ ନିଦ ନ ହେଲେ ଥକ୍କା ଲାଗିବା ସହ ମାନସିକ ସ୍ତରରେ ମଧ୍ୟ ଏହାର ବିଶେଷ ପ୍ରଭାବ ପଡ଼ିଥାଏ। ତେଣୁ ରାତିରେ ଅତି କମ୍‌ରେ ୬ରୁ ୭ ଘଣ୍ଟା ଶୋଇବା ପାଇଁ ଚେଷ୍ଟା କରନ୍ତୁ।





ଇଏ ବି ଜଣେ ନାରୀ

# ପରିଚୟ ଦେଇଛି ଇକୋଫ୍ରେଣ୍ଡଲି ସାମଗ୍ରୀ

ଆମେ ସମସ୍ତେ ପୃଥିବୀ ମା'ର ସନ୍ତାନ। ସେ ଆମକୁ ସବୁକିଛି ଦେଇଛି। ତେଣୁ ତା'ର ପରିବେଶକୁ ସୁରକ୍ଷା କରିବାର ଦାୟିତ୍ୱ ବି ଆମ ସମସ୍ତଙ୍କର। ଏକଥାକୁ ଜଣେ ପ୍ରକୃତିପ୍ରେମୀ ଭାବେ କେବଳ ହୃଦଙ୍ଗମ କରିନାହାନ୍ତି ବରଂ ଇକୋଦର୍ଶିନୀ ନାମରେ ଏକ ସଂସ୍ଥା ଗଠନ କରି ବିଭିନ୍ନ ସଷ୍ଟେନେବଲ୍ ଏବଂ ଇକୋଫ୍ରେଣ୍ଡଲି ସାମଗ୍ରୀ ପ୍ରସ୍ତୁତକରି ସମାଜକୁ ଏକ ନୂଆ ବାର୍ତ୍ତା ଦେଇଛନ୍ତି ଭୁବନେଶ୍ୱରସ୍ଥିତ ପଟିଆରେ ରହୁଥିବା ପ୍ରିୟଦର୍ଶିନୀ ଦାସ। ମାଟି, ବାଉଁଶ, ଅଦରକାରୀ କାଠ, ଗୁଆ, ହାତବୁଣା ସୂତା କପଡ଼ା, କାଇଁଚ, ବିଭିନ୍ନ ପ୍ରକାର ମଞ୍ଜି ଏବଂ ପ୍ରାକୃତିକ ରଙ୍ଗ ବ୍ୟବହାରକରି ସେ ପ୍ରସ୍ତୁତ କରୁଛନ୍ତି ଅଳଙ୍କାର, ଗୃହସଜ୍ଜା ଉପକରଣ, ଉପହାର ସାମଗ୍ରୀ, ଅଫିସ ପାଇଁ ଷ୍ଟେଶନାରି ଇତ୍ୟାଦି। ନିଜ ରୁଚିକୁ ବାସ୍ତବର ରୂପ ଦେଇ ସେ ନିଜେ ସ୍ୱାବଲମ୍ବୀ ହେବା ସହ ଭୁବନେଶ୍ୱରର କିଛି ବସ୍ତି, କୋଣାର୍କ, ରାୟଗଡ଼ାର ଅନେକ ଝିଅ ଓ ମହିଳାମାନଙ୍କୁ ଏହି ପ୍ରଶିକ୍ଷଣ ଦେଇ ରୋଜଗାରକ୍ଷମ ହେବାରେ ସାହାଯ୍ୟ କରିପାରିଛନ୍ତି। ସେ କୁହନ୍ତି, ''ପିଲାବେଳୁ ବୋଉ(କଲ୍ୟାଣୀ ଦାସ)ଠାରୁ କୌଣସି ବ୍ୟବହାର୍ଯ୍ୟ ଜିନିଷକୁ ଫିଙ୍ଗିଦେବା ପୂର୍ବରୁ ତା'ର ସମ୍ପୂର୍ଣ୍ଣ ବ୍ୟବହାର କିପରି କରାଯାଇପାରିବ ତାହା ଶିଖିଛି। ସେବେଠାରୁ ପ୍ରାକୃତିକ ସଂସାଧନକୁ ନେଇ ସମ୍ପୂର୍ଣ୍ଣ ପ୍ରାକୃତିକ ପଦ୍ଧତିରେ କିପରି ନୂଆ ଖେଳନା, ଘରକରଣା, ଘରସଜ୍ଜା ଜିନିଷ ତିଆରିକରି ହେବ ସେଥିପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା। କାଳକ୍ରମେ ବିବାହ ପରେ ପରିବାରର ବ୍ୟସ୍ତତା କାରଣରୁ ଏସବୁ ପାଇଁ ସୁଯୋଗ ମିଳିପାରି ନ ଥିଲା। ହେଲେ କିଛି ବର୍ଷ ପରେ ପରିବେଶ ଅନୁକୂଳ ପ୍ରାକୃତିକ ପଦାର୍ଥକୁ ନେଇ କିପରି ଫ୍ୟାଶନର ରୂପ ଦିଆଯାଇପାରିବ ଏବଂ ଯୁଗାନୁକୂଳ, ପସନ୍ଦଯୋଗ୍ୟ ତଥା ସମସ୍ତଙ୍କୁ ସୁହାଇଲା ଭଳି ଅଳଙ୍କାର ପ୍ରସ୍ତୁତ କରାଯାଇପାରିବ ସେଥିପାଇଁ ଇକୋଦର୍ଶିନୀ ଗଠନକଲି। ସ୍ୱାମୀ(ବିନୟ ଭୂଷଣ ଜେନା)ଙ୍କ ସହଯୋଗ ମଧ୍ୟ ମତେ ଆହୁରି ପ୍ରେରଣା ଦେଲା। ଧୀରେ ଧୀରେ ଏହାର ପ୍ରଚାରପ୍ରସାର ହେବା ସହ ତୋଷାଳି ମେଳା, ଏକାମ୍ର ଉତ୍ସବ ଏବଂ ବିଭିନ୍ନ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଲି ଏବଂ ଅନେକ ସଂସ୍ଥା ପକ୍ଷରୁ ପୁରସ୍କୃତ ମଧ୍ୟ ହେଲି। ଏହି କାର୍ଯ୍ୟକୁ ଆହୁରି ଆଗକୁ ନେବା ପାଇଁ ମୁଁ ଅନେକ ଯୁବତୀ ଏବଂ ମହିଳାଙ୍କୁ ପ୍ରଶିକ୍ଷଣ ଯୋଗାଇଦେଉଛି।'' କିଛି ବର୍ଷ ହେବ ସେ ନିଜ ଆପାର୍ଟମେଣ୍ଟର ଅନ୍ୟ ମହିଳାମାନଙ୍କୁ ନେଇ ବିଭିନ୍ନ ପ୍ରକାର ପତ୍ର, ମଞ୍ଜି ଗୁଣ୍ଡ, ହଳଦୀ, ଚାଉଳ ଗୁଣ୍ଡ ଏବଂ ଔଷଧୀୟ ଫୁଲ ଫଳ ସଂଗ୍ରହକରି ସେଥିରୁ ରଙ୍ଗ ପ୍ରସ୍ତୁତକରି ହର୍ବାଲ ହୋଲି ଖେଳିବା ଆରମ୍ଭ କରିଛନ୍ତି। ସେହିପରି ରାଖୀ ପୂର୍ଣ୍ଣିମାରେ ପ୍ରାକୃତିକ ପଦାର୍ଥରୁ ସମ୍ପୂର୍ଣ୍ଣରୂପେ ପରିବେଶ ଅନୁକୂଳ ରାଖୀ ତିଆରି କରୁଛନ୍ତି ; ଯାହାକି ଅନ୍ୟମାନଙ୍କ ପାଇଁ ଚର୍ଚ୍ଚାର ବିଷୟ ହୋଇଛି। ବିଶେଷକରି ଗଣେଶପୂଜାରେ ମାଟି ଏବଂ ବିଭିନ୍ନ ମଞ୍ଜି, ଡାଲି, ଶୁଖିଲା ଶସ୍ୟକୁ ନେଇ ଇକୋଫ୍ରେଣ୍ଡଲି ଗଣେଶ ମୂର୍ତ୍ତି ତିଆରି କରୁଛନ୍ତି। ତେବେ ଏହାଦ୍ୱାରା ରୋଜଗାର ହେଉଥିଲେ ବି ବ୍ୟବସାୟିକ ମନୋଭାବ ନ ରଖି ପରିବେଶ ସୁରକ୍ଷାକୁ ପ୍ରାଥମିକତା ଦେବା ମୋର ଲକ୍ଷ୍ୟ ବୋଲି ସେ କୁହନ୍ତି। ଆଉ ଏହି ଚିନ୍ତାଧାରାରେ ଅନ୍ୟମାନଙ୍କୁ ଯୋଡ଼ିବା ଉଦ୍ଦେଶ୍ୟରେ ବିଭିନ୍ନ ପ୍ରାକୃତିକ ସ୍ରୋତରୁ ଉପଲବ୍ଧ ସାମଗ୍ରୀକୁ ନେଇ ଆଧୁନିକ ଅଳଙ୍କାର ତିଆରି କରିବାର କୌଶଳ ପ୍ରଶିକ୍ଷଣ ଦେଉଛନ୍ତି। ନିଜର ଏହି ପ୍ରୟାସ ଦ୍ୱାରା ଅନେକଙ୍କୁ ଆଜି ରୋଜଗାରକ୍ଷମ କରାଇପାରିବା ସହ କୃତ୍ରିମ ସାମଗ୍ରୀରୁ ପ୍ରସ୍ତୁତ ପ୍ରଦୂଷଣକାରୀ ଅଳଙ୍କାର ଏବଂ ସାଜସଜ୍ଜା ସାମଗ୍ରୀଠାରୁ ଦୂରେଇବା ପାଇଁ ଲୋକମାନଙ୍କୁ ପ୍ରବର୍ତ୍ତାଇ ପାରୁଥିବାରୁ ବେଶ୍ ଖୁସି ଅନୁଭବ କରୁଛି ବୋଲି ପ୍ରକାଶ କରନ୍ତି ପ୍ରିୟଦର୍ଶିନୀ।

- ପୌର୍ଣ୍ଣମାସୀ






ଖାଦ୍ୟରୁଚି

# ଏଗ୍‌ଲେସ୍ କେକ୍

**ଆବଶ୍ୟକ ସାମଗ୍ରୀ:** ମଇଦା ୨୫୦ଗ୍ରାମ୍, ବେକିଂ ପାଉଡର ୨ ଛୋଟ ଚାମଚ, ଲୁଣ ନ ଥିବା ବଟର ୧୫୦ ଗ୍ରାମ୍, ଚିନି ପାଉଡର ୧୫୦ ଗ୍ରାମ୍, ଲେମନ୍ ଏସେନ୍ସ ୬-୭ ବୁନ୍ଦା, ଭ୍ୟାନିଲା ଏସେନ୍ସ ଅଧାଚାମଚ, କ୍ଷୀର ୧୦୦ମି.ଲି., ଟୁଟିଫ୍ରୁଟି ୬ ଚାମଚ, ଚେରି ୧୦ଟି, କିସ୍‌ମିସ୍ ୪ ଚାମଚ ଏବଂ ଲୁଣ ସ୍ୱାଦନାନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ଏକ ପାତ୍ରରେ ମଇଦା, ବେକିଂ ପାଉଡର ଏବଂ ଲୁଣ ମିଶାଇ ଛଣି ସାହାଯ୍ୟରେ ଚଲାଇ ଦିଅନ୍ତୁ। ଅନ୍ୟ ଏକ ପାତ୍ରରେ ବଟର ଏବଂ ଚିନି ପାଉଡର ନେଇ ଭଲ ଭାବେ ମିଶାନ୍ତୁ। ମିଶିଯିବା ପରେ ଲେମନ ଏସେନ୍ସ ଏବଂ ଭ୍ୟାନିଲା ଏସେନ୍ସ ମିଶାନ୍ତୁ। ଏଥିରେ ପୂର୍ବରୁ ରଖିଥିବା ମଇଦା ମିଶ୍ରଣକୁ ଅଳ୍ପ ଅଳ୍ପ ପକାଇ ଗୋଳାନ୍ତୁ। ସେଥିରେ ଟୁଟିଫ୍ରୁଟି, କିସ୍‌ମିସ୍ ଏବଂ କଟା ଚେରି ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏକ କେକ୍ କଣ୍ଟେନର ନିଅନ୍ତୁ ଏବଂ ସେଥିରେ ଘିଅ କିମ୍ବା ବଟର ଲଗାଇ ଗ୍ରୀସ୍ କରନ୍ତୁ। ଏଥିରେ କେକ୍ ମିଶ୍ରଣକୁ ଢାଳି ଧୀରେ ଧୀରେ ବାଡ଼େଇ ଦିଅନ୍ତୁ ଯେପରି ମିଶ୍ରଣ ସବୁ ଆଡ଼େ ସମାନ ଭାବେ ରହିବ। ଚୁଲାରେ କଡ଼େଇ ଗରମ କରନ୍ତୁ। ଏହା ଭିତରେ ଏକ ଷ୍ଟାଣ୍ଡ ରଖନ୍ତୁ। ୧୦-୧୫ ମିନିଟ୍ କଡ଼େଇ ଗରମହେବା ପରେ ଭିତରେ ଥିବା ଷ୍ଟାଣ୍ଡ ଉପରେ କେକ୍ କଣ୍ଟେନରକୁ ରଖି କଡ଼େଇକୁ ଘୋଡ଼ାଇ ଦିଅନ୍ତୁ। ୩୦-୩୫ ମିନିଟ୍ ପରେ ଏକ ଛୁରି କିମ୍ବା ଟୁଥ୍ ପ୍ରିକ୍ ସାହାଯ୍ୟରେ କେକ୍‌କୁ ଫୁଟାଇ ଦେଖନ୍ତୁ। ଯଦି ସେଥିରେ ବ୍ୟାଟର ଅଠାଳିଆ ହୋଇ ଲାଗୁନାହିଁ ତେବେ କେକ୍ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯାଇଛି। ଚୁଲାକୁ ବନ୍ଦକରି କେକ୍ ଥଣ୍ଡା ହେବାକୁ ଛାଡ଼ିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ ଏଗ୍‌ଲେସ୍ କେକ୍। ଏହାକୁ ଛୋଟ ଛୋଟ ପିସ୍ କାଟି ନିଜେ ଖାଇବା ସହ ଅନ୍ୟମାନଙ୍କୁ ଖୁଆଇବାର ନିଅନ୍ତୁ।



ଧରିତ୍ରୀ
DHARITRI
51 Years

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨୬/୨୦୨୫ Bhubaneswar, Tuesday, August 26/ 2025

# ଜୋକୋଭିଚ୍, ସାବାଲେଙ୍କାଙ୍କ ବିଜୟ ଅଭିଯାନ

ନ୍ୟୁୟର୍କ,୨୫।୮

ମହିଳା ସିଙ୍ଗଲ୍ସରେ ୱାର୍ଲ୍ଡ ନଂ-୧ ଆରିନା ସାବାଲେଙ୍କା ଓ ୨୪ ଥରର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ନୋଭାକ ଜୋକୋଭିଚ୍ ବିଜୟ ସହ ଚଳିତ ଟେନିସ୍ ସିଜନର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନରେ ଅଭିଯାନ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ଚାମ୍ପିୟନ ଡାନିଲ ମେଡ୍‌ଭେଡେଭ ପରାଜୟ ସହ ବିଦାୟ ନେଇଛନ୍ତି।

## ୟୁଏସ୍ ଓପନ

ସୋମବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ମ୍ୟାଚ୍‌ରେ ୱାର୍ଲ୍ଡ ନଂ-୭ ଜୋକୋଭିଚ୍ ୬-୧, ୭-୬(୭/୩), ୬-୨ ସେଟ୍‌ରେ ଲର୍ନର ତିଏନଙ୍କୁ ହରାଇଛନ୍ତି। ୩୦ତମ ସିଡ୍ ବ୍ରାଣ୍ଡନ ନାକାଶିମା ୬-୨, ୬-୭(୫/୭), ୨-୬, ୬-୨, ୭-୬(୧୦-୭) ସେଟ୍‌ରେ ଜେସ୍ପର ଡି ଜଙ୍ଗଙ୍କୁ ଓ ଜୋର୍ଡାନ ଥମ୍ପସନ ୬-୨, ୬-୪, ୧-୬, ୬-୩ ସେଟ୍‌ରେ କୋରେଣ୍ଟିନ ମୌଟେଟ୍‌ଙ୍କୁ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ ୨୦୨୧ ସଂସ୍କରଣ ଚାମ୍ପିୟନ ମେଡଭେଡେଭ ୩-୬, ୫-୭, ୭-୬(୭/୫), ୬-୦, ୪-୬ ସେଟ୍‌ରେ ବେଞ୍ଜାମିନ ବୋଞ୍ଜିଙ୍କଠାରୁ ପରାସ୍ତ ହୋଇଛନ୍ତି। ମହିଳା ସିଙ୍ଗଲ୍ସରେ ସାବାଲେଙ୍କା ୭-୫, ୬-୧ ସେଟ୍‌ରେ ରେବେକା ମାସାରୋଭାଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତାଙ୍କ ଭଳି ଜେସିକା ପେଗୁଲା ୬-୦, ୬-୪ ସେଟ୍‌ରେ ମେୟର ଶେରିଫଙ୍କୁ, ସପ୍ତମ ସିଡ୍ ଜସ୍ମିନ ପାଓଲିନି ୬-୨, ୭-୬ (୭/୪) ସେଟ୍‌ରେ ଡେଷ୍ଟାନ ଆଇଭାଙ୍କୁ ଓ ବେଲିନ୍ଦା ବେନକିକ୍ ୬-୩, ୬-୩ ସେଟ୍‌ରେ ଝାଙ୍ଗ ଶୁଆଇଙ୍କୁ ହରାଇଛନ୍ତି। ସେହିଭଳି ଜାନାଇସ୍ ଜେନ ୬-୪, ୪-୬, ୬-୪ ସେଟ୍‌ରେ ଭେରୋନିକା କୁଦେମେଟୋଭାଙ୍କୁ ପରାସ୍ତ କରିଛନ୍ତି। ଗତ ୨୨ ବର୍ଷରେ ଇଣ୍ଡୋନେସିଆର ପ୍ରଥମ ଖେଳାଳି ଜାନାଇସ ଭାବେ କୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ସିଙ୍ଗଲ୍ସ ବର୍ଗରେ ବିଜୟ ହାସଲ କରିଛନ୍ତି।


ମ୍ୟାଚ୍ ଜିତିବା ପରେ ଆରିନା ସାବାଲେଙ୍କା।

# ୩ ରେକର୍ଡ ସହ ପ୍ରୀତିସ୍ମିତାଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର (ତପନ ସ୍ୱାଇଁ)/ଢେଙ୍କାନାଳ (ରତନ ନାୟାର) ୨୫।୮

ଅହମଦାବାଦଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ (ୟୁଥ୍, ଜୁନିୟର ଓ ସିନିୟର) ଚାମ୍ପିୟନଶିପ୍‌ରେ ସୋମବାର ଚମକପ୍ରଦ ପ୍ରଦର୍ଶନ କରି ରାଜ୍ୟ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଓଡ଼ିଶାର ପ୍ରୀତିସ୍ମିତା ଭୋଇ। କେବଳ ସେତିକି ନୁହେଁ, ସେ ୩ଟି ରାଜ୍ୟଗୋଷ୍ଠୀ ରେକର୍ଡ ସହ ଏହି ସଫଳତା ପାଇ ନିଜ କ୍ୟାରିୟରକୁ ଋଦ୍ଧିମନ୍ତ କରିଛନ୍ତି। ୟୁଥ୍ ବାଳିକା ୪୪ କେଜି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ପ୍ରୀତିସ୍ମିତା ସ୍ନାଚ୍‌ରେ ୬୩, କ୍ଲିନ୍ ଆଣ୍ଡ ଜର୍କରେ ୮୭ ଏହିପରି ମୋଟ ୧୫୦ କେଜି ଉତ୍ତୋଳନ କରି ୩ ରେକର୍ଡର ଅଧିକାରୀ ହୋଇଛନ୍ତି। ପ୍ରୀତିସ୍ମିତା ସମ୍ପ୍ରତି କୋଚ୍ ଗୋପାଳ କୃଷ୍ଣ ଦାସଙ୍କ ତତ୍ତ୍ୱାବଧାନରେ ଢେଙ୍କାନାଳସ୍ଥିତ ହାଇପର୍‌ଫର୍ମାନ୍ସ ସେଣ୍ଟର (ସବ୍ ସେଣ୍ଟର)ରେ କୋଚିଂ ନେଉଛନ୍ତି। ପ୍ରତିଯୋଗିତା ପୂର୍ବରୁ ସେ ଉତ୍ତର ପ୍ରଦେଶ ମୋଦିନଗରରେ ଅନୁଷ୍ଠିତ କୋର୍ କ୍ୟାମ୍ପରେ ଅଭ୍ୟାସ କରିଥିଲେ। ପ୍ରକାଶଯୋଗ୍ୟ ଯେ ଏହି ସମ୍ମାନଜନକ ପ୍ରତିଯୋଗିତାରେ ପ୍ରୀତିସ୍ମିତାଙ୍କ ସମେତ ଓଡ଼ିଶାର ୬ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଅନ୍ୟ ୫ ଭାରୋତ୍ତୋଳନକାରୀ ହେଲେ ଟିଂକି ମୋହିନୀ ମଲିକ (ୟୁଥ୍-୬୩ କେଜି), ମୀନା ସାନ୍ତା (ଜୁନିୟର ୫୮ କେଜି), ବିଦ୍ୟୁତ୍ସ୍ମିତା ଭୋଇ (ଜୁନିୟର ୬୩ କେଜି), ହୃଦାନନ୍ଦ ଦାସ (ଜୁନିୟର ପୁରୁଷ ୮୮ କେଜି) ଓ ସ୍ନେହା ସୋରେନ (ସିନିୟର ମହିଳା ୫୩ କେଜି)। ଏହି ସମସ୍ତ ଖେଳାଳି ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହାଇପର୍‌ଫର୍ମାନ୍ସ ସେଣ୍ଟରରେ ଟ୍ରେନିଂ ନେଉଛନ୍ତି। ଏହି ସଫଳତା ପାଇଁ ପ୍ରୀତିସ୍ମିତାଙ୍କୁ ରାଜ୍ୟ ଭାରୋତ୍ତୋଳନ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।

## ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ



ସ୍ୱର୍ଣ୍ଣ ପଦକ ସହ ପ୍ରୀତିସ୍ମିତା ଭୋଇ।


ଏସିଆ କପ୍ ଖେଳିବାକୁ ସୋମବାର ବିହାରର ରାଜଗିରିରେ ପହଞ୍ଚିବା ପରେ ଭାରତୀୟ ହକି ଦଳର ତାରକା ଡିଫେଣ୍ଡର ଓଡ଼ିଶାର ଅମିତ ରୋହିଦାସଙ୍କୁ ସ୍ୱାଗତ କରାଯାଉଛି।

# ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଲାଗି କୁଜୁରଙ୍କୁ ଯୋଗ୍ୟତା

**ଭୁବନେଶ୍ୱର,୨୫।୮ (ଅନାଦି କର):** ଓଡ଼ିଶା ଏଚ୍‌ପିସି (ହାଇପରଫର୍ମାନ୍ସ ସେଣ୍ଟର)ର ଅନିମେଶ କୁଜୁର ପ୍ରଥମ ଭାରତୀୟ ପୁରୁଷ ସ୍ପ୍ରିଣ୍ଟର ଭାବେ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ସ ଲାଗି ଯୋଗ୍ୟତା ହାସଲ କରି ଇତିହାସ ରଚିଛନ୍ତି। ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ସ ଆସନ୍ତା ସେପ୍ଟେମ୍ବର ୧୩ରୁ ୨୧ ତାରିଖ ପର୍ଯ୍ୟନ୍ତ ଜାପାନର ଟୋକିଓରେ ହେବ। ଚେନ୍ନାଇର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ୬୪ତମ ଜାତୀୟ ଆନ୍ତଃ-ରାଜ୍ୟ ପ୍ରତିଯୋଗିତାରେ ସେ ୨୦୦ ମିଟର ଦୌଡ଼ରେ ନିଜ ରେକର୍ଡ ଭଙ୍ଗ କରି ଏହି ସଫଳତା ପାଇଛନ୍ତି। ସେ ଏହି ଦୌଡ଼କୁ ସେ ୨୦.୬୩ ସେକେଣ୍ଡରେ ଶେଷ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏଭଳି ପ୍ରଦର୍ଶନ ଯୋଗୁ ସେ ର୍‍ୟାଙ୍କିଙ୍ଗ୍ସ ଜରିଆରେ ଯୋଗ୍ୟତା ହାସଲ କରିଛନ୍ତି।

# ମୀରାବାଈ ଜିତିଲେ ସ୍ୱର୍ଣ୍ଣ ପଦକ


ମୀରାବାଈ ଚାନୁ

ଅହମଦାବାଦ, ୨୫।୮ (ପି.ଟି.)

ଭାରତର ଷ୍ଟାର ଭାରୋତ୍ତୋଳିକା ମୀରାବାଈ ଚାନୁ ରେକର୍ଡଭଙ୍ଗକାରୀ ପ୍ରଦର୍ଶନ ସହ ଏଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍‌ରେ ସୋମବାର ଏକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହା ତାଙ୍କଠାରୁ ଆଶା ମଧ୍ୟ କରାଯାଉଥିଲା। ଟୋକିଓ ଅଲିମ୍ପିକ୍ସ ରୌପ୍ୟ ପଦକ ବିଜେତା ଏଠାରେ ୧୯୩ କେଜି (୮୪କେଜି+୧୦୯କେଜି) ଓଜନ ଉଠାଇ ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍‌ରେ ସ୍ନାଚ୍, କ୍ଲିନ୍ ଆଣ୍ଡ୍ ଜର୍କ ଏବଂ ଟୋଟାଲରେ ନୂଆ ରେକର୍ଡ କରିବା ସହ ମହିଳା ୪୮କେଜି ଶ୍ରେଣୀରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ୩୧ ବର୍ଷୀୟା ଏହି ଭାରୋତ୍ତୋଳିକା ଏକ ବର୍ଷ ଧରି ଆଘାତ ଜନିତ ସମସ୍ୟାରେ ଥିଲେ। ଏହି ସମୟରେ ଅନ୍ତର୍ଜାତୀୟ ସ୍ତରରେ ତାଙ୍କର ଉତ୍‌ଥାନ ଓ ପତନ ଦେଖିବାକୁ ମିଳିଥିଲା।

## ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍

୬ଟିରୁ ସେ ମାତ୍ର ତିନୋଟିରେ ସଫଳତା ଅର୍ଜନ କରିଥିଲେ। ମାଲେସିଆର ଇରିନେ ହେନ୍‌ରୀ ୧୬୧କେଜି (୭୩ କେଜି+୮୮ କେଜି) ଉତ୍ତୋଳନ କରି ରୌପ୍ୟ ଜିତିଥିବାବେଳେ ୱେଲ୍ସର ନିକୋଲ୍ ରବର୍ଟ୍ସ ୧୫୦କେଜି (୭୦କେଜି+୮୦କେଜି) ବ୍ରୋଞ୍ଜ ପଦକ ପାଇଛନ୍ତି। ଏହି ଇଭେଣ୍ଟ ଜରିଆରେ ଚାନୁ ୪୮କେଜି ଶ୍ରେଣୀରେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ଶ୍ରେଣୀରେ ସେ ତାଙ୍କ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ଏବଂ ଦୁଇ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ହାସଲ କରିଛନ୍ତି, କିନ୍ତୁ ୨୦୧୮ପରଠାରୁ ସେ ଏଥିରେ ଭାଗ ନେଇ ନାହାନ୍ତି। ଜୁନିୟର କାଟେଗୋରୀରେ ସୌମ୍ୟା ଡାଲ୍‌ଭି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି।

# ନୀରୁଙ୍କୁ ସ୍ୱର୍ଣ୍ଣ: ଆସୀମା, ଭୋନିଶଙ୍କୁ ରୌପ୍ୟ

**ଶିମ୍‌କେଣ୍ଟ, ୨୫।୮ (ପି.ଟି):** ଭାରତର ଜାତୀୟ ଚାମ୍ପିୟନ ନୀରୁ ଧଣ୍ଡା ଏଠାରେ ଚାଲିଥିବା ଏସିଆନ ଶୁଟିଂ ଚାମ୍ପିୟନଶିପ୍ ମହିଳା ଟ୍ରାପ୍ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିବା ବେଳେ ଆସୀମା ଆହ୍ଲାୱତ ଭୋନିଶ ମେଣ୍ଡିରାଟା ରୌପ୍ୟ ପଦକ ହାସଲ କରିବାରେ ସମର୍ଥ ହୋଇଛନ୍ତି। ନୀରୁ ଫାଇନାଲରେ ୪୩ ଶଟ୍ ସହ କାତାରର ବାସିଲ ରେ' (୩୭) ଓ ଆସୀମା (୨୯)ଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପୁରୁଷ ଟ୍ରାପ୍‌ରେ ଭୋନିଶ ୪୫ ଶଟ୍ ସହ ରୌପ୍ୟ ପଦକ ପାଇଥିବାବେଳେ ଚାଇନିଜ ଶୁଟର ୟିଙ୍ଗ୍‌କି (୪୭) ଓ ପେଙ୍ଗୟୁ ଚେନ୍ (୩୫) ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ସୋମବାର ଏହା ପୂର୍ବରୁ ଡବଲ ଅଲିମ୍ପିକ ପଦକ ବିଜେତା ମନୁ ଭାକର ମହିଳା ୨୫ ମିଟର ପିସ୍ତଲ ପ୍ରତିଯୋଗିତାରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ତେବେ ପରେ ଏହି ମହାଦେଶୀୟ ଇଭେଣ୍ଟର ଜୁନିୟର ମହିଳା ବିଭାଗରେ ଭାରତ ଜବରଦସ୍ତ ପ୍ରଦର୍ଶନ କରିଛି। ନୀରୁ, ଆସୀମା ଓ ପ୍ରୀତି ରଜାକ୍ ୩୧୯ ସ୍କୋର ସହ ଚାଇନା ଓ କୁଏଟ୍ ଆଗରେ ମହିଳା ଟ୍ରାପ୍ ଇଭେଣ୍ଟରେ ଟିମ୍ ସ୍ୱର୍ଣ୍ଣ ଜିତିଛନ୍ତି। ସୂଚନାଯୋଗ୍ୟ, ନୀରୁ ଗତ ଜୁଲାଇରେ ଇଟାଲୀର ଲୋନାଟୋଠାରେ ଅନୁଷ୍ଠିତ ଶଟ୍‌ଗନ୍ ବିଶ୍ୱକପ୍‌ରେ ପ୍ରଥମ ଥର ଏକ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଥିଲେ।

# ରେସ୍‌ଲର ନେହା ୨ବର୍ଷ ସସ୍‌ପେଣ୍ଡ

**ନୂଆଦିଲ୍ଲୀ, ୨୫।୮ (ପି.ଟି.):** ଅଧିକ ଓଜନ ପାଇଁ ରେସଲର ନେହା ସାଙ୍ଗୱାନ ନିକଟରେ ୨୦ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍‌ରୁ ଅଯୋଗ୍ୟ ଘୋଷିତ ହୋଇଥିଲେ। ଏବେ ଓଜନଗତ ପରିଚାଳନା ସମସ୍ୟା ପାଇଁ ଖେଳର ଜାତୀୟ ମହାସଂଘ ତାଙ୍କୁ ସୋମବାର ସିନିୟର ବିଶ୍ୱ ଚାମ୍ପିୟନଶିପ୍‌ରୁ ବାଦ୍ ଦେବା ସହ ଦୁଇ ବର୍ଷ ପାଇଁ ସସ୍‌ପେଣ୍ଡ କରିଛି। ନେହାଙ୍କ ଘର ହେଉଛି ହରିୟାଣାର ଚରକ୍ଷି ଦାଦ୍ରିରେ। ଗତ ସପ୍ତାହରେ ସେ ବୁଲ୍‌ଗେରିଆର ସାମୋକୋଭଠାରେ ମହିଳା ୫୯କେଜି ଶ୍ରେଣୀରେ ଭାଗ ନେଇଥାନ୍ତେ। ମାତ୍ର ତାଙ୍କ ଓଜନ ଅନୁମତି ସୀମାଠାରୁ ୬୦୦ ଗ୍ରାମ୍ ଅଧିକ ରହିଥିଲା। ଆୟୋଜକଗଣ ତାଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ। ଇଭେଣ୍ଟରେ ଭାରତର ମହିଳା ଦଳ ୭ପଦକ ସହ ଜାପାନ ପଛରେ ଦ୍ୱିତୀୟ ସ୍ଥାନ ସହ ରନରଅପ୍ ହୋଇଛି। ନେହା ନିଃସନ୍ଦେହରେ ଥିଲେ ଜଣେ ଦୃଢ଼ ପଦକ ଦାବିଦାର। ସେ ସ୍ୱର୍ଣ୍ଣ ପାଇଥିଲେ ଭାରତ ନିଶ୍ଚିତ ରୂପେ ଟିମ୍ ଚାମ୍ପିୟନଶିପ୍ ଜିତିପାରିଥାନ୍ତା।

# ମୃତ କ୍ରିକେଟରଙ୍କ ସ୍ତ୍ରୀଙ୍କୁ ବିସିସିଆଇଠାରୁ ୧ ଲକ୍ଷ ମିଳିବ

**ବେଙ୍ଗାଲୁରୁ,୨୫।୮(ପି.ଟି.):** ବିସିସିଆଇର ମଞ୍ଜୁରୀ ପାଇବା ପରେ ଭାରତୀୟ କ୍ରିକେଟର ମହାସଂଘ (ଆଇସିଏ) ମୃତ କ୍ରିକେଟରଙ୍କ ପତ୍ନୀଙ୍କୁ ଏକକାଳୀନ ୧ ଲକ୍ଷ ଟଙ୍କା ପ୍ରଦାନ କରିବାର ବ୍ୟବସ୍ଥା ଲାଗୁ କରିବାକୁ ଯାଉଛି। କ୍ରିକେଟରଙ୍କ ମୃତ୍ୟୁ ବେଳେ ତାଙ୍କ ଅବଦାନର ସମ୍ମାନରେ ଏବଂ ଆର୍ଥିକ ସହାୟତା ପ୍ରଦାନ କରିବା ଏହି ଯୋଜନାର ଲକ୍ଷ୍ୟ। ଏହାର ଫାଇଦା କେବଳ ମୃତ ଆଇସିଏ ସଦସ୍ୟଙ୍କ ସ୍ତ୍ରୀଙ୍କୁ ମିଳିବ। କ୍ରିକେଟରଙ୍କ କ୍ୟାରିୟର ଶେଷ ହେବା ପରେ ଦରକାର ସମୟରେ ତାଙ୍କ ପରିବାରକୁ ସମର୍ଥନ କରିବା ପ୍ରତି ଆଇସିଏର ପ୍ରତିବଦ୍ଧତାକୁ ଏହି ଯୋଜନା ଦର୍ଶାଉଛି। ପ୍ରାରମ୍ଭିକ ଭାବେ ୫୦ ହିତାଧିକାରୀଙ୍କୁ ଏହାର ଲାଭ ମିଳିବ।

# ଡିଏଭି ପୋଖରୀପୁଟ, ଓଡିଏମ୍ ଗ୍ଲୋବାଲ ସେମିରେ

ଭୁବନେଶ୍ୱର, ୨୫।୮ (ତପନ ସ୍ୱାଇଁ)

## ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ

ୟୁନିଟ-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ୩୪ତମ ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟର ୨ଟି କ୍ୱାର୍ଟର ଫାଇନାଲ ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ବିଜୟୀ ହୋଇ ଡିଏଭି ପୋଖରୀପୁଟ ଓ ଓଡିଏମ୍ ଗ୍ଲୋବାଲ ସେମିଫାଇନାଲରେ ପ୍ରବେଶ କରିଛି। ତୀବ୍ର ସଂଘର୍ଷପୂର୍ଣ୍ଣ ପ୍ରଥମ କ୍ୱାର୍ଟର ଫାଇନାଲରେ ଡିଏଭି ପୋଖରୀପୁଟ ପେନାଲ୍‌ଟି ଶୁଟ୍‌ଆଉଟ ୟୁନିଟ-୧ ଜିଏଚ୍‌ଏସ୍‌କୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ବରାବର ରହିଥିଲା। ପ୍ରଭାବୀ ପ୍ରଦର୍ଶନ ପାଇଁ ବିଜୟୀ ଦଳର ଅପରମିତ ପ୍ରଧାନଙ୍କୁ ଅତିଥି ଗୌରୀ ପ୍ରହରାଜ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଓଡିଏମ ଗ୍ଲୋବାଲ ୩-୦ ଗୋଲରେ ସାଇ ଇଣ୍ଟରନ୍ୟାଶନାଲକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ସରିଜଲ କିସ୍କୁ ଏକାକୀ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ସରିଜଲଙ୍କୁ ଅତିଥି ମଧୁସୂଦନ ରେଡ୍ଡୀ ଶ୍ରେଷ୍ଠ ଖେଳାଳି ପୁରସ୍କାର ଦେଇଥିଲେ। ମଙ୍ଗଳବାର ଅନ୍ୟ ୨ଟି କ୍ୱାର୍ଟର ଫାଇନାଲରେ କିସ୍ ସହିତ ବିଜେଇଏମ୍ ସ୍କୁଲ ଏବଂ ମଦର୍ସ ସହ ବିକାଶ ରେସିଡେନ୍ସିଆଲ ସ୍କୁଲର ମୁକାବିଲା ହେବ।

# ଓଡ଼ିଶା ଦଳର ପ୍ରଶିକ୍ଷଣ ଶିବିର ଆରମ୍ଭ

ଭୁବନେଶ୍ୱର, ୨୫।୮ (ତପନ ସ୍ୱାଇଁ)

ଉତ୍ତରାଖଣ୍ଡର ହଲଦ୍ୱାନିସ୍ଥିତ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ୨୦ତମ କ୍ୟାଡେଟ (୧୭ ବର୍ଷରୁ କମ୍) ଜାତୀୟ ଅଶିଚାଳନା ପ୍ରତିଯୋଗିତା ସେପ୍ଟେମ୍ବର ୮ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏନେଇ ସୋମବାର ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଫେନ୍‌ସିଂ ହଲରେ ଓଡ଼ିଶା ଦଳର ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ରାଜ୍ୟ କ୍ରୀଡ଼ା ବିଭାଗ ସହଯୋଗରେ ଆୟୋଜିତ ଏହି ଶିବିର ୧୦ ଦିନ ଧରି ଚାଲିବ। ଏଥିରେ ମୋଟ ୩୦ ଜଣ ଖେଳାଳି ଭାଗ ନେଇଛନ୍ତି। ରାଜ୍ୟ ଅଶିଚାଳନା ସଂଘ ପକ୍ଷରୁ ଆୟୋଜିତ ଏହି ଶିବିରରେ ଯେଉଁ ଖେଳାଳିମାନେ ଭଲ ଖେଳ ପ୍ରଦର୍ଶ କରିବେ ସେମାନଙ୍କ ମଧ୍ୟରୁ ବାଳକ ବର୍ଗରୁ ୧୨ ଏବଂ ବାଳିକା ବର୍ଗରୁ ୧୨ ଜଣ ଖେଳାଳିଙ୍କୁ ଜାତୀୟ ପ୍ରତିଯୋଗିତା ପାଇଁ ଚୟନ କରାଯିବ ବୋଲି ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି। ବଲାଙ୍ଗୀର ଉପ ଜିଲ୍ଲାପାଳ ଆଲୋକ କୁମାର ପଟେଲ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ବଲାଙ୍ଗୀର ସ୍ପୋର୍ଟ୍ସ ହଷ୍ଟେଲ ଅଶିଚାଳନା କୋଚ ଅନ୍ୱେଷା ରାଉତ, ରୋଶନ ସାହୁ, ଜ୍ୟୋତି ରଞ୍ଜନ ଠାକୁର, ସୁଭଦ୍ରା ବେହେରା, ଭୁବନେଶ୍ୱର ଫେନ୍‌ସିଂ ଏକାଡେମୀ କୋଚ ସୁକାନ୍ତ ସେଠ ଏବଂ କ୍ରୀଡ଼ା ଶିକ୍ଷକ ବୁଦ୍ଧିରାଜ ବିଶ୍ୱାଳ, ବୀରେନ୍ଦ୍ର ସୁନା, ସସ୍ମିତା ଗଡତିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ୧୭ ବର୍ଷରୁ କମ୍ ଅଶିଚାଳନା


ପ୍ରଶିକ୍ଷଣ ଶିବିରରେ ଅଭ୍ୟାସ ଅବସରରେ ଦୁଇ ଅଶିଚାଳକ।

# ନୂଆ ସ୍ପନସର ଖୋଜା ଆରମ୍ଭକଲା ବିସିସିଆଇ

ନୂଆଦିଲ୍ଲୀ,୨୫।୮(ପି.ଟି.)

ଫାଣ୍ଟାସି ସ୍ପୋର୍ଟ୍ସ କମ୍ପାନୀ ଡ୍ରିମ ୧୧ ସହିତ ହୋଇଥିବା ସ୍ପନ୍‌ସରଶିପ୍ ଚୁକ୍ତିକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୋମବାର ବାତିଲ କରିଦେଇଛି। ଏଥିଯୋଗୁ ନୂଆ ସ୍ପନସର ଖୋଜା ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ମାସରେ ହେବାକୁ ଥିବା ଏସିଆ କପ୍‌ରେ ଟିମ ଇଣ୍ଡିଆ ବିନା ସ୍ପନ୍‌ସରରେ ଖେଳିବ। ନିକଟରେ ସଂସଦରେ ପାରିତ ହୋଇଥିବା 'ପ୍ରମୋଶନ ଆଣ୍ଡ୍ ରେଗୁଲେଶନ ଅଫ୍ ଅନ୍‌ଲାଇନ୍ ଗେମିଂ' ଆଇନ ଅଧୀନରେ ଭାରତ ସରକାର ରିୟଲ ମନି ଗେମିଂକୁ ବ୍ୟାନ କରିଥିବାରୁ ବିସିସିଆଇ ଭାରତୀୟ କ୍ରିକେଟ୍ ଦଳର ଟାଇଟଲ ସ୍ପନସର ଭାବେ ଡ୍ରିମ୍୧୧କୁ ଜାରି ନ ରଖିବାକୁ ନିଷ୍ପତ୍ତି ନେଇଛି। ଡ୍ରିମ୍୧୧ ସହ ଚୁକ୍ତି ଶେଷ ହୋଇଥିବା ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ସ୍ପଷ୍ଟ କରିଛନ୍ତି। ''ଆମ ଆଭିମୁଖ୍ୟ ପୂରା ସ୍ପଷ୍ଟ। ସରକାରଙ୍କ ଗାଇଡ୍‌ଲାଇନ କାରଣରୁ ବିସିସିଆଇ ଡ୍ରିମ୍୧୧ ଏବଂ ଏହା ଭଳି ଗେମିଂ କମ୍ପାନୀ ସହ ସ୍ପନସରଶିପ୍ ସମ୍ପର୍କ ରଖିପାରିବ ନାହିଁ। ନୂଆ କଟକଣା ଆଧାରରେ ଡ୍ରିମ୍୧୧ ସହିତ ଆମର କୌଣସି ସମ୍ଭାବନା ନାହିଁ। ଏଣୁ ଆମେ ସେମାନଙ୍କ ସହ ରହିପାରିବୁ ନାହିଁ ଏବଂ ଆମେ କିଛି ବିକଳ୍ପ ଖୋଜିବାକୁ ଚେଷ୍ଟା କରୁଛୁ। ଏହି ପ୍ରକ୍ରିୟା ଚାଲିଛି। ବର୍ତ୍ତମାନ ସ୍ପନସରଶିପ ସ୍ଥାନ ଖାଲି ରହିଛି। ଏ କ୍ଷେତ୍ରରେ କିଛି ଅପଡେଟ୍ ହେଲେ ଆମେ ଜଣାଇବୁ'' ବୋଲି ସାଇକିଆ କହିଛନ୍ତି। ୨୦୨୩ରେ ୩୫୮ କୋଟି ଟଙ୍କାରେ ଡ୍ରିମ୍୧୧ ଭାରତୀୟ ଜାତୀୟ ଦଳର ସ୍ପନସରଶିପ୍ ୩ ବର୍ଷ ଲାଗି ହାସଲ କରିଥିଲା।



ପଞ୍ଜାବର ଜଳନ୍ଧରରେ ଅନୁଷ୍ଠିତ ଜାତୀୟ ଜୁନିୟର ହକିରେ ରୌପ୍ୟ ପଦକ ବିଜୟୀ ଓଡ଼ିଶା ଦଳକୁ ସୋମବାର କଳିଙ୍ଗ ଷ୍ଟାଡିୟମ ପରିସରରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମ୍ବର୍ଦ୍ଧିତ କରିଛନ୍ତି। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ରାଜ୍ୟ କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ୟେଦୁଲା ବିଜୟ, ଓଡ଼ିଶା ହକି ପ୍ରମୋଶନ କାଉନ୍ସିଲ ସିଇଓ ଦୀପଙ୍କର ମହାପାତ୍ର ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ